RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



୨୦୨୫ ଇଦ୍‌ରେ
ପୁଣି ସଲ୍‌ମନ୍‌ଙ୍କ ରାଜ୍
▶ପୃଷ୍ଠା ୨ ଦେଖନ୍ତୁ...

◆VOLUME- 41 ◆ISSUE-266 ◆BHUBANESWAR ◆THURSDAY ◆21 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୬ ◆ଭୁବନେଶ୍ୱର ◆ଗୁରୁବାର ◆୨୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

# ପ୍ରଥମ ପର୍ଯ୍ୟାୟ ଭୋଟ୍, ନାମାଙ୍କନ ପାଇଁ ବିଜ୍ଞପ୍ତି

୨୦୨୪ ଲୋକସଭା ନିର୍ବାଚନ

■ ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଥିବା ବେଳେ ୨୧ଟି ରାଜ୍ୟର ୧୦୨ଟି ଆସନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୧୦୨ଟି ଆସନ ଭିତରେ ତାମିଲନାଡୁର ୩୯, ରାଜସ୍ଥାନର ୧୨ଟି, ମଧ୍ୟପ୍ରଦେଶର ୬ଟି ଆସନ, ଉତ୍ତରାଖଣ୍ଡ, ଆସାମ ଓ ମହାରାଷ୍ଟ୍ରର ୫ଟି ଲେଖାଏଁ ଆସନ, ବିହାର ପାଇଁ ୪ଟି ଆସନ ରହିଛି। ସେହିପରି ପଶ୍ଚିମବଙ୍ଗର ୩ଟି ଆସନ ଏବଂ ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟର ୨ଟି ଲେଖାଏଁ ଆସନରେ ପ୍ରଥମ ପର୍ଯ୍ୟାୟରେ ମତଦାନ କରାଯିବ। ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଛତିଶଗଡ, ମିଜୋରାମ, ନାଗାଲାଣ୍ଡ, ସିକିମ୍, ତ୍ରିପୁରା, ଆଣ୍ଡାମାନ୍ ନିକୋବର, ଜମ୍ମୁ-କାଶ୍ମୀର, ଲାକ୍ଷାଦ୍ୱୀପ ଓ ପୁଡୁଚେରୀର ଗୋଟିଏ ଲେଖାଏଁ ଆସନରେ ମତଦାନ ହେବ। ଏହିକ୍ରମରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ବୁଧବାର ଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଯାଇଛି। ମାର୍ଚ୍ଚ ୨୭ ନାମାଙ୍କନପତ୍ର ଦାଖଲ କରିବାର ଶେଷ ତାରିଖ ରହିଛି। କେବଳ ବିହାରରେ ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ମାର୍ଚ୍ଚ ୨୮କୁ ଧାର୍ଯ୍ୟ କରାଯାଇଛି ।ସେହିପରି ପ୍ରାର୍ଥୀ ପ୍ରତ୍ୟାହାରର ଶେଷ ତାରିଖ ମାର୍ଚ୍ଚ ୨୦ ଏବଂ ନାମାଙ୍କନପତ୍ର ଯାଞ୍ଚ ଶେଷ ତାରିଖ ମାର୍ଚ୍ଚ ୨୮କୁ ଧାର୍ଯ୍ୟ କରାଯାଇଛି।

# ଆରବିଆଇର ବଡ଼ ନିଷ୍ପତ୍ତି
# ମାର୍ଚ୍ଚ ୩୧ ରବିବାର ବ୍ୟାଙ୍କ ଖୋଲା

■ ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି): ଚଳିତମାସର ଶେଷ ଦିବସ ଅର୍ଥାତ୍ ମାର୍ଚ୍ଚ ୩୧ ରବିବାର ଦିନ ସମଗ୍ର ଦେଶରେ ବ୍ୟାଙ୍କ ଖୋଲା ରହିବ। କେନ୍ଦ୍ର ସରକାରଙ୍କ ଅନୁରୋଧ କ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆ) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏ ସମ୍ପର୍କରେ ଜାରି କରିଥିବା ଏକ ନିର୍ଦ୍ଦେଶନାମା ଅନୁଯାୟୀ ଭାରତ ସରକାରଙ୍କ ରସିଦ ଏବଂ ଦେୟ ପେମେଣ୍ଟ ସହ ଜଡିତ କାରବାରକୁ ଦୃଷ୍ଟିରେ ରଖି ଉପରୋକ୍ତ ପଦକ୍ଷେପ ନିଆଯାଇଛି। ଆରବିଆଇର ଏହି ଆଦେଶ ପରେ ସାରା ଦେଶରେ ମାସର ଏହି ଶେଷ ଦିବସରେ ସର୍ବସାଧାରଣଙ୍କ ପାଇଁ ବ୍ୟାଙ୍କର ସମସ୍ତ ଶାଖା ଖୋଲା ରହିବ।



ବିଜ୍ଞପ୍ତି ଅନୁଯାୟୀ, ମାର୍ଚ୍ଚ ୩୧ରେ ସରକାରୀ ବ୍ୟବସାୟ ସହ ଜଡିତ ସମସ୍ତ ବ୍ୟାଙ୍କ ଶାଖା ଖୋଲା ରଖିବାକୁ ବ୍ୟାଙ୍କଗୁଡିକୁ ପରାମର୍ଶ ଦିଆଯାଇଛି। ସମସ୍ତ ଏଜେନ୍ସି ବ୍ୟାଙ୍କ ମଧ୍ୟ ରବିବାର ଦିନ ଜନସାଧାରଣଙ୍କ ପାଇଁ ଖୋଲା ରହିବ। ଏହି ଦିନ ସାଧାରଣ ଜନତାଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ସୁବିଧା ପୂର୍ବବତ୍ ଜାରି ରହିବ। ଆରବିଆଇ ମୁଖ୍ୟ ଜେନେରାଲ ମ୍ୟାନେଜର ସୁନୀଲ ଟି ଏସ୍ ନାୟାର ଏହି ବିଜ୍ଞପ୍ତି ଜାରି କରିଛନ୍ତି। ଅପରପକ୍ଷେ ୩୧ ମାର୍ଚ୍ଚ ଚଳିତ ଆର୍ଥିକବର୍ଷର ଶେଷ କାରବାର ଦିବସ। ମାର୍ଚ୍ଚ ୩୧ରେ ମଧ୍ୟରାତ୍ରି ପର୍ଯ୍ୟନ୍ତ ନ୍ୟାସନାଲ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫର (ନେଫ୍ଟ) ଏବଂ ରିଅଲ୍ ଟାଇମ୍ ଗ୍ରସ୍ ସେଟଲେମେଣ୍ଟ (ଆର୍‌ଟିଜିଏସ୍) ସିଷ୍ଟମ ମାଧ୍ୟମରେ କାରବାର ଜାରି ରହିଛି।

# ବିଜେଡିର ସମରସଜ୍ଜା
# ନବୀନ ଦେଲେ ବିଜୟ ମନ୍ତ୍ର

## କୋରାପୁଟ ଓ ନବରଙ୍ଗପୁର ସଂସଦୀୟ କ୍ଷେତ୍ରର ସମୀକ୍ଷା

- ଅଧିକ ଯତ୍ନବାନ ହୋଇ ନିଷ୍ଠାପର ଭାବେ କାମ କରିବାକୁ ନିର୍ଦ୍ଦେଶ
- ଯୋଗଦେଲେ ଉଭୟ ସଂସଦୀୟ କ୍ଷେତ୍ରର ନେତା ଓ ପର୍ଯ୍ୟବେକ୍ଷକ
- ବୈଠକରେ '୫-ଟି' ଅଧ୍ୟକ୍ଷ ଓ ସାଂଗଠନିକ ସମ୍ପାଦକ ଉପସ୍ଥିତ
- ବ୍ରହ୍ମପୁର ଓ ଆସ୍କା ସଂସଦୀୟ କ୍ଷେତ୍ରର ରଣନୀତି ସମୀକ୍ଷା ଆଜି



■ ଭୁବନେଶ୍ୱର, ୨୦।୩ (ସମିସ): ଦେଶବ୍ୟାପୀ ସାଧାରଣ ନିର୍ବାଚନ ପାଇଁ ବିଗୁଲ୍ ବାଜି ସାରିଥିବା ବେଳେ ଶାସକ ବିଜେଡି ନିଜର ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରି ସାରିଛି। ଗତ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଏବଂ କେନ୍ଦ୍ରାପଡା ଲୋକସଭା ଆସନ ଓ ଏହାର ଅନ୍ତର୍ଗତ ୧୪ ବିଧାନସଭା ଆସନରେ ନିର୍ବାଚନ ରଣନୀତି ସଂକ୍ରାନ୍ତରେ ଦଳୀୟ ବିଧାୟକ, ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏହିକ୍ରମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କୋରାପୁଟ ଏବଂ ନବରଙ୍ଗପୁର ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୧୪ଟି ନିର୍ବାଚନମଣ୍ଡଳୀରେ ଦଳର ନିର୍ବାଚନ ପ୍ରସ୍ତୁତି ସଂକ୍ରାନ୍ତ ସମୀକ୍ଷା କରିଛନ୍ତି। ସୂଚନା ଅନୁଯାୟୀ ଦଳର ନିର୍ବାଚନ ପ୍ରସ୍ତୁତି, ଲୋକଙ୍କ ସହ ନେତାଙ୍କ ଜନସମ୍ପର୍କ, ପ୍ରାର୍ଥିତ୍ୱ ସମ୍ପର୍କରେ ବୈଠକରେ ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ବିକାଶ ବାର୍ତ୍ତାକୁ ଲୋକଙ୍କ ନିକଟରେ ଶତ ପ୍ରତିଶତ ଭାବେ ପହଞ୍ଚାଇବା ସହ ପୂର୍ଣ୍ଣ ପ୍ରତିବଦ୍ଧତାର ସହ ନିର୍ବାଚନୀ ପ୍ରସ୍ତୁତିରେ ଲାଗିପଡ଼ିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଉପରୋକ୍ତ ଦୁଇ ସଂସଦୀୟ କ୍ଷେତ୍ରର ବରିଷ୍ଠ ନେତା, ବିଧାୟକ ଓ ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଛନ୍ତି ।

ଆଜି ପ୍ରଥମେ ନବୀନ ନିବାସରେ କୋରାପୁଟ ସଂସଦୀୟ କ୍ଷେତ୍ରର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କୋରାପୁଟ ଜିଲ୍ଲା ପର୍ଯ୍ୟବେକ୍ଷକ ଦିବ୍ୟଶଙ୍କର ମିଶ୍ର, ରାୟଗଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ବୈଠକରେ ସଂସଦୀୟ କ୍ଷେତ୍ର ଅଧିନରେ ଆସୁଥିବା ୭ଟି ନିର୍ବାଚନମଣ୍ଡଳୀର ରିପୋର୍ଟ ଉପସ୍ଥାପନ କରିଥିଲେ। ସେହିପରି ଉପସ୍ଥିତ ଥିବା ବିଧାୟକ ଏବଂ ନେତାମାନେ ମଧ୍ୟ ନିଜ ନିଜର ମତ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ। କୋରାପୁଟ ଲୋକସଭା ଅଧୀନରେ କୋରାପୁଟ, ଲକ୍ଷ୍ମୀପୁର, ଜୟପୁର, ପଟାଙ୍ଗୀ, ▶ପୃଷ୍ଠା-୧୩

# 'ଏକାକୀ' ନା 'ଏକାଠି' ଅନିଶ୍ଚିତ

## ଓଡ଼ିଶା ପ୍ରସଙ୍ଗ ଚୂଡ଼ାନ୍ତ ହୋଇନାହିଁ; ନିଷ୍ପତ୍ତି ନେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ: ଶାହା

■ ଭୁବନେଶ୍ୱର, ୨୦।୩ (ସମିସ): ଓଡ଼ିଶାରେ ବିଜେଡି-ବିଜେପି ସମ୍ଭାବ୍ୟ ମେଣ୍ଟକୁ ନେଇ ସଂଶୟ ଜାରି ରହିଛି। ବିଜେଡି ବା ବିଜେପି ମେଣ୍ଟ ସମ୍ଭାବନାକୁ ସ୍ୱୀକାର କରୁନାହାନ୍ତି, ଅସ୍ୱୀକାର ମଧ୍ୟ କରୁନାହାନ୍ତି। ଦିନକ ତଳେ ନ୍ୟୁଜ୍-୧୮ ରାଇଜିଂ ଭାରତ କନ୍‌କ୍ଲେଭରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ମତ ରଖିଥିଲେ। କେନ୍ଦ୍ରରେ ସରକାର ଗଠନ ନିମନ୍ତେ ନରେନ୍ଦ୍ର ମୋଦୀଙ୍କ ପାଇଁ ବିଜେଡିର ସମର୍ଥନ ଅନିବାର୍ଯ୍ୟ ନୁହେଁ, କିମ୍ବା ଓଡ଼ିଶାରେ ଷଷ୍ଠଥର ସରକାର ଗଠନ ପାଇଁ ନବୀନ ପଟ୍ଟନାୟକଙ୍କୁ ବିଜେପିର ସମର୍ଥନ ଆବଶ୍ୟକ ନୁହେଁ ବୋଲି କହିଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବନ୍ଧୁତ୍ୱକୁ ନିବିଡ଼ ବୋଲି ଉଲ୍ଲେଖ କରି ମେଣ୍ଟ ପ୍ରସଙ୍ଗ ରାଜନୀତିରୁ ଊର୍ଦ୍ଧ୍ୱରେ ବୋଲି ଉଲ୍ଲେଖ କରିଥିଲେ। ଅନୁରୂପ ଭାବରେ ବୁଧବାର ସମାନ ମଞ୍ଚରେ ଯୋଗ ଦେଇ କେନ୍ଦ୍ର ଗୃହ ମନ୍ତ୍ରୀ



ଗତ ପାଞ୍ଚ ବର୍ଷରେ ବିଭିନ୍ନ ଦଳ ଦେଇଛନ୍ତି ପ୍ରସଙ୍ଗ ଭିତ୍ତିକ ସମର୍ଥନ

ଅମିତ୍ ଶାହା ଓଡ଼ିଶାରେ ସମ୍ଭାବ୍ୟ ମେଣ୍ଟ ସଂକ୍ରାନ୍ତ ପ୍ରଶ୍ନକୁ ମଧ୍ୟ ଝୁଲାଇ ରଖିଛନ୍ତି। ଓଡ଼ିଶାରେ ଆମେ ଏକାଠି ଲଢ଼ିବୁ କିମ୍ବା ଏକାକୀ ଲଢ଼ିବୁ ସ୍ଥିର ହୋଇନାହିଁ ବୋଲି ଉଲ୍ଲେଖ କରି ଏ ସଂକ୍ରାନ୍ତରେ ନିଷ୍ପତ୍ତି ଜାତୀୟ ଅଧ୍ୟକ୍ଷ ନେବେ ବୋଲି ଶ୍ରୀ ଶାହା କହିଛନ୍ତି ।

ଜାତୀୟ ଗଣମାଧ୍ୟମ ନ୍ୟୁଜ-୧୮ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଶାହା କହିଛନ୍ତି ଯେ ଓଡ଼ିଶାରେ କିଛି ବି ହୋଇପାରେ । ଆମେ ଏକାକୀ ଲଢ଼ିବୁ କିମ୍ବା ଏକାଠି ଲଢ଼ିବୁ ତାହାର ନିଷ୍ପତ୍ତି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନେବେ। ତେବେ ଓଡ଼ିଶାରେ ଆମର ସ୍ଥିତି ପୂର୍ବାପେକ୍ଷା ଅଧିକ ସୁଦୃଢ଼ ହେବାକୁ ଯାଉଛି ବୋଲି ଶ୍ରୀ ଶାହା କହିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହା ଓଡ଼ିଶାରେ ବିଜେଡି-ବିଜେପି ମେଣ୍ଟ ପ୍ରସଙ୍ଗରେ ଦୁଇଟି ଭିନ୍ନଭିନ୍ନ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ଉଭୟ କାର୍ଯ୍ୟକ୍ରମରେ ସେ ମେଣ୍ଟ ନିଷ୍ପତ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ପ୍ରଧାନମନ୍ତ୍ରୀଙ୍କ ଉପରେ ଛାଡ଼ି ଦେଇଛନ୍ତି। ଶ୍ରୀ ଶାହା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଓଡ଼ିଶାର ଲୋକଙ୍କ ଭଲପାଇବା ଅଛି। ଦଳର କର୍ମକର୍ତ୍ତାମାନେ ବିନମ୍ରତାର ସହ ଏହାକୁ ସ୍ୱୀକାର କରୁଛନ୍ତି ଓ ଅନୁଭବ ବି କରୁଛନ୍ତି। ▶ପୃଷ୍ଠା-୧୩

## ଶୃଙ୍ଖଳା ପଡ଼ିଛି ନଦୀ; କମୁଛି ଭୂତଳ ଜଳସ୍ତର

# ବ୍ୟାରେଜ୍ ବଦଳାଇବ ଚାଷୀଙ୍କ ଭାଗ୍ୟ



■ ବଲାଙ୍ଗିର, ୨୦।୩(ସମିସ): ବଲାଙ୍ଗିର ଜିଲ୍ଲା ପାଇଁ ମାଡ଼ିଆସୁଛି ବିପଦ। ସମୟ ପୂର୍ବରୁ ନଦୀ ଶୁଖି ମରୁଭୂମି ସଦୃଶ ପ୍ରତୀୟମାନ ହେଉଛି। ବର୍ଷକୁ ବର୍ଷ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଯାହାକି ଆଗକୁ ଜିଲ୍ଲା ପାଇଁ ଏକ ବଡ ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ବଲାଙ୍ଗିର ଜିଲ୍ଲା ଦେଇ ବହିଯାଇଥିବା ଛୋଟବଡ ସବୁ ନଦୀର ପାଣି ଶୁଖି ସାରିଲାଣି। ଅନ୍ୟପକ୍ଷରେ ଏହାର ସୁଧାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଇଛି। ଜିଲ୍ଲା ଦେଇ ଯାଇଥିବା ନଦୀରେ ବ୍ୟାରେଜ ନିର୍ମାଣ ହିଁ ଏକମାତ୍ର ବିକଳ୍ପ ଭାବେ ସାମ୍ନାରେ ଛିଡା ହୋଇଥିବା ବେଳେ ବ୍ୟାରେଜ ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି।

ନଦୀରେ ପାଣି ନୁହଁ ରାଜୁତି କରୁଛି ଧୂସର ରଙ୍ଗର ବାଲି। ନଦୀକୁ ଦେଖିଲେ ମରୁଭୂମିର ଭ୍ରମ ସୃଷ୍ଟି ହେଉଛି। ଭବିଷ୍ୟତ ପାଇଁ ଏହା ସତର୍କ ଘଣ୍ଟି ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ୫ଟି ବ୍ୟାରେଜ୍ ନିର୍ମାଣ ପାଇଁ ମଧ୍ୟ ରାଜ୍ୟ ସରକାର ଅନୁମୋଦନ କରି ସାରିଛନ୍ତି।

ଜିଲ୍ଲା ଦେଇ ତେଲ, ଅଙ୍ଗ, ସୁକତେଲ, ଉନ୍ଦେର, ସୋନଗଡ଼, ଲାନ୍ଥ, ସାଲେସିଂ ନଦୀ ପ୍ରବାହିତ ହୋଇଥିବା ବେଳେ ଗତ ଦୁଇ ମାସ ପୂର୍ବରୁ ଏହି ନଦୀଗୁଡିକ ଶୁଖିଗଲାଣି। ପ୍ରାୟତଃ ଏହି ନଦୀର ପାଣି ଫେବୃୟାରୀ ଶେଷ ଆଗକୁ ଶୁଖିଥାଏ। ଚଳିତବର୍ଷ ପ୍ରାୟ ଡିସେମ୍ବରରୁ ହିଁ ପାଣି ଶୁଖିଯାଇଥିବା ଦେଖିବାକୁ ମିଳିଛି। ବିଗତ ▶ପୃଷ୍ଠା-୧୩

## ଲୋକକଥା



ବଜ୍ରପାତ କେଡ଼େ ଘଟଣା ହେଲାଣି
ଜୀବନ ଯାଉଛି ନେଇ,
ନିଜ ହାତେ ନିଜେ ମଣିଷ ଖୋଳୁଚି
ଆପଣା ପାଇଁକି ଖାଇ !
ତାଳଗଛ ଆଉ କାହିଁ ?
ଘଡ଼ଘଡ଼ି ପାତ ନିଜ ଉପରକୁ
କିଏବା ନବ ଡକେଇ !!

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ



୫୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ

କାର୍ଯ୍ୟାଳୟ ଆଲ୍‌ମାରୀରୁ ମିଳିଲା ୧.୭୪ ଲକ୍ଷ ଟଙ୍କା

■ ଭୁବନେଶ୍ୱର/ଖୋର୍ଦ୍ଧା, ୨୦।୩ (ସମିସ): ଏକ ବିଲ୍ ପାସ୍ କରାଇ ଦେବାକୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଖୋର୍ଦ୍ଧା ବ୍ଲକର ସହକାରୀ ଯନ୍ତ୍ରୀ ସଙ୍ଗୀତା ମହାପାତ୍ରଙ୍କୁ ଗିରଫ କରିଛି ଭିଜିଲାନ୍ସ। ସଙ୍ଗୀତାଙ୍କ ଅଫିସ ସମେତ ବଡ଼ ନୂଆଗାଁସ୍ଥିତ ତାଙ୍କ ଭଡା ଘରେ ମଧ୍ୟ ଭିଜିଲାନ୍ସ ଚଢ଼ଉ କରିଥିଲା। ଅଫିସ ଆଲ୍‌ମାରୀରୁ ଭିଜିଲାନ୍ସ ଟିମ୍ ୧ ଲକ୍ଷ ୭୪ହଜାର ୫୦୦ ଟଙ୍କା ଜବତ କରିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଜଣେ ଠିକାଦାର ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳର କଂକ୍ରିଟ୍ ରାସ୍ତା କାମ ନେଇଥିଲେ। କାମ ସରିବା ପରେ ଚୂଡାନ୍ତ ବିଲ୍ ଲାଗି ଆବେଦନ କରିଥିଲେ। ହେଲେ ଏଥିପାଇଁ ଖୋର୍ଦ୍ଧା ବ୍ଲକର ସହକାରୀ ଯନ୍ତ୍ରୀ ସଙ୍ଗୀତା ପିସି ବାବଦକୁ ମୋଟ୍ ପ୍ରକଳ୍ପ ମୂଲ୍ୟର ୧୦% ହିସାବରେ ୧ଲକ୍ଷ ୮୦ ହଜାର ଟଙ୍କା ଦାବି କରିଥିଲେ। ଠିକାଦାର ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ▶ପୃଷ୍ଠା-୧୩




# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com



# ଅନ୍ତର୍ଜାତୀୟ ବନ ଦିବସ

## ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା

ଆମ ଜୀବନର ପ୍ରତିଟି କ୍ଷେତ୍ର ଜଙ୍ଗଲ ସହିତ ଜଡ଼ିତ। ଜଙ୍ଗଲ ବିନା ଜୀବନ ଅସମ୍ଭବ। ହେଲେ ଏବେ କିଛି ବର୍ଷ ହେଲା ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡ଼ି ଭଳି ଅନେକ ବିକଟ ସମସ୍ୟା ମୁଣ୍ଡ ଟେକୁଛି। ଅଦ୍ୟାବଧି ବିଶ୍ୱର ୮୦% ଜଙ୍ଗଲ ଧ୍ୱଂସ ପାଇସାରିଲାଣି। ଏହାକୁ ରୋକା ନ ଗଲେ ଆଉ ଅଳ୍ପ କିଛି ବର୍ଷ ମଧ୍ୟରେ ବିଶ୍ୱ, ସବୁଜ ଆସ୍ତରଣରୁ କଂକ୍ରିଟ୍ ଆସ୍ତରଣରେ ବଦଳିଯିବ। ଜଙ୍ଗଲ କ୍ଷୟର ହାର କମିବା ବଦଳରେ ଏହା ଦିନକୁ ଦିନ ବୃଦ୍ଧି ପାଉଛି। ଏପରିକି ଅସମୟରେ ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଧ୍ୱଂସ ପାଉଛି। ଜୈବ ବିବିଧତା ଉପରେ ଏହା ଗଭୀର ପ୍ରଭାବ ପକାଉଛି। ଏହାକୁ ଦୃଷ୍ଟିରେ ରଖିଲେ ମଣିଷ ପାଇଁ ଏବେ ସବୁଠୁ ବଡ଼ ଦାୟିତ୍ୱ ହେଉଛି ଜଙ୍ଗଲ ସୁରକ୍ଷା। ଜଙ୍ଗଲ ସୁରକ୍ଷା ବାବଦରେ ସାରା ବିଶ୍ୱର ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖକୁ 'ଅନ୍ତର୍ଜାତୀୟ ବନ ଦିବସ' ଭାବେ ପାଳନ କରାଯାଏ। ୨୦୧୨ ନଭେମ୍ବର ୨୮ ରେ ଜାତିସଂଘ ଏହି ବିଷୟରେ ଘୋଷଣା କରିଥିଲା। ଆଉ ସେବେଠୁ ଏହା ପାଳିତ ହୋଇ ଆସୁଛି। ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଓ ପୁନଃଉଦ୍ଧାର ହେଉଛି ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ପରିବେଶକୁ ସନ୍ତୁଳିତ କରି ରଖିବା, ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ନିଜ ଜୀବନକୁ ସରସ, ସୁନ୍ଦର, ସବୁଜିମାରେ ଭରିଦେବା ପାଇଁ ଏକମାତ୍ର ବିକଳ୍ପ ବୃକ୍ଷରୋପଣ। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଏ। ତା'ସହ ଜୀବନରେ ଜଙ୍ଗଲର ମହତ୍ତ୍ୱକୁ ବୁଝାଇବା ଲାଗି ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ତଥା ସଚେତନତା ଅଭିଯାନ ଆୟୋଜନ କରାଯାଏ।

## ଆଜିର ଇତିହାସ

- ୧୪୧୩- ହେନେରି ପଞ୍ଚମ ଇଂଲଣ୍ଡର ରାଜା ହେଲେ।
- ୧୮୩୬- କଲିକତାରେ ନ୍ୟାସନାଲ୍ ଲାଇବ୍ରେରୀ ଖୋଲିଲା।
- ୧୮୮୭- ମୁମ୍ବାଇରେ ପ୍ରାର୍ଥନା ସମାଜର ସ୍ଥାପନା ହେଲା।
- ୧୯୫୪- ପ୍ରଥମ ଫିଲ୍ମ ଫେୟାର୍ ପୁରସ୍କାର ସମାରୋହର ଆୟୋଜନ।
- ୧୯୭୫-ଇଥିଓପିଆରୁ ରାଜତନ୍ତ୍ରର ସମାପ୍ତ।
- ୧୯୭୭- ଦେଶରେ ଲାଗୁ ହୋଇଥିବା ଜରୁରିକାଳୀନ ପରିସ୍ଥିତିକୁ ଉଠାଇ ଦିଆଗଲା।
- ୨୦୦୦-ଗିରିଜା ପ୍ରସାଦ କୋଇରାଲା ନେପାଳର ପ୍ରଧାନମନ୍ତ୍ରୀ ହେଲେ।

# ସୁପର୍‌ମାର୍କେଟ୍‌ର ସୁପର୍ ପ୍ଲାନ୍



ଅନେକ ସମୟରେ ସୁପର୍‌ମାର୍କେଟ୍ ଭିତରକୁ ଯିବା ମାତ୍ରେ ପ୍ରବେଶପଥ ନିକଟରେ ତାଜା ଫଳ ଓ ପନିପରିବା ରହିଥିବା ନଜର ଆସିଥାଏ। ଗ୍ରାହକଙ୍କୁ ଅଧିକ କିଣିବା ପାଇଁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ସୁପର୍ ମାର୍କେଟ୍‌ର ଏହା ଏକ ଚାଲ୍ ବୋଲି ନିକଟରେ ରିବ୍ସ ଫୋନେଲି ନାମକ ଜଣେ ବିଶେଷଜ୍ଞ କହିଛନ୍ତି। ତେବେ ଏପରି ଜିନିଷଗୁଡ଼ିକ ରଖିବା ପଛରେ ସୁପର୍‌ମାର୍କେଟ୍‌ଗୁଡ଼ିକର ଏକ ରଣନୀତି ଥାଏ ବୋଲି ସେ କହିଛନ୍ତି। ଫୋନେଲି ଏକ ଟିକ୍‌ଟକ୍ ଭିଡିଓ ମାଧ୍ୟମରେ ସୁପର୍‌ମାର୍କେଟ୍‌ର ବ୍ୟବସାୟିକ ରଣନୀତିଗୁଡ଼ିକ ବିଷୟରେ କହିଛନ୍ତି। ତାଙ୍କର କହିବା ଅନୁସାରେ, 'ସୁପର୍‌ମାର୍କେଟ୍‌ଗୁଡ଼ିକ ସେମାନଙ୍କର ପ୍ରତ୍ୟେକ କୋଣକୁ ଏପରି ସଜାଇଥାନ୍ତି ଯଦ୍ୱାରା ଗ୍ରାହକ ଆକୃଷ୍ଟ ହୋଇ ଜିନିଷ କିଣିବେ। ଏହି କ୍ରମରେ ସୁପର୍‌ମାର୍କେଟ୍‌ଗୁଡ଼ିକ ଗ୍ରୋସରୀ ଷ୍ଟୋର୍‌ର ପ୍ରଥମରେ ଫଳ ଓ ପନିପରିବାଗୁଡ଼ିକ ରଖିଥାନ୍ତି। ଏହାଦ୍ୱାରା ପ୍ରଥମେ ଗ୍ରାହକ ଏହି ଜିନିଷଗୁଡ଼ିକ କିଣିବେ। ସେହିଭଳି ମିଠା ଓ ଚକଲେଟ୍‌ଗୁଡ଼ିକ ଏପରି ଜାଗାରେ ରଖାଯାଇଥାଏ, ଯେପରି କୁନି କୁନି ପିଲାମାନଙ୍କର ନଜର ଏହା ଉପରେ ପଡ଼ିବ। କିନ୍ତୁ ଅନ୍ୟ ସ୍ୱାସ୍ଥ୍ୟପ୍ରଦ ଜିନିଷଗୁଡ଼ିକ ଏତେ ସହଜରେ ନଜର ଆସି ନ ଥାଏ। ଏହାକୁ ଖୋଜିଲା ପରେ ହିଁ ମିଳିଥାଏ। ଅନ୍ୟପକ୍ଷରେ ବ୍ରେଡ୍, ଅଣ୍ଡା ଆଦି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଶେଷରେ ରଖାଯାଇଥାଏ। ଯଦ୍ୱାରା ଏହି ଜିନିଷକୁ ଖୋଜି ଖୋଜି ଜଣେ ଗ୍ରାହକ ପୂରା ଏରିଆ ବୁଲି ଦେଇଥିବେ। ଏହାଛଡ଼ା କିଛି ସୁପର୍‌ମାର୍କେଟ୍ ଜାଣିଶୁଣି ଛୋଟ ଟ୍ରଲି ନ ରଖି ବଡ଼ ବଡ଼ ଟ୍ରଲି ରଖିଥାନ୍ତି, ଯଦ୍ୱାରା ଗ୍ରାହକ ଅଧିକ ଜିନିଷ କିଣିବେ।' ରିବ୍ସଙ୍କ ଏହି ଭିଡିଓକୁ ଅନେକ ପସନ୍ଦ କରୁଛନ୍ତି।

# ୨୦୨୫ ଇଦ୍‌ରେ ପୁଣି ରାଜ୍ କରିବେ ସଲମାନ୍



ବଲିଉଡ୍ ଅଭିନେତା ସଲମାନ୍ ଖାନ୍‌ଙ୍କର ଦେଶ ବିଦେଶରେ ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ସଲମାନ୍‌ଙ୍କ ପ୍ରଶଂସକମାନେ ସବୁବେଳେ ତାଙ୍କ ଫିଲ୍ମକୁ ଅପେକ୍ଷା କରି ରହିଥାନ୍ତି। ସେ ଶେଷ ଥର ପାଇଁ 'ଟାଇଗର୍-୩' ଫିଲ୍ମରେ ଦେଖାଯାଇଥିଲେ। ଏବେ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ସଲମାନ୍ ଏବେ ଏକ ବଡ଼ ପ୍ରୋଜେକ୍ଟରେ କାମ କରୁଛନ୍ତି। ସାଉଥ୍‌ର ଲୋକପ୍ରିୟ ନିର୍ଦ୍ଦେଶକ ଏ.ଆର୍. ମୁରୁଗଦୋସ୍ ଓ ପ୍ରଯୋଜକ ସାଜିଦ୍ ନାଡ଼ିୟାଡୱାଲାଙ୍କ ସହ ସଲମାନ୍ ଏକ ଫିଲ୍ମ କରୁଛନ୍ତି। ଏହି ଫିଲ୍ମ ୨୦୨୫ ଇଦ୍ ଅବସରରେ ରିଲିଜ୍ ହେବ। ତେବେ ପ୍ରଥମ ଥର ପାଇଁ ସଲମାନ୍, ସାଜିଦ୍‌ଙ୍କ ସହ କାମ କରୁନାହାନ୍ତି, ଏହି ଯୋଡ଼ି 'ଜୁଡୱା', 'ମୁଝ୍‌ସେ ଶାଦି କରୋଗି', 'କିକ୍' ଭଳି ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ମୁରୁଗଦୋସ୍ ଅମିର୍ ଖାନ୍‌ଙ୍କ ଅଭିନୀତ 'ଗଜନୀ'ର ନିର୍ଦ୍ଦେଶନା ଦେଇଥିଲେ। ଏହି ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ ସେ ଏହି ଫିଲ୍ମ ମାଧ୍ୟମରେ ପ୍ରଥମ ଥର ପାଇଁ ସଲମାନ୍‌ଙ୍କ ସହ କାମ କରିବେ। ଇଦ୍ ଅବସରରେ ମୁକ୍ତିଲାଭ କରୁଥିବା ସଲମାନ୍‌ଙ୍କ ଫିଲ୍ମଗୁଡ଼ିକ ହିଟ୍ ହେଉଥିବାରୁ ଏହି ଫିଲ୍ମଟି ମଧ୍ୟ ବକ୍ସ ଅଫିସ୍‌ରେ ସଫଳ ହେବ ବୋଲି ଆଶା କରାଯାଉଛି।

## ବୃଦ୍ଧଙ୍କ ଖୁସି

# ବସ୍ ଡ୍ରାଇଭରଙ୍କୁ ବାଣ୍ଟନ୍ତି ବିସ୍କୁଟ୍

କିଛି ଲୋକ ନିଃସ୍ୱାର୍ଥ ଭାବେ ଲୋକଙ୍କ ମୁହଁରେ ହସ ଫୁଟାଇବାକୁ ପ୍ରୟାସ କରନ୍ତି। ଏହି ପରିପ୍ରେକ୍ଷୀରେ ଏମିତି ବି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କି ନିତିଦିନ ବସ୍ ଡ୍ରାଇଭରଙ୍କୁ ବିସ୍କୁଟ୍ ବାଣ୍ଟି ଖୁସି ହୁଅନ୍ତି। ସମ୍ପୃକ୍ତ ବୃଦ୍ଧଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ମିନଲ ପଟେଲ ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଭିଡିଓରୁ ଦେଖିବାକୁ ମିଳୁଛି ବୃଦ୍ଧ ଜଣକ ଗୋଟିଏ ଡିଭାଇଡର ପାଖରେ ଛିଡ଼ା ହୋଇଛନ୍ତି ଏବଂ ସେ ବସ୍ ଡ୍ରାଇଭରଙ୍କୁ ବିସ୍କୁଟ୍ ପ୍ୟାକେଟ୍ ଦେଉଛନ୍ତି। ହସ ହସ ମୁହଁରେ ସେ ରାସ୍ତାରେ ଯାଉଥିବା ପ୍ରତ୍ୟେକ ବସ୍ ଡ୍ରାଇଭରଙ୍କୁ ବିସ୍କୁଟ୍ ବଢ଼ାଇଥାନ୍ତି। ତାଙ୍କର ଏହି କାର୍ଯ୍ୟକୁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି। ତେବେ ଏହି ବୃଦ୍ଧ ଜଣକ ପ୍ରତିଦିନ ମୁମ୍ବାଇର ହ୍ୟୁଜେସ୍ ରାସ୍ତାରେ ଚଳନ୍ତା ବସ୍‌କୁ ଅଟକାନ୍ତି ଏବଂ ବସ୍ ଡ୍ରାଇଭରମାନଙ୍କୁ ବିସ୍କୁଟ୍ ପ୍ୟାକେଟ୍ ପ୍ରଦାନ କରନ୍ତି। ସେ ଏହି କାମ ପାଇଁ ସବୁଦିନ ଆସି ରାସ୍ତା ଉପରେ ଛିଡ଼ା ହୋଇ ବସ୍‌କୁ ଅପେକ୍ଷା କରି ରହନ୍ତି। ବସ୍ ଆସିବା ଦେଖିବା ମାତ୍ରେ ସେ ବସ୍‌କୁ ଅଟକାଇ ଡ୍ରାଇଭରଙ୍କ ହାତକୁ ବିସ୍କୁଟ୍ ପ୍ୟାକେଟ୍ ବଢ଼ାଇ ଦିଅନ୍ତି। ଅନ୍ୟପଟେ ତାଙ୍କର ଏହି କାର୍ଯ୍ୟ ଏବେ ଲୋକଙ୍କ ହୃଦୟ ଜିଣିଛି।



# ରୋଗକାରକ ରିସାଇକଲ୍ ପ୍ଲାଷ୍ଟିକ୍



ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି, ଭାରତରେ ରିସାଇକଲ ପ୍ଲାଷ୍ଟିକ୍‌ରୁ ନିର୍ମିତ ଜିନିଷରେ ହାନିକାରକ ରସାୟନ ଅଛି। ଏହି ରସାୟନ ଉଭୟ ଛୋଟ ପିଲା ଓ ବଡ଼ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଟକ୍ସିକ୍ ଲିଙ୍କର ଏକ ଗବେଷଣାରୁ ଜଣାପଡ଼ିଛି, ଭାରତରେ ରିସାଇକଲ ପ୍ଲାଷ୍ଟିକ୍ ସୁରକ୍ଷିତ ନୁହେଁ। ଏଥିରୁ ତିଆରି ଜିନିଷ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଗବେଷକମାନେ ଦିଲ୍ଲୀର ବିଭିନ୍ନ ବଜାର ଏବଂ ସହରରେ ଥିବା ରିସାଇକ୍ଲିଂ ୟୁନିଟ୍‌ରୁ ଏକତ୍ର କରାଯାଇଥିବା ଜିନିଷଗୁଡ଼ିକର ପରୀକ୍ଷା କରିଥିଲେ। ବିଶେଷକରି ଖାଦ୍ୟ ସହ ସମ୍ବନ୍ଧିତ ସାମଗ୍ରୀ ଏବଂ ଖେଳଣା ନମୁନାରୁ ବିଷାକ୍ତ ରସାୟନର ମିଶ୍ରଣ ମିଳିଛି। ତେବେ ବ୍ରାଣ୍ଡହୀନ ଖାଦ୍ୟ, ପାନୀୟ ବୋତଲ ଓ ଖେଳଣା ସମେତ ରିସାଇକ୍ଲିଂ ପ୍ଲାଷ୍ଟିକ୍‌ରୁ ତିଆରି ଜିନିଷର ପରୀକ୍ଷା କରାଯାଇଥିଲା। ତେବେ ସଂଗ୍ରହ କରାଯାଇଥିବା ୧୫ଟି ନମୁନାରୁ ୧୩ଟି ଦିଲ୍ଲୀର ବିଭିନ୍ନ ବଜାର, ଦୁଇଟି ନରେଲା ଏବଂ ଇନ୍ଦରଲୋକର ରିସାଇକ୍ଲିଂ ୟୁନିଟ୍‌ରୁ ନିଆଯାଇଥିଲା। ଏଥିରୁ ଜଣାପଡ଼ିଛି ରିସାଇକ୍ଲିଂ ପ୍ଲାଷ୍ଟିକ୍‌ରୁ ଫେଥଲେଟସ୍, କ୍ଲୋରିନେଟେଡ୍ ପାରାଫିନ୍, ବିସ୍ଫେନଲ୍ ଅଧିକ ମାତ୍ରାରେ ମିଳୁଛି। ସେହିପରି ଏହି ରସାୟନ ପ୍ରଜନନ, ଶ୍ୱାସ ଓ ତ୍ୱଚା ସମ୍ବନ୍ଧିତ ରୋଗ ସମେତ ଡିଏନ୍‌ଏ ସହ ଜଡ଼ିତ ଅନ୍ୟାନ୍ୟ ରୋଗ ସୃଷ୍ଟି କରିଥାଏ। ଅନ୍ୟପଟେ ବୈଜ୍ଞାନିକମାନେ କହିଛନ୍ତି, ପ୍ଲାଷ୍ଟିକ୍ ରିସାଇକ୍ଲିଂ ମଣିଷ ସ୍ୱାସ୍ଥ୍ୟ ପାଇଁ ବିପଦ। ତେଣୁ ପ୍ଲାଷ୍ଟିକ୍ ରିସାଇକଲ୍ ଉପରେ କେବଳ ଗୁରୁତ୍ୱ ଦେଲେ ହେବ ନାହିଁ, ଏଥିରୁ କିଭଳି ବିଷାକ୍ତ ରସାୟନକୁ ଦୂର କରାଯିବ, ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ।

# ବିଶ୍ୱର ସବୁଠୁ ଭଲ ସ୍ୟାଣ୍ଡୱିଚ୍ ବଡ଼ାପାଓ



ମୁମ୍ବାଇର ଲୋକପ୍ରିୟ ତଥା ସ୍ୱାଦିଷ୍ଟ ଷ୍ଟ୍ରିଟ୍‌ଫୁଡ୍ ହେଉଛି ବଡ଼ାପାଓ। ଏହାର ଲୋକପ୍ରିୟତା କେବଳ ଦେଶ ନୁହେଁ, ବିଦେଶରେ ବି ଅଛି। ପ୍ରସିଦ୍ଧ ଫୁଡ୍ ଏବଂ ଟ୍ରାଭେଲ ଗାଇଡ୍ 'ଟେଷ୍ଟ ଆଟ୍‌ଲାସ୍' ପକ୍ଷରୁ ବଡ଼ା ପାଓକୁ ଏବେ ବିଶ୍ୱସ୍ତରୀୟ ମାନ୍ୟତା ମିଳିଛି। ବିଶ୍ୱର ଶୀର୍ଷ ୨୦ ସବୁଠୁ ଭଲ ସ୍ୟାଣ୍ଡୱିଚ୍ ତାଲିକାରେ ମୁମ୍ବାଇର ବଡ଼ାପାଓ ୧୯ ତମ ସ୍ଥାନ (ମାର୍ଚ୍ଚ ୨୦୨୪ ର୍ୟାଙ୍କିଙ୍ଗ୍ ଅନୁସାରେ) ରେ ରହିଛି। ସେହିପରି ଟେଷ୍ଟ ଆଟଲାସ୍ ଏହାର ଆରମ୍ଭ କିଭଳି ହୋଇଥିଲା, ସେ ସମ୍ପର୍କରେ ବି କହିଛି। ରାସ୍ତାକଡ଼ ବ୍ୟବସାୟୀ ଅଶୋକ ବୈଦ୍ୟଙ୍କଠାରୁ ବଡ଼ାପାଓ ଆରମ୍ଭ ହୋଇଛି। ୧୯୬୦-୭୦ ମସିହାରେ ଦାଦର ଟ୍ରେନ ଷ୍ଟେସନ ପାଖରେ ଅଶୋକ କାମ କରୁଥିଲେ। ସେ ଭୋକିଲା ଶ୍ରମିକଙ୍କ ପେଟ ଭର୍ତ୍ତି କରିବାର ଉପାୟ ଖୋଜୁଥିଲେ। ସେଇଠୁ ସେ ବଡ଼ାପାଓ କଥା ଚିନ୍ତା କରି ଏହାକୁ ତିଆରି କଲେ। ଏହାକୁ ପ୍ରସ୍ତୁତ କରିବା ଖୁବ୍ ସହଜ ଓ ସରଳ ହୋଇଥିବାରୁ ଏହାକୁ ସେ ତିଆରି କଲେ। ଏହିପରି ଭାବେ ଏହି ସ୍ୱାଦିଷ୍ଟ ବଡ଼ାପାଓ ଆରମ୍ଭ ହୋଇଥିବା କୁହାଯାଏ। ତେବେ ଏବେ ରାସ୍ତାକଡ଼ ଦୋକାନଠୁ ଆରମ୍ଭ କରି ପଞ୍ଚତାରକା ହୋଟେଲରେ ଲୋକେ ଏହି ଖାଦ୍ୟର ମଜା ନେଉଛନ୍ତି। ଅନ୍ୟପଟେ ବଡ଼ାପାଓ ହେଉଛି ଦୁଇଟି ନରମ ବଡ଼ ପାଉଁରୁଟି। ଯାହା ଭିତରେ ମସାଲାଦାର ଆଳୁ ଷ୍ଟଫିଂ ଦିଆଯାଇଥାଏ। ଏହାକୁ ଚଟଣି ସହ ପରଷା ଯାଏ।

# କେନାଲ ମ୍ୟାନ୍

## ପାହାଡ଼ କାଟି କରୁଛନ୍ତି ଜଳଯୋଗାଣ

ବିହାରର ମାଉଣ୍ଟେନ୍ ମ୍ୟାନ୍ ଦଶରଥ ମାଝିଙ୍କୁ କିଏ ନ ଜାଣେ। ଦଶରଥ ପରିଣତ ବୟସରେ ନିଜସ୍ୱ ଉଦ୍ୟମରେ ପାହାଡ଼ କାଟି ଗ୍ରାମବାସୀଙ୍କ ପାଇଁ ରାସ୍ତା ତିଆରି କରିଥିଲେ। ତାଙ୍କ ଉପରେ ବଲିଉଡ୍ ଫିଲ୍ମ 'ମାଝି-ଦ ମାଉଣ୍ଟେନ୍ ମ୍ୟାନ୍' ନିର୍ମାଣ କରାଯାଇଥିଲା। ଏବେ ଦଶରଥ ମାଝିଙ୍କ ପରି ବିହାରର ଲୌଙ୍ଗି ଭୂୟାଁଙ୍କ କାମ ଚର୍ଚ୍ଚାରେ ରହିଛି। ବିହାର, ଗୟାଠାରୁ ୮୦ କିଲୋମିଟର ଦୂରରେ ଅବସ୍ଥିତ କୋଠିଲୱା ଗାଁରେ ଲୌଙ୍ଗି ରୁହନ୍ତି। ସେ ପାହାଡ଼ ମଧ୍ୟରେ ଏକାକୀ ପାଞ୍ଚ କିଲୋମିଟର ଯାଏଁ ଏକ ଲମ୍ବା କେନାଲ ଖୋଳୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ପ୍ରାୟ ୩.୫ କିଲୋମିଟର କେନାଲ ଖୋଳିବାରେ ସକ୍ଷମ ହୋଇଛନ୍ତି। ଏହି ପାଞ୍ଚ କିଲୋମିଟର କେନାଲ ଖୋଳାକାର୍ଯ୍ୟକୁ ସେ ଦେଢ଼ ବର୍ଷ ମଧ୍ୟରେ ପୂରା କରିବାକୁ ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ମଧ୍ୟ ସେ ତିନି ବର୍ଷ ପରିଶ୍ରମ କରି ୨୦୨୦ରେ ତିନି କିଲୋମିଟରର ଏକ କେନାଲ ଖୋଳିଥିଲେ। ଏହି କେନାଲ ହେବା ଦ୍ୱାରା ତିନୋଟି ଗାଁର ଲୋକେ ଉପକୃତ ହୋଇଥିଲେ। ଏବେ ସେ ଯେଉଁ ପାଞ୍ଚ କିଲୋମିଟରର କେନାଲ ଖୋଳୁଛନ୍ତି ଏଥିରୁ ପାଞ୍ଚରୁ ଆଠୋଟି ଗାଁର ଚାଷୀ ଜଳସେଚନର ସୁବିଧା ନେଇପାରିବେ। ଲୌଙ୍ଗି ଭୂୟାଁଙ୍କ ଏହି ମହାନ୍ କାମ ପାଇଁ ତାଙ୍କୁ ସ୍ଥାନୀୟ ଲୋକେ 'କେନାଲ ମ୍ୟାନ୍' ନାମରେ ସମ୍ବୋଧନ କରନ୍ତି। କେନାଲ ଖୋଳିବା କାରଣରୁ ଗାଁର ଲୋକେ ତାଙ୍କୁ ବେଳେବେଳେ ଶସ୍ୟ ଦେଇଥାନ୍ତି। ୭୦ ବର୍ଷ ବୟସରେ ସେ ପ୍ରତିଦିନ ସକାଳ ୮ଟାରୁ ସନ୍ଧ୍ୟା ପାଞ୍ଚଟା ଯାଏଁ ଏକାକୀ କେନାଲ ଖୋଳିଥାନ୍ତି। ସେ ଖୋଳୁଥିବା କେନାଲଟି ୫ଫୁଟ ଚଉଡ଼ା ଏବଂ ତିନି ଫୁଟ ଗଭୀର। ପ୍ରଥମ କେନାଲ ଖୋଳା କାର୍ଯ୍ୟ ପୂରା ହେବା ପରେ ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ତାଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ତାଙ୍କୁ ଏକ ଟ୍ରାକ୍ଟର ଉପହାର ଦେଇଥିଲେ। ଲୌଙ୍ଗି କୁହନ୍ତି, 'ଆମ ଗାଁ ଓ ଆଖପାଖର ଗାଁରେ କେନାଲ ନଥିବାରୁ ଚାଷୀମାନେ ବର୍ଷା ଜଳର ପର୍ଯ୍ୟାପ୍ତ ଉପଯୋଗ କରିପାରନ୍ତିନି। ସେଥିପାଇଁ କେନାଲ ଖୋଳିଛି।' ଲୌଙ୍ଗିଙ୍କ କାମକୁ ନେଇ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରିଙ୍କୁ କୁମାର କୁହନ୍ତି, ଯେତେବେଳେ ଏହି ଗାଁର ଯୁବପିଢ଼ି ଚାକିରି ଅନ୍ୱେଷଣରେ ଅନ୍ୟ ସ୍ଥାନକୁ ପଳାଉଛନ୍ତି ସେହି ସମୟରେ ଲୌଙ୍ଗି ଜଙ୍ଗଲରେ ଛେଳି ଚରାଉଥିଲେ ହେଁ ସେ ଗାଁର ଭବିଷ୍ୟତ ବିଷୟରେ ଚିନ୍ତା କରିଛନ୍ତି। ଏବେ ସେ ଭୂତଳ ଜଳସ୍ତର ବଢ଼ାଇ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଲୌଙ୍ଗି ଯେତେବେଳେ ପ୍ରଥମେ କେନାଲ ଖୋଳିବା ଆରମ୍ଭ କରିଥିଲେ, ଗାଁ ଲୋକ ତାଙ୍କୁ ପାଗଳ ବୋଲି କହୁଥିଲେ। ଏମିତିକି ତାଙ୍କ ପତ୍ନୀ ରତି ଦେବୀ ମଧ୍ୟ ତାଙ୍କୁ କିଛି ଦିନ ପାଇଁ ଘରୁ ବାହାର କରିଦେଇଥିଲେ। ତାଙ୍କର ପୁଅମାନେ କୋଦାଳ, ଫାଉଡ଼ାକୁ ଲୁଚାଇ ଦେଉଥିଲେ। ସେଥିପାଇଁ ଲୌଙ୍ଗି ଘର ପାଖରୁ ଦୁଇ କିଲୋମିଟର ଦୂରରେ ଖୋଳୁଥିବା କେନାଲ ପାଖେ ସମସ୍ତ ଯନ୍ତ୍ରପାତିକୁ ଲୁଚାଇ ଦେଉଥିଲେ। ଏତେ ସବୁସତ୍ତ୍ୱେ ଲୌଙ୍ଗି କିନ୍ତୁ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନଥିଲେ।



## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ। ବ୍ୟବସାୟ ଆଗକୁ ବଢ଼ାଇବେ। ଧନପ୍ରାପ୍ତି ଯୋଗ ଅଛି। ସମୟର ସଦୁପଯୋଗ କରିବେ।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଭାଇ, ଭଉଣୀ ଆର୍ଥିକ ସହଯୋଗ ଆଶା କରିବେ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଅଯଥା କାମରେ ସମୟ ନଷ୍ଟ କରିବେ।

**ସିଂହ:** ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲା ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ। ସମାଜସେବାରେ ସମୟ ଦେବେ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉପୁଜିବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ।

**କୁମ୍ଭ:** କର୍ମଚଞ୍ଚଳ ହେବେ। ଯାନବାହନ କ୍ରୟ ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାଦୂର ହେବ।

# ଶଙ୍ଖ ଧରିଲେ ଖରିଆର ବିଧାୟକ ଅଧିରାଜ

## ୩ ବ୍ଲକ ଅଧ୍ୟକ୍ଷା, ୪୦ ସରପଞ୍ଚ ଓ ୩୪ ସମିତିସଭ୍ୟ ବିଜେଡିରେ ସାମିଲ



**ଭୁବନେଶ୍ୱର, ୨୦ ।୩(ସମିସ):** ବିଜେଡିରେ ଯୋଗ ଦେଇଛନ୍ତି ନୂଆପଡ଼ା ଜିଲ୍ଲା ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ । ଖରିଆର ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ ଓ ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ନୂଆପଡ଼ା ଜିଲ୍ଲାର ୪୦ ସରପଞ୍ଚ, ୩୪ ସମିତି ସଭ୍ୟ ଓ ଶହଶହ କଂଗ୍ରେସ କର୍ମୀଙ୍କ ସହ ଶଙ୍ଖ ଭବନରେ ଶ୍ରୀ ପାଣିଗ୍ରାହୀ ଆନୁଷ୍ଠାନିକ ଭାବରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ବିଜୁ ମହିଳା ଜନତା ଦଳ ସଭାପତି ତଥା ନୂଆପଡ଼ା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ସ୍ନେହାଙ୍ଗିନୀ ଛୁରିଆ ନବାଗତମାନଙ୍କୁ ସ୍ୱାଗତ କରିଛନ୍ତି । ଅଧିରାଜ ଓ ତାଙ୍କ ସହଯୋଗୀଙ୍କ ଯୋଗଦାନ ନୂଆପଡ଼ା ଜିଲ୍ଲାରେ ବିଜେଡିକୁ ଅଧିକ ମଜବୁତ କରିବ ବୋଲି ପ୍ରଣବପ୍ରକାଶ ଦାସ କହିଛନ୍ତି । ଅନୁରୂପ ଭାବରେ ନିଷ୍ଠାପର କାର୍ଯ୍ୟ କରୁଥିବା ଲୋକଙ୍କୁ ବିଜେଡି ସର୍ବଦା ସମ୍ମାନ ଦେଇ ଆସିଛି ବୋଲି ଉଲ୍ଲେଖ କରି ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ସାଂସଦ ମାନସ ମଙ୍ଗରାଜ ।

ଅନୁରୂପ ଭାବରେ ବିଧାୟକ ଅଧିରାଜ ପାଣିଗ୍ରାହୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଯାହା ଦାୟିତ୍ୱ ଦେବେ ତାକୁ ସେ ସୁଚାରୁ ରୂପେ ତୁଲାଇବେ । ଦଳରେ ତାଙ୍କୁ ଓ ତାଙ୍କ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି ।

■ ଦଳକୁ ସ୍ୱାଗତ କଲେ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଓ ସାଂସଦ ମାନସ
■ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଲି: ଅଧିରାଜ

ଏହି ମିଶ୍ରଣ ପର୍ବରେ ସରପଞ୍ଚ ସଂଘ ସଭାପତି ସନ୍ତୋଷ ମିଶ୍ର, ସଂଯୋଜକ ଗୋବିନ୍ଦ ବିହାରୀ ବାରିକ, ଉପସଭାପତି ଜିତୁ କୁମ୍ଭାର, ଜେମାମଣି ରଣା, ଲକ୍ଷ୍ମୀ ବାଗ, ଛବି ମାଝୀ, ତୁକାରାମ ହିଆଲ, ଉମେଶ କୈବର୍ତ୍ତ୍ୟ, କୁନୁ ଚରଣ ବେହେରା, ମୀନା ଜାଲ, ବୃନ୍ଦାବନ ବାଗ, ଅଶୋକ ଦଣ୍ଡସେନା, ସୁବାସିନୀ ପାଣ, ମଥାମଣି ତାଣ୍ଡି, ଆଲ୍ଲାଦିନ ବେହେରା, ଅମ୍ବିକା ମାଝୀ, ତେକରାମ ମାଝୀ, ଜଗଦୀଶ ମାଝୀ, ବୈକୁଣ୍ଠ ଦଣ୍ଡସେନା, କହଲ ସିଂ ବାଗ, ଉଦିତ ପ୍ରତାପ ସିଂ, ଖୁତୁରାମ ସୁନାନି, ଦୟାମତୀ ଦଣ୍ଡସେନା, ଲକ୍ଷ୍ମୀ ସ, ପୂର୍ଣ୍ଣମୀ ମାଝୀ, ମୀନା ଜଗତ, ଯାଜ୍ଞସିନି ଭୋଇ, ସଦା ବେହେରା, ମଙ୍ଗଳ ଦଲ, କୈଳାସ ଦଲ, ଗମ୍ଭୀର ତାଣ୍ଡି, ହିମାଦ୍ରୀ ଜଗତ, ଠାକୁର ବାଗ, ବିନତୀ ନନ୍ଦ, ସମିତି ସଭ୍ୟ ଗୌତମ ତାଣ୍ଡି, ଶ୍ରୀବତ୍ସ ଶଗରିଆ, କେଦାର ତାଣ୍ଡି, ହେମନ୍ତ ଶବର, ଲୀଳା ରାଉତରାୟ, ରଶ୍ମିତା ବାରିକ, ବିଜୟ ମେହେର, ଭାନୁମତି ମାଝୀ, ଚିନ୍ତାମଣି ମାଝୀ, ଜ୍ୟୋତ୍ସ୍ନାବତୀ ଗୋହିର, ଦୋଳମଣି ପଣ୍ଡା, ପ୍ରେମଶିଳା ସୁନା, ଗାୟତ୍ରୀ ଧନୁଆ, ମନୀଷ ପଟେଲ, ଲଳିତା ସୁନାନି, ଲୋକେଶ ମାଝୀ, ଲକ୍ଷ୍ମୀ ମାଝୀ, ସୁଶିଳା ଚିଣ୍ଡା, ସୁରେନ୍ଦ୍ର ମଙ୍ଗରାଜ, ଭଗବାନ ବନ୍ଦିଚୋର, ଦିଗମ୍ବର ପ୍ରଧାନ, ନିରୂପମା ମଙ୍ଗରାଜ, କୌଶଲ୍ୟା ପ୍ରଧାନ, ତୋଫାନ ମାଝୀ, ତପସ୍ୱିନୀ ମାଝୀ, ହୀନା ତାଣ୍ଡି, ତୁଳସୀ ଖନସେଲ, ସସ୍ମିତା ମେହେର, ବିନୟ ବେହେରା, ମାୟାଧର ସୁନାନି, ମୀନା ମାଝୀ, ସବିତା ଜଗତ, ଯାଜ୍ଞସିନୀ ନାୟକ, ଉପେନ୍ଦ୍ର ଚିଣ୍ଡା, ବର୍ଷାରାଣୀ ଶଗରିଆ, ମମିତା ପଟ୍ଟନାୟକ, ମୀନାରାଣୀ ସାହୁ, ବସ୍ ମାଲିକ ସଂଘ ସଭାପତି ସୁଶାନ୍ତ ତାଣ୍ଡି, ଅକ୍ଷୟ ନନ୍ଦ, ଆଡଭୋକେଟ ଗୋବର୍ଦ୍ଧନ ସୁନା ଓ ନୟନା ବିଭାର, ସନ୍ତୁ ପଟ୍ଟନାୟକ, ସଞ୍ଜୁ ନାଏକ, ଧରଣୀ ପଟେଲ, ଅମିତାଭ ପଟେଲ, ହୀରା ମେହେର, ପ୍ରମୋଦ ଅଗ୍ରୱାଲ, ସଚି ପାଢ଼ୀ, ନନ୍ଦଲାଲ ଅଗ୍ରୱାଲ, ଅରୁଣ ଗର୍ଗ, ଉମେଶ ଅଗ୍ରୱାଲ, ଧ୍ରୁବ ରଞ୍ଜନ ଖମାରୀ, ଭବେଶ ପାଣିଗ୍ରାହୀ, ଜନ୍ମେଜୟ ସିଂଦେଓ, ଲକ୍ଷ୍ୟରାମ ଶଣ୍ଢ, କପିଳ ଭୋଇ, ଖରିଆର ବ୍ଲକ ସଭାପତି ଶ୍ୟାମସୁନ୍ଦର ଲାଲଦୀପ, ସିନାପାଲୀ ବ୍ଲକ ସଭାପତି ଜୟପାଲ ନାଗ, ବୋଡେନ ବ୍ଲକ ସଭାପତି ହୀରାଲାଲ ମାଝୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ୍ ହୋଇଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା, ଅମିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରିଲା ପରୀକ୍ଷା; କାଲିଠୁ ଖାତାଦେଖା

## ମେ ୧୫ ମଧ୍ୟରେ ପ୍ରକାଶ ପାଇବ + ୨ ପରୀକ୍ଷା ଫଳ

**ଭୁବନେଶ୍ୱର, ୨୦ ।୩(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ବୁଧବାର ଶେଷ ହୋଇଛି । ପରୀକ୍ଷାରେ ସମୁଦାୟ ୬୪୯ ଜଣ ଛାତ୍ରଛାତ୍ରୀ କପି କରି ଧରାପଡ଼ିଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଶୁକ୍ରବାର ଠାରୁ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ ଓ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ । ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୨ତାରିଖରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ପ୍ରାୟ ୬୫୦୦ ଶିକ୍ଷକ ଶିକ୍ଷୟତ୍ରୀ ଖାତା ଦେଖିବାକୁ ନିୟୋଜିତ ହୋଇଛନ୍ତି । ସେହିପରି ଏପ୍ରିଲ ୪ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୪ହଜାର ଶିକ୍ଷକ ଶିକ୍ଷୟତ୍ରୀ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବେ । ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ । କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନରେ ଓ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ ହେବ । ନିର୍ଦ୍ଧାରିତ ସମୟ ସୁଦ୍ଧା ମୂଲ୍ୟାୟନ ପ୍ରକ୍ରିୟା ସାରି ମେ ୧୫ ତାରିଖ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି । ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି ।

ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ପରୀକ୍ଷାର୍ଥୀ ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି । ଏମାନଙ୍କ ମଧ୍ୟରେ ୩ ଲକ୍ଷ ୬୦ ହଜାର ୧୯୮ ଜଣ ରେଗୁଲାର ଏବଂ ୨୬ ହଜାର ୫୨ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି । କଳା ବିଭାଗରେ ୨ ଲକ୍ଷ ୩୭ ହଜାର ୭୫୦ଜଣ ପରୀକ୍ଷାର୍ଥୀ ଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ ଜଣ ଓ ଧନ୍ଦାମୂଳକରେ ୫ହଜାର ୭୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ମୋଟ ଛାତ୍ରଙ୍କ ମଧ୍ୟରୁ ୧ ଲକ୍ଷ ୯୯ ହଜାର ୩୬୧ଜଣ ଛାତ୍ରୀ ଥିବାବେଳେ ଛାତ୍ରଙ୍କ ସଂଖ୍ୟା ୧ ଲକ୍ଷ ୮୬ ହଜାର ୮୮୯ ରହିଛି ।

## ପଦାର୍ଥ ବିଜ୍ଞାନରେ ମିଳିବ ଗ୍ରେସ୍ ମାର୍କ

ପଦାର୍ଥ ବିଜ୍ଞାନ ପରୀକ୍ଷା ପ୍ରଶ୍ନପ୍ରତ୍ରରେ ସିଲାବସ୍ ବାହାରୁ ପ୍ରଶ୍ନପତ୍ର ଆସିଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଯାଞ୍ଚ କରି ଚଏସ୍ ଡେଫିସିଟ୍ ବା ବିକଳ୍ପ ଅଭାବ ଥିବା ପରିଷଦ ଜାଣିବାକୁ ପାଇଥିଲା । ଯେଉଁ ଛାତ୍ରଛାତ୍ରୀମାନେ ସେହି ପ୍ରଶ୍ନକୁ ଲେଖିଥିବେ ବା ଲେଖିବାର ପ୍ରୟାସ କରିଥିବେ ସେମାନଙ୍କୁ ଗ୍ରେସ୍ ମାର୍କ ପ୍ରଦାନ କରାଯିବ । ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୧୯ ମାର୍କ ଗ୍ରେସ୍ ଦିଆଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି । ହେଲେ ପ୍ରଶ୍ନପତ୍ର ସିଲାବସ୍ ବାହାରୁ ଆସିଥିବାରୁ ଅଯଥା ସମୟ ଅପଚୟ ନ କରିବା ପାଇଁ ବହୁ ପରୀକ୍ଷାର୍ଥୀ ଉତ୍ତର ଲେଖିନାହାନ୍ତି । ତେଣୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ଦେବାପାଇଁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଦାବି କରୁଛନ୍ତି ।

■ ସାମାନ୍ୟ କଥାକୁ ନେଇ ପଥରରେ ଛେଚି ହତ୍ୟା

## ଅଭିଯୁକ୍ତକୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ

**କେନ୍ଦୁଝର, ୨୦।୩(ସମିସ):** କେନ୍ଦୁଝରର ସଦର ଥାନା ଅଞ୍ଚଳରେ ୨୦୧୮ ମସିହାରେ ସାମାନ୍ୟ ବଚସାକୁ ନେଇ ଘଟିଯାଇଥିବା ହତ୍ୟାକାଣ୍ଡରେ ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡା ଅଭିଯୁକ୍ତ ସମରା ମୁଣ୍ଡାକୁ ୭ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ସଦର ଥାନା ଅଞ୍ଚଳର ବରଦାପାଳଠାରେ ରହୁଥିବା ସମରା ମୁଣ୍ଡା ଏବଂ ସୁନିଆଁ ମୁଣ୍ଡାଙ୍କ ମଧ୍ୟରେ ତିକ୍ତତା ରହିଥିଲା । ତା ୪/୮/ ୨୦୧୮ ଅଗଷ୍ଟ୪ରେ ସୁନିଆଁ ମୁଣ୍ଡା ସମରା ମୁଣ୍ଡାଙ୍କ ଘରବାଟଦେଇ ଯାଉଥିବାବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ସମରା ମୁଣ୍ଡା ସୁନିଆଁକୁ ମୁଥ ମାରିଦେବାରୁ ସେ ତଳେ ପଡ଼ି ଯାଇଥିଲା । ପରେ ତାଙ୍କୁ ପଥରରେ ଛେଚି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ । ସୁନିଆଁଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲା । ତା' ପରଦିନ ଚିକିତ୍ସାଧୀନ ଅବସ୍ଥାରେ ସୁନିଆଁଙ୍କର ମୃତ୍ୟୁ ଘଟିଥିଲା । ଏହି ମାମଲାରେ ୧୦ ଜଣ ସାକ୍ଷୀ ଓ ପୁଲିସ ତଦନ୍ତକୁ ଭିତ୍ତିକରି କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡା ଅଭିଯୁକ୍ତ ସମରା ମୁଣ୍ଡାକୁ ୭ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ଦେବାକୁ ଆଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରୁଥିଲେ ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଭାଲୁ ମୃତ

**ରେଢ଼ାଖୋଲ, ୨୦।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କିସିଣ୍ଡା ରାସ୍ତାର ବାଲିକିଆରୀ ଗ୍ରାମ ବଲାଟଛକ ରାସ୍ତାକଡ଼ରେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଭାଲୁର ମୃତ୍ୟୁ ହୋଇଛି । ରେଢ଼ାଖୋଲ ଅଞ୍ଚଳରେ ବର୍ଷା, ଝଡ଼ତୋଫାନ ହୋଇଥିଲା । ଫଳରେ ରେଢ଼ାଖୋଲରୁ କିସିଣ୍ଡା ଅଞ୍ଚଳକୁ ଯାଇଥିବା ବିଦ୍ୟୁତ୍ ତାର ବାଲିକିଆରୀ ଗ୍ରାମ ନିକଟରେ ତଳେ ପଡ଼ିଥିଲା । ଭାଲୁଟି ଉକ୍ତ ରାସ୍ତାରେ ଯାଉଥିବା ସମୟରେ ମୃତ୍ୟୁମୁଖରେ ପଡ଼ିଥିଲା । ରେଢ଼ାଖୋଲ ବନବିଭାଗ ଅଧିକାରୀ ଅରବିନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଗିରିଶ୍ଚନ୍ଦ୍ରପୁର ରେଞ୍ଜର ସୁରେନ୍ଦ୍ର ସାହୁ, ନାକଟିଦେଉଳ ପ୍ରାଣୀ ଚିକିତ୍ସକଙ୍କ ସମେତ ବନ କର୍ମଚାରୀ, ବିଜୁଳି ବିଭାଗ କର୍ମଚାରୀ ଘଟଣାର ଅନୁଧ୍ୟାନ ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରି ପୋତି ଦେଇଥିବା ଜଣାପଡ଼ିଛି ।

## ଡିଆର୍‌ଆଇ ଖୋଲିଲା କଲରାପତରିଆ ଛାଲ ଚାଲାଣ ମୁଖା

# ବିଶାଖାପାଟଣା ହୋଟେଲ୍‌ରୁ ଛାଲ ଜବତ, ଦୁଇ ଓଡ଼ିଆଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର,୨୦ ।୩(ସମିସ):** ଓଡ଼ିଶାରେ କଲରାପତରିଆ ସଂଖ୍ୟା କ୍ରମଶ ହ୍ରାସ ହୋଇଛି । ରାଜ୍ୟର ସଂରକ୍ଷିତ ଜଙ୍ଗଲଗୁଡିକରେ ରହୁଥିବା କଲରାପତରିଆଙ୍କ ଜୀବନ ଏବେ ସଙ୍କଟରେ ପଡ଼ିଛି । ଓଡ଼ିଶା ଜଙ୍ଗଲରୁ କଲରାପତରିଆ ଶିକାର କରାଯାଇ ଛାଲକୁ ବିଶାଖାପାଟଣା ଚାଲାଣ କରାଯାଉଛି । ସପ୍ତାହେ ତଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ବା ଡିଆର୍‌ଆଇ କଲରାପତରିଆ ଛାଲ ଚାଲାଣର ମୁଖା ଖୋଲିଛି । ବିଶାଖାପଟଣା

### ସଙ୍କଟରେ ଓଡ଼ିଶାର କଲରାପତରିଆ

ଭାଇଜାଗ୍‌ର ସମୁଦ୍ର କୂଳ ରାସ୍ତାରେ ଥିବା ଏକ ହୋଟେଲ୍‌ରେ ୧୦ ଲକ୍ଷ ଟଙ୍କାରେ କଲରାପତରିଆ ଛାଲ ଡିଲ୍ ଚାଲିଥିବା ବେଳେ ଡିଆର୍‌ଆଇ ଚଢ଼ଉ କରିଥିଲା । କଲରାପତରିଆ ଚୋରା ଚାଲାଣରେ ସମ୍ପୃକ୍ତି ରହିଥିବା ଦୁଇ ଓଡିଆ ଯୁବକଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନାମ ଗୋପନ ରଖିଯିବା ସହ ପଚରାଉଚରା କରାଯାଉଛି । ଆନ୍ତଃରାଜ୍ୟ ବନ୍ୟଜନ୍ତୁ ଚାଲାଣରେ ଏହି ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଛି । ଏହାର ତଦନ୍ତ ଲାଗି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ବନବିଭାଗ ସହ ଅନ୍ୟାନ୍ୟ ତଦନ୍ତକାରୀ ସଂସ୍ଥା ସହାୟତା ଲୋଡାଯାଇଛି । ଓଡ଼ିଶାର ଦୁଇ ଯୁବକ ବିଷୟରେ ସର୍ବିଶେଷ ତଥ୍ୟ ମଗାଯାଇଛି ।



ମିଳିଥିବା ଏକ ତଥ୍ୟ ଅନୁଯାୟୀ, ଓଡ଼ିଶାରୁ ଦୁଇ ଜଣ ଯୁବକ କଲରାପତରିଆ ଛାଲ ବିକ୍ରି କରିବା ଲାଗି ଏକ କାର୍‌ରେ ବିଶାଖାପାଟଣା ଯାଇଥିଲେ । ସେମାନେ ଦଲାଲ୍‌ଙ୍କ ସହାୟତାରେ ଛାଲ କିଣିବା ଲାଗି ଇଚ୍ଛା ପ୍ରକାଶ କରିଥିବା ଚେନ୍ନାଇର ଦୁଇଜଣ ଯୁବକଙ୍କୁ ଯୋଗାଯୋଗ କରିଥିଲେ । ୪ଜଣ ମିଶି ଭାଇଜାଗ୍ ସହରରେ ଥିବା ଏକ ହୋଟେଲ୍‌ରେ ଡିଲ୍ କରୁଥିଲେ । ଉକ୍ତ ବାଘଛାଲକୁ ୧୦ ଲକ୍ଷରେ ବିକ୍ରି କରିବାକୁ ଡିଲ୍ ହୋଇଥିଲା । ସେଇ ସମୟରେ ଡିଆର୍‌ଆଇ ପକ୍ଷରୁ ଉକ୍ତ ହୋଟେଲ୍‌ରେ ଚଢ଼ଉ କରାଯାଇଥିଲା । ସେଠାରୁ ୪ଜଣଙ୍କୁ କାବୁ କରିବା ସହ କଲରାପତରିଆ ଛାଲ, କାର୍ ଓ ବାଇକ ଜବତ କରାଯାଇଥିଲା । କଲରାପତରିଆ ଛାଲକୁ ଜବତ କରି ଆନ୍ଧ୍ରପ୍ରଦେଶର ବନବିଭାଗକୁ ହସ୍ତାନ୍ତର କରାଯାଇଛି । ଏହି କଲରାପତରିଆ ଛାଲ ଚୋରା ଚାଲାଣରେ ବଡ଼ଧରଣ ଗ୍ୟାଙ୍ଗ୍ କାମ କରୁଥିବା ପ୍ରମାଣ ବି ମିଳିଛି । ଓଡ଼ିଶାର ଜଙ୍ଗଲରୁ କଲରାପତରିଆ ହତ୍ୟା କରାଯାଇଥିବା ସନ୍ଦେହ ଡିଆର୍‌ଆଇ କରାଯାଉଛି । ଓଡ଼ିଶାର କେଉଁ ଜଙ୍ଗଲରୁ ଉକ୍ତ କଲରାପତରିଆ ହତ୍ୟା ସେବିଷୟରେ ଖୋଳତାଡ କରାଯାଉଛି । ତେବେ ଶିକାରୀ ଓ ଦଲାଲ ମିଶି ଅଧିକ ଲାଭ ଆଶାରେ ଛାଲକୁ ବିଶାଖାପାଟଣାରେ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ଡିଆର୍‌ଆଇ ହାବୁଡରେ ପଡ଼ିଯାଇଥିଲେ ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ୫୬୮ (୩୫ଟି ଅଧିକ କିମ୍ବା କମ୍) କଲରାପତରିଆ ବାଘ ରହିଛନ୍ତି । ୨୦୧୮ ମସିହାରେ ହୋଇଥିବା କଲରାପତରିଆ ଗଣନା ବେଳେ ରାଜ୍ୟରେ ୭୬୦ (୩୩ ଟି କମ୍ କିମ୍ବା ଅଧିକ)ଟି କଲପତରିଆ ବାଘ ରହିଥିଲେ । ଗଲା ୪ବର୍ଷ ମଧ୍ୟରେ ଏହି ସଂଖ୍ୟା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହୋଇଛି ।

### ଏସ୍‌ଟିଏଫ୍ ପଞ୍ଝାରେ ୫୧ ମାସରେ ୫୩ କଲରାପତରିଆ ଛାଲ

ରାଜ୍ୟରୁ ଗତ ୫୧ ମାସରେ ୫୩ଟି କଲରାପତରିଆ ବାଘଛାଲ, ଦୁଇଟି ମହାବଳ ଛାଲ ଜବତ କରିଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) । ଦେଖିବାକୁ ଗଲେ ପ୍ରତି ମାସରେ ଗୋଟିଏ ଲେଖାଏଁ ବାଘଛାଲ ଜବତ କରୁଛି । ଚଳିତବର୍ଷ ଓଡ଼ିଶାରୁ ୫ଟି ବାଘଛାଲ ଜବତ ହୋଇଛି । ସମ୍ବଲପୁର କୁଚିଣ୍ଡା ଓ କନ୍ଧମାଳରୁ ୨ଟି ଲେଖାଏଁ ଓ ବୌଦ୍ଧର ପୁରୁଣା କଟକରୁ ଗୋଟିଏ କଲରାପତରିଆ ଛାଲ ଜବତ ହୋଇଛି । ସେଭଳି ଗଲା ୨୦୨୩ରେ ୧୪ଟି କଲରାପତିରିଆ, ୨୦୨୨ରେ ୧୫ଟି ଛାଲ, ୨୦୨୧ରେ ୧୨ଟି, ୨୦୨୦ରେ ୭ଟି ବାଘଛାଲ ଜବତ ହୋଇଛି । ଗଲା ୨୦୨୨ ଓ ୨୩ରେ ଗୋଟିଏ ଲେଖାଏଁ ମହାବାଳ ବାଘର ଛାଲ ଠାବ ହୋଇଛି । ସେହିପରି ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ୧୯୭୨ ଅନୁସାରେ ବାଘ ସିଡ୍ୟୁଲ୍ ୧ ପ୍ରାଣୀ । ତେଣୁ ଏହାର ସୁରକ୍ଷା ପାଇଁ ନିୟମକୁ କଡାକଡି କରିଛନ୍ତି ସରକାର । ବାଘ ଶିକାର ରୋକିବା ସହ ପୁରୁଣା ମାମଲାଗୁଡିକର ତଦନ୍ତକୁ ଜୋରଦାର କରାଯିବ । ବାଘ ବଂଶ ରକ୍ଷା କରିବା ଲାଗି ଏସ୍‌ଟିଏଫ୍ ସହ ବନବିଭାଗର ମିଳିତ ଟାସ୍କଫୋର୍ସ ତଦନ୍ତ କରୁଛି । ଅନୁରୂପ ଭାବେ ୪ବର୍ଷ ତଳର କଲରାପତିରିଆକୁ ହତ୍ୟା ଘଟଣାର ସତ୍ୟ ପ୍ରଦାକୁ ଆଣିଥିଲା ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଓ ରାଜ୍ୟ ବନବିଭାଗ । ମାତ୍ର ୪ଦିନରେ ଏଥିରେ ସମ୍ପୃକ୍ତ ରହିଥିବା ଗଞ୍ଜାମ, କେନ୍ଦ୍ରାପଡ଼ା ଓ ଗଜପତି ଜିଲ୍ଲାର ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।

# କାଲୁଆ ପାଗରେ ଥରିଲା ଦେହ

**ଭୁବନେଶ୍ୱର,୨୦ ।୩(ସମିସ):** ଦୁଇ ଦିନ ଧରି ସାରା ରାଜ୍ୟରେ ବର୍ଷା ଓ କୋହଲା ପାଗରେ ଲୋକେ ଅସ୍ତବ୍ୟସ୍ତ ହୋଇଛନ୍ତି । ବର୍ଷା ସାଙ୍ଗକୁ ଶୀତୁଆ ପବନ ଦେହକୁ କାଲୁଆ କରିଦେଇଛି । ମେଘୁଆ ପାଗ ଯୋଗୁଁ ସୂର୍ଯ୍ୟଙ୍କ ଅନୁପସ୍ଥିତି ସାରା ରାଜ୍ୟର ତାପମାତ୍ରା ତଳମୁହାଁ କରିଛି । ଫଳରେ ରାଜ୍ୟରେ ଅଧିକାଂଶ ସ୍ଥାନରେ ତଳ ମୁହାଁ ତାପମାତ୍ରା ବର୍ଷ ବର୍ଷର ରେକର୍ଡ ଭାଙ୍ଗିଛି । ବିଶେଷ କରି ମାର୍ଚ୍ଚ ମାସରେ ଖରା ଓ ଗରମ ଅନୁଭୂତ ହୋଇଯାଉଥିବା ବେଳେ ଚଳିତ ବର୍ଷ ଅନୁଭୂତ ହୋଇଥିବା ଏହି ସ୍ଥିତି ଯୋଗୁଁ ୫୦-୧୨୭ ବର୍ଷର ରେକର୍ଡ ଭଙ୍ଗ ହୋଇଛି । ପାଣିପାଗ କେନ୍ଦ୍ର କହିଛି ଯେ ମାର୍ଚ୍ଚ ମାସରେ ଏଭଳି ସ୍ଥିତି ନିକଟ ଅତିତରେ ହୋଇ ନ ଥିଲା । ଗତ ୧୨ ମାର୍ଚ୍ଚ ୧୯୮୯ରେ ପୁରୀର ଦିନର ତାପମାତ୍ରା ୨୪.୬ ଡିଗ୍ରୀ ରେକର୍ଡ ହୋଇଥିଲା । ହେଲେ ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୨୦.୪ ଡିଗ୍ରୀକୁ ଖସିଯିବାରୁ ୧୨୭ ବର୍ଷର ରେକର୍ଡ ଭଙ୍ଗ ହୋଇଛି । ସେହିପରି ଭୁବନେଶ୍ୱରରେ ଏହା ପୂର୍ବରୁ ୧୯୫୨ରେ ୨୪.୩ ଡିଗ୍ରୀ ରହିଥିବା ବେଳେ ଆଜି ଏଠାରେ ତାପମାତ୍ରା ୧୯.୨ ଡିଗ୍ରୀ ରହିଛି । ଯାହାକି ୭୧ ବର୍ଷର ରେକର୍ଡ ଭାଙ୍ଗିଛି । ସେହିପରି ୨୦ ଡିଗ୍ରୀ ତାପମାତ୍ରା ସହ କଟକ ମାର୍ଚ୍ଚ ମାସର ନିଜର ୨୨୧ ବର୍ଷର ରେକର୍ଡ ଭାଙ୍ଗିଥିବା ବେଳେ ୨୧ ଡିଗ୍ରୀ ସହ ଚାନ୍ଦବାଲିରେ ୭୨ ବର୍ଷର ରେକର୍ଡ ଭାଙ୍ଗିଛି । ସେହିପରି ବାରିପଦାର ୬୮, ପାରାଦ୍ୱୀପର ୫୪ ବର୍ଷର ରେକର୍ଡ ଭଙ୍ଗ ହୋଇଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ରାଜ୍ୟର ୧୨ଟି ସହରର ଦିନ ତାପମାତ୍ରା ୨୨ଡିଗ୍ରୀ ବା ଏହା ତଳେ ରହିଛି । ଢେଙ୍କାନାଳର ସର୍ବାଧିକ ଦିନ ତାପମାତ୍ରା ୧୮.୯ ଡିଗ୍ରୀ ରେକର୍ଡ କରାଯାଇଛି । ସୂଚନାଯୋଗ୍ୟ ରାଜ୍ୟରେ ଗତ ୨୪ ଘଣ୍ଟାରେ ୨୫.୨ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୦.୬ ମିମି ତୁଳନାରେ ୩୮୯୬ ପ୍ରତିଶତ ଅଧିକ ରହିଛି । ସେହିପରି ଢେଙ୍କାନାଳରେ ୪୯.୬ ମିମି ବର୍ଷା ହୋଇଥିବା ବେଳେ ବୌଦ୍ଧରେ ୪୭.୮, ନୂଆପଡ଼ାରେ ୪୩.୬ ଓ କନ୍ଧମାଳରେ ୪୨.୯ ମିମି ବର୍ଷା ରେକର୍ଡ କରାଯାଇଛି । ଏହି ସବୁ ସ୍ଥାନରେ ସ୍ୱାଭାବିକ ତୁଳନାରେ ବହୁ ଅଧିକ ପରିମାଣରେ ବର୍ଷା ହୋଇଛି ।

■ ମାର୍ଚ୍ଚ ତାପମାତ୍ରାରେ ୧୨୭ ବର୍ଷର ରେକର୍ଡ ଭାଙ୍ଗିଲା
■ ୨୪ ଘଣ୍ଟା ମଧ୍ୟରେ ୩୮୯୬ ପ୍ରତିଶତ ଅଧିକ ବର୍ଷା
■ ଆଜିଠୁ ଫିଟିବ ପାଗ, ୧୦ଡିଗ୍ରୀ ଯାଏ ବଢ଼ିବ ତାପମାତ୍ରା

ପାଣିପାଗ କେନ୍ଦ୍ର କହିଛି ଯେ ଦୁଇ ଦିନର ବର୍ଷା ପରେ ଗୁରୁବାରଠାରୁ ରାଜ୍ୟରେ ପାଗ ବଦଳିବ । ଗୁରୁବାରଠାରୁ ଆସନ୍ତା ୨୪ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଖରାଟିଆ ପାଗ ସହ ତାପମାତ୍ରା ବୃଦ୍ଧି ଯୋଗୁଁ ପୁଣି ରାଜ୍ୟରେ ଗରମ ଆରମ୍ଭ ହେବ । ଏନେଇ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ସୂଚନା ଦେବା ସହ ଆସନ୍ତା କାଲିଠାରୁ ରାଜ୍ୟରେ ପାଗ ଫିଟିବା ସମ୍ଭାବନା ରହିଛି ବୋଲି କୁହାଯାଇଛି । ତେବେ ଗୁରୁବାର କିଛି ଜିଲ୍ଲାରେ ହାଲୁକା ବର୍ଷା ନେଇ ଆକଳନ କରାଯାଇଛି । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ଢେଙ୍କାନାଳ ଆଦିରେ ସ୍ୱଳ୍ପ ବର୍ଷା ନେଇ ଆକଳନ କରାଯାଇଛି ।

# ଚାଷୀ ମୁଣ୍ଡରେ ଚଡ଼କ: ଅଦିନିଆ ବର୍ଷା ଉଜାଡ଼ିଲା ସୁନାର ଫସଲ

## ଖରାଦିନିଆ କାକୁଡ଼ି, ତରଭୁଜ, ପୋଟଳ ଓ ପନିପରିବା କ୍ଷତିଗ୍ରସ୍ତ

**ଭୁବନେଶ୍ୱର, ୨୦।୩(ସମିସ):** ରାଜ୍ୟରେ ଦୁଇ ଦିନ ଧରି ଲାଗି ରହିଥିବା ଅଦିନିଆ ବର୍ଷା ଯୋଗୁଁ ରବି ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଶସ୍ୟ ଉତ୍ପାଦନ ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି । ବିଲରେ ପାଣି ମାଡ଼ିଯିବା ସହ ବର୍ଷା ଓ ପାଣି ମାଡ଼ରେ ଫସଲର ଗୁଣବତ୍ତା ହ୍ରାସ ପାଇବା ଭଳି ଆଶଙ୍କା ଉପୁଜିଛି । ଅନୁରୂପ ଭାବରେ କାକୁଡ଼ି, ତରଭୁଜ, ବନ୍ଧାକୋବି, ପୋଟଳ, ବାଇଗଣ, ଜହ୍ନି ଭଳି ଖରାଦିନିଆ ପନିପରିବା ରୋକପୋକ ସଂସ୍ପର୍ଶରେ ନଷ୍ଟ ହୋଇଯିବା ନେଇ କୃଷି ବିଶେଷଜ୍ଞମାନେ ଆକଳନ କରିଛନ୍ତି ।

ଗତ ଦୁଇ ଦିନ ଧରି ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ଲାଗି ରହିଛି । ମାର୍ଚ୍ଚ ମାସରେ ଚଳିତବର୍ଷ ସର୍ବାଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ କେନ୍ଦ୍ରରୁ ଜଣାପଡ଼ିଛି । କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଅଞ୍ଚଳରେ ସର୍ବାଧିକ ୬୬ମିଲିମିଟର ବର୍ଷା ହୋଇଛି । ଫଳରେ କନ୍ଧମାଳ ଜିଲ୍ଲା ବିଭିନ୍ନ ବ୍ଲକ କରାଯାଇଥିବା ତରଭୁଜ ଚାଷ ପ୍ରଭାବିତ ହୋଇଛି । ସେହିଭଳି ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ ଆଦି ଉପକୂଳ ଜିଲ୍ଲାରେ ଡାଲି ଜାତୀୟ ଶସ୍ୟ ଓ ପରିବା ଫସଲ ପ୍ରଭାବିତ ହୋଇଛି । ଅଧିକାଂଶ ସ୍ଥାନରେ ଅମଳକ୍ଷମ ମୁଗ ନଷ୍ଟ ହୋଇଛି, ସେହିଭଳି ଖରାଟିଆ ଧାନ ଚାଷ ମଧ୍ୟ ବହୁ ମାତ୍ରାରେ ପ୍ରଭାବିତ ହୋଇଛି ।

ରାଜ୍ୟରେ ଚଳିତବର୍ଷ ୨୮.୧୪ ଲକ୍ଷ ହେକ୍ଟର ଜମିରେ ରବିଚାଷ କରାଯାଇଥିଲା । ୧୪.୩୪ ଲକ୍ଷ ହେକ୍ଟରରେ ଡାଲି, ୩.୭୩ ଲକ୍ଷ ହେକ୍ଟରରେ ତୈଳବୀଜ, ୫.୩୯ ଲକ୍ଷ ହେକ୍ଟରରେ ପନିପରିବା, ୧.୧୩ ଲକ୍ଷ ହେକ୍ଟରରେ ମସଲା ଏବଂ ୩୦ ହଜାର ହେକ୍ଟରରେ ଆଖୁଚାଷ କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ରବି ଋତୁରେ ୧୯.୩୯ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ, ୭.୫୩ ଲକ୍ଷ ମେଟ୍ରିକ୍ ଟନ୍ ଡାଲି ଏବଂ ୪.୧୮ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିଲା । କମ୍ ଶୀତ ଯୋଗୁଁ ଚାଷ କିଛି ପରିମାଣରେ ପ୍ରଭାବିତ ହୋଇଥିବାବେଳେ ଏବେ ଚାଷୀ ଅଣ୍ଟାରେ ଶକ୍ତ ପାହାର ଦେଇଛି ଅଦିନିଆ ବର୍ଷା ।

କନ୍ଧମାଳ ଜିଲ୍ଲାର ଚାଷୀ ନାଗେଶ୍ୱର ପ୍ରଧାନ କହିଛନ୍ତି, ଚଳିତବର୍ଷ ସେ ୪ଏକର ବିଲରେ ତରଭୁଜ ଚାଷ କରିଥିଲେ । ପ୍ରଥମ ଫଳ ଅମଳ କରି ବିକ୍ରି କରିଥିଲେ । ଗତବର୍ଷ ଅପେକ୍ଷା କିଛି ଟଙ୍କା ଅଧିକ ମିଳିଥିଲା । ହେଲେ ବର୍ଷା ଯୋଗୁଁ ମାଟି, କାଦୁଅ ସହ ତରଭୂଜ ଲାଗି ପାଚି ନଷ୍ଟ ହୋଇ ଯାଇଛି । ଫଳରେ ତାଙ୍କୁ କ୍ଷତି ସହିବାକୁ ପଡ଼ିବ ବୋଲି ସେ ଦୁଃଖର ସହ କହିଛନ୍ତି । କୃଷି ବିଜ୍ଞାନୀ ଦେବାଶିଷ ଜେନା କହିଛନ୍ତି ଯେ ବର୍ତ୍ତମାନ ବହୁ ଫସଲ ଅମଳ ଅବସ୍ଥାରେ ଥିଲା । ଏବେ ଅଦିନିଆ ବର୍ଷା ଯୋଗୁଁ ରୋକପୋକ ସଂଖ୍ୟା ବୃଦ୍ଧିପାଇବ । ବିଶେଷକରି ଝାଉଁଳା ରୋଗ, ଫଳବିନ୍ଧା ପୋକ, ପାଉଁଶିଆ ରୋଗ ଆଦି ଫସଲରେ ଲାଗିବ । ଅନୁରୂପ ଭାବରେ କାକୁଡ଼ି, ତରଭୁଜ, କଖାରୁ ଆଦି ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗ, ଷଢ଼ା ରୋଗ ହୋଇପାରେ ବୋଲି ସେ ଆଶଙ୍କାପ୍ରକାଶ କରିଛନ୍ତି ।



■ ସୁନାବେଢ଼ାରେ କୁଆପଥର ମାଡ଼

## ଲକ୍ଷ ଲକ୍ଷ ଟଙ୍କାର ଷ୍ଟ୍ରବେରୀ ନଷ୍ଟ

**ନୂଆପଡ଼ା, ୨୦।୩(ସମିସ):** ନୂଆପଡ଼ା ଜିଲ୍ଲାର ବିଭିନ୍ନ ଜାଗାରେ କାଳ ବୈଶାଖୀ ଯୋଗୁ ଝଡ଼ବର୍ଷା ହୋଇଛି । ଏଥିସହ ପ୍ରବଳ କୁଆପଥର ମାଡ଼ ହୋଇଛି । ଏହା ଫଳରେ ସୁନାବେଢ଼ା ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ଷ୍ଟ୍ରବେରୀ ଚାଷ ନଷ୍ଟ ହୋଇଛି । ବଡ଼ ବଡ଼ କୁଆପଥର ମାଡ଼ ଯୋଗୁ ଷ୍ଟ୍ରବେରୀ ପାଇଁ ବିଛାଯାଇଥିବା ବେଡ୍ ଉଜୁଡିଯାଇଛି । ଯୁବରାଜ ସିଂ ଛତ୍ରିଆ, କଳିରାମ ସୁଆର, ସାଲେପଡ଼ାର ଗୌସିଂ ମାଝୀ, ସନବାହାଲିର ବିଜୟ ଝାଙ୍କର, ରାଜକୁମାର ଛତ୍ରିଆ, ଧରମସିଂ ଭୁଞ୍ଜିଆ, ଟୁନା ସିଂ ଛତ୍ରିଆ, ଗରିବ ମାଝୀ, ଅମର ସିଂ ମାଝୀ ପ୍ରମୁଖ ଷ୍ଟ୍ରବେରୀ ଚାଷୀ ଏଥିପାଇଁ ଚିନ୍ତିତ ହୋଇ ପଡ଼ିଛନ୍ତି ।

### କାଳ ସାଜିଲା କାଳବୈଶାଖୀ

# ଅଦିନିଆ ବର୍ଷାରେ ଉଜୁଡ଼ିଲା ଫସଲ; ଚିନ୍ତାରେ ଚାଷୀ


ନୟାହାଟ


କୃଷ୍ଣପ୍ରସାଦ

କୁଣ୍ଢେଇ, ୨୦।୩(ସମିସ):


କୁଣ୍ଢେଇ

କାକଟପୁର ବ୍ଲକ ଅଞ୍ଚଳରେ ଅଦିନିଆ କାଳବୈଶାଖୀ ଝଡ଼ ବର୍ଷାରେ ମୁଗ, ବିରି ଫସଲ କରିଥିବା ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। କାକଟପୁର ବ୍ଲକର ୧୬ଟି ପଞ୍ଚାୟତରେ ଶହ ଶହ ଏକର ବିରି, ମୁଗ ଫସଲ ନଷ୍ଟ ହୋଇଯାଇଛି। ଚାଷୀମାନେ ଋଣ କରି ବିହନ, ରାସାୟନିକ ସାର, କୀଟନାଶକ କିଣି ଚାଷ କରିଥିଲେ। ହେଲେ ମୁଗ, ବିରି ଫସଲ ବର୍ତ୍ତମାନ ଫୁଲ ଫଳର ସମୟ। ଆଉ କିଛି ଦିନ ପରେ ଫସଲ ଅମଳ କରି ଋଣ ସୁଝିଥାନ୍ତେ ଚାଷୀ। ମାତ୍ର ଅଦିନିଆ ବର୍ଷା ଚାଷୀମାନଙ୍କ ଆଖିରେ ଲୁହ ଆଣିଦେଇଛି। ରବି ଫସଲ ନଷ୍ଟ ହେବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଚାଷୀମାନଙ୍କୁ ସେମାନଙ୍କର ଫସଲ ନଷ୍ଟ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଛି।

**ନୟାହାଟ:** କାଳବୈଶାଖୀ ପ୍ରଭାବରେ ନୟାହାଟ ଓ ଚାରିଛକ ଅଞ୍ଚଳରେ ବର୍ଷା ସାଙ୍ଗକୁ ପବନ ଯୋଗୁଁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ନୟାହାଟ ଓ ଚାରିଛକ ଅଞ୍ଚଳରେ ଥିବା ସୋରଭା, ପଲି, ବରିମୁଣ୍ଡ, ଚେଙ୍ଗଇଲ, କର୍ମଳା, ଭିଆପଡ଼ା, ଜହ୍ନିମାଳିଆ, କାନପୁର, କନ୍ତିଆ, ତମ୍ପାଳ ପ୍ରମୁଖ ଗ୍ରାମଗୁଡ଼ିକରେ ବର୍ଷା ପ୍ରଭାବରେ ଧାନ ଫସଲ ପ୍ରଭାବିତ ହୋଇଛି। ଏହି ରବି ଧାନ ଚାଷ କରିବା ପାଇଁ ଚାଷୀମାନେ ବିଭିନ୍ନ ସଂସ୍ଥାରୁ ଧାରକରଜ ଆଣି ଚାଷ କରିଥିଲେ। ତେବେ କାଳବୈଶାଖୀଜନିତ ବର୍ଷାରେ ଏବେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।

**କୃଷ୍ଣପ୍ରସାଦ:** କୃଷ୍ଣପ୍ରସାଦ ବ୍ଲକରେ ମଙ୍ଗଳବାର ଭୋରରୁ ଅଦିନିଆ ବର୍ଷା ଲାଗିରହିଛି। ଦିନତମାମ ଲଗାଣ ବର୍ଷାରେ ସମଗ୍ର କୃଷ୍ଣପ୍ରସାଦ ଭିଜିଛି। ଲଗାତାର ବର୍ଷା ଲାଗିରହିଥିବା ଯୋଗୁଁ ସାଧାରଣ ଜୀବନ ଯାତ୍ରାରେ ବ୍ୟାଘାତ ସୃଷ୍ଟି ହୋଇଛି। ବାଲୁଗାଁଠାରୁ କୃଷ୍ଣପ୍ରସାଦ ଚିଲିକାରେ ଯାତାୟାତ କରୁଥିବା ଯାତ୍ରୀବାହୀ ଲଞ୍ଚ ସେବା ବନ୍ଦ ରହିବା ଯୋଗୁଁ ବାଲୁଗାଁ ଏବଂ କୃଷ୍ଣପ୍ରସାଦ ଜେଟି କୂଳରେ ବହୁ ଯାତ୍ରୀ ଅଟକି ରହିଥିବା ଜଣାଯାଇଛି। ଠିକ ସମୟରେ ବର୍ଷା ନହେବା ଯୋଗୁଁ ଚାଷୀମାନେ ବହୁ ଅର୍ଥ ବ୍ୟୟ କରି ଚିନାବାଦାମ ଫସଲରେ ପାଣି ପମ୍ପ ଦ୍ୱାରା ପାଣି ମଡ଼ାଇ ଫସଲ କରିଥିଲେ। ଅର୍ଥକାରୀ ଫସଲ ଚିନାବାଦାମର ଉତ୍ପାଦନ ସମୟରେ ଲଗାଣ ବର୍ଷା ଚାଷୀଙ୍କ ଭାତହାଣ୍ଡିକୁ ମାଡ଼ କରିଛି। ଦିନ ସାରା ବର୍ଷା ଯୋଗୁଁ ଜମିରେ ପାଣି ରହି ସମସ୍ତ ଚିନାବାଦାମ ଗଜା ଏବଂ ମାଟି ଖାଇ ନଷ୍ଟ ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଋଣ କରି ଫସଲ କରିଥିବା ଚିନାବାଦାମ ନିଶ୍ଚିତ ନଷ୍ଟ ହେବା ଯୋଗୁଁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାଜସ୍ୱ ଏବଂ କୃଷି ବିଭାଗ ତୁରନ୍ତ ଏହାର ତଦନ୍ତ କରି ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**କଣାସ:** କଣାସ ବ୍ଲକର ଚିଲିକା ଉପକୂଳରେ ଥିବା ପଞ୍ଚାୟତର ଲୋକମାନେ ପ୍ରତିବର୍ଷ ଖରାଟିଆ ଧାନଫସଲ କରି ଜୀବିକା ପ୍ରତିପୋଷଣ କରନ୍ତି। ଚଳିତ ବର୍ଷ ମଧ୍ୟ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ, ଗୋପୀନାଥପୁର, କାଦୁଆ, ବଡ଼ାଲ, ଦୋଛିଆଁ, ସାହୁପଡ଼ା, ଦେଇପୁର, ଗଡ଼ଖାରଦ ପଞ୍ଚାୟତର ଗ୍ରାମବାସୀ ଚିଲିକା ଉପକୂଳରେ ଖରାଟିଆ ଧାନଚାଷ କରିଥିଲେ। କେତେକ ଜମିରେ ଧାନ ବାହାରୁଥିବା ବେଳେ କେତେକ ଜମିରେ ଧାନ ବାହାରିପଡ଼ିଥିଲା। ବର୍ଷା ଓ ପବନ ଯୋଗୁଁ ଧାନ ଗଛଗୁଡ଼ିକ ଜମିରେ ଶୋଇପଡ଼ିଥିବାରୁ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ୍ୟ ମହାଜନମାନଙ୍କ ଠାରୁ ଋଣ ଆଣି ଚାଷୀମାନେ ଧାନଚାଷ କରିଥିଲେ। ଅଦିନିଆ ବର୍ଷାରେ ଫସଲ ନଷ୍ଟ ହେଲେ ଋଣ କିପରି ସୁଝିବେ ସେନେଇ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।

## ଦୟାନଦୀରେ ପଥର ଭାସିଲା



**କଣାସ, ୨୦।୩(ସମିସ):** କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାତର ନୂଆଗାଁ ଗ୍ରାମର ଅଭୟ ରାଉତରାୟ ଦୁଇଦିନ ତଳେ ଗ୍ରାମଠାରୁ ୨କି.ମି. ଦୂରରେ ଦୟା ନଦୀରେ ଏକ ପଥର ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଉକ୍ତ ପଥରଟିକୁ ଆଣି ଗ୍ରାମ ନିକଟରେ ପାଣିରେ ପକାଇବାରୁ ପଥରଟି ଭାସି ଉଠିଥିଲା। ପଥର ଭାସିବା ପ୍ରଚାର ହେବାପରେ ଏହାକୁ ଦେଖିବା ପାଇଁ ଶହ ଶହ ଲୋକ ଜମା ହୋଇଥିଲେ। ଉକ୍ତ ପଥରଟିକୁ ନୂଆଗାଁ ଗ୍ରାମରେ ଥିବା ହନୁମାନ ମନ୍ଦିରରେ ରଖାଯାଇ ପୂଜାର୍ଚ୍ଚନା କରାଯାଉଛି।

## ଭାଙ୍ଗିଲା ସାକ୍ଷୀଗୋପାଳ ରେଳ ଫାଟକ




**ସାକ୍ଷୀଗୋପାଳ, ୨୦।୩(ସମିସ):** ସାକ୍ଷୀଗୋପାଳ ମନ୍ଦିର, ଅଳଗୁମ ରାସ୍ତାର ସାକ୍ଷୀଗୋପାଳ ବଡ଼ ବଜାର ନିକଟସ୍ଥ ରେଳ ଫାଟକର ଗୋଟିଏ ପଟ ଆଜି ଅଧା ଭାଙ୍ଗି ଯିବାରୁ ଯାତାୟାତ ପ୍ରଭାବିତ ହୋଇଥିଲା। ଘଣ୍ଟାଏ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମଟର ଅଟକି ରହିଥିଲା। ଜନସାଧାରଣଙ୍କ ସୁରକ୍ଷା ପାଇଁ ଗେଟ କିପର୍ ଅସ୍ଥାୟୀ ଗେଟ୍ ପକାଇ ରଖିଥିଲେ। ସୂଚନା ପାଇ ଷ୍ଟେସନ ମାଷ୍ଟର ମେକାନିକ ପଠାଇ ଏହାର ମରାମତି କରିଥିଲେ। ତେବେ ମରାମତି ବିଳମ୍ବ ହେବାରୁ ଗାଡ଼ି ଚାଳକମାନେ ମନ୍ଦିର ବାଇପାସ୍ ରାସ୍ତାରେ ଯିବାକୁ ବାଧ୍ୟ ହୋଇଥିଲେ। ଅନ୍ୟପକ୍ଷରେ କିଛିଦିନ ତଳେ ଏଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଶିଳନ୍ୟାସ ହେବା ସହ ଅର୍ଥ ମଞ୍ଜୁର ହୋଇଛି। ହେଲେ ନିର୍ମାଣ କାମ ଆରମ୍ଭ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଠାରେ ଓଭରବ୍ରିଜ୍ ନିର୍ମାଣ କାମ ଆରମ୍ଭ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଅସ୍ତରଙ୍ଗ, ୨୦।୩(ସମିସ):** ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତର ବାଲିଡ଼ିଆ ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଡ଼ିଆ ଗ୍ରାମର ବୁବୁ ବେହେରାଙ୍କ ପତ୍ନୀ ଟିକି ପରିଡ଼ା (୨୪)। ତେବେ ତାଙ୍କ ଝିଅର ମୃତ୍ୟୁ ସନ୍ଦେହଜନକ ବୋଲି ଥାନାରେ ଅଭିଯୋଗ ଆଣିଛନ୍ତି ଟିକିଙ୍କ ବାପା ଝାଡ଼ଲିଙ୍ଗ ଗ୍ରାମର ରାମଚନ୍ଦ୍ର ପରିଡ଼ା। ସୂଚନା ମୁତାବକ, ଟିକି ଓ ବୁବୁ ୪ ବର୍ଷ ପୂର୍ବରୁ ବିବାହ କରିଥିଲେ। ବୁବୁ ଭୁବନେଶ୍ୱରରେ କୌଣସି ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଟିକିଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର ଅପରାହ୍ନରେ ଖବର ଯାଇଥିଲା ଯେ ତାଙ୍କ ଝିଅ ରଶି ଲଗାଇ ଆତ୍ମହତ୍ୟା କରିଛି। ଟିକିଙ୍କ ବାପ ଘର ଲୋକ ଘଟଣାସ୍ଥଳରେ ପହଞ୍ଚିବା ସହିତ ଅସ୍ତରଙ୍ଗ ଥାନାରେ ଟିକିଙ୍କ ସ୍ୱାମୀ ବୁବୁ ବେହେରା, ଦେଢ଼ଶୁର ବବୁଲ ବେହେରା, ଶଶୁର ଦିଲ୍ଲୀପ ବେହେରା ଓ ଶାଶୂ ମିତା ବେହେରାଙ୍କ ନାମରେ ଝିଅ ମୃତ୍ୟୁ ପାଇଁ ଦାୟୀ ବୋଲି ଦର୍ଶାଇ ଏତଲା ଦାୟର କରିଥିଲେ। ବାପା ରାମଚନ୍ଦ୍ରଙ୍କ କହିବା ଅନୁଯାୟୀ, କିଛି ଦିନ ତଳେ ଯୌତୁକ ଓ ପାରିବାରିକ ଘଟଣାକୁ ନେଇ ଟିକି ଓ ତାଙ୍କ ଶାଶୂ ଘର ସହ ମନ ମାଳିନ୍ୟ ହୋଇଥିଲା। ତେବେ ଟିକିଙ୍କ ଏଭଳି ମୃତ୍ୟୁକୁ ନେଇ ସେମାନେ ସ୍ତବ୍ଧ ହୋଇଯାଇଛନ୍ତି। ଏନେଇ ଅସ୍ତରଙ୍ଗ ପୁଲିସ ଏକ ମାମଲା ରୁଜୁ କରି ଫୋରେନସିକ୍ ଟିମ୍ ଦ୍ୱାରା ଯାଞ୍ଚ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଟିକିଙ୍କ ଶଶୁର ଓ ଦେଢ଼ଶୁରଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଅନ୍ୟପଟେ ଟିକିଙ୍କ ସ୍ୱାମୀ ଭୁବନେଶ୍ୱରରୁ ଆସୁଥିବା ସମୟରେ ନିମାପଡ଼ା ନିକଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

## ସର୍ବସାଧାରଣ ସ୍ଥାନରୁ ହଟାଗଲା ବ୍ୟାନର୍ ଓ ପୋଷ୍ଟର



**ନିମାପଡ଼ା, ୨୦।୩(ସମିସ):** ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆଚରଣ ବିଧି ଲାଗୁ କରାଯାଇଛି। ଚଳିତ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବାକୁ ନିମାପଡ଼ା ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ମିଳିତଭାବେ ନିମାପଡ଼ା ଅଞ୍ଚଳରେ ସର୍ବସାଧାରଣ ସ୍ଥାନରେ ଲାଗିଥିବା ବିଭିନ୍ନ ଦଳର ପତାକା, ଦଳୀୟ ପୋଷ୍ଟର ଓ ହୋର୍ଡିଂ ସବୁ ଉଚ୍ଛେଦ କରାଯାଉଥିବା ଦେଖିବାକୁ ମିଳିଛି। ଗତ ୧୬ ତାରିଖଠାରୁ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି। ପୁରୀ ଜିଲ୍ଲାରେ ମେ ୨୫ ଓ ଜୁନ ୧ରେ ୨ଟି ପର୍ଯ୍ୟାୟରେ ମତଦାନ କରାଯିବ। ଆଚରଣ ବିଧି ଲାଗୁହେବା ଦିନଠାରୁ ଦଳୀୟ ପ୍ରଚାର ଭିତ୍ତିକ ଅବା ରାଜନେତାଙ୍କ ହୋର୍ଡିଂ ପୋଷ୍ଟର ହଟାଇବାକୁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ଗାଁଠାରୁ ସହର ଯେଉଁଠି ପ୍ରଚାର ପାଇଁ ନେତାମାନଙ୍କର ପୋଷ୍ଟର ଓ ହୋର୍ଡିଂ ରହିଛି ତାକୁ ପରଦାରେ ଘୋଡ଼ାଇବାକୁ ଓ ହୋର୍ଡିଂ ଖୋଲିବାକୁ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

**ଡେଲାଙ୍ଗ:** ରାଜ୍ୟରେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ଏନେଇ ଡେଲାଙ୍ଗ ବ୍ଲକ, ଥାନା ଓ ତହସିଲ ପ୍ରଶାସନ ତତ୍ପରତା ଦେଖାଇଛନ୍ତି। ବ୍ଲକର ଡେଲାଙ୍ଗ ଷ୍ଟେସନ ବଜାର, ହାଟ ବଜାର, କଲ୍ୟାଣପୁର ବଜାର, ଘୋରଡିଆ ବଜାର, ଇନ୍ଦିପୁର ବଜାର ସମେତ ବିଭିନ୍ନ ଛୋଟ ବଡ଼ ଛକ ଓ ଜନ ଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରୁ ପୂର୍ବରୁ ଲଗାଯାଇଥିବା ଦଳୀୟ ଚିହ୍ନ ଥିବା ପତାକା, ହୋର୍ଡିଂ, ବ୍ୟାନର ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କର ଶୁଭେଚ୍ଛା ବାର୍ତ୍ତା ଥିବା ପୋଷ୍ଟରଗୁଡ଼ିକୁ ଉଚ୍ଛେଦ କରିବା ଆରମ୍ଭ କରାଯାଇଛି। ଡେଲାଙ୍ଗ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣାଙ୍କ ନେତୃତ୍ୱରେ ଡେଲାଙ୍ଗ ପୁଲିସ ଷ୍ଟାଫ ମିଳିତ ଭାବେ ବିଭିନ୍ନ ସ୍ଥାନଗୁଡ଼ିକରୁ ଏହି ବ୍ୟାନର ଓ ପୋଷ୍ଟର ଉଚ୍ଛେଦ କରିଛନ୍ତି। ସେହିପରି ଡେଲାଙ୍ଗ ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତିଙ୍କ ତତ୍ୱାବଧାନରେ ୪୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ପୁଲିସ ବାହିନୀ ଡେଲାଙ୍ଗ ଷ୍ଟେସନ ବଜାର, ବେରବୋଇ ବଜାର, ଡେଲାଙ୍ଗ ହାଟ ବଜାର, ଘୋରଡ଼ିଆ ବଜାର ପ୍ରଭୃତି ବିଭିନ୍ନ ବଜାର ଓ ଛକ ସ୍ଥାନଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ।

## ଚାରିଛକ ବଜାର ରାସ୍ତାରେ ଜମିଛି ବର୍ଷାପାଣି

**ଚାରିଛକ, ୨୦।୩(ସମିସ):** ଗତ ଦୁଇଦିନ ହେବ ଲଗାଣ ବର୍ଷା ଯୋଗୁଁ ଚାରିଛକ-ଗୋପ ରାସ୍ତାର ମୁଖ୍ୟ ରାସ୍ତା ଉପରେ ଜମା ହୋଇ ରହିଛି ବର୍ଷା ଜଳ। ମାଧବଠାରୁ ବାଲିଘାଇ ରାସ୍ତା ଚାରିଛକ ବଜାର ଗୋପ ରାସ୍ତାଟି ମରାମତି କରାଯାଉଥିଲେ ସୁଦ୍ଧା ଚାରିଛକ ମୁଖ୍ୟ ବଜାରର ଗୋପ ରାସ୍ତାରେ ବିଭିନ୍ନ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇ ପାଣି ଜମା ହୋଇ ରହିଛି। ଯାହା ଫଳରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ବିଶେଷକରି ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଖାଲ ସୃଷ୍ଟି ହୋଇ ବର୍ଷାପାଣି ଜମାହୋଇ ରହୁଛି। ବଜାରରେ ଡ୍ରେନେଜ ସୁବିଧା ନ ଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ସବୁ ରହିଥିବା ବେଳେ ରାସ୍ତାରେ ଯାଆସ କରୁଥିବା ଯାନବାହନ ଖାଲରେ ପଡ଼ି ଦୋକାନ ଭିତରକୁ ପାଣି ଛିଟୁକୁଛି। ଅନେକ ସମୟରେ ରାସ୍ତାରେ ଯାଆସ କରୁଥିବା ଯାତ୍ରୀମାନେ ଖାଲ ଖମାରେ ପଡ଼ି ଖଣ୍ଡିଆ ଖାବରା ହେଉଥିବା ନେଇ ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ଦାବି କରିଛନ୍ତି।



## ଦବିଲା ଅସ୍ଥାୟୀ ରାସ୍ତା; ଯାତାୟାତରେ ସମସ୍ୟା

**ନୟାହାଟ, ୨୦।୩(ସମିସ):** ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତର ଛଣିଜଙ୍ଗ ଛକରୁ ବାଲୁଙ୍କ ରାସ୍ତାର ବାଟ ମଙ୍ଗଳାଠାରେ ଥିବା ବ୍ରିଜ୍ ଭାଙ୍ଗି ଏହାର ପାର୍ଶ୍ୱରେ ଅସ୍ଥାୟୀ ମାଟି ରାସ୍ତା ନିର୍ମାଣ ହୋଇଛି। ତେବେ ନିମ୍ନମାନର ରାସ୍ତା କାମ ଯୋଗୁ ଅସରାଏ ବର୍ଷାରେ ସେହି ରାସ୍ତା ଦବି ଯିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ନିୟମ ଅନୁସାରେ ଏହି ବାଇପାସ୍ ରାସ୍ତାରେ ମାଟି ସହିତ ବାଲି ଓ ମୋରମ ପକାଇ ରୋଲର ଚଲାଇ ରାସ୍ତା ନିର୍ମାଣ କରିବା କଥା। ତେବେ ଠିକାଦାର ମନଇଚ୍ଛା କାଦୁଆ ମାଟିକୁ ତରବରିଆ ଭାବେ ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଅସରାଏ ବର୍ଷାରେ ସେହି ନରମ ମାଟି ରାସ୍ତା ଦବି ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ଦୈନନ୍ଦିନ ଛଣିଜଙ୍ଗ, ବାହାରଣା, ଦେଉଳୀ ଆଦି ପଞ୍ଚାୟତର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଯାତାୟାତ କରିଥାନ୍ତି। ବିଶେଷ ଭାବେ ଏହି ରାସ୍ତା ଦେଇ ୧୦୮ ଆମ୍ବୁଲାନ୍ସ ଆସିପାରୁ ନାହିଁ। ଯାହା ଫଳରେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସ୍ଥାୟୀ ରାସ୍ତା ଉପରେ ତୁରନ୍ତ ମୋରମ ସହିତ ବାଲି ପକାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ପଖାଳ ଦିବସ ପାଳିଲେ ଗୋପୀନାଥପୁରର ମହିଳା



**ପିପିଲି, ୨୦।୩(ସମିସ):**

ଆମ ଓଡ଼ିଆ ଘରର ପ୍ରିୟ ଖାଦ୍ୟ ହେଉଛି ପଖାଳ। ଖଟିଖିଆର ଭାତ ହାଣ୍ଡିରୁ କେବେ ମନ୍ଦିର ଆଉ ପୁଣି ଏବେ ସୌଖିନ ହୋଟେଲ ପର୍ଯ୍ୟନ୍ତ ହେଲାଣି ଏହାର ଯାତ୍ରା। ଏହାର ପ୍ରତିଟି ସୋପାନରେ ଯଦିଓ ଏକାଧିକ ରୁଚିପୂର୍ଣ୍ଣ ଉପାଦାନ ଯୋଡ଼ା ଯାଉଛି ହେଲେ ଏହାର ମୌଳିକତା କେବେ ବି ହରାଇନି। ଆଉ ପଖାଳ ଭାଉଜଙ୍କ ପଖାଳର ଆକର୍ଷଣ ତ ପୁରା ନିଆରା। ବିଭିନ୍ନ ପ୍ରକାରର ମସଲା ପକାଇ ଶାଗ ଭଜାବଡ଼ି ଚୁରା ସାଙ୍ଗକୁ ବିଭିନ୍ନ ରକମର ଭଜା ଭଜିରେ ପଖାଳ ଖାଇବାର ମଜ୍ଜା ଖୁବ୍ ନିଆରା। ଖରା ଦିନ ଆସିଗଲେ ଘରେ ଘରେ ପଖାଳର ଆଦର ବେଶ ବଢ଼ି ଯାଇଥାଏ। ଧୁ ଧୁ ଖରା ବେଳେ ତୁଣ୍ଡରେ ପଖାଳ ତୋରାଣି ଟିକେ ବାଜି ଗଲେ ଭାରି ଶାନ୍ତି ମିଳେ। କୃଷି ପ୍ରଧାନ ଆମ ରାଜ୍ୟ। ତେଣୁ ସୁରୁଜ ଉଇଁଲା ବେଳକୁ ଚଷା ଭାଇର ଘରେ ଧାଁ ଦଉଡ଼। ତା'ରି ଭିତରେ ସଜ ହେବ ଦିନ ବେଳାର ଖାଦ୍ୟପେୟ। ସେଥିପାଇଁ ଘରର ମହିଳାମାନଙ୍କୁ ଆଉ ସମୟ ନାହିଁ। ଘରର ମହିଳମାନେ ପଖାଳ ତିଆରିରେ ନିଜକୁ ନିୟୋଜିତ କରିଥାନ୍ତି। ପଖାଳ ଦିବସରେ ସ୍ୱତନ୍ତ୍ର ଢଙ୍ଗରେ ପଖାଳ ତିଆରି କରାଯାଇଥାଏ। ପିପିଲି ଗୋପୀନାଥପୁର ଗ୍ରାମରେ ପ୍ରାଚୀ ମହାପାତ୍ରଙ୍କ ପଖାଳର ରହିଛି ସ୍ୱତନ୍ତ୍ର ଚାହିଦା। ସକାଳୁ ଚାଉଳକୁ ଭଲ ଭାବରେ ପାଛୁଡ଼ା ଯିବା ପରେ ଏହାକୁ ଚୁଲିରେ ବସାଇ ଉସନା ଅଥବା ଅରୁଆରେ ଭାତ ରନ୍ଧା ଯାଇଥାଏ। ପରେ ପରେ ଆରମ୍ଭ ହୋଇଯାଇ ପରିବା କଟାକଟି। ବାଇଗଣ ସହିତ ବିଭିନ୍ନ ପନିପରିବା ଓ ଶାଗକୁ କଟାକଟି କରାଯିବା ପରେ ଭଜାଭଜି କରାଯାଇଥିଲା। ଆଉ ଏପଟେ ସଜଡ଼ା ଚାଲିଥାଏ ବିଭିନ୍ନ ପ୍ରକାରର ମସଲା। ନଡ଼ିଆ, ଲେମ୍ବୁ, ଆମ୍ବ, କାକୁଡ଼ି, କଞ୍ଚାଲଙ୍କା, ପୁଦିନାପତ୍ର, ମଲ୍ଲୀ ଫୁଲ ପାଣି, ଭୃସୁଙ୍ଗା ପତ୍ର, କମଳା ଚୋପା ଓ ପତ୍ର, ଆମ୍ବ କସି ଅଦା କାଜୁ ଖିସମିସ, ଆଲମଣ୍ଡ ଆଦିକୁ ପଖାଳରେ ଚାଳିଶ ପ୍ରକାର ମସଲା ଦେଇ ପ୍ରସ୍ତୁତ ହୁଏ ଦହି ପଖାଳ। ଯାହାକୁ ପରିବାର ସହିତ ଖାଇଥାନ୍ତି। ଖାଲି ଯେ ପରିବାର ସହିତ ଖାଇଥାନ୍ତି ତାହା ନୁହେଁ ଗ୍ରାମର ପଡ଼ୋଶୀଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ପର୍ଯ୍ୟନ୍ତ ସମସ୍ତଙ୍କ ଭିଡ଼ ଜମିଥାଏ ତାଙ୍କରି ହାତ ରନ୍ଧା ପଖାଳ ଖାଇବା ପାଇଁ। ତେବେ ଖାଇବା ଅପେକ୍ଷା ଖୁଆଇବାରେ ତାଙ୍କୁ ଅଧିକ ଆନନ୍ଦ ମିଳିଥାଏ ବୋଲି ପ୍ରାଚୀ କହିଛନ୍ତି।

## ସବୁଜ ଶାଖା ଓ ସାହିତ୍ୟ ଆସର ପକ୍ଷରୁ ପଖାଳ ଦିବସ

**ଅସ୍ତରଙ୍ଗ, ୨୦।୩(ସମିସ):** ଆଜି ପଖାଳ ଦିବସ। ଏହି ଦିନରେ ଅନେକ ଅଞ୍ଚଳରେ ପଖାଳକୁ ନେଇ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ହୋଟେଲ ଠୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ପଖାଳ ଦିବସକୁ ନେଇ ଅନେକ ଆୟୋଜନ ହୋଇଛି। ସେହି ପରିପ୍ରେକ୍ଷୀରେ ଅସ୍ତରଙ୍ଗର ସବୁଜଶାଖା ଓ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆଜି ପଖାଳ ଦିବସ ପାଳିତ ହୋଇଛି। ୫୦ ପ୍ରକାର ବ୍ୟଞ୍ଜନରେ ଗ୍ରାମାଞ୍ଚଳ ଲୋକଙ୍କୁ ଅନୁଷ୍ଠାନ ତରଫରୁ ପଖାଳ ଦିଆଯାଇଛି। ଦହିପଖାଳ, ଶାଗରେ ଅନେକ ବ୍ୟଞ୍ଜନ, ବିଭିନ ପ୍ରକାର ଭଜା, ବଡ଼ି ଚୁରା, ମାଛ ଭଜା, ଚିଙ୍ଗୁଡ଼ି ଚଟଣି, ବାଇଗଣ ଟମାଟୋ ପୋଡ଼ା ଚଟଣି, ଅନେକ ପ୍ରକାର ବ୍ୟଞ୍ଜନ ପରସା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଦିବାକର ଛାଟୋଇ, ବରିଷ୍ଠ ସାମ୍ବାଦିକ ବିପିନ ଦାସ, କବି କାଳନ୍ଦୀ ଛାଟୋଇ ଓ ସବୁଜଶାଖାର କର୍ମକର୍ତ୍ତା ଓ ସାହିତ୍ୟ ସଂସଦର କର୍ମୀ ଯୋଗ ଦେଇଥିଲେ।



୨୦/୩/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୨,୮୧,୮୯୫/- ସୁନା: ୦୦.୦୯୦ ଗ୍ରାମ୍ ରୁପା: ୦୪.୯୦୦ ଗ୍ରାମ୍





### ରଥକାଠ ଆସିବାରେ ବିଳମ୍ବ

# ଶ' ମିଲ୍‌ରେ ପହଞ୍ଚିନି ଖଣ୍ଡିଏ କାଠ

ପୁରୀ, ୨୦।୩(ସମିସ): ଆସନ୍ତା ଜୁଲାଇ ୭ ତାରିଖରେ ରଥଯାତ୍ରା। ତିନିରଥରେ ବସି ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିବେ ଚତୁର୍ଦ୍ଧାବିଗ୍ରହ। ପବିତ୍ର ଅକ୍ଷୟ ତୃତୀୟାରୁ ନିର୍ମାଣ ହେବ ତିନିରଥ। ହେଲେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଚଳିତବର୍ଷ ରଥକାଠ ସଂଗ୍ରହରେ ବିଳମ୍ବ ହେବାରେ ଲାଗିଛି। ରଥଖଳାକୁ ପ୍ରଥମ ପର୍ଯ୍ୟାୟରେ ୧୦୨ ଖଣ୍ଡ କାଠ ଆସିଥିଲା। ଇତିମଧ୍ୟରେ ଦେଢ଼ମାସ ବତିଲାଣି, ଆଉ କାଠ ରଥଖଳାକୁ ଆସିନାହିଁ। ସେହିପରି ଆଗକୁ ରାମ ନବମୀ। ଏହିଦିନ କଟକ ଖପୁରିଆସ୍ଥିତ ଶ' ମିଲ୍ (କରତ କଳ)ରେ ରଥକାଠ ଚିରଟ ହେବାର ବିଧି ରହିଛି। ମାତ୍ର ଏ ପର୍ଯ୍ୟନ୍ତ କରତ କଳରେ ଖଣ୍ଡିଏ ବି କାଠ ପହଞ୍ଚି ନାହିଁ। ବିଗତ ବର୍ଷଗୁଡ଼ିକୁ ଲକ୍ଷ୍ୟ କଲେ ଏହି ସମୟସୁଦ୍ଧା ୩/୪ ପର୍ଯ୍ୟାୟ କାଠ ପହଞ୍ଚିଥାଏ। କିନ୍ତୁ ଏଥର ବ୍ୟତିକ୍ରମ ଦେଖିବାକୁ ମିଳିଛି। କିନ୍ତୁ ବିଳମ୍ବ କାହିଁକି ହେଉଛି ଏ ନେଇ କେହି ମୁହଁ ଖୋଲୁନାହାନ୍ତି।

ମହାପ୍ରଭୁଙ୍କ ତିନିରଥ ନିର୍ମାଣର ସ୍ୱତନ୍ତ୍ର ବିଧି ଓ ପରମ୍ପରା ରହିଛି। କେଉଁଦିନ ଗଛକଟା ଅନୁକୂଳ ହେବ, କାଠ କଟାଯିବ, କାଠ ଅନୁକୂଳ କରାଯିବ, ରଥ ନିର୍ମାଣ ଆରମ୍ଭ ହେବ ତାହାର ସ୍ୱତନ୍ତ୍ର ଦିନ ରହିଛି। ଆସନ୍ତା ଜୁଲାଇ ୭ ତାରିଖରେ ରଥଯାତ୍ରା। ଏଥିପାଇଁ ଗତ ଜାନୁୟାରୀ ୨ ତାରିଖରେ ନୟାଗଡ଼ର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ପରେ ରଥକାଠ ପାଇଁ ଗଛକଟା ଅନୁକୂଳ କରାଯାଇଥିଲା। ଏହାର ମାସେ ୭ ଦିନ ପରେ ଅର୍ଥାତ୍ ଫେବ୍ରୁୟାରୀ ୯ ତାରିଖରେ ପୁରୀକୁ ପ୍ରଥମ ପର୍ଯ୍ୟାୟ ରଥକାଠ ଆସିଥିଲା। ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ୩ଟି ଟ୍ରକ୍ ଯୋଗେ ଅସନ ୫୦ ଖଣ୍ଡ ଓ ଧଉରା ୫୨ ଖଣ୍ଡ ଏହିପରି ମୋଟ ୧୦୨ ଖଣ୍ଡ କାଠ ଆସିଛି। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୩ ଖଣ୍ଡ ବଳକା ରହିଛି। ବାକି ୮୧୨ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଶ' ମିଲ୍‌କୁ ୪୩୧ ଖଣ୍ଡ ଏବଂ ରଥଖଳାକୁ ୩୮୧ ଖଣ୍ଡ କାଠ ଆସିବ ବୋଲି ସ୍ଥିର ହୋଇଛି। ହେଲେ ରଥଖଳାକୁ ୧୦୨ ଖଣ୍ଡ କାଠ ଆସିଥିବା ବେଳେ ଇତିମଧ୍ୟରେ ଦେଢ଼ମାସ ବିତିଯିବାକୁ ବସିଛି ହେଲେ ଆଉ ଖଣ୍ଡିଏ ହେଲେ ବି କାଠ ରଥଖଳାକୁ ଆସିନାହିଁ କିମ୍ବା କଟକ କରତ କଳରେ ମଧ ପହଞ୍ଚି ନାହିଁ। ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ସମୟ ସୁଦ୍ଧା ରଥଖଳାକୁ ୩/୪ ପର୍ଯ୍ୟାୟ କାଠ ଆସିଥିବା ବେଳେ କରତ କଳରେ ମଧ କିଛି କାଠ ପହଞ୍ଚି ସାରିଥାଏ। କିନ୍ତୁ ଚଳିତବର୍ଷ ଅହେତୁକ ବିଳମ୍ବ ହୋଇଛି। ଅନ୍ୟପକ୍ଷରେ ଆସନ୍ତା ମାସ ୧୭ ତାରିଖରେ ଶ୍ରୀରାମ ନବମୀ। ପରମ୍ପରା ଅନୁଯାୟୀ, ଏହିଦିନ କରତ କଳରେ କାଠ ଚିରଟ ଅନୁକୂଳ ହୋଇଥାଏ। ହେଲେ ଏ ପର୍ଯ୍ୟନ୍ତ କରତ କଳରେ ଆଦୌ କାଠ ପହଞ୍ଚି ନାହିଁ। ତେବେ କ'ଣ ପାଇଁ କାଠ ଆସିବାରେ ବିଳମ୍ବ ହେଉଛି ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପକ୍ଷରେ ରଥ ନିର୍ମାଣ ପାଇଁ କ'ଣ ଉପଯୁକ୍ତ କାଠ ମିଳୁନାହିଁ କି ବୋଲି ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। କାରଣ ଗତ ୪ ବର୍ଷ ହେବ ନୟାଗଡ଼ ବନଖଣ୍ଡରେ ରଥକାଠ ସଙ୍କଟ ଦେଖାଦେଇଛି। ଫଳରେ ଅନ୍ୟ ଜାଗାରୁ ରଥକାଠ ପୁରୀକୁ ଆସୁଛି। କିଛିବର୍ଷ ହେବ ବୌଦ୍ଧ ବନଖଣ୍ଡ, ଘୁମୁସର ବନଖଣ୍ଡ, ଖୋର୍ଦ୍ଧା ବନଖଣ୍ଡରୁ କାଠ ସଂଗ୍ରହ କରାଯାଉଛି। ସେ ଯାହା ବି ହେଉ ରଥଖଳାକୁ ଗୋଟିଏ ଥର କାଠ ଆସିଥିବା ବେଳେ ଏ ପର୍ଯ୍ୟନ୍ତ କଟକ କରତ କଳକୁ ଆଦୌ କାଠ ଯାଇନାହିଁ। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନର ଜଣେ ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି, ନିଶ୍ଚିତ ଏଥର କାଠ ଆସିବାରେ ବିଳମ୍ବ ହେଉଛି। କିନ୍ତୁ ମହାପ୍ରଭୁଙ୍କ କାମରେ କୌଣସି ପ୍ରକାର ସମସ୍ୟା ହେବ ନାହିଁ। ଖୁବ୍‌ଶୀଘ୍ର କରତ କଳରେ କାଠ ପହଞ୍ଚିବ ବୋଲି କହିଛନ୍ତି।

ସୂଚନାଥାଉ କି, ପରମ୍ପରା ମୁତାବକ ୧୨ ଫୁଟିଆ ତିନିଖଣ୍ଡ ଧଉରା କାଠ ଗତ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯାଇଛି। ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଆରମ୍ଭ ହେବ ଏବଂ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବ।



ଶ୍ରୀମନ୍ଦିରରେ ଫଗୁ ଯାତ୍ରା ଅବସରରେ ଠାକୁର ଜଗନ୍ନାଥବଲ୍ଲଭକୁ ବିଜେ କରିଛନ୍ତି

# ପୁରୀ ଜିଲ୍ଲାର ୧୪, ୦୫, ୬୫୪ ଭୋଟରଙ୍କ ପାଇଁ ୧, ୫୯୮ ବୁଥ୍

ପୁରୀ, ୨୦।୩(ସମିସ): ପୁରୀ ଜିଲ୍ଲା ପାଇଁ ଆଗାମୀ ସାଧାରଣ ନିର୍ବାଚନର ତାରିଖ ଭାରତର ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ୧୭-ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୧୦୭ ପୁରୀ, ୧୦୮ ବ୍ରହ୍ମଗିରି, ୧୦୯ ସତ୍ୟବାଦୀ ଓ ୧୧୦ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମେ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୧୬-ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ୧୦୫ କାକଟପୁର ଓ ୧୦୬ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ୍ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ମୋଟ ୧, ୫୯୮ ଟି ବୁଥ୍‌ସହ ୧୫୦୦ରୁ ଅଧିକ ଭୋଟର ଥିବା ୬ଟି ସହାୟକ ବୁଥ୍‌ରେ ୧୪, ୦୫, ୬୫୪ ଜଣ ଭୋଟର ମତଦାନ କରିବେ। କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ବୁଥ୍‌ରେ ୨, ୪୦, ୬୩୧ ଜଣ ଭୋଟର ମତଦାନ କରିବେ। ସେହିପରି ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ମୁଖ୍ୟ ଓ ୧ ସହାୟକ ବୁଥ୍ ମାଧ୍ୟମରେ ୨, ୪୪, ୫୦୩, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୯ ମୁଖ୍ୟ ଓ ୪ ସହାୟକ ବୁଥ୍ ମାଧ୍ୟମରେ ୨, ୩୫, ୩୧୫, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୧ ମୁଖ୍ୟ ଓ ୧ ସହାୟକ ବୁଥ୍ ମାଧ୍ୟମରେ ୨, ୨୬, ୪୭୬, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୪ ବୁଥ୍‌ରେ ୨, ୧୨, ୦୪୩ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୩ ବୁଥ୍ ମାଧ୍ୟମରେ ୨, ୩୪, ୬୨୩ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଯେହେତୁ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୈନିକ ଭିତ୍ତିରେ ଜାରି ରହିଛି ତେଣୁ ଦୈନିକ ଭୋଟର ତାଲିକା ଓ ୧୫୦୦ରୁ ଅଧିକ ହେଉଥିବା ବୁଥ୍ ସଂଖ୍ୟାରେ ମଧ ପରିବର୍ତ୍ତନ ଘଟୁଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ଅବଗତ କରାଇଛନ୍ତି।

**୧, ୫୦୦ରୁ ଅଧିକ ଭୋଟରଙ୍କ ପାଇଁ ସହାୟକ ୬ ବୁଥ୍**

# ଆଜିଠୁ ରଙ୍ଗଶାଳାର ଜାତୀୟ ନାଟକ ମହୋତ୍ସବ




ପୁରୀ, ୨୦।୩(ସମିସ): ଗୁରୁବାରଠାରୁ ନାଟ୍ୟାନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ ୧୪ତମ ଜାତୀୟ ସ୍ତରୀୟ ନାଟକ ମହୋତ୍ସବ। ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ 'ରଙ୍ଗଶାଳା'ର ନିଜସ୍ୱ ନାଟକ ଶବ ବାହାକମାନେ ପରିବେଷଣ ହେବ। ଡ. ବିଜୟ ମିଶ୍ରଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ବିକ୍ରମ କୁମାର ସାହୁ। ୨୨ ତାରିଖରେ ଜୀବନ ରେଖା ଅନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ମାନବ କୌଲଙ୍କ ରଚିତ ଓ ରୋହନ ଯାଦବଙ୍କ ନିର୍ଦ୍ଦେଶିତ ନାଟକ 'ଏମିତି କୁହା ଯାଏ', ୨୩ରେ ଶ୍ରୀ ନାଟ୍ୟମ୍ ଏବଂ ଶ୍ରୀସଦାଶିବମ୍ ରଙ୍ଗ ଦଳମ୍ ଅନୁଷ୍ଠାନ ପୁରୀର ସଂସ୍କୃତ ନାଟକ ତଥା ମଧୁସୂଦନ ସରସ୍ୱତୀଙ୍କ ରଚିତ ଏବଂ ଧର୍ମେନ୍ଦ୍ର କୁମାର ସିଂଦେଓଙ୍କ ନିର୍ଦ୍ଦେଶିତ 'କୃଷ୍ଣ କୁତୁହଳମ୍' ଏବଂ ୨୪ ତାରିଖରେ ଭୁବନେଶ୍ୱର ଭିକ୍ଟ୍ରିୟର ଥିଏଟରର ନାଟକ 'କାନ୍ଦ ମାଷ୍ଟ୍ରେ' ପରିବେଷଣ ହେବ। ଜାକିର୍ ଖାନ୍‌ଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶକ ହେଉଛନ୍ତି ହିମାଂଶୁ ଶେଖର ମହାନ୍ତି। ଏହି ଅବସରରେ ନାଟ୍ୟ ସଞ୍ଜୀବନୀ ବ୍ୟୋମକେଶ ସମ୍ମାନରେ ସମ୍ମାନିତ ହେବେ ଚଳଚ୍ଚିତ୍ରର ହାସ୍ୟ ଅଭିନେତା ହରିହର ମହାପାତ୍ର, ରଙ୍ଗଶାଳା ସମ୍ମାନରେ ସମ୍ମାନିତ ହେବେ ବିଜୟ କୁମାର ଆପଟ, ଅଜୟ ରଥ, ଦିଲ୍ଲୀପ କୁମାର ଚୌଧୁରୀ ଓ ବିଦ୍ୟାଧର ମହାରଣା। ଦୀର୍ଘ ୧୪ ବର୍ଷ ଧରି ରଙ୍ଗଶାଳା ଏହି ନାଟକ ମହୋତ୍ସବ ଆୟୋଜନ କରିଆସୁଛି ବୋଲି ବୁଧବାର ସିଟି ରୋଡ଼ସ୍ଥିତ ନାୟକ ବିଚ୍ ରିସୋର୍ଟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକ ବିକ୍ରମ କୁମାର୍ ସାହୁ ସୂଚନା ଦେଇଛନ୍ତି।

# ପୁରୀ କ୍ଲବର ପ୍ରତିଷ୍ଠା ଦିବସ

ପୁରୀ, ୨୦।୩(ସମିସ): ପୁରୀ କ୍ଲବର ୯୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ଉପସଭାପତି ରାଜକିଶୋର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ହରିହର ଗୁରୁ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଡ. ଆଚାର୍ଯ୍ୟ ଏହି କ୍ଲବ ଆତିଥେୟତା ଓ ସୁବିଧା ସୁଯୋଗ ପାଇଁ ବେଶ୍ ଆଦୃତ ଲାଭ କରିଥିବା ପ୍ରକାଶ କରି ଅଧିକ ନୂତନ ମହିଳା ସଦସ୍ୟା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ବର୍ଦ୍ଧନା ପର୍ବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏବଂ ପ୍ରଖ୍ୟାତ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପି.କେ. ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମନୋନୀତ ସଦସ୍ୟ ଓ ଷ୍ଟାଫଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଓ ଅତିଥିଙ୍କ ଉପସ୍ଥିତିରେ କେକ୍ କଟାଯିବା ପରେ କାର୍ଯ୍ୟକାରୀ ସଦସ୍ୟ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପର୍ବ ପରେ ମନୋଜ୍ଞ ସଙ୍ଗୀତ ପରିବେଷଣ କରାଯାଇଥିଲା।



## ଶ୍ରୀମନ୍ଦିରରୁ ୩ ଲୁଟେରା ଗିରଫ

ପୁରୀ, ୨୦।୩(ସମିସ): ଶ୍ରୀମନ୍ଦିରରେ ଭିଡ଼ର ସୁଯୋଗ ନେଇ ଲୁଟେରା ସକ୍ରିୟ ହେଉଛନ୍ତି। ଫଳରେ ବିଭିନ୍ନ ସମୟରେ ଭକ୍ତମାନେ ଲୁଟ୍‌ର ଶିକାର ହେଉନ୍ତି। ବୁଧବାର ଶ୍ରୀମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କୁ ଲୁଟ୍ କରିବାକୁ ଉଦ୍ୟମ କରୁଥିବା ବେଳେ ୩ ଲୁଟେରାଙ୍କୁ କାବୁ କରିଛି ପୁଲିସ। ସେମାନେ ହେଲେ ବିହାର ବେଟିହା ଜିଲ୍ଲାର ପିଣ୍ଟୁ ରଉଥ, ସନ୍ତୋଷ ରଉଥ ଓ ରମେଶ ରଉଥ। ପିଣ୍ଟୁ ଓ ରମେଶ ଦୁଇଭାଇ ବୋଲି ଜାଣିବାକୁ ପାଇଛି ପୁଲିସ। ଏମାନଙ୍କଠାରୁ ଭଙ୍ଗା ଅବସ୍ଥାରେ ୨ଟି ସୁନାଚେନ୍ ଜବତ କରାଯାଇଥିବା ବେଳେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ମହାରାଷ୍ଟ୍ର ଥାନେର ଶୈଳେଶ ଭୀମାରାଓ ହାଞ୍ଜେ କରିଥିବା ଅଭିଯୋଗ ଅନୁଯାୟୀ, ସେ ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ବାହାର କାଠରେ ରହି ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ଏହି ସମୟରେ ପ୍ରବଳ ଭିଡ଼ ହୋଇଥିଲା। ଏହି ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ତିନିଜଣ ତାଙ୍କଠାରୁ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ସେଠାରେ ମୁତୟନ ଥିବା ପୁଲିସ ୩ ଜଣଙ୍କୁ କାବୁ କରିଥିଲା। ସେମାନଙ୍କୁ ଯାଞ୍ଚ କରିବାରୁ ସନ୍ତୋଷ ପକେଟରୁ ୨ଟି ସୁନାଚେନ୍ ଭଙ୍ଗା ଅବସ୍ଥାରେ ମିଳିଥିଲା। ଏହାପରେ ପୁଲିସ ସମସ୍ତଙ୍କୁ ସିଂହଦ୍ୱାର ଥାନାକୁ ଆଣିଥିଲା। ଜେରା ସମୟରେ ଅଭିଯୁକ୍ତମାନେ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ସେମାନେ ଲୁଟ୍ ଏବଂ ଡକାୟତି କରିବା ପାଇଁ ଯୋଜନା କରି ବିହାରରୁ ଆସିଥିବା କହିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟଚାଲାଣ କରିଛି।

**୨ଟି ସୁନାଚେନ୍ ଜବତ**

# ଏକାଦଶୀ ବ୍ରତ ମାହାତ୍ମ୍ୟ ଆଲୋଚନାଚକ୍ର



ପୁରୀ, ୨୦।୩(ସମିସ): କପିଳେଶ୍ୱରର ମଠ କାଙ୍କୁଡ଼ା ଗ୍ରାମରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠରେ ବୁଧବାର ଏକାଦଶୀ ବ୍ରତ ମାହାତ୍ମ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରିୟପତ୍ର ଏବଂ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠର ମିଳିତ ଆୟୋଜନାରେ ଏହା ଆୟୋଜନ କରାଯାଇଥିଲା। ଏଥିରେ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ମୁଖ୍ୟବକ୍ତା ଭାବେ ବ୍ରତରେ ଶ୍ରେଷ୍ଠ ଏକାଦଶୀ ସଂକଳନର ରଚୟିତା ବିଜୟଲକ୍ଷ୍ମୀ ଦାଶ ଯୋଗଦେଇଥିବା ବେଳେ କବି ସୁରେଶ କୁମାର ପଟ୍ଟନାୟକ, ଜାନକୀବଲ୍ଲଭ ଦାଶ, ଅନନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରଶାନ୍ତ କୁମାର ତ୍ରିପାଠୀ। ପ୍ରାରମ୍ଭରେ ପ୍ରଭାକର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନର ସଭାପତି ବାଳକୃଷ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟଲକ୍ଷ୍ମୀ ଦାଶ ଆଁଳା ଏକାଦଶୀ ବିଷୟ ପ୍ରକାଶିତ ପୁସ୍ତକକୁ ପଢ଼ି ଶୁଣାଇଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ରାଧାଗୋବିନ୍ଦଙ୍କ ଆଳତି, ହୋମ କରାଯାଇଥିଲା।

## ମୋବାଇଲ୍ ଦୋକାନରେ ଅଗ୍ନିକାଣ୍ଡ

ପୁରୀ, ୨୦।୩(ସମିସ): ସ୍ଥାନୀୟ ବଳଗଣ୍ଡି ଛକସ୍ଥିତ ଏକ ମୋବାଇଲ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷପତ୍ର ପୋଡ଼ିଯାଇଛି। ତେବେ ଏହି ଅଗ୍ନିକାଣ୍ଡ କିପରି ହେଲା ତାହା ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ସର୍ଟସର୍କିଟ୍ ଯୋଗୁ ହୋଇଥାଇପାରେ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ବଳଗଣ୍ଡି ଛକରେ ଇଲେକ୍ଟ୍ରୋନିକ୍ସ ୱାର୍ଲ୍ଡ ନାମରେ ଏକ ମୋବାଇଲ ଦୋକାନ ରହିଛି। ଅଗ୍ନିକାଣ୍ଡ ଯୋଗୁ ଦୋକାନ ଭିତର ପୋଡ଼ିଯାଇଛି। ଏଥିରେ ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜଳି ଯାଇଥିବା ଜଣାପଡ଼ିଛି।

# ଫଗୁ ଦଶମୀରେ ସାକ୍ଷୀଗୋପୀନାଥଙ୍କୁ ପଞ୍ଚ ପଲ୍ଲଭ ଲାଗି

ସାକ୍ଷୀଗୋପାଳ, ୨୦।୩(ସମିସ): ଫଗୁଦଶମୀ ଅବସରରେ ସାକ୍ଷୀଗୋପୀନାଥଙ୍କୁ ପଞ୍ଚଅପଲ୍ଲଭ ଲାଗି ହୋଇଛି। ଗୋଧନବାହୁଡ଼ା ଭୋଗ ପରେ ଶ୍ରୀଜୀଉଙ୍କର ହୋଲିବେଶ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କୁ ଘେର, ମୁଣ୍ଡରେ ପଗଡ଼ି, କୁଣ୍ଡଳ, କିରିଟି, ବଂଶୀ, ଗଜମୁକ୍ତା ସହିତ ବିଭିନ୍ନ ଅଳଙ୍କାର ଲାଗି କରାଯାଇଥିଲା। ପରେ ପରେ ଯାତଭୋଗ ହେବା ପରେ ପଞ୍ଚଅପଲ୍ଲଭ (ଦୁବ, ନାରିକେଳ, ସ୍ୱତଅଭିର, ଚାଉଳ ଓ କେତକୀ) ମିଶ୍ରଣ କରାଯାଇ ମହାପ୍ରଭୁଙ୍କୁ ସେବାୟତମାନେ ପଞ୍ଚ ପଲ୍ଲଭ ଲାଗି କରିଥିଲେ। ଚଳନ୍ତି ପ୍ରତିମା ମଦନମୋହନ ଦେବ ସୁସଜ୍ଜିତ ବିମାନରେ ବିଜେକରି ଘଣ୍ଟ, ଘଣ୍ଟା, କାହାଳି, ଛତ୍ରି, ତ୍ରାସ, ମଶାଲ, ବାଜା ବାଜି ପାଞ୍ଚଅଦିନ ଧରି ଚାଚେରୀ ଭୋଗ ଖାଇବା ପାଇଁ ଗୋପାଳପୁର ପାଟଣା ଗ୍ରାମକୁ ଯାଇଥାନ୍ତି। ଗ୍ରାମବାସୀମାନଙ୍କ ପକ୍ଷରୁ ଗ୍ରାମ ମୁଣ୍ଡରେ ସ୍ୱତନ୍ତ୍ର ଭାବେ ଠାକୁରଙ୍କୁ ପାଛୋଟି ନେବା ପାଇଁ ଆମ୍ବ ଡାଳରେ ତୋରଣ ସହିତ କଦଳୀଗଛ ଓ ଫୁଲମାଳରେ ସଜା ଯାଇଥିଲା। ଗ୍ରାମକୁ ପ୍ରଭୁ ଗୋପୀନାଥ ଆସୁଥିବାରୁ ଗ୍ରାମ ଦାଣ୍ଡ ସଫେଇ କରାଯାଇ ସମସ୍ତଙ୍କ ଘର ଆଗରେ ପ୍ରଦୀପ ପ୍ରଜ୍ୱଳନ ସହିତ ଝୋଟି, ପୂର୍ଣ୍ଣକୁମ୍ଭ ବସାଯାଇଥିଲା। ବିଶେଷ କରି ଭୋଗରେ ନିଶ୍ଚିତ ଭାବେ ଚଣା, ଆମ୍ବ, ଖଇ, କୋରା, କଦଳୀ, ଛେନା, ଖୁଆ, ସର ଲବଣୀ, ଚୁଡ଼ାଘଷା, ଖଜା, ଫଳମୂଳ ଓ ପଇଡ଼ ଭୋଗ ଅର୍ପଣ କରାଯାଇଥିଲା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ସମସ୍ତ ନୀତିକାନ୍ତି କରାଯାଇଥିଲା ବୋଲି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କଠାରୁ ସୂଚନା ମିଳିଛି।



### ● ବର୍ଷା ସାଙ୍ଗକୁ କୋହଲା ପାଗ

# ମାନ୍ଦା ପଡ଼ିଲା ପଖାଳ ଦିବସ

ପୁରୀ, ୨୦।୩(ସମିସ): ପଖାଳ ଦିବସକୁ ନେଇ ପ୍ରତିବର୍ଷ ଯେଉଁଭଳି ଉତ୍ସାହ ରହିଥିଲା ଚଳିତବର୍ଷ ଏଥିରେ ସାମାନ୍ୟ ବ୍ୟତିକ୍ରମ ଘଟିଛି। ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ପଖାଳ ଦିବସ ଏକପ୍ରକାର ମାନ୍ଦା ପଡ଼ିଯାଇଛି। ହୋଟେଲ ହେଉ କି ଘର ଅବା ବିଭିନ୍ନ ଅନୁଷ୍ଠାନରେ ପଖାଳ ଦିବସ ପାଳନ ପାଇଁ ଯେଉଁଭଳି ଆଗ୍ରହ ଦେଖିବାକୁ ମିଳେ ତାହା ଫିକା ପଡ଼ିଛି। ତଥାପି ଏହି ଦିବସକୁ ଅନେକ ପାଳନ କରିଛନ୍ତି। ଆଉ ଓଡ଼ିଆ ଘରର ପ୍ରିୟ ପଖାଳର ମଜା ନେଇଛନ୍ତି।

ଉତ୍କଳୀୟ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତା' ମଧ୍ୟରୁ ପଖାଳ ଅନ୍ୟତମ। ଓଡ଼ିଆ ଘରର ପ୍ରିୟ ଖାଦ୍ୟ ପଖାଳ। ଦିନ ଥିଲା ଗାଁ ଗହଳି ଲୋକଙ୍କ ଜୀବନ ଶୈଳୀରେ ପଖାଳ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲା। ପଖାଳ କଂସା ଧରି ଏକାଠି ବସି ଖାଇବା ପ୍ରତିଟି ଓଡ଼ିଆ ଘରେ ସମ୍ପର୍କକୁ ସୁଦୃଢ଼ କରୁଥିଲା। ହେଲେ ପଖାଳ କଂସାର ନିଆରା ଆକର୍ଷଣ ଆଉ ଗାଁ ଗହଳିରେ ସୀମିତ ନାହିଁ। ସହରବାସୀ ମଧ ପଖାଳ ପ୍ରେମରେ ପଡ଼ିଗଲେଣି। ଏହି ଖାଣ୍ଟି ଓଡ଼ିଆ ଖାଦ୍ୟର ସୁଆଦ ସ୍ୱତନ୍ତ୍ର। ଖରାଦିନେ ତ ପଖାଳର ଚାହିଦା କାହିଁରେ କେତେ। ତୋରାଣିରେ ଆମ୍ବକଷିଆ ଅଦା, ଲଙ୍କା, ଲେମ୍ବୁର ମହ ମହ ବାସ୍ନା ଅନେକଙ୍କୁ ପଖାଳ କଂସା ଆଡ଼କୁ ଟାଣିନିଏ। ପଖାଳ ଭାତ ଖାଇ ତୋରାଣି ଦି ଢୋକ ପିଇଦେଲେ ଆତ୍ମା ଶାନ୍ତି ହୋଇଯାଏ। ତେବେ ବୁଧବାର ପଖାଳ ଦିବସର ଉତ୍ସାହକୁ କିଛି ମାତ୍ରାରେ ଫିକା ପକାଇଛି ବର୍ଷା ଏବଂ କୋହଲା ପାଗ। ଦୁଇଦିନ ହେଲାଣି ପୁରୀ ଜିଲ୍ଲାରେ ଏଭଳି ପାଗ ଲାଗିରହିଛି। ନିୟମିତ ବ୍ୟବଧାନରେ ଝିପି ଝିପି ବର୍ଷା ହେଉଥିବା ବେଳେ ଶୀତୁଆ ପବନ ଲାଗିରହିଛି। ତେଣୁ ପଖାଳ ଦିବସରେ ପଖାଳ ଖାଇବାକୁ ଯୋଜନା କରିଥିବା ଅନେକ ବ୍ୟକ୍ତି ଶେଷ ମୁହୂର୍ତ୍ତରେ ଏଥିରୁ ବିରତି ରହିଛନ୍ତି।

ହୋଟେଲିୟର ଶ୍ରୀମନ୍ତ ଦାଶ କହିଛନ୍ତି, ଗତ କିଛିବର୍ଷ ହେବ ଏହି ସମୟରେ ଖରା ହୋଇଥାଏ। ଫଳରେ ପଖାଳ ଖାଇବାକୁ ଗ୍ରାହକମାନେ ବିଶେଷ ରୁଚି ରଖିଥାନ୍ତି। ତେଣୁ ପଖାଳ ଦିବସକୁ ନଜରରେ ରଖି ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ପଖାଳ ସାଙ୍ଗରେ ପରଷି ଦିଆଯାଏ। ଯେହେତୁ ପଖାଳ ଓଡ଼ିଆ ଘରର ଖାଦ୍ୟ ତେଣୁ ପଖାଳ ସାଙ୍ଗକୁ ଆଳୁ ଭରତା, ବଡ଼ିଚୁରା, ବାଇଗଣ ପୋଡ଼ା, ଛତୁ ପୋଡ଼ା, ଆମ୍ବ ଚଟଣି, ବିଭିନ୍ନ ପ୍ରକାର ଭଜା (କଖାରୁ ଫୁଲ, ଶାଗ, ଲିମ୍ବକଢ଼), ଚିପ୍ସ, ସାଲାଡ ଦିଆଯାଏ। ସେହିପରି ଆମିଷ ମଧ୍ୟରେ ଚୁନା ଓ ବଡ଼ ମାଛ ଭଜା, ଚିଙ୍ଗୁଡ଼ି ଛେଚା ବି ଖାଇବାକୁ ଗ୍ରାହକ ପସନ୍ଦ କରିଥାନ୍ତି। ହେଲେ ଚଳିତବର୍ଷ କୋହଲା ଏବଂ ବର୍ଷା ପାଗ ଯୋଗୁ ଗ୍ରାହକଙ୍କ ଉପସ୍ଥିତି ସାମାନ୍ୟ ହ୍ରାସ ପାଇଛି ବୋଲି ଶ୍ରୀ ଦାଶ କହିଛନ୍ତି। ସେହିପରି ବିଭିନ୍ନ ଅନୁଷ୍ଠାନରେ ପଖାଳ ଦିବସରେ ପଖାଳ ଖାଇବା ପାଇଁ ପୂର୍ବରୁ ଯୋଜନା ହୋଇଥିବା ବେଳେ ଶେଷ ମୁହୂର୍ତ୍ତରେ ପାଗ ଯୋଗୁ ସ୍ଥଗିତ ରହିଥିବା ମଧ ସୂଚନା ମିଳିଛି।





ଭେଟେରାନ ଭାରତୀୟ କ୍ରିକେଟର ରବି ଶାସ୍ତ୍ରୀ ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ସାଇବର ପୁଲିସ କବଜାରେ ବିଏସ୍‌ସି ପଢୁଆ ଠକ

**କୋରାପୁଟ,୨୦।୩(ସମିସ):** ଠକେଇ ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା କାନପୁର ଗାଁର ବିଏସସି ପାସ୍ କରିଥିବା ୨୧ ବର୍ଷୀୟ ଯୁବକ ଜଗନ୍ନାଥ ବେହେରାଙ୍କୁ ଗିରଫ କରିଛି କୋରାପୁଟ ସାଇବର ଥାନା ପୁଲିସ। କୋରାପୁଟ ଏସଡିପିଓ ଶ୍ରାବଣୀ ନାୟକ ଓ ସାଇବର ଥାନା ଅଧିକାରୀ ଭବାନୀ ପ୍ରଧାନଙ୍କ ଦ୍ୱାରା କୋରାପୁଟ ସାଇବର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଜଗନ୍ନାଥ ପ୍ରଥମେ ହ୍ୱାଟ୍ସଆପ୍ ମାଧ୍ୟମରେ ବିଭିନ୍ନ ଲୋକଙ୍କୁ ଯୋଗାଯୋଗ କରି ବିଭିନ୍ନ ହୋଟେଲର ଲିଙ୍କ ଦେଇ ରେଟିଂ କରି ଦୁଇ ଗୁଣା ଟଙ୍କା ନିଅ ବୋଲି ଲିଙ୍କ୍ ତଳେ ମେସେଜ କରୁଥିଲେ। ପରେ ଏକ ଟେଲିଗ୍ରାମ ଆପ୍ ଜରିଆରେ ବିଭିନ୍ନ ଲୋଭନୀୟ ଓ ମିଛ ଅଫରରେ ଲୋକଙ୍କୁ ଆକୃଷ୍ଟ କରି ଟଙ୍କା ବିନିଯୋଗ



କରି ସପ୍ତାହକ ଭିତରେ ୨ ଗୁଣା ରିଟର୍ଣ୍ଣ ନିଅ ବୋଲି ଅଫର ଦେଉଥିଲେ। ଏହି ମିଛ ଅଫରରେ କୋରାପୁଟ ଜିଲ୍ଲା ପଟାଙ୍ଗି ଥାନା ଅଞ୍ଚଳର ଆଶିଷ କୁମାର ପ୍ରଧାନ ଫସି ଯାଇଥିଲେ। ପ୍ରଥମେ ହ୍ୱାଟ୍ସଆପ୍ ଲିଙ୍କରେ ଯୋଗାଯୋଗ ପରେ ଏଲଏଟିଏ ୫୬୪୧୫୬ ଏବଂ ଓଓପିପିଓ ୪୭୭୧ ଟେଲିଗ୍ରାମ ଲିଙ୍କରେ ଦୁଇ ଗୁଣା ଲୋଭରେ ଜଗନ୍ନାଥଙ୍କ ପିଏନବି ବ୍ୟାଙ୍କ ଆକାଉଣ୍ଟ ନମ୍ବର ୦୫୪୭୨୦୨୧୦୦୦୦୨୫୨ରେ ୧ ଲକ୍ଷ ୫୮ ହଜାର ଟଙ୍କା ନିଜ ଏସବିଆଇ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୩୪୦୩୬୦୨୩୭୪୧ରୁ ଡିପୋଜିଟ୍ କରିଥିଲେ। ଟଙ୍କା ଡିପୋଜିଟ୍ କରିବାର ଅଳ୍ପ ଦିନ ଭିତରେ ଟେଲିଗ୍ରାମ ଗ୍ରୁପରୁ ଆଶିଷଙ୍କୁ ବାଦ୍ କରିଦେଇଥିଲେ ଜଗନ୍ନାଥ। ସନ୍ଦେହରେ ଫେବୃଆରୀ ୭ ତାରିଖରେ ଆଶିଷ କୋରାପୁଟ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜଗନ୍ନାଥଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆଧାର କରି ମୟୂରଭଞ୍ଜରୁ ତାଙ୍କୁ ଗିରଫ କରିଥିବା ଏସଡିପିଓ ସୂଚନା ଦେଇଛନ୍ତି। ଏପରିକି ତଦନ୍ତ ସମୟରେ ଜଗନ୍ନାଥଙ୍କ ଆକାଉଣ୍ଟକୁ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜମା କରିଥିବା ସେ କହିଛନ୍ତି। ପୂର୍ବରୁ ମଧ୍ୟ ଏହିପରି ସାଇବର କ୍ରାଇମରେ ସମ୍ପୃକ୍ତ ଥିବା ସେ କହିଛନ୍ତି। ତାଙ୍କଠାରୁ ୧ ଲକ୍ଷ ୫୮ ହଜାର ଟଙ୍କା ସହ ଗୋଟିଏ ଭିଭୋ ମୋବାଇଲ୍ ଜବତ ହୋଇଛି।

- ଟେଲିଗ୍ରାମ୍ ଗ୍ରୁପରେ ଦୁଇ ଗୁଣା ଲୋଭ ଦେଖାଇ ଲୁଟୁଥିଲା
- ୧ ଲକ୍ଷ ୫୮ ହଜାର ଟଙ୍କା ସହ ମୋବାଇଲ୍ ଫୋନ୍ ଜବତ

# ରାଜ୍ୟରେ ଜଙ୍ଗଲ ଶୋଷୁଛି ୬.୧୭% ଅଙ୍ଗାରକାମ୍ଳ

- ଓଡ଼ିଶାକୁ ବାତ୍ୟା ଦାଉରୁ ସୁରକ୍ଷା ଦେଉଛି ଲୁଣା ଜଙ୍ଗଲ
- ବନାଗ୍ନି ସାଙ୍ଗକୁ ଚୋରା କାଠ ଚାଲାଣ ସମସ୍ୟା ବଡ଼ ଆହ୍ୱାନ

**ଆଜି ବିଶ୍ୱ ବନ ଦିବସ**

**ଭୁବନେଶ୍ୱର,୨୦।୩(ସମିସ):** ଓଡ଼ିଶା ଉପରେ ବାରମ୍ବାର ଅଦଉତି ସାଧୁଛି ସାମୁଦ୍ରିକ ବାତ୍ୟା। ଗତ ୧୦ ବର୍ଷ ଭିତରେ ଏକାଧିକ ବାତ୍ୟା ସତ୍ତ୍ୱେ ଉପକୂଳବର୍ତ୍ତୀ ଜିଲ୍ଲାରେ ଲୁଣା ଜଙ୍ଗଲ ଓଡ଼ିଶାର ସୁରକ୍ଷା କବଚ ସାଜିଛି। ରାଜ୍ୟରେ ଲୁଣା ଜଙ୍ଗଲାଞ୍ଚଳର ଆୟତନ ବୃଦ୍ଧି ନିମନ୍ତେ ପ୍ରୟାସ ଓ ସଫଳତା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସାଜିଛି। ଗତ ୨୦୨୨ରେ ପ୍ରକାଶିତ ଜଙ୍ଗଲ ସର୍ଭେ ରିପୋର୍ଟର ତଥ୍ୟ ଅନୁସାରେ ଲୁଣା ଜଙ୍ଗଲ ବୃଦ୍ଧିରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଲୁଣା ଜଙ୍ଗଲ ଓଡ଼ିଶା ମୁହାଁ ବାତ୍ୟା ସମ୍ମୁଖରେ ପ୍ରାଚୀର ଭଳି ଠିଆ ହେଉଥିବାରୁ ସମ୍ପ୍ରତି ସରକାରୀ ଓ ବେସରକାରୀସ୍ତରରେ ଲୁଣା ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ବନୀକରଣ, ନୂଆ ଜଙ୍ଗଲ ସୃଷ୍ଟି ଓ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପ୍ରକ୍ରିୟା ଫଳରେ ରାଜ୍ୟରେ ଜଙ୍ଗଲାଞ୍ଚଳ ବୃଦ୍ଧି ଘଟିଛି। ଯେଉଁଥି ପାଇଁ ରାଜ୍ୟ ବନ ବିଭାଗ ସହ ଜନ ସହଭାଗିତାକୁ ଶ୍ରେୟ ଦିଆଯାଇଛି। ରାଜ୍ୟର ପ୍ରମୁଖ ନଦୀ ମୁହାଣମାନଙ୍କରେ ଲୁଣା ଜଙ୍ଗଲ ନର୍ସରୀ କରାଯାଉଥିବା ବେଳେ ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସାମିଲ ହୋଇ ନିଜ ଅଞ୍ଚଳ ତଥା ରାଜ୍ୟର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।

ଅନୁରୂପ ଭାବରେ ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶାର ଜଙ୍ଗଲାଞ୍ଚଳ ଆୟତନ ୫୩୭. ୪୪ ବର୍ଗ କି.ମି. ବୃଦ୍ଧି ପାଇଛି। ଏବେ ରାଜ୍ୟର ବନାଞ୍ଚଳ ଆୟତନ ୫୨୧୫୫.୯୫ ବର୍ଗ କିଲୋମିଟରରେ ପହଞ୍ଚିଛି। ୨୦୧୯ରେ ଏହା ୫୧୬୧୯ ବର୍ଗ କିଲୋମିଟର ଥିବା ବେଳେ ୧୯୯୯ ମସିହା ତୁଳନାରେ ବନାଞ୍ଚଳ ବ୍ୟାପକ ହୋଇଛି। ରାଜ୍ୟ ସରକାର ପ୍ରତି ବର୍ଷ ନୂତନ ବନାଞ୍ଚଳ ସୃଷ୍ଟି ପାଇଁ ବ୍ୟାପକ ପଦକ୍ଷେପ ନେବା ସହ ସ୍କୁଲ କଲେଜ ଆଦି ପିଲାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ଆଗ୍ରହ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ଯାହାର ପରିଣାମ ସ୍ୱରୂପ ପୂର୍ବାପେକ୍ଷା ରାଜ୍ୟରେ ସବୁଜିମା ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାର ଜଙ୍ଗଲ ମୋଟ ୪୪୪.୮୩ ନିୟୁତ ଟନ୍ ଅଙ୍ଗାର (କାର୍ବନ୍) ଶୋଷଣ କରିଥାଏ, ଯାହା ୧୬୩୧.୦୪ ନିୟୁତ ଟନ୍ ସିଓ୨ (ଅଙ୍ଗାରକାମ୍ଳ) ସହିତ ସମାନ। ତଥ୍ୟ ଅନୁସାରେ ଦେଶର ଜଙ୍ଗଲାଞ୍ଚଳ ମୋଟ ଯେତେ କାର୍ବନ୍ ଶୋଷଣ କରେ, ସେଥିରେ ଓଡ଼ିଶାର ଭାଗ ୬.୧୭ ଶତାଂଶ। ଏଥିରୁ ଜଙ୍ଗଲର ଗୁରୁତ୍ୱ ସାମ୍ପ୍ରତିକ ପରିସ୍ଥିତିରେ ସହଜେ ଅନୁମେୟ। ଏବେ ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଅଙ୍ଗାର ନିର୍ଗମନ ହ୍ରାସ ଉପରେ ଗୁରୁତ୍ୱ ଦେଉଥିବାରୁ ପ୍ରଭାବଶାଳୀ ରାଷ୍ଟ୍ରଗୁଡ଼ିକ ନିଜର ଜଙ୍ଗଲ ସଂରକ୍ଷଣକୁ ଗୁରୁତ୍ୱ ଦେଉଛନ୍ତି।

ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ଜଙ୍ଗଲ ନିଆଁ ସାଙ୍ଗକୁ, ଚୋରାକାଠ କାରବାର ମୁଣ୍ଡ ବିନ୍ଧାର କାରଣ ସାଜିଛି। ଯଦିଓ ନବେ ଦଶକ ତୁଳନାରେ ବଡ଼ ମାଫିଆଙ୍କୁ ଦମନ କରାଯାଇଛି, ମାତ୍ର ଏବେ ବି ବହୁ ଜଙ୍ଗଲରେ କାଠ ମାଫିଆ ସକ୍ରିୟ ରହି ହେକ୍ଟର ହେକ୍ଟର ଜଙ୍ଗଲ ପଦା କରିବାରେ ସଫଳ ହେଉଛନ୍ତି। ପ୍ରତି ଦିନ ରାଜ୍ୟର ବିଭିନ୍ନ ଜଙ୍ଗଲରୁ ଚୋରା କାଠ ମାଫିଆଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କାର କାଠ ଜବତ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହୋଇପାରୁ ନ ଥିବାରୁ ଏହି ର୍‍ୟାକେଟ୍‌ରେ ନୂଆ ମାଫିଆ ମଧ୍ୟ ଯୋଡ଼ି ହେଉଛନ୍ତି। ଘରୋଇ ବ୍ୟବହାର ପାଇଁ ଚୋରାକାଠର ଚାହିଦା ବୃଦ୍ଧିର କୁପ୍ରଭାବ ସିଧାସଳଖ ଜଙ୍ଗଲ ଉପରେ ପଡୁଛି। ରାଜ୍ୟ ସରକାର ଗୋଷ୍ଠୀ ବା ଜନସହଯୋଗକୁ ଅମୋଘ ଅସ୍ତ୍ର ଭାବେ ବ୍ୟବହାର କରି ଜଙ୍ଗଲ ସୁରକ୍ଷା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଯାହାର ପରିଣାମ ସ୍ୱରୂପ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଓ ପଡ଼ାଗୁଡ଼ିକରେ 'ବନ ସୁରକ୍ଷା ସମିତି' ଓ 'ପରିବେଶ ବିକାଶ ସମିତି'ମାନ ଗଠନ କରି ଏହାର ମୁକାବିଲା କରାଯାଉଛି।

- ବୀରେନ୍ଦ୍ର ଲାକ୍ରାଙ୍କ ବିରୋଧରେ ହତ୍ୟା ଅଭିଯୋଗର କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରସଙ୍ଗ

# ସ୍ଥିତି ସମ୍ପର୍କରେ ଜଣାଇବେ ରାଜ୍ୟ ସରକାର

**କଟକ, ୨୦।୩(ସମିସ):** ପୂର୍ବତନ ଭାରତୀୟ ହକି ତାରକା ତଥା ଡିଏସପି ବୀରେନ୍ଦ୍ର ଲାକ୍ରାଙ୍କ ବିରୋଧରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ରୁଜୁ ଆନନ୍ଦ ଟପ୍ପୋ ହତ୍ୟା ଅଭିଯୋଗର ସାନି ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଏଡିଜିଙ୍କୁ ଗତ ୨୦୨୨ଜୁଲାଇ ୫ତାରିଖରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶ ଅଦ୍ୟାବଧି ପାଳନ ହୋଇନଥିବା ନେଇ ମୃତକଙ୍କ ପିତା ବନ୍ଧନ ଟପ୍ପୋଙ୍କ ପକ୍ଷରୁ ଅଦାଲତ ଅବମାନନା ଦାୟର ହୋଇଛି। ହାଇକୋର୍ଟଙ୍କ ଗତ ୨୦୨୩ଜୁଲାଇ୫ର ନିର୍ଦ୍ଦେଶ ଅନୁସାରେ ଏହି ମାମଲାର ସ୍ଥିତି ସମ୍ପର୍କରେ ଜଣାଇବାକୁ ସରକାର ସମୟ ନେଇଛନ୍ତି। ଆସନ୍ତା ଶୁକ୍ରବାରକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିବା ସହ ସରକାରଙ୍କୁ ମାମଲାର ସ୍ଥିତି ସମ୍ପର୍କରେ ଜବାବ ତଲବ କରିଛନ୍ତି। ବନ୍ଧନ ଟପୋଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବୀରେନ୍ଦ୍ରଙ୍କ ବିରୋଧରେ ଡିଆଇଜି ପାହ୍ୟାରୁ ନିମ୍ନ ଅଧିକାରୀ ତଦନ୍ତ କରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିବା ସହ ଏହି ତଦନ୍ତ ରିପୋର୍ଟକୁ ସମ୍ପୃକ୍ତ ଅଦାଲତରେ ଦାଖଲ କରାଯିବ ବୋଲି ସେହି ସମୟରେ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଗତ ୨୦୨୩ଜୁଲାଇ୫ର ଆଦେଶନାମା କପି ସହ ଆବେଦନକାରୀଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚ ଏଡିଜିଙ୍କୁ ୨୦୨୩ଜୁଲାଇ ୨୧ରେ ଚିଠି ଦିଆଯାଇଥିଲା।ଏପରିକି ୨୦୨୩ ଅଗଷ୍ଟ୨୫ରେ ଆବେଦନକାରୀ ନିଜେ କ୍ରାଇମବ୍ରାଞ୍ଚ ଭୁବନେଶ୍ୱର କାର୍ଯ୍ୟାଳୟକୁ ଯାଇ ଚିଠି ଜଣେ ଆଇପିଏସ ଅଫିସରଙ୍କୁ ପ୍ରଦାନ କରିଥିଲେ। ଇତିମଧ୍ୟରେ ୬ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିବାରୁ ସେ ଏକ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ପୁତ୍ର ଆନନ୍ଦ ଟପ୍ପୋଙ୍କୁ ହତ୍ୟା କରାଯାଇଥିବା ଓ ଏଥିରେ ଆନନ୍ଦଙ୍କ ବନ୍ଧୁ ବୀରେନ୍ଦ୍ରଙ୍କ ସମ୍ପୃକ୍ତି ନେଇ ୨୦୨୨ ଏପ୍ରିଲରେ ଇନଫୋସିଟି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତରୁ ସୁଫଳ ନପାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବନ୍ଧନ। ମାମଲାର ପୁନଃ ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

- ହାଇକୋର୍ଟରେ ବେଆଇନ ଫ୍ଲାଟ ବିକ୍ରି ପଞ୍ଜୀକରଣ ମାମଲା

# ସତ୍ୟପାଠ ଦାଖଲ ପାଇଁ ସମୟ ନେଲେ ସରକାର

**କଟକ, ୨୦।୩(ସମିସ):** ରାଜ୍ୟ ସରକାର ନୂତନ ଆପାର୍ଟମେଣ୍ଟ ମାଲିକାନା ଆଇନ ଆଣିଥିବା ବେଳେ ଏହି ଆଇନ ଉଲ୍ଲଙ୍ଘନ କରି ବିଭିନ୍ନ ସବରେଜିଷ୍ଟ୍ରାର ଅଫିସରେ ଆପାର୍ଟମେଣ୍ଟ ଫ୍ଲାଟ ଗୁଡିକର ବିକ୍ରି ପଞ୍ଜୀକରଣ କରାଯାଉଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଆସୁଛନ୍ତି ହାଇକୋର୍ଟ। ଏହି ପ୍ରସଂଗରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିବାକୁ ଆଉ ଦୁଇ ସପ୍ତାହ ସମୟ ଲୋଡିଥିବା ବେଳେ ହାଇକୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ବେଆଇନ ଭାବେ ଆପାର୍ଟମେଣ୍ଟ ପଞ୍ଜୀକରଣ ଉପରେ କଣ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ କହିଛନ୍ତି ଖଣ୍ଡପୀଠ। ସେହିପରି ନୂଆ ଆଇନ ପ୍ରଣୟନ ନେଇ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବା ବେଳେ ରାଜ୍ୟରେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇଛି କି ନାହିଁ ତାହା ଜଣାଇବାକୁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ନୂଆ ଆଇନ ଅନୁସାରେ ଆପାର୍ଟମେଣ୍ଟ ପାଇଁ ପ୍ରଥମେ ଆସୋସିଏସନ ଅଫ ଆଲଟିଜ ଗଠନ ବା ପଞ୍ଜିକରଣ ହେବା କଥା। ଏହା ନହେବା ପର୍ଯ୍ୟନ୍ତ ଆପାର୍ଟମେଣ୍ଟର କୌଣସି ଫ୍ଲାଟ ବିକ୍ରି ପଞ୍ଜିକରଣ ହୋଇପାରିବ ନାହିଁ। କିନ୍ତୁ ଏହାକୁ କିନ୍ତୁ ଉଲ୍ଲଙ୍ଘନ କରାଯାଇ ବେଆଇନ ଭାବେ ବିଭିନ୍ନ ସବରେଜିଷ୍ଟ୍ରାର ଅଫିସରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମରେ ସେଲ୍‌ଫ ଡିଡ୍ କରାଯାଇ ଫ୍ଲାଟ ବିକ୍ରି ପଞ୍ଜୀକରଣ ହେଉଛି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୨ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ବିଜେଡି ବିଧାୟକଙ୍କ ନାମରେ ସର୍ବାଧିକ ଋଣ

- ତାଲିକାର ଶ୍ରେଷ୍ଠ ୧୦ ଜଣରୁ ବିଜେଡିର ୮
- ଶାସକ ଦଳରେ ୨୯ ସ୍ନାତକୋତ୍ତର, ୨୫ ସ୍ନାତକ

**ଭୁବନେଶ୍ୱର, ୨୦।୩(ସମିସ):** ରାଜ୍ୟରେ ଶାସକ ବିଜୁ ଜନତା ଦଳ ବିଧାୟକଙ୍କ ନାମରେ ଅଧିକ ଋଣ ରହିଛି। ସର୍ବାଧିକ ଋଣ ଥିବା ବିଧାୟକଙ୍କ ତାଲିକାରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ୮ ଜଣ ରହିଛନ୍ତି। ଏଡିଆର୍ ପକ୍ଷରୁ ଜାରି ହୋଇଥିବା ରିପୋର୍ଟରେ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଛି। ବିଜେଡି ବିଧାୟିକା ଦୀପାଳି ଦାସଙ୍କ ନାମରେ ସର୍ବାଧିକ ୧୯ କୋଟି ୮୯ ଲକ୍ଷ ୬୧୨୩ ଟଙ୍କାର ଋଣ ରହିଛି। ସଞ୍ଜୀବ ମଲ୍ଲିକଙ୍କ ନାମରେ ୭ କୋଟି ୭୪ ଲକ୍ଷ ୫୯ ହଜାର ୮୩୭ ଟଙ୍କା ଋଣ ରହିଛି। ସେହିପରି ବିଧାୟକ ବିକ୍ରମ ପଣ୍ଡା, ସୁଶାନ୍ତ କୁମାର ରାଉତ, ବିଷ୍ଣୁପଦ ରାଉତରାୟ, ସୁଧୀର କୁମାର ସାମଲ, ରୋହିତ୍ ପୂଜାରୀ, ପ୍ରଣବ କୁମାର ବଳବନ୍ତରାୟ ଓ ମୋହନ ଚରଣ ମାଝୀ ଶ୍ରେଷ୍ଠ ୧୦ ଋଣୀ ସୂଚୀରେ ରହିଛନ୍ତି।

ଅପରପକ୍ଷେ ରାଜ୍ୟର ୧୪୭ ବିଧାୟକଙ୍କ ମଧ୍ୟରେ ବିଜେଡିର ସର୍ବାଧିକ ୨୫ ଜଣ ସ୍ନାତକ ଡ଼ିଗ୍ରୀଧାରୀ ରହିଛନ୍ତି। ଏହାପଛକୁ ବିଜେପିର ୪ ଜଣ ଓ କଂଗ୍ରେସର ୨ ଜଣ ରହିଛନ୍ତି। ସେହିପରି ବିଜେଡିର ସର୍ବାଧିକ ସ୍ନାତକ ବୃତ୍ତିଧାରୀ(ଗ୍ରାଜୁଏଟ୍ ପ୍ରଫେସନାଲ) ରହିଥିବା ବେଳେ ବିଜେପିର ୫ ଜଣ ଓ କଂଗ୍ରେସର ୨ ଜଣ ଥିବା ଜଣାପଡ଼ିଛି। ଅପରପକ୍ଷେ ବିଜେଡିରେ ସର୍ବାଧିକ ୨୯ ଜଣ ସ୍ନାତକୋତ୍ତର ଡ଼ିଗ୍ରୀ ରହିଥିବା ବେଳେ ବିଜେପିର ୪ ଜଣ ରହିଛନ୍ତି। ବିଜେଡିରେ ୩ ଜଣ ଡକ୍ଟରେଟ ଉପାଧିଧାରୀ ଥିବାବେଳେ ବିଜେପିର ଜଣେ ରହିଥିବା ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି।

# ଏଡିଆର୍ ରିପୋର୍ଟ: ରାଜ୍ୟର ୬୫ ଜଣ ବିଧାୟକଙ୍କ ବିରୋଧରେ ଅପରାଧିକ ମାମଲା

**ଭୁବନେଶ୍ୱର, ୨୦।୩(ସମିସ):** ରାଜ୍ୟର ୬୫ ଜଣ ବିଧାୟକଙ୍କ ବିରୋଧରେ ଅପରାଧିକ ମାମଲା ରହିଛି। ଏମାନଙ୍କ ମଧ୍ୟରୁ ୪୭ ଜଣ ବିଧାୟକଙ୍କ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ବୋଲି ବୁଧବାର ପ୍ରକାଶ ପାଇଥିବା ଏଡିଆର ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟ ଅନୁଯାୟୀ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଓଡ଼ିଶା ବିଧାନସଭାରେ ୧୪୬ଜଣ ବିଧାୟକ ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ବିଧାୟକଙ୍କ ନାମରେ ଅପରାଧିକ ମାମଲା ରହିଥିବା ବେଳେ ୩୨ ପ୍ରତିଶତ ବିଧାୟକଙ୍କ ନାମରେ ଗୁରୁତର ଅପରାଧିକ ମାମଲା ରହିଛି। ସଙ୍ଗୀନ ଅପରାଧ ଥିବା ଏହି ମୋଟ ୪୭ଜଣ ବିଧାୟକମାନଙ୍କ ମଧ୍ୟରେ ବିଜେଡିର ୨୮%, ବିଜେପିର ୪୧%, କଂଗ୍ରେସର ୫୦% ବିଧାୟକ ଅଛନ୍ତି। ସେହିପରି ୨ ସ୍ୱାଧୀନ ଓ ଜଣେ ସିପିଏମ୍ ବିଧାୟକଙ୍କ ନାମରେ ମଧ୍ୟ ସଙ୍ଗୀନ ଅପରାଧ ମାମଲା ରହିଛି। ଏହି ରିପୋର୍ଟରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ବିରୋଧରେ ସର୍ବାଧିକ ୫୧ ଟି ମାମଲା ରହିଛି। ଅନୁରୂପ ଭାବରେ ଅନ୍ୟ ରାଜନୈତିକ ଦଳର ୨ଜଣଙ୍କ ନାଁରେ ହତ୍ୟା ମାମଲା, ୧୧ଜଣଙ୍କ ନାଁରେ ହତ୍ୟା ଉଦ୍ୟମ, ୧୨ଜଣଙ୍କ ନାଁରେ ମହିଳା ହିଂସା ମାମଲା ରହିଛି।

# 'ନିର୍ବାଚନର ପର୍ବ, ଆମ ଦେଶର ଗର୍ବ' ନିର୍ବାଚନ ପରିଚାଳନାର ମୂଳମନ୍ତ୍ର

**ଭୁବନେଶ୍ୱର,୨୦।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନରେ 'ବୁଥ୍ ପରିଚାଳନା'ରେ କିପରି କୌଣସି ତ୍ରୁଟି ପରିଲକ୍ଷିତ ନ ହୁଏ ସେଥିପ୍ରତି ରାଜ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବୁଥଗୁଡ଼ିକରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରଙ୍କ ନିର୍ବାଚନ ପ୍ରଶିକ୍ଷଣ ଦିଆଯାଇଛି। ଏହି ଅବସରରେ ଭୁବନେଶ୍ୱରର ଆଇଟିଇଆରଠାରେ ପୋଲିଂ ଅଫିସରମାନଙ୍କୁ ସମ୍ବୋଧନ କରି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଅଧିକାରୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ନିର୍ବାଚନର ଗୁରୁଦାୟିତ୍ୱକୁ ଜାତୀୟ କର୍ତ୍ତବ୍ୟ ରୂପେ ଗ୍ରହଣ କରିବା ଉଚିତ। 'ନିର୍ବାଚନର ପର୍ବ, ଆମ ଦେଶର ଗର୍ବ' ଥିମ୍‌କୁ ନିର୍ବାଚନ ପରିଚାଳନାର ମୂଳମନ୍ତ୍ର ରୂପେ ଗ୍ରହଣ କରିବା ପାଇଁ ସେ ସଭିଙ୍କୁ ପ୍ରେରିତ କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ମତଦାତାମାନଙ୍କୁ କେନ୍ଦ୍ରରେ ରଖି ସେମାନଙ୍କ ସୁବିଧାକୁ ଅଗ୍ରାଧିକାର ଦେବା ପାଇଁ ଶ୍ରୀ ଧଳ ମତ ରଖିଥିଲେ। ଏହା ସହ ବିଭିନ୍ନ ବର୍ଗର ମତଦାତାମାନେ କେଉଁଭଳି ଭାବରେ ଭୋଟ ଦେବେ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଭୋଟର ଆଦିଙ୍କୁ କେଉଁସବୁ ସୁବିଧା ଯୋଗାଇ ଦିଆଯିବ, ମଡେଲ ବୁଥ୍ ଓ ସଖିବୁଥ୍ ଆଦିର ଲକ୍ଷ୍ୟ ବିଷୟରେ ଆଲୋଚନା କରି ଶ୍ରୀ ଧଳ ବୁଥ୍ ସ୍ତରରେ ସମସ୍ତ ଗାଇଡ୍‌ଲାଇନ୍‌କୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଘୁଞ୍ଚିଲା ୟୁପିଏସ୍‌ସି ପରୀକ୍ଷା

**ଭୁବନେଶ୍ୱର, ୨୦।୩(ସମିସ):** ଘୁଞ୍ଚିଲା କେନ୍ଦ୍ରୀୟ ଲୋକସେବା ଚୟନ ଆୟୋଗ(ୟୁପିଏସ୍‌ସି) ପରିଚାଳିତ ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା। ମେ ୨୬ ତାରିଖ ପରିବର୍ତ୍ତେ ଜୁନ୍ ୧୬ ତାରିଖରେ ପରୀକ୍ଷା କରିବାକୁ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିଛି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ୧, ୦୫୫ଟି ସିଭିଲ୍ ସର୍ଭିସ୍ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତିନୋଟି ପର୍ଯ୍ୟାୟରେ ଏହି ଚୟନ ପ୍ରକ୍ରିୟା କରାଯିବ। ପ୍ରିଲିମିନାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ଦେବେ। ଶେଷରେ ସାକ୍ଷାତକାର ପରୀକ୍ଷା ଅନୁଷ୍ଠିତ ହେବ।

# ଚା' ପିଇବାକୁ ଡାକିନେଇ ଗାଡ଼ି ଡିକିରୁ ଲୁଟିନେଲେ ୫ଲକ୍ଷ ୬୦ହଜାର ଟଙ୍କା

**ବ୍ରହ୍ମପୁର,୨୦।୩(ସମିସ):** ବୁଧବାର ପୂର୍ବାହ୍ନରେ ମୋଟର ସାଇକଲର ଡିକି ଖୋଲି ନଗଦ ୫ଲକ୍ଷ ୬୦ହଜାର ଟଙ୍କା ଲୁଟ୍ ହୋଇଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜୟପ୍ରକାଶନଗର ଛକରେ ଏହି ଘଟଣା ଘଟିଛି। ବ୍ରହ୍ମପୁର ଉପକଣ୍ଠ ସୁନାଦେଇ ଗ୍ରାମ ନିବାସୀ କୃଷ୍ଣଚନ୍ଦ୍ର ମହାରଣା ଜଣେ ଜମି ମାଲିକ। ବୁଧବାର ଜଣେ ଗ୍ରାହକଙ୍କ ଜୟପ୍ରକାଶ ନଗର ଛକରେ ଥିବା ଏକ୍ସିସ ବ୍ୟାଙ୍କରୁ ୫ଲକ୍ଷ ୬୦ହଜାର ଟଙ୍କା ଉଠାଇ କୃଷ୍ଣଙ୍କୁ ଦେଇଥିଲେ। କୃଷ୍ଣ ସେହି ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ବ୍ୟାଙ୍କ ବାହାରେ ଥିବା ନିଜ ମୋଟର ସାଇକଲ ଡିକିରେ ରଖିଥିଲେ। ପରେ କୃଷ୍ଣ ଚା'ପିଇବା ପାଇଁ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ଦୋକାନକୁ ଯାଇଥିଲେ। ଚା' ପିଇ ଗାଡ଼ି ପାଖକୁ ଫେରିବା ବେଳେ ଡିକି ଖୋଲାଥିବା ଏବଂ ଡିକିରେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ସେ ବ୍ୟସ୍ତବିବ୍ରତ ହୋଇ ନିକଟରେ ଥିବା ସିସିଟିଭି କ୍ୟାମେରାରେ ଦେଖିବା ବେଳେ ଜଣେ ଯୁବକ ଡିକିଖୋଲି ଟଙ୍କା ନେଇଥିବା ଜଣାପଡ଼ିଥିଲା। ପ୍ରଥମେ ଜଣେ ଯୁବକ ମୋଟର ସାଇକଲ ନେଇ କୃଷ୍ଣଙ୍କ ଗାଡି ପାଖରେ ଅପେକ୍ଷା କରିଥିଲା। ଏହା ପୂର୍ବରୁ ଅନ୍ୟଜଣେ ଯୁବକ ଆଗରେ ଅପେକ୍ଷା କରିଥିବା ବେଳେ କୃଷ୍ଣ ଚା' ପିଉଥିବା ଦୋକାନ ନିକଟରେ ଛକି ଥିବା ଯୁବକ ସେଠାକୁ ଆସି ଗାଡିର ଡିକି ଖୋଲି ଟଙ୍କା ନେଇଯାଇଥିବା ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟରୁ ସ୍ପଷ୍ଟ ଜଣାପଡ଼ିଛି। ଫଳରେ ଟଙ୍କା ଲୁଟ୍ ଘଟଣାରେ ୩ ଜଣ ଯୁବକଙ୍କର ହାତ ଥିବା ସ୍ପଷ୍ଟ ହୋଇଛି। ପରେ କୃଷ୍ଣ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଏସଆଇ ବିଭୁତି ସେଠୀ, ଏଏସଆଇ ଗିରିଗୋବର୍ଦ୍ଧନ ଜେନା ଓ କନେଷ୍ଟବଳ କୃଷ୍ଣ ମହାଙ୍କୁଡ଼ଙ୍କ ସମେତ ଅନ୍ୟପୁଲିସ କର୍ମଚାରୀ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ତେବେ ଏହି ଅଭିଯୁକ୍ତମାନେ ସ୍ଥାନୀୟ କିମ୍ବା ବାହାରର ସେନେଇ ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି।

- ଲୁଟେରାଙ୍କ ଟାର୍ଗେଟରେ ବିଭିନ୍ନ ବ୍ୟାଙ୍କର ଗ୍ରାହକ ଓ ବରିଷ୍ଠ ନାଗରିକ
- ନିୟମିତ ବ୍ୟବଧାନରେ ଘଟଣାକୁ ଭିନ୍ନ ରୂପ ଦେଇ ପୁଲିସର ନିଦ ହଜାଉଛନ୍ତି



## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନାମକରଣକୁ ନେଇ ବିବାଦ

# ସରକାରୀ ଅନୁମୋଦନ ବିନା 'ବ୍ରହ୍ମବିହାର'କୁ ବିରୋଧ

- ସିଣ୍ଡିକେଟରେ ପ୍ରସ୍ତାବ ଗ୍ରହଣ ହୋଇଥିଲେ ହେଁ ସରକାରଙ୍କୁ ସୁପାରିସ କରାଯାଇନି : କୁଳସଚିବ
- କୁଳସଚିବ ଓ ସିଣ୍ଡିକେଟ ସଦସ୍ୟଙ୍କ ସମେତ ଅଭିଭାବକ ମହଲରେ ଅସନ୍ତୋଷ
- ଘଟଣାର ତଦନ୍ତ ସହ ତୁରନ୍ତ ବନ୍ଦ କରିବାକୁ ନିଆଯିବ ପଦକ୍ଷେପ : କୁଳପତି

**ବ୍ରହ୍ମପୁର,୨୦।୩(ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ 'ବ୍ରହ୍ମବିହାର' ଭାବେ ନାମକରଣକୁ ସରକାରୀ ସ୍ୱୀକୃତି ବା ଅନୁମୋଦନ ମିଳିନାହିଁ। ଏହା ସତ୍ତ୍ୱେ ବିଭିନ୍ନ ନଥିପତ୍ରରେ 'ବ୍ରହ୍ମବିହାର' ଉଲ୍ଲେଖ ରହୁଥିବା ନଜରକୁ ଆସିଛି। ଯାହାକୁ ନେଇ ଖୋଦ୍ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ସଦସ୍ୟ ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟର ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ରେକର୍ଡରେ 'ବ୍ରହ୍ମବିହାର' ଉଲ୍ଲେଖ ରହୁଥିବା ନଜରକୁ ଆସିବା ପରେ ଏହାକୁ ନେଇ ସରଗରମ ଆଲୋଚନା ଚାଲିଛି। ଏକକ ବିଶ୍ୱବିଦ୍ୟାଳୟ ଘୋଷଣା ହେବାର ଦୀର୍ଘ ବର୍ଷ ପରେ ଅର୍ଥାତ୍ ଚଳିତ ବର୍ଷ ଜାନୁଆରୀ ୩ ତାରିଖରେ ତତ୍‌କାଳୀନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟର ପ୍ରଥମ ସିଣ୍ଡିକେଟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଗତ ୪ଟି ପ୍ରମୁଖ ପ୍ରସ୍ତାବ ମଧ୍ୟରେ କୁଳପତି ପ୍ରଫେସର ମହାନ୍ତିଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଥିଲା ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ 'ବ୍ରହ୍ମବିହାର' ଭାବେ ନାମକରଣ କରିବା। ବୈଠକରେ ଏହାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିବା ବେଳେ କ୍ୟାମ୍ପସର ନାମକରଣର ଯଥାର୍ଥତାକୁ ନେଇ ଅନେକ ସଦସ୍ୟ ପ୍ରଶ୍ନ ଉଠାଇଥିଲେ। ତେବେ ଏଥିପାଇଁ ସରକାରଙ୍କ ସ୍ୱୀକୃତି ବା ଅନୁମୋଦନର ଆବଶ୍ୟକତା ଥିବା କାରଣରୁ ଏହି ପ୍ରସ୍ତାବକୁ ସରକାରୀ ଅନୁମୋଦନ ପାଇଁ ପଠାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ସରକାରଙ୍କୁ ଏନେଇ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରସ୍ତାବ ବା ସୁପାରିଶ କରାଯାଇନଥିବା ସ୍ପଷ୍ଟ କରିଛନ୍ତି ବିଶ୍ୱବିଦ୍ୟାଳୟ କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ର। ତେବେ ସରକାରୀ ସ୍ୱୀକୃତି ନଥାଇ ବିଶ୍ୱବିଦ୍ୟାଳୟର ନାମକରଣ କରିବା ଓ ବିଭିନ୍ନ ନଥିପତ୍ରରେ ଏହା ଉଲ୍ଲେଖ କରିବା ଆଦୌ ସମୀଚିନ ନୁହେଁ ବୋଲି କହିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ପ୍ରଫେସର ଜୟନ୍ତ କୁମାର ମହାପାତ୍ର। ପୁରାତନ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ମହାବିଦ୍ୟାଳୟ କ୍ରମଶଃ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ପରେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଏବଂ ଶେଷରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ନାମିତ ହୋଇଛି। ଏହାର କ୍ୟାମ୍ପସକୁ 'ବ୍ରହ୍ମବିହାର' କିମ୍ବା ଅନ୍ୟ କୌଣସି ନାମରେ ନାମିତ କରିବାର ଆବଶ୍ୟକତା ନାହିଁ ବୋଲି ଦର୍ଶାଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଭିଭାବକ। ସେପଟେ ଏଭଳି ନାମକରଣ କରି ପିଲାଙ୍କ ଠାରୁ ପ୍ରାକ୍ଟିକାଲ ରେକର୍ଡ ପ୍ରଥମ ସେମିଷ୍ଟାର ଠାରୁ ଅର୍ଥାତ୍ ବିଗତ ଦୁଇ ବର୍ଷ ଧରି ସଂଗ୍ରହ କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଅଭିଯୋଗ ଆଧାରରେ ଅନୁଧ୍ୟାନ କଲେ ଏହା ଜଣାପଡୁଛି ଯେ ସିଣ୍ଡିକେଟରେ ପ୍ରସ୍ତାବିତ ନାମକରଣ ନେଇ ଆଲୋଚନା ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏଭଳି ଘଟଣା ନଜରକୁ ଆସିବା ପରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରିଛନ୍ତି ଖୋଦ୍ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଡଃ ଗିତାଞ୍ଜଳୀ ଦାଶ। ସରକାରଙ୍କ ବିନା ଅନୁମୋଦନ କିମ୍ବା ସ୍ୱୀକୃତିରେ ଏଭଳି ନାମକରଣ କିମ୍ବା ଏହାକୁ କୌଣସି କ୍ଷେତ୍ରରେ ବ୍ୟବହାର କରିବା ବେନିୟମ। ଏଣୁ ଏହା କିଭଳି ଓ କେଉଁ ପରିସ୍ଥିତିରେ କାର୍ଯ୍ୟକାରୀ କରାଯାଇଛି ତାହା ଅନୁସନ୍ଧାନ ସାପେକ୍ଷ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ତୁରନ୍ତ ବନ୍ଦ ତଥା ରଦ୍ଦ କରିବାକୁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି କହିଛନ୍ତି କୁଳପତି ପ୍ରଫେସର ଦାଶ। ସେପଟେ ଆସନ୍ତା ୨୮ତାରିଖରେ ହେବାକୁ ଥିବା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସିଣ୍ଡିକେଟ ବୈଠକରେ ମଧ୍ୟ ଏନେଇ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।



### ଇଡିକୁ ସୁପ୍ରିମକୋର୍ଟଙ୍କ ତାଗିଦ୍

# ଟ୍ରାଏଲ ବିନା ଅଭିଯୁକ୍ତଙ୍କୁ ଜେଲ୍‌ରେ ରଖିହେବ ନାହିଁ

ନୂଆଦିଲ୍ଲୀ,୨୦।୩(ଏଜେନ୍ସି)

କୌଣସି ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରି ଜେଲରେ ରଖିବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ କଡ଼ା ବାଣୀ ଶୁଣାଇଛନ୍ତି। ଇଡି ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରି ବିନା ଶୁଣାଣିରେ ଅଭିଯୁକ୍ତଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜେଲରେ ରଖିପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ତାଗିଦ୍ କରିଛନ୍ତି। ଜଣଙ୍କୁ ଗିରଫ କରି ଜେଲରେ ରଖିବା ପରେ ବାରମ୍ବାର ଚାର୍ଜସିଟ୍ ଦାଖଲ କରି ଜଣେ ଅଭିଯୁକ୍ତଙ୍କୁ ଜାମିନ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଇଡି ଭଳି ଏକ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିର ଆଭିମୁଖ୍ୟ ସୁପ୍ରିମକୋର୍ଟଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ଝାଡ଼ଖଣ୍ଡର ଏକ ଖଣି ଦୁର୍ନୀତି ମାମଲାରେ ହୋଇଥିବା ଅର୍ଥ ହେରଫେର



ବିଷୟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହଯୋଗୀ ପ୍ରେମ ପ୍ରକାଶଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରିବା ଅବସରରେ ଜଷ୍ଟିସ ଖାନ୍ନା ଇଡି ପାଇଁ ପକ୍ଷ ରଖିଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କହିଛନ୍ତି ଯେ, ‘ ଆପଣ ତଦନ୍ତ ନ ସରିବା ଯାଏ ଜଣେ ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ ନାହିଁ।ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଆପଣ କହିପାରିବେ ନାହିଁ ଯେ ତଦନ୍ତ ଶେଷ ନ ହେବା ଯାଏ ଶୁଣାଣି ଆରମ୍ଭ ହୋଇପାରିବନି। ଆପଣ ବାରମ୍ବାର ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିପାରିବେ ନାହିଁ। ଚାର୍ଜସିଟ୍ ଦାଖଲ କରି ବିନା ଶୁଣାଣିରେ ଅଭିଯୁକ୍ତଙ୍କୁ ଜେଲରେ ରଖି ପାରିବେ ନାହିଁ। ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ମାତ୍ରେ ମାମଲାର ଶୁଣାଣି ପାଇଁ ପ୍ରକ୍ରିୟା ଆରମ୍ଭ ହେବା ଦରକାର। ପ୍ରଚଳିତ ନିୟମ ଅନୁଯାୟୀ, ଯଦି ତଦନ୍ତକାରୀ ସଂସ୍ଥା ଧାର୍ଯ୍ୟ ସମୟ ମଧ୍ୟରେ ତଦନ୍ତ ଶେଷ କରିବ ନାହିଁ କିମ୍ବା ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିପାରବ ନାହିଁ ତେବେ ଗିରଫ ବ୍ୟକ୍ତିଙ୍କୁ ଜାମିନ ଦିଆଯାଇପାରିବ। ତଦନ୍ତ ଶେଷ କରିବା ପାଇଁ ୬୦ରୁ ୯୦ ଦିନର ସମୟ ରହିଛି। ଏ ସମ୍ପର୍କରେ ପୂର୍ବରୁ ମଧ୍ୟ ସୁପ୍ରିମକୋର୍ଟ ସ୍ପଷ୍ଟ କରିସାରିଛନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ଇଡି ପ୍ରତି ସୁପ୍ରିମକୋର୍ଟଙ୍କ ଏଭଳି ତାଗିଦକୁ ନେଇ ବିଭିନ୍ନ ମାମଲାରେ ଇଡି ଓ ସିବିଆଇ ଦ୍ୱାରା ଗିରଫ ହୋଇ ଦୀର୍ଘ ଦିନ ଧରି ଜେଲରେ ଥିବା ନେତାମାନଙ୍କ ପାଇଁ ବଡ଼ ଖବର ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରେମ ପ୍ରକାଶ ଗତବର୍ଷ ଇଡି ଦ୍ୱାରା ଗିରଫ ହେବା ପରେ ଝାଡ଼ଖଣ୍ଡ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। କିନ୍ତୁ ତାଙ୍କୁ ଜାମିନ ମିଳି ନଥିଲା। ଏଥିପାଇଁ ସେ ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ଖଣ୍ଡପୀଠ ଏହାକୁ ବିଚାର କରି ଏହି ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ମିଳିପାରିବ ବୋଲି କହିଥିଲା ବେଳେ ଅତିରିକ୍ତ ସଲିସିଟର ଜେନେରାଲ ରାଜୁ ଏହାକୁ ବିରୋଧ କରିଥିଲେ। ଜାମିନ ମିଳିଲେ ସାକ୍ଷୀମାନେ ପ୍ରଭାବିତ କରି ପ୍ରମାଣ ନଷ୍ଟ କରିଦେଇପାରନ୍ତି ବୋଲି ସେ ଯୁକ୍ତି କରିଥିଲେ। କିନ୍ତୁ ଜଷ୍ଟିସ ଖାନ୍ନା କହିଥିଲେ ଯେ,ଯଦି ଅଭିଯୁକ୍ତ ସେମିତି କିଛି କରନ୍ତି, ତା’ହେଲେ ଆପଣ ଆମ ପାଖକୁ ଆସି ପାରିବେ। କିନ୍ତୁ ସେ ୧୮ ମାସ ହେଲା ସେ ଜେଲରେ କିଭଳି ଅଛନ୍ତି ବୋଲି ଜଷ୍ଟିସ୍ ଖାନ୍ନା ପ୍ରଶ୍ନ ଉଠାଇଥିଲେ।

● ନିର୍ବାଚନ ଆୟୋଗ ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟରେ କେନ୍ଦ୍ରର ସତ୍ୟପାଠ

## କମିଟିରେ ନ୍ୟାୟିକ ସଦସ୍ୟଙ୍କ ଆବଶ୍ୟକତା ଜରୁରୀ ନୁହେଁ

ନୂଆଦିଲ୍ଲୀ,୨୦।୩(ଏଜେନ୍ସି)

ମୁଖ୍ୟ ନିର୍ବାଚନ କମିସନରଙ୍କ ସମେତ ଅନ୍ୟ ନିର୍ବାଚନ କମିସନରଙ୍କ ନିଯୁକ୍ତିକୁ ନେଇ ରହିଥିବା ଆଇନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ସରକାର ବୁଧବାର ସର୍ବୋଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଛନ୍ତି। ନିକଟରେ ଦୁଇ ନିର୍ବାଚନ କମିସନରଙ୍କ ନିଯୁକ୍ତି ଉପରେ ରୋକ ଲଗାଇବା ପାଇଁ ସୁପ୍ରିକୋର୍ଟରେ ହୋଇଥିବା ଆବେଦନକୁ ବିରୋଧ କରି କେନ୍ଦ୍ର ସରକାର ଏହି ସତ୍ୟପାଠ ଦାଖଲ କରିଛନ୍ତି। ନିର୍ବାଚନ କମିସନରଙ୍କ ନିଯୁକ୍ତିକୁ ନେଇ ରହିଥିବା କମିଟିର ସ୍ୱତନ୍ତ୍ରତା ଲାଗି ଏଥିରେ କୌଣସି ନ୍ୟାୟିକ ସଦସ୍ୟଙ୍କୁ ସାମିଲ କରାଯିବା ଜରୁରୀ ନୁହେଁ ବୋଲି କେନ୍ଦ୍ର ସରକାର ତାଙ୍କ ସତ୍ୟପାଠରେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁଙ୍କୁ ନିର୍ବାଚନ କମିସନ ଭାବେ ନିଯୁକ୍ତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିରୋଧୀ ଦଳର ନେତା ଏବଂ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ନେଇ ଗଠିତ କମିଟି ଏହି ଦୁଇ ଜଣଙ୍କ ନିଯୁକ୍ତି ଉପରେ ମୋହର ଲଗାଇଥିଲା। ତେବେ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଚୟନ ପ୍ରକ୍ରିୟାରେ ପ୍ରଧାନବିଚାରପତିଙ୍କୁ ସାମିଲ କରାଯାଇ ନଥିବାରୁ ବିବାଦ ଉଠିବା ସହିତ ଏହା ବିରୋଧରେ ସୁପ୍ରିମକୋର୍ଟରେ ପିଟିସନ ଦାଏର କରାଯାଇଥିଲା। ଏହି ଆବେଦନକୁ ନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି।

## କଂଗ୍ରେସରେ ମିଶିଲେ ନିଲମ୍ବିତ ବିଏସ୍‌ପି ସାଂସଦ ଦାନିସ୍ ଅଲ୍ଲୀ

ନୂଆଦିଲ୍ଲୀ, ୨୦।୩(ଏଜେନ୍ସି)

ଲୋକସଭା ସାଂସଦ ଦାନିସ୍ ଅଲ୍ଲୀ ଆଜି କଂଗ୍ରେସରେ ଯୋଗ ଦେଇଛନ୍ତି। ସେ ଜଣେ ବହୁଜନ ସମାଜ ପାର୍ଟି (ବିଏସପି) ସାଂସଦ କିନ୍ତୁ ତାଙ୍କୁ ବିଏସପି ସୁପ୍ରିମୋ ମାୟାବତୀ ଦଳରୁ ନିଲମ୍ବନ କରିସାରିଛନ୍ତି। ଦାନିସ୍ ୬ ଦିନ ତଳେ ମାର୍ଚ୍ଚ ୧୪ରେ ଦିଲ୍ଲୀ ଯାଇ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ତାଙ୍କ ୧୦ ଜନପଥ ବାସଭବନରେ ଭେଟିଥିଲେ ଓ ଆର୍ଶୀବାଦ ମାଗିଥିଲେ। ଦାନିସଙ୍କୁ କଂଗ୍ରେସ ଉତ୍ତରପ୍ରଦେଶର ଆମରୋହା ଲୋକସଭା ଆସନରୁ ପ୍ରାର୍ଥୀ କରିବା ସମ୍ଭାବନା ରହିଛି। ଆମରୋହା ହେଉଛି ଦାନିସଙ୍କ ନିଜ ଆସନ ଓ ୨୦୧୯ରେ ସେ ଆମରୋହାରୁ ବିଏସପି ଟିକେଟରେ ନିର୍ବାଚନ ଜିତିଥିଲେ। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ସହ କଂଗ୍ରେସର ଆସନ ବଣ୍ଟନ ବୁଝାମଣା ବେଳେ ଆମରୋହା ଆସନରେ କଂଗ୍ରେସ ପ୍ରାର୍ଥୀ ଦେବ ବୋଲି ସହମତି ପ୍ରକାଶ ପାଇଥିଲା। କଂଗ୍ରେସ ମନରେଗା, ସୂଚନା ଅଧିକାର ଆଇନ, ଶିକ୍ଷା ଅଧିକାର ଆଇନ, ଖାଦ୍ୟ ସୁରକ୍ଷା ଆଇନ ଭଳି ଅନେକ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଛି ବୋଲି ଦାନିସ୍



କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଦାନିସ୍ ଅଂଶଗ୍ରହଣ କରି କହିଥିଲେ ଯେ ଦେଶର ଏକତା ଓ ନ୍ୟାୟ ପାଇଁ ରାହୁଲଙ୍କ ପଦଯାତ୍ରା ଏକ ମହତ ପଦକ୍ଷେପ।

## ମୋଦୀଙ୍କୁ ଆମନ୍ତ୍ରଣ ଜଣାଇଲେ ପୁଟିନ ଓ ଜେଲେଁସ୍କି

ନୂଆଦିଲ୍ଲୀ, ୨୦।୩(ଏଜେନ୍ସି): ରୁଷର ରାଷ୍ଟ୍ରପତି ଭାବେ ପୁନଃନିର୍ବାଚିତ ହୋଇଥିବାରୁ ଭ୍ଲାଦିମୀର ପୁଟିନଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନ କରି ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଭାରତ-ରୁଷ ସ୍ୱତନ୍ତ୍ର ରଣନୈତିକ ଅଂଶୀଦାରୀକୁ ଆହୁରି ସଶକ୍ତ ଓ ପ୍ରସାରିତ କରାଯିବା ଦିଗରେ କାର୍ଯ୍ୟାରମ୍ଭ କରିବାକୁ ଉଭୟ ନେତା ସମ୍ମତ



ହୋଇଛନ୍ତି। ପୁଟିନଙ୍କ ସହ ଫୋନରେ ବାର୍ତ୍ତାଳାପର କିଛି ଘଣ୍ଟା ପରେ ପ୍ରଧାନମନ୍ତ୍ରୀ ମୋଦୀ ୟୁକ୍ରେନ୍ ରାଷ୍ଟ୍ରପତି ଭଲଦୋମୀର ଜେଲେଁସ୍କିଙ୍କୁ ମଧ୍ୟ ଫୋନ କରି ଆଲୋଚନା ଓ କୂଟନୈତିକ ଉପାୟରେ ରୁଷ ସହ ବିବାଦ ତୁଟାଇବାକୁ ପରାମର୍ଶ ଦେଇଛନ୍ତି। ଜେଲେଁସ୍କିଙ୍କୁ ମୋଦୀ କହିଛନ୍ତି ଯେ ରୁଷ-ୟୁକ୍ରେନ୍ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନର ସମସ୍ତ ପ୍ରୟାସକୁ ଭାରତ ସମର୍ଥନ କରୁଛି। ୟୁକ୍ରେନ୍ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅର୍ଥପୂର୍ଣ୍ଣ କରିବାକୁ ତଥା ପରସ୍ପର ପାଇଁ ଲାଭପ୍ରଦ କରିବାକୁ ଭାରତ ଆଗ୍ରହୀ। ଏହି କ୍ରମରେ ରାଷ୍ଟ୍ରପତି ପୁଟିନ୍ ଓ ଜେଲେଁସ୍କି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଉଭୟ ଦେଶ ଗସ୍ତ କରିବା ପାଇଁ ଆମନ୍ତ୍ରଣ ଜଣାଇଛନ୍ତି।

## ପପୁ ଯାଦବଙ୍କ ପାର୍ଟି କଂଗ୍ରେସରେ ସାମିଲ

ପାଟନା, ୨୦।୩(ଏଜେନ୍ସି): ଲୋକସଭା ନିର୍ବାଚନ ପୂର୍ବରୁ ପପୁ ଯାଦବ ଆଜି ଦିଲ୍ଲୀ ପହଞ୍ଚି କଂଗ୍ରେସରେ ଯୋଗ ଦେଇଛନ୍ତି ଓ କଂଗ୍ରେସରେ ତାଙ୍କ ରାଜନୈତିକ ଦଳ ଜନ ଅଧିକାର ପାର୍ଟିର ବିଲୟ ଘଟିଛି। ବିହାରରେ ନୀତୀଶ କୁମାର ଓ ଲାଲୁ



ପ୍ରସାଦ ଯାଦବଙ୍କୁ ନିର୍ବାଚନରେ ବିରୋଧ କରିବା ଏଜେଣ୍ଡା ନେଇ ପପୁ ଯାଦବ ୨୦୧୫ରେ ବିହାର ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ଦଳବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି)ରୁ ବହିଷ୍କୃତ ହେବା ପରେ ଜନ ଅଧିକାର ପାର୍ଟି ନାମରେ ନୂଆ ରାଜନୈତିକ ଦଳ ଗଢ଼ିଥିଲେ। ତା’ପୂର୍ବରୁ ପପୁ ସମାଜବାଦୀ ପାର୍ଟି ଓ ଲୋକ ଜନଶକ୍ତି ପାର୍ଟିରେ ଥିଲେ। କଂଗ୍ରେସରେ ଯୋଗ ଦେବା ପରେ ପପୁ କହିଛନ୍ତି, ଏବେ ରାହୁଲ ଗାନ୍ଧୀଙ୍କ ଛଡ଼ା ଅନ୍ୟ ବିକଳ୍ପ ନାହିଁ। ତେଣୁ ରାହୁଲ ଓ ଲାଲୁଙ୍କ ସହ ମିଶି ଆମେ ଲଢ଼ିବୁ,ଲୋକସଭା ୨୦୨୪ ଓ ବିହାର ବିଧାନସଭା ୨୦୨୫ ଉଭୟ ନିର୍ବାଚନ ଜିତିବୁ। ଗତକାଲି ଲାଲୁ ଯାଦବ ଓ ତେଜସ୍ୱୀଙ୍କୁ ପପୁ ସାକ୍ଷାତ କରି ସୀମାଞ୍ଚଳ ଓ ମିଥିଳାଞ୍ଚଳରେ ବିଜେପିକୁ ଯେକୌଣସି ମତେ ହରାଇବା ନେଇ ଆଲୋଚନା କରିଥିଲେ। ତେଜସ୍ୱୀ ଗତ ୧୭ମାସ ଧରି ବିହାରବାସୀଙ୍କ ବିଶ୍ୱାସ ଜିତିବାକୁ ପ୍ରୟାସ ଚଳାଇଛନ୍ତି। ରାହୁଲ ଗାନ୍ଧୀ ଲୋକଙ୍କ ହୃଦୟ ଜିଣୁଛନ୍ତି ଓ ସମସ୍ତଙ୍କ ମନରେ ଆଶା ଉଦ୍ରେକ କରୁଛନ୍ତି। ଯିଏ ଲୋକଙ୍କ ହୃଦୟ ଜିତିବେ ସିଏ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବୋଲି ପପୁ କହିଛନ୍ତି।

## ଇସ୍ତଫା ପରେ ପୁଣି ବିଜେପିରେ ସାମିଲ ହେଲେ ତାମିଲସାଇ

ଚେନ୍ନଇ,୨୦।୩(ଏଜେନ୍ସି): ତେଲଙ୍ଗାନା ରାଜ୍ୟପାଳ ସହ ପୁଡୁଚେରୀର ଉପ ରାଜ୍ୟପାଳ ପଦବୀରୁ ଇସ୍ତଫା ଦେବା ପରେ ତାମିଲସାଇ ସୁନ୍ଦରରାଜନ ପୁଣି ବିଜେପିରେ ସାମିଲ ହୋଇଛନ୍ତି। ସେ ଦୁଇ ଦିନ ତଳେ ଉଭୟ ପଦରୁ ଇସ୍ତଫା ଦେଇଥିଲା ବେଳେ ଏବେ ସକ୍ରିୟ ରାଜନୀତିରେ ସାମିଲ ହୋଇଛନ୍ତି। ତାମିଲନାଡୁ ବିଜେପି ମୁଖ୍ୟ ଆନ୍ନାମଲାଇଙ୍କ ଉପସ୍ଥିତିରେ ସେ ପୁଣି ଥରେ ଦଳରେ ସାମିଲ ହୋଇ ୨୦୨୪ ନିର୍ବାଚନ ପାଇଁ କାର୍ଯ୍ୟ କରିବେ। ଦଳରେ ଯୋଗ ଦେବା ପରେ ତାମିଲସାଇ କହିଛନ୍ତି ଯେ, ପୁଣିଥରେ ଦଳରେ



ସଦସ୍ୟତା ମିଳିଥିବାରୁ ମୁଁ ଖୁସି। ଏବେ ସେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଥିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସହ ଯୋଡି ହେବାକୁ ଚାହୁଁଥିବା କହିଛନ୍ତି।ଏଥର ତାମିଲନାଡୁରେ ନିଶ୍ଚିତ ପଦ୍ମ ଫୁଟିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

### ଡିଏମକେ ଜାରିକଲା ନିର୍ବାଚନୀ ଇସ୍ତାହାର

## ଲାଗୁ ହେବନି ସିଏଏ, ୟୁସିସି

ତାମିଲନାଡୁର ଶାସକ ଦଳ ୨୦୨୪ ଲୋକସଭା ନିର୍ବାଚନ ପାଇଁ ବୁଧବାର ନିର୍ବାଚନ ଇସ୍ତାହାର ଜାରି କରିବା ସହିତ ୨୧ ଜଣଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ସାଂସଦ କାନିମୋଳି ଏବଂ ଏ ରାଜା ସାମିଲ ଅଛନ୍ତି। ବାକି ପ୍ରାର୍ଥୀଙ୍କ ମଧ୍ୟରେ ଡିଏମକେର ସହଯୋଗୀ ଦଳ କଂଗ୍ରେସ, ବାମପନ୍ଥୀ ଦଳ ଏବଂ ଭିସିକେ ଦଳର ପ୍ରାର୍ଥୀ ରହିଛନ୍ତି। ଡିଏମକେ ପୁଣି କ୍ଷମତାକୁ ଆସିଲେ ରାଜ୍ୟରେ ସିଏଏ କିମ୍ବା ୟୁସିସି ଆଇନ ଲାଗୁ ନ କରିବାକୁ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଛି। ଏହାବ୍ୟତୀତ ରାଜ୍ୟପାଳଙ୍କ ନିଯୁକ୍ତିକୁ ନେଇ ରହିଥିବା ନିୟମରେ ପରିବର୍ତ୍ତନ ଆଣିବା ସହିତ ଧାରା ୩୫୬କୁ ଉଚ୍ଛେଦ କରିବା ଦିଗରେ ଦଳ ପ୍ରାଥମିକତା ଦେବ ବୋଲି କହିଛି।

### ଗ୍ୱାଦାର ବନ୍ଦରରେ ବେଲୁଚ୍ ବିଦ୍ରୋହୀଙ୍କ ଆକ୍ରମଣ

## ୮ ଆତଙ୍କବାଦୀ ନିପାତ

ଇସଲାମାବାଦ, ୨୦।୩(ଏଜେନ୍ସି)

ଚୀନ ପରିଚାଳିତ ପାକିସ୍ତାନର ଗ୍ୱାଦାର ବନ୍ଦର କମ୍ପ୍ଲେକ୍ସ ଉପରେ ୮ ଜଣ ସଶସ୍ତ୍ର ବେଲୁଚ୍ ବିଦ୍ରୋହୀ ଆଜି ଅଚାନକ ଆକ୍ରମଣ କରି ଅନ୍ଧାଧୂନ ଗୁଳିଚାଳନା କରିଥିଲେ। ସେଠାରେ ଅନେକ ବିସ୍ଫୋରଣ ମଧ୍ୟ ଘଟିଥିଲା। ତେବେ ବନ୍ଦର ସୁରକ୍ଷାରେ ନିୟୋଜିତ ବାହିନୀଙ୍କ ପାଲଟା ଆକ୍ରମଣରେ ସମସ୍ତ ୮ ବେଲୁଚ୍ ବିଦ୍ରୋହୀ ନିହତ ହୋଇଥିଲେ। ଏହି ସୂଚନା ଦେଇ ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସର୍ଫରାଜ ବୁଗଟି କହିଛନ୍ତି, ଆକ୍ରମଣକାରୀଙ୍କୁ ନିପାତ କରି ସୁରକ୍ଷା ବାହିନୀ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଛନ୍ତି। ପାକିସ୍ତାନରେ ବେଆଇନ ଘୋଷିତ ବିଦ୍ରୋହୀ ସଂଗଠନ ବେଲୁଚିସ୍ତାନ ଲିବେରେସନ୍ ଆର୍ମି(ବିଏଲଏ)ର ଅନୁବନ୍ଧିତ ମିଲିସିଆ ମାଜିଦ୍ ବ୍ରିଗେଡ୍ ଏହି ଆକ୍ରମଣ କରିଥିବା ସ୍ୱୀକାର ତଥା ଦାବି କରିଛି। ନବନିଯୁକ୍ତ ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ କୌଣସି ଧରଣର ସୀମାପାର ଆତଙ୍କବାଦକୁ ପାକିସ୍ତାନ ସହ୍ୟ କରିବ ନାହିଁ ବୋଲି ବିବୃତି ଦେବା ପରେ ବେଲୁଚ ବିଦ୍ରୋହୀମାନେ ଏହି ଆକ୍ରମଣ କରିଛନ୍ତି। ପାକିସ୍ତାନର ଗ୍ୱାଦାର ବନ୍ଦର ଚୀନ-ପାକିସ୍ତାନ ଇକୋନୋମିକ୍ କରିଡର(ସିପିଇସି) ପାଇଁ ଅତି ମହତ୍ତ୍ୱପୂର୍ଣ୍ଣ। ସିପିଇସି ହେଉଛି ସହସ୍ର ସହସ୍ର କୋଟି ଡଲାରର ନିବେଶରେ ଚୀନ ଦ୍ୱାରା ପାକିସ୍ତାନରେ ନିର୍ମାଣ କରାଯାଉଥିବା ସୁବିଶାଳ ରୋଡ ଓ ଶକ୍ତି ପ୍ରକଳ୍ପ। ସିପିଇସି ହେଉଛି ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମହତ୍ତ୍ୱାକାଂକ୍ଷୀ ବେଲଟ ଆଣ୍ଡ ରୋଡ୍ ପ୍ରାରମ୍ଭ(ବିଆରଆଇ)ର ଅଂଶବିଶେଷ। ବେଲୁଚିସ୍ତାନ ବିଦ୍ରୋହୀମାନେ ଖଣିଜସମୃଦ୍ଧ ବେଲୁଚିସ୍ତାନରେ ଖଣିଜ ଲୁଟ ଲକ୍ଷ୍ୟରେ ଚୀନ ପକ୍ଷରୁ ଗ୍ୱାଦାର ବନ୍ଦରର ବିକାଶ ଓ ସିପିଇସିରେ ଚୀନର ଅତିବଡ଼ ପରିମାଣର ନିବେଶକୁ ତୀବ୍ର ବିରୋଧ କରିଆସୁଛନ୍ତି।



## ଖଣି ବିସ୍ଫୋରଣରେ ୧୨ ଶ୍ରମିକ ମୃତ

ଖୋସ୍ତ(ପାକିସ୍ତାନ), ୨୦।୩(ଏଜେନ୍ସି): ପାକିସ୍ତାନର ଦକ୍ଷିଣ-ପଶ୍ଚିମ ପ୍ରାନ୍ତରେ ଥିବା ବେଲୁଚସ୍ତାନ ପ୍ରଦେଶର ଖୋସ୍ତ ଅଞ୍ଚଳସ୍ଥିତ ଏକ କୋଇଲା ଖଣିରେ ଗତକାଲି ବିଳମ୍ବିତ ରାତ୍ରରେ ମିଥେନ୍ ଗ୍ୟାସ ବିସ୍ଫୋରଣ କାରଣରୁ କୋଇଲା ଖନନରେ ନିୟୋଜିତ ୧୨ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ବିସ୍ଫୋରଣ ପରେ ଖଣିର ଅତଡ଼ା ଧସି ୮୦୦ ଫୁଟ ତଳେ କୋଇଲା ଟନେଲରେ କାର୍ଯ୍ୟରତ ୨୪୦ ଶ୍ରମିକ ଫସି ରହିଥିଲେ। ଉଦ୍ଧାରକାରୀ ଦଳ ସାରା ରାତି ପରିଶ୍ରମ କରି ୧୨ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଉଦ୍ଧାରକାରୀ ଦଳର ମଧ୍ୟ ୮ ସଦସ୍ୟ ଖଣି ଭିତରେ ଅନେକ ଘଣ୍ଟା ଧରି ଫସି ରହିଥିଲେ। ବହୁକଷ୍ଟରେ ସେମାନଙ୍କୁ ସଚେତନ ଓ ଅଚେତନ ଅବସ୍ଥାରେ ଉଦ୍ଧାର କରାଯାଇଛି ବୋଲି ବେଲୁଚିସ୍ତାନ ଖଣି ମହାନିର୍ଦ୍ଦେଶକ କହିଛନ୍ତି। ଏହି ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ଶୋକବ୍ୟକ୍ତ କରିଛନ୍ତି। ବେଲୁଚିସ୍ତାନର କୋଲିୟାରୀଗୁଡ଼ିକ ଅସୁରକ୍ଷିତ ଥିବାରୁ ଅନେକ ସମୟରେ ଦୁର୍ଘଟଣାରେ ଅନେକ ଶ୍ରମିକ ପ୍ରାଣ ହରାଉଛନ୍ତି। ସେଠାରେ କୋଇଲା ଖଣି ଦୁର୍ଘଟଣାରେ ୨୦୧୧ରେ ୪୩ ଜଣ ଓ ୨୦୧୮ ରେ ୨୩ ଜଣ ଶ୍ରମିକ ପ୍ରାଣ ହରାଇଥିବା କୁହାଯାଇଛି।

● ସୁପ୍ରିମକୋର୍ଟ ଗଲେ ଟିଏମସି ସାଂସଦ ଅଭିଷେକ ବାନାର୍ଜୀ

## ନିର୍ବାଚନ ନ ସରିବା ଯାଏ ଇଡି ସମନରେ ରୋକ୍ ଲାଗୁ

ନୂଆଦିଲ୍ଲୀ, ୨୦।୩(ଏଜେନ୍ସି)

ଏକ କୋଲ ମାଇନିଂ ମାମଲାରେ ମନି ଲଣ୍ଡରିଂ ଅଭିଯୋଗରେ ଦିଲ୍ଲୀ ଆସି ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟା କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବା ପାଇଁ ଇଡି ପ୍ରେରିତ ସମନକୁ ଚ୍ୟାଲେଞ୍ଜ କରି ତୃଣମୂଳ କଗ୍ରେସ ସାଂସଦ ଅଭିଷେକ ବାନାର୍ଜୀ ଓ ତାଙ୍କ ପତ୍ନୀ ରୁଜୀରା ବାନାର୍ଜୀ ସୁପ୍ରିମକୋର୍ଟରେ ଏକ ଯାଚିକା ଦାଖଲ କରିଛନ୍ତି।



ଯାଚିକାରେ ଅଭିଷେକ ପ୍ରାର୍ଥନା କରିଛନ୍ତି ଯେ ଏପ୍ରିଲରୁ ଜୁନ୍ ଯାଏ ହେବାକୁ ଥିବା ଲୋକସଭା ନିର୍ବାଚନ ନସରିବା ଯାଏ ତାଙ୍କୁ ସମନ ନପଠାଇବାକୁ ସୁପ୍ରିମକୋର୍ଟ ଇଡିକୁ ନିର୍ଦ୍ଦେଶ ଦିଅନ୍ତୁ। ବିଚାରପତି ବେଲା ଏମତ୍ରିବେଦୀ ଓ ବିଚାରପତି ପଙ୍କଜ ମିଥାଲଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଆଜି ଅଭିଷେକଙ୍କ ଯାଚିକାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ଜୁଲାଇ ୧୦ରେ ଯାଚିକାର ବିଚାର ପାଇଁ ଖଣ୍ଡପୀଠ ଦିନ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠଙ୍କୁ ଅଭିଷେକଙ୍କ ଓକିଲ କପିଲ ସିବଲ କହିଥିଲେ ଯେ ଆବେଦନକର୍ତ୍ତା ଜଣେ ସାଂସଦ। ସେ କୋଲକାତାର ଡାଏମଣ୍ଡ ହାର୍ବର ଲୋକସଭା ଆସନ ପାଇଁ ପ୍ରାର୍ଥୀ ହେଉଛନ୍ତି। ଜୁନ୍ ପହିଲାରେ ସେହି ଆସନ ପାଇଁ ମତଦାନ ହେବ। ତେଣୁ ତାଙ୍କ ଯାଚିକାର ବିଚାର ଜୁଲାଇ ମାସରେ ହେବା ବ୍ୟବସ୍ଥା କରାଯାଇପାରେ। ଖଣ୍ଡପୀଠ ସେଥିଇରେ ସମ୍ମତ ହୋଇ ଜୁଲାଇ ୧୦ରେ ଯାଚିକାର ବିଚାର ଆରମ୍ଭ କରିବା ନିମନ୍ତେ ଦିନ ଧାର୍ଯ୍ୟ କରିଛନ୍ତି। ସିବଲ ଖଣ୍ଡପୀଠଙ୍କୁ କହିଥିଲେ ଯେ ୨୦୨୧ ସେପ୍ଟେମ୍ବର ପରଠାରୁ ଇଡି ମନିଲଣ୍ଡରିଂ ମାମଲାରେ ଅଭିଷେକଙ୍କୁ କୌଣସି ସମନ ପଠାଇନଥିଲା। ତେଣୁ ପରବର୍ତ୍ତୀ ଶୁଣାଣୀ ତାରିଖ ଜୁଲାଇ ୧୦ ଯାଏ ଇଡି ଅଭିଷେକଙ୍କୁ ସମନ ନପଠାଉ। ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ଏସଭି ରାଜୁଙ୍କୁ କହିଥିଲେ, ଏତେ ଦିନ ଧରି ଇଡି ଅଭିଷେକଙ୍କୁ ସମନ ପଠାଇ ନାହିଁ ଯେତେବେଳେ ଆଉ ୨/୩ ମାସ ପରେ ମଧ୍ୟ ତାଙ୍କୁ ସମନ କରାଯାଇପାରିବ। ଆବେଦନକର୍ତ୍ତା ନିର୍ବାଚନ ଲଢୁଛନ୍ତି। ଅତିରିକ୍ତ ସଲିସିଟର ଜେନେରାଲ ଖଣ୍ଡପୀଠଙ୍କୁ କହିଥିଲେ ଯେ ଅଭିଷେକଙ୍କୁ ଜୁଲାଇ ଯାଏ ସମନ ନପଠାଇବୁ ତ ଠିକ୍ ଅଛି, ପଠାଇବୁ ନାହିଁ। କିନ୍ତୁ ତାଙ୍କ ପତ୍ନୀ ଯିଏ ସହଅଭିଯୁକ୍ତ ଓ ଏହି ଯାଚିକାରେ ସହଆବେଦନକର୍ତ୍ତା ଅଛନ୍ତି, ତାଙ୍କୁ ସମନ ପଠାଯିବାରେ କିଛି ବାଧା ନରହୁ।


# ସରକାରୀ ସୁବିଧା ପାଇଁ ଭାଇକୁ ବାହାହେଲା ଭଉଣୀ

ଲକ୍ଷ୍ନୌ,୨୦।୩(ଏଜେନ୍ସି): ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ବିବାହ ଦେବା ଉଦ୍ଦେଶ୍ୟରେ ଉତ୍ତରପ୍ରଦେଶର ଆଦିତ୍ୟନାଥ ଯୋଗୀ ସରକାର ମୁଖ୍ୟମନ୍ତ୍ରୀ ସାମୂହିକ ବିବାହ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ମାଗଣା ବିବାହ ସହିତ ବରକନ୍ୟାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପହାର ସହିତ ନଗଦ ଅର୍ଥ ସହାୟତା ଦିଆଯିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଅର୍ଥ ଲୋଭରେ ଏହି ଯୋଜନା ଅଧୀନରେ ବହୁ ନକଲି ବିବାହ କରାଯାଉଥିବା ବିଗତ ଦିନରେ ଦେଖାଯାଇଛି। ହେଲେ ଏହି ପ୍ରସଙ୍ଗରେ ଆଉ ଏକ ବିଚିତ୍ର ଘଟଣା ସମାନାକୁ ଆସିଛି। ଅର୍ଥ ଲୋଭରେ ଜଣେ ବିବାହିତା ଭଉଣୀ ନିଜ ଭାଇଙ୍କୁ ବିବାହ କରିଥିବା ଦେଖାଯାଇଛି। ଉତ୍ତରପ୍ରଦେଶର ମହରାଗଞ୍ଜର ଲକ୍ଷ୍ମୀପୁର ବ୍ଲକ୍‌ରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଏହି ଘଟଣା ଜଣାପଡ଼ିବା ପରେ ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ମହିଳାଙ୍କ ବିରୋଧରେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଏହି ସାମୂହିକ ବିବାହ ଯୋଜନାରେ ଏକ ନବଦମ୍ପତିଙ୍କୁ ୫୧ ହଜାର ଟଙ୍କାର ଅର୍ଥ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ବିବାହ କାର୍ଯ୍ୟ ସମ୍ପନ୍ନ ହେବା ମାତ୍ରେ ପତ୍ନୀଙ୍କ ନାମରେ ତୁରନ୍ତ ୩୫ ହଜାର ଟଙ୍କାର ଚେକ୍ ଦିଆଯାଇଥାଏ। ସଂପୃକ୍ତ ମହିଳା ଜଣକ ଅର୍ଥ ଲୋଭରେ ପଡ଼ି ନିଜ ଭାଇଙ୍କୁ ବିବାହ କରିଥିବା ସ୍ୱୀକାର କରିଛନ୍ତି।



### ନିର୍ବାଚନ ଲଢିବା ପାଇଁ ୬୦ ବର୍ଷରେ ବିବାହ

ଆସନ ଲୋଭରେ ବିହାରର ଜଣେ ବାହୁବଳୀ ନେତା ୬୦ ବର୍ଷ ବୟସରେ ବିବାହ କରିଛନ୍ତି।ପତ୍ନୀଙ୍କୁ ଲୋକସଭା ଆସନରେ ଠିଆ କରାଇବା ପାଇଁ ନାଳନ୍ଦା ଅଞ୍ଚଳର ବାହୁବଳୀ ନେତା ଅଶୋକ ମାହତୋ ପରିଣତ ବୟସରେ ବିବାହ କରିଛନ୍ତି। ଚଳିତଥର ମୁଙ୍ଗେର ଲୋକସଭା ଆସନରୁ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଅଶୋକ ଚାହୁଁଥିଲେ ହେଁ ନିଜର ନାମାଙ୍କନ ପତ୍ର ରଦ୍ଦ ହୋଇଯିବା ଭୟ ତାଙ୍କୁ ଘାରିଛି। ଏଥିପାଇଁ ସେ ବିକଳ୍ପ ପନ୍ଥା ଆପଣେଇ ବିବାହ କରିଛନ୍ତି। ୧୭ ବର୍ଷ ପରେ ଗତବର୍ଷ ଡିସେମ୍ବର ମାସରେ ଜେଲ୍‌ରୁ ଫେରିଥିବା ଅଶୋକ ମାହତୋ ମଙ୍ଗଳବାର ଲଖିସରାୟ ଜିଲ୍ଲାର କୁମାରୀ ଅନୀତାଙ୍କୁ ବିବାହ କରିଛନ୍ତି। ବିବାହ ପାଇଁ କୌଣସି ଲଗ୍ନ ନଥିବା ବେଳେ ନିର୍ବାଚନକୁ ଦୃଷ୍ଟିରେ ରଖି ତରବରିଆ ଭାବେ ସେ ଏହି ବିବାହ କରିଛନ୍ତି। ଯଦି ତାଙ୍କ ନାମାଙ୍କନ ପତ୍ର ରଦ୍ଦ ହୋଇଯାଏ ତେବେ ସେ ତାଙ୍କ ପତ୍ନୀ ଅନୀତାଙ୍କୁ ମୁଙ୍ଗେର ଆସନରେ ଠିଆ କରାଇବେ ବୋଲି ଆଶା ରଖିଛନ୍ତି।



ମୋ ପାଇଁ କ୍ରିକେଟ୍ ବ୍ୟାଟ୍ ଖେଳନା ନୁହେଁ, ଏହା ଗୋଟିଏ ଅସ୍ତ୍ର। ଜୀବନରେ ମୋତେ ସବୁକିଛି ଏହିଥିରୁ ହିଁ ମିଳିଛି ଏବଂ ସେଇଥିପାଇଁ କ୍ରିକେଟ୍ ପଡ଼ିଆରେ ମୁଁ ବହୁତ କିଛି ହାସଲ କରିପାରୁଛି।
-ବିରାଟ କୋହଲି


ସକାଳ
THE SAKALA


## ବିଶ୍ୱ ପ୍ରଦୂଷିତ ନଗରୀ ତାଲିକାରେ ଦିଲ୍ଲୀ ତୃତୀୟ

# ଅକ୍ଷୟ ଶକ୍ତି ବିକାଶ ହିଁ ସମାଧାନର ମାର୍ଗ

ମାଟି ଖୋଳିଲେ, ଚୁଲି ଜାଳିଲେ ତ ଧୂଳି ଧୂଆଁ ଉଠିବ। ତେବେ ଖନନ, ନିର୍ମାଣ, ଚାଷବାସ, ରୋଷେଇ ଭଳି ମଣିଷର ଯେଉଁ ସବୁ ମୌଳିକ ଆବଶ୍ୟକତା ରହିଛି, ତାହାକୁ ପୂରଣ କରିବା ବେଳେ ଭାରତ ଭଳି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶରେ ବାୟୁ, ଜଳର ମାନ ବିଗିଡ଼ି ପ୍ରଦୂଷଣ ବଢ଼ିବା ସ୍ୱାଭାବିକ। କେବଳ ସେତିକି ନୁହେଁ, ବିକାଶଶୀଳ ଅର୍ଥନୀତିରେ ପ୍ରଦୂଷଣ ବଢ଼େ। ଅସ୍ୱଚ୍ଛ ଇନ୍ଧନ ଏବଂ ଦାରିଦ୍ର୍ୟ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ।

ସଦ୍ୟ ପ୍ରକାଶିତ ବିଶ୍ୱ ବାୟୁମାନ ରିପୋର୍ଟ (୨୦୨୩) ଅନୁସାରେ ଭାରତର ବାୟୁର ମାନ ଅତି ଉଦ୍‌ବେଗଜନକ। ସୁଇଜରଲାଣ୍ଡର ଟେକ୍‌ନୋଲୋଜି କମ୍ପାନୀ 'ଆଇକ୍ୟୁଏୟାର' ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟ ଅନୁସାରେ ବିଶ୍ୱର ସବୁଠୁ ଖରାପ ବାୟୁମାନ କ୍ଷେତ୍ରରେ ବାଂଲାଦେଶ ଓ ପାକିସ୍ତାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତର ସ୍ଥାନ ତୃତୀୟ। ୨୦୨୨ରେ ଭାରତ ସର୍ବାଧିକ ବାୟୁ ପ୍ରଦୂଷିତ ରାଷ୍ଟ୍ର ଭାବରେ ବିଶ୍ୱରେ ଅଷ୍ଟମ ସ୍ଥାନରେ ଥିଲା। ପୂର୍ବବର୍ଷ ଅର୍ଥାତ ୨୦୨୧ରେ ଭାରତ ଏ କ୍ଷେତ୍ରରେ ପଞ୍ଚମ ସ୍ଥାନ ହାସଲ କରିଥିଲା।

ସଦ୍ୟତମ ରିପୋର୍ଟରେ ପ୍ରଦତ୍ତ କେତେକ ତଥ୍ୟ ଅବଶ୍ୟ ଚିନ୍ତାଜନକ। ଉଦାହରଣ ସ୍ୱରୂପ ବିଶ୍ୱର ୧୫ଟି ସବୁଠୁ ପ୍ରଦୂଷିତ ସହର / ନଗର ମଧ୍ୟରୁ ୧୩ଟି ଭାରତର, ସେଥିରେ ପୁଣି ବିହାରର ବେଗୁସରାଇ, ଦିଲ୍ଲୀ ଓ ଆସାମର ଗୁଆହାଟି ସବୁଠୁ ଉପରେ ରହିଛନ୍ତି। ଅପରପକ୍ଷରେ ପ୍ରଦୂଷିତ ଭାରତରେ ମଧ୍ୟ ଆସାମର ସିଲଚର (୭ମ), ମିଜୋରାମର ଆଇଜଲ (୮ମ) ଓ ମଧ୍ୟପ୍ରଦେଶର ଦାମୋହ (୧୫ଶ) ସ୍ୱଚ୍ଛ ଓ ଅଣପ୍ରଦୂଷିତ ନଗରୀ ଭାବେ ବିଶ୍ୱ ତାଲିକାର ପ୍ରଥମ ୧୫ଟି ସହର ମଧ୍ୟରେ ସ୍ଥାନ ପାଇପାରିଛନ୍ତି। ରିପୋର୍ଟରେ ଯେଉଁ ୧୩୪ଟି ଦେଶର ବାୟୁ ପ୍ରଦୂଷଣ ତଥ୍ୟ ପ୍ରକାଶ ପାଇଛି, ସେଥିରେ ମାତ୍ର ୧୦ଟି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଧାର୍ଯ୍ୟ ବାୟୁମାନ ରକ୍ଷା କରିବାରେ ସଫଳ ହୋଇଛନ୍ତି। ଏସବୁ ଦେଶ ମଧ୍ୟରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମରିସସ୍ ଓ ବଲଟିକ ରାଷ୍ଟ୍ର ସମୂହ ଅନ୍ତର୍ଭୁକ୍ତ। ବିଶ୍ୱର ସମୃଦ୍ଧ ରାଷ୍ଟ୍ର ସମୂହ ଆମେରିକା, କାନାଡ଼ା, ଚୀନ୍, ୟୁରୋପୀୟ ରାଷ୍ଟ୍ର ସମୂହର ବାୟୁମାନ ସନ୍ତୋଷଜନକ ତାଲିକାରେ ନାହିଁ। ଚୀନ୍‌ର ସ୍ଥିତି ତ ଅତି ଖରାପ। ବଡ଼ କଥା ହେଉଛି ବିଶ୍ୱର ପ୍ରମୁଖ ଉନ୍ନତ ବା ବିକଶିତ ଦେଶଗୁଡ଼ିକର ବାୟୁମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଧାର୍ଯ୍ୟ ମାନ ଅନୁସାରୀ ନୁହେଁ।

ବିକାଶ ସହିତ ପ୍ରଦୂଷଣ ନିବିଡ଼ ଭାବେ ଜଡ଼ିତ। ଏହି ବାୟୁ ପ୍ରଦୂଷଣ ସମସ୍ୟା ଭାରତ ଓ ଚୀନ୍ ଭଳି ଏସୀୟ ରାଷ୍ଟ୍ରଗୁଡ଼ିକରେ ଅତି ଅଧିକ। ସ୍ୱଚ୍ଛ ଇନ୍ଧନ ଓ ସାଧନର ଅଭାବରୁ ଏସବୁ ଦେଶରେ ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନ ବ୍ୟବହାର ସର୍ବାଧିକ। ବିଶେଷକରି କୋଇଲା ବ୍ୟବହାର ଶସ୍ତା ଓ ସହଜ ହେଉଥିବାରୁ ଏସବୁ ଦେଶ ଏହା ଉପରେ ଅଧିକ ନିର୍ଭର କରିଥା'ନ୍ତି। ତେଣୁ ପ୍ରଦୂଷଣ ଅଧିକ ହେଉଛି। ଏହାଛଡ଼ା ପେଟ୍ରୋଲିୟମର ବହୁଳ ବ୍ୟବହାର ପରିସ୍ଥିତିକୁ ଉତ୍କଟ କରୁଛି। ବିଶ୍ୱର ରାଜଧାନୀ ସହରଗୁଡ଼ିକ ମଧ୍ୟରେ ଦିଲ୍ଲୀ ପ୍ରଦୂଷଣରେ ଏକ ନମ୍ବର ହେବା ବିଚିତ୍ର ନୁହେଁ। ବ୍ୟାପକ ନଡ଼ା ପୋଡ଼ି ଏହାର ପ୍ରମୁଖ କାରଣ। ଦିଲ୍ଲୀରେ ସବୁ ଯାନ ଏବେ ସିଏନ୍‌ଜି ଓ ପିଏନ୍‌ଜିରେ ଚାଲୁଛି। କଳକାରଖାନାରେ ଆଉ ପ୍ରାୟ କୋଇଲା ବ୍ୟବହାର ହେଉନାହିଁ। ଗ୍ୟାସ ଓ ବିଜୁଳି ଭଳି ସ୍ୱଚ୍ଛ ଇନ୍ଧନର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ତେବେ ନଡ଼ା ପୋଡ଼ି ଭାରତରେ ଏକ ସଂବେଦନଶୀଳ ରାଜନୈତିକ ପ୍ରସଙ୍ଗ। ଚାଷୀଙ୍କ ଆଗରେ ସରକାରଙ୍କ ନିୟମ ହାରମାନୁଛି। ତେଣୁ ଦିଲ୍ଲୀ ପ୍ରଦୂଷଣ ପାଇଁ ବିଶ୍ୱ ଦରବାରରେ ଦେଶ ନିନ୍ଦିତ ଏବଂ ଲଜ୍ଜିତ ହେଉଛି।

ତେବେ ଏହି ରିପୋର୍ଟକୁ ନେଇ ଭାଙ୍ଗି ପଡ଼ିବା ଉଚିତ ନୁହେଁ। କାରଣ ଭାରତ ବିଶ୍ୱର ଏକମାତ୍ର ଦେଶ, ଯିଏ ସ୍ୱଚ୍ଛ ଭାରତ ଭଳି କାର୍ଯ୍ୟକ୍ରମକୁ ଏକ ଜନଆନ୍ଦୋଳନରେ ପରିଣତ କରି ବାହ୍ୟ ମଳତ୍ୟାଗକୁ ବନ୍ଦ କରିପାରିଛି। ଭାରତ ସେହି ଦେଶ ଯିଏ କି କୋପ୍‌ରେ ସ୍ୱେଚ୍ଛାରେ ଘୋଷଣା କରିଛି ଯେ ୨୦୩୦ ସୁଦ୍ଧା ଏହା ୫୦୦ ଜିଗାୱାଟ୍ ଅଣଜୀବାଶ୍ମ ଇନ୍ଧନ ସ୍ୱଚ୍ଛ ଉର୍ଜା ଉତ୍ପାଦନ ଦକ୍ଷତା ହାସଲ କରିବ। ଏହି ସମୟ ମଧ୍ୟରେ ନିଜର ମୋଟ ଶକ୍ତି ଆବଶ୍ୟକତାର ୫୦ ଭାଗ ଅକ୍ଷୟ ଉର୍ଜାରୁ ଆଣିବ। ୨୦୩୦ ସୁଦ୍ଧା ନିଜର କାର୍ବନ (ଅଙ୍ଗାରକାମ୍ଳ) ନିର୍ଗମନ ପରିମାଣ ଏକ ବିଲିୟନ ଟନ୍ କମ୍ କରିବ। ସର୍ବୋପରି ୨୦୩୦ ସୁଦ୍ଧା ଦେଶର ଅର୍ଥନୀତିରେ ଅଙ୍ଗାରକାମ୍ଳ ସୃଷ୍ଟିକାରୀ ଇନ୍ଧନ ବ୍ୟବହାରକୁ ୪୫ ଶତାଂଶ ହ୍ରାସ କରିବ (୨୦୦୫ ସ୍ତର ଅନୁସାରେ)। ଭାରତର ଏହା କେବଳ ତୁଚ୍ଛା ଘୋଷଣା ନୁହେଁ। ଏ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ହେଉଛି। ଭାରତ ନେତୃତ୍ୱରେ ଗଠିତ ଆନ୍ତର୍ଜାତିକ ସୌରମେଣ୍ଟ ତାହାର ଏକ ଉତ୍ତମ ଉଦାହରଣ।

୨୦୪୭ ସୁଦ୍ଧା ଭାରତ ବିଶ୍ୱର ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଲକ୍ଷ୍ୟ ରଖି କାମ କରୁଛି। ତା'ପୂର୍ବରୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବାର ପ୍ରୟାସ ଜାରି ରଖିଛି। ଭାରତର ନେତୃତ୍ୱ ଭଲ ଭାବେ ଜାଣନ୍ତି ଯେ ଏ ବିକଶିତ ଓ ସମୃଦ୍ଧ ଦେଶ କେବେ ପ୍ରଦୂଷିତ, ରଗ୍‌ଣ, ଅପରିଚ୍ଛନ୍ନ ଓ ବ୍ୟାଧିଗ୍ରସ୍ତ ହୋଇ ନପାରେ। ସହସ୍ରାବ୍ଦ ଲକ୍ଷ୍ୟ ହାସଲ କ୍ଷେତ୍ରରେ ଭାରତ ବେଶ୍ ଆଗରେ। ତେଣୁ ବିକାଶଶୀଳରୁ ବିକଶିତ ହେବା ପାଇଁ ଯେଉଁ ପରିବର୍ତ୍ତନର ସମୟ (ଟ୍ରାନ୍‌ଜିସନ୍) ଦରକାର ତାହା ତ ସମସ୍ୟାବହୁଳ ହେବ। ସେହି ସମୟରେ ପ୍ରଦୂଷଣ ଭଳି ସମସ୍ୟା ଆସିବ। ସବୁଠୁ ବଡ଼ କଥା ହେଲା ଭାରତ ତାହାର ପ୍ରଦୂଷଣ ସମସ୍ୟା ଘେନି ବେଶ୍ ସଚେତନ ଏବଂ ଏହାର ପ୍ରତିକାର ଯୁଦ୍ଧକାଳୀନ ଭିତ୍ତିରେ କରୁଛି। ତେଣୁ ଆଜିର ସ୍ଥିତି କାଲିକୁ ଯେ ବଦଳିବ, ଏ ବିଶ୍ୱାସ ରହିଛି। ଏହି ପ୍ରଦୂଷଣ ବିକାଶର ଏକ ପାର୍ଶ୍ୱ ପ୍ରତିକ୍ରିୟା। ଆଜି ଯେଉଁ କେତେକ ଦେଶ ପ୍ରଦୂଷଣମୁକ୍ତ ଓ ଉନ୍ନତ ସେମାନେ ମଧ୍ୟ ଏକଦା ଭାରତ ଭଳି ସ୍ଥିତି ଦେଇ ଗତି କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଶିଳ୍ପ ବିପ୍ଳବ ତାହାର ସାକ୍ଷୀ। ଏଭଳି ରିପୋର୍ଟରେ ଚିନ୍ତାଗ୍ରସ୍ତ ନ ହୋଇ ଏହାକୁ ଏକ ପରିମାପକ ଭାବେ ଗ୍ରହଣ କରି ଆଗକୁ ବଢ଼ିବାକୁ ପଡ଼ିବ। ସବୁ ଅସୁବିଧାକୁ ସୁବିଧାରେ ପରିଣତ କରିବାକୁ କାମ କରିବାକୁ ହେବ।

# ରାଷ୍ଟ୍ରଋଷି ସ୍ୱାମୀ ବିବେକାନନ୍ଦ




ମନୋରଞ୍ଜନ ପ୍ରଧାନ
ଜୟପୁର, ମୋ: ୯୪୩୭୯୧୪୮୧୮


ଏକଦା କବିଗୁରୁ ରବୀନ୍ଦ୍ର ନାଥ ଠାକୁର କହିଥିଲେ- 'ଇଫ୍ ୟୁ ୱାଣ୍ଟ ଟୁ ନୋ ଇଣ୍ଡିଆ, ଷ୍ଟଡି ଟୁ ସ୍ୱାମୀ ବିବେକାନନ୍ଦ'। ଅର୍ଥାତ 'ତୁମେ ଯଦି ଭାରତକୁ ଜାଣିବାକୁ ଚାହୁଁଛ, ତେବେ ସ୍ୱାମୀ ବିବେକାନନ୍ଦଙ୍କୁ ଅଧ୍ୟୟନ କର।' ତେବେ କିଏ ସେ ବିବେକାନନ୍ଦ? କେବଳ ଜଣେ ହିନ୍ଦୁ ସନ୍ନ୍ୟାସୀ? ରାମକୃଷ୍ଣ ମିଶନର ପ୍ରତିଷ୍ଠାତା? ଯୁବ ସାମଜ ସଂସ୍କାରକ? ନା ଆଉ କିଛି? ଉତ୍ତରରେ ଆମେ କହି ପାରିବା ସ୍ୱାମୀ ବିବେକାନନ୍ଦ ଥିଲେ ଗୁରୁ ଶ୍ରୀରାମକୃଷ୍ଣ ପରମହଂସଙ୍କ ଶ୍ରେଷ୍ଠଶିଷ୍ୟ, ଚିକାଗୋ ଧର୍ମସଭାରେ ଭାରତୀୟ ସନାତନ ଧର୍ମ ଓ ସଂସ୍କୃତିର ମହାନତା ଓ ପବିତ୍ରତା ସମ୍ବନ୍ଧରେ ଓଜସ୍ୱିନୀ ଅଭିଭାଷଣ ଦେଇ ବିଶ୍ୱବାସୀଙ୍କ ହୃଦୟ ଜିଣି ବିଶ୍ୱବିଜୟୀ ହୋଇଥିବା ବିଶିଷ୍ଟ ବାଗ୍ମୀ, ପ୍ରବୀଣ ଯୁବ ସନ୍ନ୍ୟାସୀ ତଥା ସ୍ୱଳ୍ପାୟୁ ହୋଇ ବି ଆଗାମୀ ହଜାର ହଜାର ବର୍ଷ ପାଇଁ ଯୁବସମାଜର ପ୍ରେରଣାର ସ୍ରୋତ ସାଜିଥିବା ଜଣେ ମହାନ ଯୁବାଚାର୍ଯ୍ୟ। କିନ୍ତୁ ତାଙ୍କର ଅସଲ ପରିଚୟ ହେଉଛି ସେ ଥିଲେ ଜଣେ ପ୍ରଚଣ୍ଡ ରାଷ୍ଟ୍ରଭକ୍ତ ତଥା ଭାରତ ଜନନୀର ଯଶସ୍ୱୀ ସନ୍ତାନ। ଏକଦା ବାଲ୍ ଗଙ୍ଗାଧର ତିଳକ ସାଂସାରିକ ବନ୍ଧନରୁ ମୁକୁଳି ଆଧ୍ୟାତ୍ମିକ ପଥ ଅନ୍ୱେଷଣରେ ଏଣେତେଣେ ଭ୍ରମଣ କରୁଥା'ନ୍ତି। ହଠାତ୍ ଟ୍ରେନରେ ସାକ୍ଷାତ ହେଲା ସ୍ୱାମିଜୀଙ୍କ ସହ। ସ୍ୱାମିଜୀଙ୍କୁ ଏ ସମ୍ବନ୍ଧରେ ମାର୍ଗଦର୍ଶନ ପାଇଁ ପଚାରିବା କ୍ଷଣି ସ୍ୱାମିଜୀ ସିଧାସିଧା କହିଦେଲେ- 'ମାତୃଭୂମି ପାଇଁ ଜୀବନ ଦିଅ।' ବୟସରେ ସ୍ୱାମିଜୀଙ୍କଠାରୁ ବଡ଼ ହୋଇଥିଲେ ବି ଲୋକମାନ୍ୟ ସ୍ୱାମିଜୀଙ୍କ କଥାକୁ ମନ୍ତ୍ର ଭଳି ଗ୍ରହଣ କରି ବାକି ସମୟ ରାଷ୍ଟ୍ରମାତା ପାଇଁ ସମର୍ପିତ ହୋଇଯାଇଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଚୁମ୍ବକୀୟ କଥା ଓ ଲେଖାରେ ଏତେ ଚମକ ଓ ଆକର୍ଷଣ ଭରି ରହିଛି ଯେ ତାଙ୍କୁ ଯେ ପଢ଼େ, ବୁଝେ ଓ କିଞ୍ଚିତ ନିଜ ଜୀବନରେ ଉତାରିବାକୁ ଚାହେଁ ସେ ଜଣେ ପ୍ରଚଣ୍ଡ ରାଷ୍ଟ୍ରପ୍ରେମୀ ହୋଇଯାଏ। ସେଥିଲାଗି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ କହିଥିଲେ, 'ସ୍ୱାମୀ ବିବେକାନନ୍ଦଙ୍କ ରଚନାବଳୀଗୁଡ଼ିକୁ ମନପ୍ରାଣ ଦେଇ ପଢ଼ିବା ପରେ ମୋର ସ୍ୱଦେଶପ୍ରେମ ସହସ୍ର ଗୁଣ ବୃଦ୍ଧି ପାଇଛି।' ରାଷ୍ଟ୍ରନାୟକ ସୁଭାଷ ବୋଷ କହିଥିଲେ, 'ମୁଁ କହିବି ଆଧୁନିକ ଭାରତ ତାଙ୍କର ସୃଷ୍ଟି।...ମୁଁ ଘଣ୍ଟା ଘଣ୍ଟା ଧରି ବକ୍ତୃତା ଦେଇପାରେ। ଦେଶପ୍ରେମର ସ୍ଫୁଲିଙ୍ଗ ସୃଷ୍ଟି କରିପାରେ। ମାତ୍ର ଏ ଜାତିର ଉତ୍ଥାନ ଦିଗରେ ଓଁକାର ଧ୍ୱନି ଆରମ୍ଭ କରିଥିବା ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ କହିବାକୁ ଗଲେ ମୁଁ ନିରବ ରହିବାକୁ ଉଚିତ ମଣୁଛି।' ଋଷି ଶ୍ରୀଅରବିନ୍ଦ ମଧ୍ୟ କହିଥିଲେ, 'ଭାରତର ପ୍ରାଣପୁରୁଷ ବୋଲି ଯଦି କାହାରିକୁ ସ୍ୱୀକାର କରିବାକୁ ହେବ, ତେବେ ସେ କେବଳ ବିବେକାନନ୍ଦ, ନରକେଶରୀ ବିବେକାନନ୍ଦ।'

ସ୍ୱାମୀ ବିବେକାନନ୍ଦ ଥିଲେ ଜଣେ ବିପ୍ଳବୀ ସନ୍ନ୍ୟାସୀ। ଭାରତର ସେବା ଓ ବିକାଶ ଥିଲା ତାଙ୍କର ପରମ କର୍ତ୍ତବ୍ୟ। ଭାରତମାତାଙ୍କ ସେବା ପାଇଁ ସେ ନିଜର ସର୍ବସ୍ୱ ତ୍ୟାଗ କରିଥିଲେ। ଭାରତମାତା କଥା କହିବା କ୍ଷଣି ସେ ଗମ୍ଭୀର ହୋଇ ଯାଉଥିଲେ। ଥରେ ଭାରତମାତା ଓ ତା'ର ଉତ୍ଥାନ ନିମନ୍ତେ ଆହ୍ୱାନ ଦେଇ କହିଥିଲେ, 'ଆଗାମୀ ପଚାଶ ବର୍ଷ ପାଇଁ ଆମର ପରମ ଜନନୀ ମାତୃଭୂମି ଯେପରି ଆମର ଆରାଧ୍ୟା ଦେବୀ ହୁଅନ୍ତି ଅନ୍ୟାନ୍ୟ ଦେବତାମାନଙ୍କୁ ଏହି କେତେକ ବର୍ଷ ପାଇଁ ଭୁଲିଗଲେ କୌଣସି କ୍ଷତି ନାହିଁ। ଏହି ଦେବତା ହିଁ ଏକମାତ୍ର ଜାଗ୍ରତ-ଆମମାନଙ୍କର ସ୍ୱଜାତି ସର୍ବତ୍ର ତାହାଙ୍କର ହସ୍ତ, ସର୍ବତ୍ର ତାଙ୍କର ପାଦ, ସର୍ବତ୍ର ତାଙ୍କର କର୍ଣ୍ଣ, ସେ ସର୍ବତ୍ର ବ୍ୟାପୀ ରହିଛନ୍ତି। ଅନ୍ୟ ସବୁ ଦେବତାମାନେ ଶୋଇଛନ୍ତି। ଆମେ କ'ଣ ଆମ ସମ୍ମୁଖରେ-ଚତୁର୍ଦ୍ଦିଗରେ ଯେଉଁ ବିରାଟ ଦେବତାଙ୍କୁ ଦେଖୁଛୁ ତାଙ୍କର ଉପାସନା ନ କରି ଏହି ବ୍ୟର୍ଥ ଦେବତାଙ୍କ ପଛରେ ଯିବା? ଯେତେବେଳେ ଆମେ ଏହି ଦେବତାଙ୍କ ପୂଜା ସାରିବୁ, ସେତେବେଳେ ଅନ୍ୟ ସମସ୍ତ ଦେବତାଙ୍କ ପୂଜା କରିବାକୁ ସମର୍ଥ ହେବୁ।'

ବାସ୍ତବରେ ସ୍ୱାମିଜୀ ଥିଲେ ଭାରତମାତାଙ୍କ ପ୍ରକୃତ ଉପାସକ। ରାଷ୍ଟ୍ରମାତାଙ୍କ ଉନ୍ନତି ପାଇଁ ସେ ଥିଲେ ସର୍ବଦା ବ୍ୟାକୁଳ ଓ ବ୍ୟଥିତ। ଏପରିକି ସେ ଜନ୍ମ ଜନ୍ମ ଏ ଦେଶ ମାତୃକାର ସେବା ପାଇଁ ଜନ୍ମ ନେବାକୁ ଆଗ୍ରହୀ ବୋଲି ବାରମ୍ବାର ସର୍ବସାଧାରଣରେ ମତବ୍ୟକ୍ତ କରୁଥିଲେ। ସେ କହୁଥିଲେ, 'ଏହି ମାତୃଭୂମି ପ୍ରତି ମୋର ସାରା ଜୀବନର ଆନୁଗତ୍ୟ ଏବଂ ମୋତେ ଯଦି ସହସ୍ର ଥର ଜନ୍ମଗ୍ରହଣ କରିବାକୁ ହୁଏ, ତେବେ ହେ ବନ୍ଧୁଗଣ ସେହି ସହସ୍ର ଜୀବନର ପ୍ରତିଟି ମୂହୁର୍ତ୍ତ ମୋର ଦେଶବାସୀଙ୍କ ସେବାରେ ବ୍ୟୟ ହେବ।' ଭାରତବାସୀଙ୍କୁ ଉଦ୍‌ବୋଧନ ଦେଇ ସେ କହନ୍ତି, 'ହେ ଭାରତ! ଭୁଲ ନାହିଁ ତୁମ ନାରୀ ଜାତିର ଆଦର୍ଶ ସୀତା, ସାବିତ୍ରୀ, ଦମୟନ୍ତୀ। ଭୁଲ ନାହିଁ ତୁମର ଉପାସ୍ୟ ଉମାନାଥ ସର୍ବତ୍ୟାଗୀ ଶଙ୍କର। ଭୁଲ ନାହିଁ ନୀଚ ଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ମୋଚି, ମେହେନ୍ତର ତୁମର ରକ୍ତ, ତୁମର ଭାଇ। ହେ ବୀର, ସାହସ ଅବଲମ୍ବନ କର। ସଦର୍ପରେ କହ- ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ।'

୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଚିକାଗୋ ବିଶ୍ୱଧର୍ମ ମହାସମ୍ମେଳନରୁ ଫେରି ସାରା ଭାରତ ଭ୍ରମଣ କରି ସ୍ୱାମିଜୀ ଭାରତବର୍ଷର ମହାନତା, ସନାତନ ଧର୍ମ ଓ ସଂସ୍କୃତିର ପବିତ୍ରତା ସମ୍ପର୍କରେ ସଗର୍ବରେ ଦେଶବାସୀଙ୍କୁ କହୁଥିଲେ, 'ପାଶ୍ଚାତ୍ୟ ଦେଶକୁ ଯିବା ପୂର୍ବରୁ ମୁଁ ଭାରତକୁ ଭଲ ପାଉଥିଲି; କିନ୍ତୁ ବର୍ତ୍ତମାନ ଭାରତବର୍ଷର ଧୂଳିକଣା ପର୍ଯ୍ୟନ୍ତ ମୋ ପାଖରେ ପବିତ୍ର; ଭାରତର ବାୟୁ ମୋ ନିକଟରେ ପବିତ୍ର। ଭାରତ ପୁଣ୍ୟଭୂମି, ମହାତୀର୍ଥ।' ନିଜକୁ ଭାରତୀୟ ଭାବେ ସଗର୍ବେ ପରିଚୟ ଦେଇ ନିଜକୁ ଭାଗ୍ୟବାନ ମନେ କରିବାକୁ ସ୍ୱାମିଜୀ କହୁଥିଲେ, 'ହେ ବୀର! ସାହସ ଅବଲମ୍ବନ କର, ସଦର୍ପ କହ-ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ ମୋର ଭାଇ। ତୁମେ ମଧ୍ୟ ତାଙ୍କ ପରି କଟିମାତ୍ର ବସ୍ତ୍ରାବୃତ ହୋଇ ସଦର୍ପେ କୁହ-ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବାଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁ ଶଯ୍ୟା, ଜୀବନର ଉପବନ, ବାର୍ଦ୍ଧକ୍ୟର ବାରଣାସୀ। କୁହ ଭାଇ, ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣରେ ମୋର କଲ୍ୟାଣ, ଆଉ ପୁଣି ଦିନରାତି କହ- ହେ ଗୌରୀନାଥ! ହେ ଜଗଦମ୍ବେ! ମୋତେ ମନୁଷ୍ୟତ୍ୱ ଦିଅ; ମାଆ, ମୋର ଦୁର୍ବଳତା, କାପୁରୁଷତା ଦୂର କର, ମୋତେ ମଣିଷ କର।'



ସ୍ୱାମିଜୀଙ୍କ ଗୋଟିଏ ଗୋଟିଏ ଅଭିବ୍ୟକ୍ତି ରାଷ୍ଟ୍ରଭକ୍ତି ଓ ଭାରତପ୍ରୀତିର ଯଥାର୍ଥ ନମୁନା। ସେଥିପାଇଁ ସ୍ୱାମିଜୀଙ୍କୁ ସେ କିପରି ବୁଝନ୍ତି ଏକ ପ୍ରଶ୍ନର ଉତ୍ତର ଦେଇ ଭଗିନୀ ନିବେଦିତା କହନ୍ତି, 'ପାଞ୍ଚ ହଜାର ବର୍ଷର ଭାରତବର୍ଷ ଯାହା ଜଗତକୁ ଦେଇଛି ତାହା ରାମକୃଷ୍ଣ, ଦେଢ଼ହଜାର ବର୍ଷ ପର୍ଯ୍ୟନ୍ତ ଯାହା ଜଗତକୁ ଦେବ ତାହା ବିବେକାନନ୍ଦ।' ସ୍ୱାମିଜୀ ଏ ଦେଶ ଓ ଦେଶବାସୀଙ୍କ ପାଇଁ ସର୍ବଦା କାନ୍ଦୁଥିଲେ। ବ୍ୟାକୁଳ ହେଉଥିଲେ ଏ ଦେଶର ଅଧିବାସୀମାନଙ୍କ ଦୁଃଖ, ଶୋକ ଓ କ୍ଲେଶ ଲାଘବ ପାଇଁ। ସମସ୍ତ ଶକ୍ତି, ସାମର୍ଥ୍ୟ ଓ ପ୍ରଜ୍ଞା ଥାଇ ବି ନିଜ ଓ ନିଜ ପରିବାର ସୁଖ ପରିହାର କରି ଦେଶମାତୃକାର ସେବା ତଥା ଉତ୍ଥାନ ପାଇଁ ଜଣେ 'ବିପ୍ଳବୀ ଋଷି' ଭାବରେ ସାରା ଦେଶ ବୋଲି ଆଜୀବନ ସେବା କରିଛନ୍ତି। ସମସ୍ତ ବାଧାବିଘ୍ନ ସତ୍ତ୍ୱେ ବିଦେଶ ମାଟିରେ ଠିଆ ହୋଇ ଭାରତର ମହାନତାକୁ ସ୍ୱୀକାର କରିବାକୁ ବିଶ୍ୱବାସୀଙ୍କୁ ପ୍ରେରିତ କରିଛନ୍ତି।

ସ୍ୱାମିଜୀଙ୍କ ପ୍ରାରମ୍ଭ ସମ୍ବୋଧନ ହିଁ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଭାରତର ସଂସ୍କାର, ସଂସ୍କୃତି, ଉଚ୍ଚବିଚାର ଓ ମାର୍ଜିତ ଆଚାର ସମ୍ବନ୍ଧରେ ଅଧିକରୁ ଅଧିକ ଜାଣିବା ପାଇଁ ବିବଶ କରିଥିଲା। ତେଣୁ ଆଜିର ଯୁବ ସମାଜ ସ୍ୱାମିଜୀଙ୍କ ତ୍ୟାଗ, ସମର୍ପଣ ଓ ସେବାର ମହତ୍ତ୍ୱ ବୁଝିବା ଦରକାର। ଦେଶ ପାଇଁ ଥିବା ତାଙ୍କ ସ୍ୱପ୍ନ ଜାଣିବା ଦରକାର। ଆଉ ସଂକଳ୍ପ ନେବା ଉଚିତ କି ଏ ଦେଶ ଆମର ମାଆ। ଦେଶର ବିକାଶ ହିଁ ସେମାନଙ୍କର ବିକାଶ। ଶରୀରର ଗୋଟିଏ ଅଙ୍ଗ ଖରାପ ହେଲେ ଯେପରି ସାରା ଶରୀର ଉପରେ ଗଭୀର ପ୍ରଭାବ ପଡ଼େ, ସେଭଳି ଦେଶର କୌଣସି ଲୋକର ଦୁଃଖ, ଅଭାବ, ଅନଟନ ଓ ଦୁର୍ଦ୍ଦଶା ନିଜର ବୋଲି ଅନୁଭବ କରି ପାରିଲେ ସ୍ୱାମିଜୀଙ୍କ ପାଇଁ ଶ୍ରେଷ୍ଠ ସମର୍ପଣ ଓ ଶ୍ରଦ୍ଧାଞ୍ଜଳି ହେବ। ଆଜି ଯୁବଦେଶ ଭାରତ ବର୍ଷର ସିଂହଭାଗ ଜନସଂଖ୍ୟା(ପ୍ରାୟ ୬୫%) ଯୁବକଯୁବତୀ। ସେମାନେ ଯଦି ସ୍ୱାମିଜୀଙ୍କୁ ପଢ଼ନ୍ତି, ଜାଣନ୍ତି, ବୁଝନ୍ତି ଓ ତାଙ୍କ ଜୀବନାଦର୍ଶକୁ ନିଜ ଜୀବନରେ ଉତାରି ରାଷ୍ଟ୍ରସେବାରେ ନିଜକୁ ସମର୍ପିତ କରିପାରିବେ, ତେବେ ଏ ଦେଶକୁ ବିଶ୍ୱଗୁରୁ ଆସନରେ ଅଧିଷ୍ଠିତ କରିବାରେ କେହି ରୋକି ପାରିବେ ନାହିଁ। ଶେଷରେ ସ୍ୱାମିଜୀଙ୍କ ସେହି ମହାମନ୍ତ୍ର ଉଦ୍ଧାର କରି ଯୁବଗଣଙ୍କୁ ଏତିକି କୁହାଯାଇ ପାରେ - ଉଠ, ଜାଗ, ଯେତେଦିନ ଯାଏଁ ସେହି ଅଭିଳଷିତ ଲକ୍ଷ୍ୟ ପ୍ରାପ୍ତ ନ ହୋଇଛି, ସେତେଦିନ ଯାଏଁ ପ୍ରବଳ ଉଦ୍ୟମ, ଅସୀମ ଚେଷ୍ଟା କରିବାରୁ ବିରତ ହୁଅ ନାହିଁ।

# ସର୍ପ ଉଦ୍ଧାରକଙ୍କ ଜୀବିକା ସମସ୍ୟା




ସୁବ୍ରତ କୁମାର ପ୍ରଧାନ
ଅନୁଗୋଳ, ମୋ: ୯୪୩୮୦୭୫୬୮୬


ବିଂଶ ଶତାବ୍ଦୀ ଆରମ୍ଭରେ ଆଧୁନିକୀକରଣ ଓ ସହରୀକରଣର ଦ୍ରୁତ ବିସ୍ଫୋରଣ ଯୋଗୁଁ ଅନେକ ପ୍ରଜାତିର ବିଷଧର ଓ ବିଷହୀନ ସାପ ନିଜର ପ୍ରାକୃତିକ ଆବାସସ୍ଥଳୀ ହରେଇ ବାଧ୍ୟ ହୋଇ ଜନବସତି ଆଡ଼କୁ ମୁହାଁଇଲେ। ଏହାଫଳରେ ଉଭୟ ସାପ ଓ ମଣିଷ ମୃତ୍ୟୁହାର ବୃଦ୍ଧି ପାଇଲା। ଭାରତରେ ସାପକାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା ବାର୍ଷିକ ୬୦, ୦୦୦ ରୁ ଅଧିକ। ଏହି ସଂଖ୍ୟା ଆମ ଓଡ଼ିଶାରେ ବାର୍ଷିକ ୧୦୦୦ରୁ ଅଧିକ। ଆଗରୁ ସାପଟିଏ ଦେଖିଲେ ବା ଘରୁ ବାହାରିଲେ ସାଧାରଣତଃ ତା'କୁ ମାରି ଦିଆଯାଉଥିଲା କିମ୍ବା କେଳା ଡାକି ସାପକୁ ଧରାଇ ଦିଆ ଯାଉଥିଲା। କିନ୍ତୁ ଏବେ ଓଡ଼ିଶା ସମେତ ଭାରତରେ ଉଭୟ ସହର ଓ ଗ୍ରାମାଞ୍ଚଳରେ କେତେକ ଉତ୍ସାହୀ ଯୁବଗୋଷ୍ଠୀ ସାପମାନଙ୍କୁ ସୁରକ୍ଷା ଦେବାରେ ତତ୍ପରତା ଦେଖାଉଛନ୍ତି। ବିଗତ ୭/୮ ବର୍ଷ ହେବ ଓଡ଼ିଶାର ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସାପ ଏବଂ ସାପକାମୁଡ଼ା ବାବଦରେ ଥିବା ଅନ୍ଧବିଶ୍ୱାସ ଉପରେ ସ୍ୱାସ୍ଥ୍ୟକର୍ମୀ ଭଳି ସଚେତନ କରୁଛନ୍ତି ରାଜ୍ୟର ଅନେକ ସର୍ପ ଉଦ୍ଧାରକାରୀ।

ବହୁ ପ୍ରଜାତିର ସାପ ବନ୍ୟପ୍ରାଣୀ ସୁରକ୍ଷା ଆଇନ - ୧୯୭୨ରେ ତାଲିକାଭୁକ୍ତ। ଏହିଦୃଷ୍ଟିରୁ ସାପମାନେ ଖାଦ୍ୟଶୃଙ୍ଖଳ ଓ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥା'ନ୍ତି। ତେଣୁ ସର୍ପ ଉଦ୍ଧାରକାରୀମାନେ ଜଣେ ଜଣେ ସାହସୀ ବନ୍ୟପ୍ରାଣୀ ସଂରକ୍ଷକ। ସର୍ପ ଉଦ୍ଧାରକାରୀମାନେ କେବଳ ଯେ ସାପକୁ ସୁରକ୍ଷା ଦିଅନ୍ତି ତାହା ନୁହେଁ, ଜନବସତି ଅଞ୍ଚଳ, ଘରବାଡ଼ି ଓ ଶୋଇବା ଘରୁ ଆଦି ବିଷଧର ସାପମାନଙ୍କୁ ଉଦ୍ଧାର କରି ମାନବ ସମାଜକୁ ମଧ୍ୟ ସିଧାସଳଖ ସୁରକ୍ଷା ଦେଉଛନ୍ତି। ବିଷଧର ସାପକୁ ଉଦ୍ଧାର କରିବା ଏକ କୌଶଳପୂର୍ଣ୍ଣ, ଏକାଗ୍ରତାସମ୍ପନ୍ନ କାର୍ଯ୍ୟ। ଯେ କେହି ଏହି ଦୁଃସାହସିକ କାର୍ଯ୍ୟ କରିପାରିବେ ନାହିଁ। ଏଥିପାଇଁ ସ୍ୱତନ୍ତ୍ର ଜ୍ଞାନ, କୌଶଳ, ଏକାଗ୍ରତା ଓ ଶାରୀରିକ ସ୍ଫୂର୍ତ୍ତିର ଆବଶ୍ୟକ ଅଛି। କହିବାକୁ ଗଲେ ସର୍ପ ଉଦ୍ଧାରକାରୀମାନେ ନିଜ ଜୀବନକୁ ବାଜିରେ ଲଗାଇ ନାଗ, ଚିତି, ଚନ୍ଦନ ବୋଡ଼ା ଓ ଅହିରାଜ ଭଳି ବିଷଧର ସାପକୁ ଉଦ୍ଧାର କରି ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ିବା କାର୍ଯ୍ୟ କରୁଛନ୍ତି।

ବିଷଧର ସାପ ଉଦ୍ଧାର କରିବା ସମୟରେ ଅନେକ ସାପ ଉଦ୍ଧାରକାରୀ ସାପକାମୁଡ଼ାରେ ମୃତ୍ୟୁବରଣ କରିଥିବା ଘଟଣା ପ୍ରାୟତଃ ଘଟୁଛି। ସର୍ପ ଉଦ୍ଧାରକାରୀମାନେ ସାଧାରଣତଃ ପ୍ରତିବର୍ଷ ମାର୍ଚ୍ଚ ମାସଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ, ଅର୍ଥାତ ବର୍ଷକୁ ୮ ମାସ ଧରି ସର୍ପ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରି ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି। ଯେଉଁ ସର୍ପ ଉଦ୍ଧାରକାରୀମାନେ ନିଜର ପୂର୍ଣ୍ଣ ସମୟ ସର୍ପଉଦ୍ଧାର କାର୍ଯ୍ୟରେ ବିନିଯୋଗ କରୁଛନ୍ତି ସେମାନେ ଆଜି ଜୀବିକାଶୂନ୍ୟ। କେବଳ ଋତୁକାଳୀନ ବ୍ୟବସାୟିକ ଜୀବିକା ହିଁ ସେମାନଙ୍କର ସାହାରା। ସ୍ଥିତି ଏମିତି ଯେ ଅନେକ ସର୍ପ ଉଦ୍ଧାରକାରୀ ଅଭାବ ଅନଟନରେ ନିଜ ଆତ୍ମସୁରକ୍ଷା ଉପକରଣ (ଜୋତା, ଉଦ୍ଧାର ବାଡ଼ି, ବ୍ୟାଗ୍, ଯିବା ଆସିବା ପାଇଁ ଯାନ ଇତ୍ୟାଦି) ଯୋଗାଡ଼ କରିବାକୁ ମଧ୍ୟ ଅସମର୍ଥ।

ଓଡ଼ିଶାର ଅନେକ ସର୍ପ ଉଦ୍ଧାରକାରୀ ନିଜର ଜୀବନ ଜୀବିକାକୁ ଅନ୍ଧାର ଭିତରକୁ ଠେଲି ଦେଇ ଉଭୟ ସାପ ଓ ମଣିଷ ସମାଜକୁ ସୁରକ୍ଷା ଦେବା ପାଇଁ ଅବିଶ୍ରାମେ ଉଦ୍ଧାର କାର୍ଯ୍ୟ କରୁଛନ୍ତି। କିନ୍ତୁ ସେମାନଙ୍କ ଉନ୍ନତ ଓ ସୁରକ୍ଷିତ ଜୀବନ ଜୀବିକା ପାଇଁ ସରକାର / ପ୍ରଶାସନିକ ସ୍ତରରେ ସେଭଳି କିଛି ଉଲ୍ଲେଖନୀୟ ପଦକ୍ଷେପ ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ। ୦୯.୦୮.୨୦୨୩ରେ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସାପ ଉଦ୍ଧାର ଓ ଥଇଥାନ ପାଇଁ ଜାରି ହୋଇଥିବା ନୂଆ ମାର୍ଗଦର୍ଶିକାରେ ସର୍ପ ଉଦ୍ଧାରକାରୀଙ୍କ ଆତ୍ମସୁରକ୍ଷା ଓ ପୂର୍ଣ୍ଣ ଜୀବିକା ସମ୍ବନ୍ଧରେ ସେଭଳି କିଛି ଉଲ୍ଲେଖ ନାହିଁ। ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଆଇନ - ୧୯୭୨ ଅନୁଯାୟୀ ସାପ ଏକ ସରୀସୃପ ପ୍ରଜାତିର ବନ୍ୟପ୍ରାଣୀ ଏବଂ ଅହିରାଜ ଓ ଅଜଗର ସାପ ହେଉଛନ୍ତି ସିଡ୍ୟୁଲ - ୧ ପ୍ରଜାତି ଅନ୍ତର୍ଭୁକ୍ତ। ଅର୍ଥାତ ହାତୀ, ବାଘ ଓ କଲରାପତରିଆ ବାଘ ଉଦ୍ଧାର, ଥଇଥାନ ଓ ଅପରାଧିକ ଦଣ୍ଡବିଧାନ ପାଇଁ ଯେଉଁ ନୀତି, ନିୟମ ଓ ବ୍ୟବସ୍ଥା ଲାଗୁ ହେଉଛି ଅହିରାଜ ଓ ଅଜଗର ସାପ ପାଇଁ ସମାନ ବ୍ୟବସ୍ଥା ରହିଛି। ଏହି ଦୃଷ୍ଟିରୁ ସରକାରଙ୍କ ନୂଆ ମାର୍ଗଦର୍ଶିକାରେ ସ୍ଥାନିତ ଓଡ଼ିଶା ସର୍ପ ଉଦ୍ଧାରକାରୀମାନେ ସ୍ୱେଚ୍ଛାସେବୀ ରୂପେ ବା ମାଗଣାରେ ସାପ ଉଦ୍ଧାର କରିବା ପ୍ରସଙ୍ଗ ନିଶ୍ଚୟ ପୁନର୍ବାର ବିଚାରଯୋଗ୍ୟ।

ଅନେକ ସମୟରେ ମନରେ ପ୍ରଶ୍ନ ଆସେ - ଯଦି ବାଘ, ଭାଲୁ, ହରିଣ ଓ ହାତୀ ଭଳି ବନ୍ୟପ୍ରାଣୀଙ୍କ ଉଦ୍ଧାର ଓ ସଂରକ୍ଷଣ ପାଇଁ ବନ କର୍ମଚାରୀଙ୍କୁ ଦରମା ମିଳୁଛି, ତେବେ ସାପ ଭଳି ବିଷଧର ବନ୍ୟପ୍ରାଣୀ ଉଦ୍ଧାରକାରୀମାନେ ସେଥିରୁ ବଞ୍ଚିତ କାହିଁକି? ଅନୁରୂପ ଭାବେ ସରକାରଙ୍କ ନୂଆ ମାର୍ଗଦର୍ଶିକାରେ ସ୍ଥାନିତ ସର୍ପ ଉଦ୍ଧାରକାରୀଙ୍କ ବୀମା ପ୍ରିମିୟମ ଅର୍ଥ ଭରଣ ଦ୍ୱନ୍ଦ୍ୱ ମଧ୍ୟ ସଂଶୋଧିତ ହେବା ଜରୁରୀ। ସାପ ଉଦ୍ଧାର ଆଳରେ ସାପ ଓ ବନ୍ୟପ୍ରାଣୀ ଅପରାଧ ସହ ଜଡ଼ିତ ଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡବିଧାନକୁ କଡ଼ାକଡ଼ି ପାଳନ ସହିତ ବନ ବିଭାଗ ସ୍ୱୀକୃତିପ୍ରାପ୍ତ / ବନ୍ୟପ୍ରାଣୀ ସୁରକ୍ଷା ଆଇନ - ୧୯୭୨ ଅନୁଯାୟୀ ସର୍ପ ଉଦ୍ଧାରକାରୀଙ୍କ ଉନ୍ନତ ଜୀବନଜୀବିକା ଓ ସୁରକ୍ଷିତ ଭବିଷ୍ୟତ ପାଇଁ ସଂଶୋଧିତ ମାର୍ଗଦର୍ଶିକା ଜାରି କରାଗଲେ ଏହା ଯୁଗାନ୍ତକାରୀ ଓ କଲ୍ୟାଣକାରୀ ସାବ୍ୟସ୍ତ ହେବ।



## ଘୋଷଣା


ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




# ମୁଣ୍ଡ ଖୋଜୁଛି ପୁଲିସ

**ଆଜକୁ ୮ ବର୍ଷ ପୂର୍ବେ କଟକର ଫେଜ୍-୨ ଥାନା ଅଧୀନ କାଠଯୋଡ଼ି ନଦୀପଠାରୁ ମିଳିଥିଲା ଏକ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ। ମହିଳାଙ୍କୁ କେହି ଦୁଷ୍କର୍ମ କରିବା ପରେ ମୁଣ୍ଡ କାଟି ଏଠାରେ ଫିଙ୍ଗି ଦେଇଥିବା ଅଭିଯୋଗ ଉଠିଥିଲା। ହେଲେ ଘଟଣାକୁ ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ମହିଳାଙ୍କ କଟାମୁଣ୍ଡ ମିଳିଲା ନାହିଁ କି ତାଙ୍କର ପରିଚୟ ମିଳିପାରିଲା ନାହିଁ। ପୁଲିସ କେବଳ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମୃତ୍ୟୁର କାରଣ ତ ଖୋଜିବା ଦୂରର କଥା, ମୃତକଙ୍କ ମୁଣ୍ଡ ମଧ୍ୟ ଖୋଜି ପାଇପାରିଲା ନାହିଁ କି ମହିଳାଙ୍କ ପରିଚୟ ମଧ୍ୟ ଜାଣିପାରିଲା ନାହିଁ।**

ସହରର ଉପକଣ୍ଠ ନରାଜ ନିକଟସ୍ଥ ବ୍ରଜବିହାରୀପୁର କାଠଯୋଡ଼ି ପଠାରେ ୮ବର୍ଷ ପୂର୍ବେ ଘଟିଥିଲା ଅତି ବୀଭତ୍ସ ହତ୍ୟାକାଣ୍ଡ। ଦୁର୍ବୃତ୍ତମାନେ ଜଣେ ମହିଳାଙ୍କୁ ହତ୍ୟା କରିଥିଲେ। ପରିଚୟ ଲୁଚାଇବା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡ କାଟି ନେଇଥିଲେ। ସହର ସାରା ଏହି ହତ୍ୟାକାଣ୍ଡ ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲା। ପୁଲିସ ଘଟଣାସ୍ଥଳକୁ ଯାଇ ଆରମ୍ଭ କରିଥିଲା ତଦନ୍ତ। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରଙ୍କୁ ସେଠାକୁ ନିଆଯାଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ଆଶା କରାଯାଉଥିଲା, ହତ୍ୟାକାରୀ ନିଶ୍ଚିତ ଧରାପଡ଼ିବେ। ଖୁବଶୀଘ୍ର ଏହି ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଉପରୁ ପରଦା ହଟିବ। ହେଲେ ସବୁ କିଛି ରହିଗଲା ଅଧାରେ। ଆଗେଇ ପାରିଲା ନାହିଁ ତଦନ୍ତ। ହତ୍ୟାକାରୀଙ୍କ ସମ୍ପର୍କରେ କୌଣସି ସୁରାକ୍ ପାଇ ପାରିଲା ନାହିଁ ପୁଲିସ। ବିତିଗଲା ୮ବର୍ଷ। ସିଡିଏ ଫେଜ୍-୨ ଥାନାରେ ଗଡ଼ୁଛି ମାମଲା।

୨୦୧୬ ମସିହା ନଭେମ୍ବର ୨୪ ତାରିଖ। ନରାଜ ବ୍ୟାରେଜ ନିକଟସ୍ଥ କାଠଯୋଡ଼ି ପଠାରେ ଦେଖିବାକୁ ମିଳିଥିଲା ଏକ ମୁଣ୍ଡବିହୀନ ମୃତଦେହ। ଗୌରାଙ୍ଗ ମହାନ୍ତି ନାମକ ଜଣେ ବ୍ୟକ୍ତି ଘଟଣା ସମ୍ପର୍କରେ ପ୍ରଥମେ ପୁଲିସକୁ ଖବର ଦେଇଥିଲେ। ସେତେବେଳର କଟକ ଡିସିପି ସଞ୍ଜୀବ ଆରୋରା ଓ ଫେଜ୍-୨ ଥାନାର ତତ୍କାଳୀନ ଥାନା ଅଧିକାରୀ ଦିଲ୍ଲୀପ ସ୍ୱାଇଁ ସ୍ପେସାଲ ସ୍କ୍ୱାର୍ଡ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଥାନରେ କେସ୍ ନଂ-୫୮/୨୦୧୬ରେ ମାମଲା ରୁଜୁ କରି ଏହାର ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଥିଲା ପୁଲିସ। ପୁଲିସ ନଦୀ ପଠା ଓ ନଦୀଭିତରେ ପଶି କଟାମୁଣ୍ଡ ଖୋଜିଥିଲା। ହେଲେ ଏହାର କୌଣସି ସନ୍ଧାନ ପୁଲିସ ପାଇପାରି ନ ଥିଲା। ମୃତଦେହ ନିକଟରୁ ଏକ ପର୍ସ ମିଳିଥିଲା। ସେଥିରୁ ୧୦ଟି ସେଫ୍ଟିପିନ୍, କିଛି ଟିକିଲି ପ୍ୟାକେଟ୍ ଏବଂ ଗୋଟିଏ ମଙ୍ଗଳସୂତ୍ର ବାହାରିଥିଲା। ପୁଲିସ ଏସବୁକୁ ଜବତ କରିଥିଲା। ଏସ୍‌ସିବି ମେଡିକାଲକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା ପୁଲିସ। ଫେଜ୍-୨ଥାନାରେ ରୁଜୁ ହୋଇଥିଲା ମାମଲା। ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରାଯାଇଥିଲା। ଏହାପରେ ତତ୍କାଳୀନ ଡିସିପି ଶ୍ରୀ ଆରୋରା ମୃତଦେହର ଡିଏନ୍‌ଏ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିଖୋଜ ଥିବା ସହରର ସମସ୍ତ ମହିଳାଙ୍କ ତାଲିକା ପ୍ରସ୍ତୁତ କରିବାକୁ ସେ କହିଥିଲେ। ଘଟଣା ଘଟିବାର ୭୨ ଘଣ୍ଟା ଭିତରେ କେହି ମୃତଦେହକୁ ନେବା ପାଇଁ ଦାବି କରି ନ ଥିଲେ। ପୁଲିସ ବ୍ୟବଚ୍ଛେଦ କରି ମହିଳାଙ୍କ ଶବକୁ ପୋତି ଦେଇଥିଲା।

ଅନ୍ୟପକ୍ଷରେ ଶବର ପରିଚୟକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ଏପରି ସ୍ଥଳେ ସହରରେ ପୂର୍ବରୁ ନିଖୋଜ ହୋଇଥିବା ମହିଳାଙ୍କୁ ଚିହ୍ନଟ କରିବା ପାଇଁ ସେମାନଙ୍କ ସମ୍ପର୍କୀୟ ଥାନା ଓ ମେଡିକାଲରେ ଭିଡ଼ ଜମାଇଥିଲେ। ସବୁଠାରୁ କୌତୂହଳର ବିଷୟ ହେଉଛି, ୧୨ରୁ ୧୪ଜଣ ବ୍ୟକ୍ତି ମୃତା ମହିଳାଙ୍କୁ ନିଜ ସ୍ତ୍ରୀ ବୋଲି ଦାବି କରିଥିଲେ। ମାତ୍ର ମୃତ ମହିଳା ଦାବିଦାରଙ୍କ କେହି ସମ୍ପର୍କୀୟ ନୁହଁନ୍ତି ବୋଲି ଡିଏନ୍‌ଏ ଟେଷ୍ଟରୁ ପୁଲିସ ସ୍ପଷ୍ଟ କରିଥିଲା। ଇତିମଧ୍ୟରେ ୮ ବର୍ଷ ବିତିଗଲାଣି। କମିସନରେଟ୍ ପୁଲିସ ବ୍ୟବସ୍ଥାରେ ବଦଳିଛନ୍ତି ଡିସିପି ଓ ଥାନା ଅଧିକାରୀ। ହେଲେ ଏହି ହତ୍ୟାକାଣ୍ଡର ତଦନ୍ତରେ ଘଟିନି ଅଗ୍ରଗତି। ମୁଣ୍ଡବିହୀନ ଶବ ମିଳିବା ଘଟଣା ନେଇ ଏବେ ମୁଣ୍ଡ ଖୋଜାଉନି ପୁଲିସ।

## ଗୋଟିଏ ପରିବାରର ୪ ଜଣଙ୍କୁ ବୀଭତ୍ସ ହତ୍ୟା


# ଉଜାଡ଼ିଦେଲା ପୁତୁରାର ପରିବାର

କଟକରୁ ରାଜେଶ ନାୟକଙ୍କ ରିପୋର୍ଟ











ସେଦିନ ଥିଲା ୨୦୨୩ ମେ ୨୩ ତାରିଖ। ବରଗଡ଼ ଜିଲ୍ଲା ଭଟଲି ଥାନା ନାରଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ଝିକ୍‌ଝିକି ଗ୍ରାମରେ ଗୋଟିଏ ପରିବାରର ଗୁରୁଦେବ ବାଗ (୫୫), ସ୍ତ୍ରୀ ଶିବାଗ୍ରୀ ବାଗ (୪୮), ପୁଅ ଚୂଡ଼ାମଣି ବାଗ (୧୫) ଓ ଝିଅ ଶ୍ରାବଣୀ ବାଗ (୧୦) ହତ୍ୟାର ଶିକାର ହୋଇଥିଲେ। ଏହି ଘଟଣାରେ ଭଟଲି ପୁଲିସ ମୃତ ଗୁରୁଦେବଙ୍କ କାକା ଶିବ ବାଗ (୫୮)ଙ୍କୁ ଗିରଫ କରି ଶବ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଥିଲା। ଏହି ହତ୍ୟା ନାଇଁ ଶିବଙ୍କ ସ୍ତ୍ରୀ ପାର୍ବତୀ ଏବଂ ପୁଅ ନକୁଳ ସହଯୋଗ କରିଥିବା ଜଣାପଡ଼ିଥିଲା।

**ପ୍ରତ୍ୟେକଙ୍କ ଜୀବନରେ ସମ୍ପତ୍ତି କମେଇବା ହୁଏ ତ ସହଜ ହୋଇପାରେ। କିନ୍ତୁ ନୂଆ ସମ୍ପର୍କଟିଏ ଗଢ଼ିବା କାଠିକର ପାଠ। ତେବେ ଅନେକଙ୍କ ପାଇଁ ସମ୍ପତ୍ତି ଆଗରେ ସମ୍ପର୍କ ତୁଚ୍ଛ ପରିଲକ୍ଷିତ ହୋଇଥାଏ। ସମ୍ପତ୍ତିର ଲୋଭ ଜଣେ ମଣିଷକୁ କେଉଁସ୍ତରକୁ ନେଇପାରେ ତା'ର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲା ଝିକଝିକି ଗ୍ରାମରେ। ସମ୍ପତ୍ତି ଲୋଭରେ ନିଜ ପୁତୁରା ସମେତ ପରିବାରର ୪ ଜଣଙ୍କୁ ବୀଭତ୍ସ ହତ୍ୟା କରିବା ଘଟଣା ସମ୍ପର୍କରେ ଏକ କଳଙ୍କ ଦାଗ ଲଗାଇଛି।**

ବରଗଡ଼ରୁ ବଦ୍ରିପ୍ରସାଦ ସାହୁଙ୍କ ରିପୋର୍ଟ

ପ୍ରକାଶ ଥାଉକି ଦୀର୍ଘଦିନରୁ ଜମି ଭାଗବଣ୍ଟାକୁ ନେଇ ଝିକ୍‌ଝିକି ଗ୍ରାମର ଶିବ ବାଗ ଏବଂ ପୁତୁରା ଗୁରୁଦେବ ବାଗଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୩ ମେ ୨୨ ତାରିଖରେ ଶୌଚାଳୟ ଭାଙ୍ଗିବା ଘଟଣାକୁ କେନ୍ଦ୍ରକରି କାକା ଶିବ ଏବଂ ପୁତୁରା ଗୁରୁଦେବ ମଧ୍ୟରେ ବଚସା ହୋଇଥିଲା। ତା'ପରେ ଗ୍ରାମର କିଛି ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଏ ନେଇ ଆଲୋଚନା ହୋଇଥିଲା ଏବଂ ସାମୟିକ ଭାବେ ବିବାଦରେ ପ୍ରଶମିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି ଥରେ ଉଭୟ କାକା ପୁତୁରାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶିବ ତାଙ୍କ ପୁତୁରା ଗୁରୁଦେବଙ୍କ ମୁଣ୍ଡକୁ ଲୁହା ଶାବଳରେ ପିଟି ନିର୍ମମ ହତ୍ୟା କରିଥିଲା। ପରେ ପୁତୁରା ବୋହୂ ଅର୍ଥାତ୍ ଗୁରୁଦେବଙ୍କ ସ୍ତ୍ରୀ ଶିବାଗ୍ରୀ, ନାତି (ଗୁରୁଦେବଙ୍କ ପୁତ୍ର) ଚୂଡ଼ାମଣି ଏବଂ ନାତୁଣୀ (ଗୁରୁଦେବଙ୍କ ଝିଅ) ଶ୍ରାବଣୀଙ୍କୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରିଥିଲା। ହତ୍ୟା ପରେ ମୃତଦେହଗୁଡ଼ିକୁ ଗୁହାଳ ନିକଟରେ ଥିବା ଏକ କୋଠରିରେ ରଖି କବାଟ ବନ୍ଦ କରିଦେଇଥିଲା। ଘଟଣାକୁ ଗୋଟିଏ ଦିନ ବିତି ଯାଇଥିଲେ ମଧ୍ୟ କେହି ଏହାର କେହି ଟେର୍ ମଧ୍ୟ ପାଇପାରି ନ ଥିଲେ। ମଙ୍ଗଳବାର ଅର୍ଥାତ ମେ ୨୩ ତାରିଖ ସକାଳେ ଶିବ ସ୍ଥାନୀୟ ୱାର୍ଡ ମେମ୍ବର ଉଦ୍ଧବ ଭୁଏକୁ ଗୁରୁଦେବର ପରିବାରକୁ ହତ୍ୟା କରିଥିବା ନେଇ କହିବା ପରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଲୋକଲୋଚନକୁ ଆସିଥିଲା। ଝିକ୍‌ଝିକି ଗ୍ରାମରେ ଗୋଟିଏ ପରିବାରର ୪ ଜଣଙ୍କୁ ହତ୍ୟା ଘଟଣା ପରେ ଗାଁ ସମ୍ପୂର୍ଣ୍ଣ ସ୍ତବ୍ଧ ହୋଇଯାଇଥିଲା। ଗାଁରେ ଏହି ଦୁଃଖଦ ଘଟଣା ଜଣାପଡ଼ିବା ପରେ କାହାରି ଘରେ ଚୁଲି ଜଳି ନ ଥିଲା। ୱାର୍ଡ ମେମ୍ବରଠାରୁ ସୂଚନା ପାଇ ଭଟଲି ପୁଲିସ ଝିକିଝିକି ଗାଁରେ ପହଞ୍ଚି ଅଭିଯୁକ୍ତ ଶିବକୁ ଗିରଫ କରିବା ସହ ତା' ଠାରୁ ହତ୍ୟାରେ ବ୍ୟବହୃତ ଲୁହା ଶାବଳ ଜବତ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ତତ୍କାଳୀନ ବରଗଡ଼ ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା ଓ ଭଟଲି ଥାନା ଅଧିକାରୀ ରଞ୍ଜିତ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଉଭୟ କାକା ଶିବ ଏବଂ ପୁତୁରା ଗୁରୁଦେବଙ୍କ ପରିବାର ମଧ୍ୟରେ ବହୁ ବର୍ଷ ଧରି ଜମି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ଲାଗିରହିଥିବା ପୁଲିସ ଜାଣିବାକୁ ପାଇଥିଲା। ଏହି ଘଟଣାରେ ଭଟଲି ପୁଲିସ ପରବର୍ତ୍ତୀ ସମୟରେ ଶିବଙ୍କ ସ୍ତ୍ରୀ ପାର୍ବତୀ ଏବଂ ପୁଅ ନକୁଳକୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିଲା।





### ମୁଖ୍ୟ ଅଭିଯୁକ୍ତଙ୍କ ମୃତ୍ୟୁ

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଝିକ୍‌ଝିକି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଶିବ ବାଗଙ୍କ ଜୁନ ୭ ତାରିଖରେ ମୃତ୍ୟୁ ଘଟିଥିଲା। ମିଳିଥିବା ସୂଚନା ଅନୁଯାୟୀ ଶିବ ଜେଲରେ ଥିବା ବେଳେ ଜୁନ ୭ ତାରିଖ ବୁଧବାର ସନ୍ଧ୍ୟାରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ବରଗଡ଼ ସବ୍‌ଜେଲର ଦୁଇ ଜଣ କର୍ମଚାରୀ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ଶିବଙ୍କୁ ମୃତ ଘୋଷଣା କରିଥିଲେ ମଧ୍ୟ ମୃତ୍ୟୁର ସଠିକ କାରଣ ଜଣାପଡ଼ି ନ ଥିଲା।

### ପୈତୃକ ସମ୍ପତ୍ତି ଭାଗବଣ୍ଟାରୁ ହତ୍ୟାକାଣ୍ଡ

ପାରିବାରିକ ଜମି ଭାଗବଣ୍ଟାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା କୁହାଯାଉଛି। ପରିବାର ସମ୍ପତ୍ତି କହିଲେ ଦେଢ଼ ଏକର ଚାଷ ଜମି ଏବଂ ସାଢ଼େ ୩ ଡିସମିଲ ଘରଡିହ ରହିଛି। ଜମି ବିବାଦ ସହ ଘର ଭାଗ ବଣ୍ଟାକୁ ନେଇ ଦୀର୍ଘଦିନରୁ ଶିବ ସହ ତାଙ୍କର ପୁତୁରା ଗୁରୁଦେବଙ୍କ ବିବାଦ ରହିଥିଲା। ଯାହାର ସମାଧାନ ପାଇଁ ଗ୍ରାମବାସୀ ମଧ୍ୟ ପ୍ରୟାସ କରିଥିଲେ। ହେଲେ ସୁଫଳ ମିଳି ନ ଥିଲା ଓ ବରଂ ପରବର୍ତ୍ତୀ ସମୟରେ ବିବାଦ ଉଗ୍ର ରୂପ ନେଇଥିଲା। ଏହି ଜମି ଏବଂ ଘରଡିହ ଭାଗବଣ୍ଟାକୁ ନେଇ ଶିବ ଏଭଳି ଅମାନୁଷିକ ହତ୍ୟାକାଣ୍ଡ ଘଟାଇଥିବା ପୁଲିସ କହିଛି।






## ସପ୍ତାହର ୭ ଅପରାଧ

**■ ଯୁବକଙ୍କୁ ଛୁରିଭୁସି ହତ୍ୟା**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରିରେ ପ୍ରଶାନ୍ତ ପ୍ରଧାନ ନାମକ ଜଣେ ଯୁବକଙ୍କୁ ଛୁରିଭୁସି ହତ୍ୟା କରାଯାଇଥିଲା। ପ୍ରଶାନ୍ତ ଏକ ବିବାହ ଶୋଭାଯାତ୍ରାରେ ସାମିଲ ଥିବାବେଳେ ତାଙ୍କୁ ଶ୍ରୀହରି ନାମକ ଜଣେ ଯୁବକ ଛୁରି ଦ୍ୱାରା ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଘଟଣାକୁ କେନ୍ଦ୍ରକରି ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତ ଶ୍ରୀହରିର ଘରକୁ ଜାଳି ଦେଇଥିଲେ। ପରେ ପୁଲିସ ଶ୍ରୀହରିକୁ ଗିରଫ କରିଥିଲା।

**■ ଚିକେନ୍ ଦୋକାନୀଙ୍କୁ ଚାପଡ଼ ଚୋଟ**

ଟଙ୍କା ଦେଣନେଣକୁ କେନ୍ଦ୍ରକରି ଶିଖରଚଣ୍ଡୀ ବସ୍ତିରେ ଜଣେ ଚିକେନ୍ ଦୋକାନୀଙ୍କୁ ଭାଇଭଉଣୀ ମିଶିକି ଚାପଡ଼ରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ନୟାଗଡ଼ର ଅଭିଯୁକ୍ତ ସୈଫଲ୍ଲୀ ଖାନ ଓ ସବନମ ବେଗମ୍‌କୁ ଗିରଫ କରିଛି ନନ୍ଦନକାନନ ଥାନା ପୁଲିସ।

**■ ଭଡ଼ା ମାଗିବାରୁ ଖଣ୍ଡାଚୋଟ**

ଘରଭଡ଼ା ବାବଦରେ ଟଙ୍କା ମାଗିବାରୁ ସହିଦନଗର ଶାନ୍ତିପଲ୍ଲୀ ଅଞ୍ଚଳରେ ଜଣେ ଭଡ଼ାଟିଆ ଘର ମାଲିକଙ୍କୁ ଖଣ୍ଡାଚୋଟ ପକାଇଥିଲା। ୫ ମାସର ଘରଭଡ଼ା ମାଗିବାକୁ ଆସିଥିବା ଘରମାଲିକ ଧନୁ ବେହେରା ଏହି ଆକ୍ରମଣରେ ଗୁରୁତର ହୋଇଥିଲେ। ଏଭଳି ଘଟଣା ପରେ ଭଡ଼ାଟିଆ କଟକ ଜିଲ୍ଲାର ମନୁ ନାୟକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

**■ ଶବ ସହ ତିନିଦିନ**

ସ୍ୱାମୀ ଦେଇଥିବା ଟଙ୍କାରେ ନିଶାସେବନ କରିଦେବାରୁ ସ୍ତ୍ରୀକୁ କାଠଫାଳିଆରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି ସାଲିଆସାରିରେ। ହତ୍ୟା ପରି ସ୍ତ୍ରୀର ଶବ ସହ ଦୁଇ ଛୁଆଙ୍କୁ ଘରେ ଲୁଚାଇଥିଲା ସ୍ୱାମୀ। ଏହି ଘଟଣାରେ ଭୁବନେଶ୍ୱର ସାଲିଆସାହିରୁ ଅଭିଯୁକ୍ତ ଗୋଲଖ ବିହାରୀ ଜେନାଙ୍କୁ ପୁଲିସ ଗିରଫ କରିଛି।

**■ ତ୍ରିକୋଣୀୟ ପ୍ରେମରୁ ଗଡ଼ିଲା ମୁଣ୍ଡ**

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଚମ୍ପା ପୋଖରୀ ନିକଟରେ ତ୍ରିକୋଣୀୟ ପ୍ରେମବ୍ୟାପାରରୁ ଗଡ଼ିଥିଲା ମୁଣ୍ଡ। ମୃତ ଯୁବକ ହେଲେ ଚିନ୍ତାମଣିଶ୍ୱରର ଅଞ୍ଜନ ବେହେରା। ପୁଲିସ ପ୍ରେମିକା ନୀହାରିକା ଓ ପୂର୍ବତନ ପ୍ରେମିକ କାହ୍ନୁ ପ୍ରଧାନଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଛି ପୁଲିସ। ରାତି ୨ଟାବେଳେ ଗୌତମ ଅଞ୍ଜନ ସହ ଘରକୁ ଫେରୁଥିବାବେଳେ ପୂର୍ବରୁ କାହ୍ନୁ, ନୀହାରିକା ଏବଂ ୩ ସହଯୋଗୀ ଚମ୍ପା ପୋଖରୀରେ ଛିଡ଼ା ହୋଇଥିଲେ। ସେଠାରେ ଗୌତମଙ୍କ ସହ କାହ୍ନୁଙ୍କ ଯୁକ୍ତିତର୍କ ହୋଇଥିଲା। ପାଟିତୁଣ୍ଡ କାହିଁ କରୁଛ ବୋଲି ଅଞ୍ଜନ ପଚାରିବାରୁ ସେମାନେ ତାଙ୍କୁ ପିଟି ପିଟି ହତ୍ୟା କରିଛନ୍ତି।

**■ ଜଙ୍ଗଲରୁ ମିଳିଥିଲା ନାବାଳିକାଙ୍କ ମୃତଦେହ**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ବାଇନିବସା ଜଙ୍ଗଲରୁ ଜଣେ ନାବାଳିକାର ମୃତଦେହ ଠାବ ହୋଇଥିଲା। ଚତୁର୍ଥ ଶ୍ରେଣୀରେ ପଢ଼ୁଥିବା ନାବାଳିକାଙ୍କ ମୃତଦେହ ଗାଁ ମୁଣ୍ଡରେ ପଡ଼ିଥିବା ଦେଖି ଛେଳି ଚରାଳିମାନେ ଖବର ଦେଇଥିଲେ। ଅନ୍ୟପଟେ ନାବାଳିକାଙ୍କୁ କେହି ଘରୁ ଉଠାଇ ଆଣି ହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ମୁନିଗୁଡ଼ା ଥାନାରେ ଅଭିଯୋଗ ହୋଇଥିଲା।

**■ ୨୮ ଦିନରେ ନ୍ୟାୟ ପାଇଲେ ବିଦେଶିନୀ**

ବିଦେଶିନୀଙ୍କୁ ଅସଦାଚାରଣ କରିବା ଜଣେ ସେବାୟତଙ୍କୁ ମହଙ୍ଗା ପଡ଼ିଥିଲା। ମାତ୍ର ୨୮ ଦିନ ଭିତରେ ମାମଲାକୁ ବିଚାର କରି ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ ପାୟଲ ଗୁପ୍ତା ଅଭିଯୁକ୍ତ ସେବାୟତ କୁନ୍ଦନ ମହାପାତ୍ରଙ୍କୁ ୧୮ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଫେବୃଆରୀ ୧୯ରେ ସ୍ୱିଡେନ୍‌ରୁ ଆସିଥିବା ଜଣେ ମହିଳା ଲିଙ୍ଗରାଜ ମନ୍ଦିର ବୁଲି ଆସିଥିଲେ। ସେବାୟତ କୁନ୍ଦନ ନିଜକୁ ଗାଇଡ୍‌ର ପରିଚୟ ଦେଇ ତାଙ୍କୁ ମନ୍ଦିର ନିକଟରେ ଅସଦାଚରଣ କରିଥିଲେ। ଏନେଇ ସେ ଲିଙ୍ଗରାଜ ଥାନାରେ ଅଭିଯୋଗ ପରେ ୪ ଦିନ ଭିତରେ ଚାର୍ଜସିଟ୍ ଦାଖଲ ହୋଇ ୭ ଦିନ ଭିତରେ ଶୁଣାଣି ହୋଇଥିଲା।

ଛାୟାଗୀତି

# ଗଜଲ୍‌ର ପ୍ରବାହ



ସୂର୍ଯ୍ୟ ଦେଓ

ଗତ ସପ୍ତାହରେ ଆମେ ଗଜଲ୍‌କୁ ଅଧାରୁ ଛାଡ଼ିଥିଲେ। 'ଗଜଲ୍' ଗୀତ ନୁହେଁ ବରଂ ଏହା ହେଉଛି କବିତା ରଚନାର ଏକ ବିଶେଷ ଶୈଳୀ। ଏହା ମଧ୍ୟ ପ୍ରାଚ୍ୟରେ ପ୍ରଚଳିତ ଥିଲା ଓ ଦିଲ୍ଲୀର ପ୍ରଥମ ଆଫଗାନ୍ ସୁଲତାନ ସହ ଭାରତ ଆସିଲା। ସମୟ କ୍ରମରେ ହିନ୍ଦୁସ୍ତାନୀ ସଂଗୀତ ସହ ଗଜଲ୍‌ର ସମନ୍ୱୟ ହେଲା। ଆଫଗାନ, ଇରାନ ଓ ତୁର୍କୀସ୍ତାନର ଭାଷା ଥିଲା 'ପାର୍ସି'। ଆଫଗାନ୍ ଶାସକମାନଙ୍କ ସହିତ ପାର୍ସି କଳା, ସାହିତ୍ୟ ଓ ସଂଗୀତ ଭାରତକୁ ଆସିଲା ଏବଂ ତତ୍କାଳୀନ ଭାରତୀୟ କଳା, ସାହିତ୍ୟ ଆଉ ସଂଗୀତ ଦ୍ୱାରା ପ୍ରଭାବିତ ମଧ୍ୟ ହେଲା। ସେହି କ୍ରମରେ ଭାରତୀୟ ଭକ୍ତିବାଦରୁ ମୁସଲିମ୍ ସୁଫି ମତବାଦ ମଧ୍ୟ ପ୍ରଭାବିତ ହେଲା।

ପ୍ରଭାବ ଏତେ ବିସ୍ତାରିତ ହେଲା ଯେ, ଇରାନର ଗଜଲ ବି ହିନ୍ଦୀ ସାହିତ୍ୟ ସହ ସଂଯୁକ୍ତ ହେଲା। ସନ୍ଥ ଅମୀର ଖୁଶରୋ (୧୨୫୩-୧୩୨୫) ବ୍ରଜବୋଲି ଓ ପାର୍ସି ଭାଷାର କଲମୀ କରି ଗଜଲ୍ ଲେଖିଲେ। ଏହି ସମନ୍ୱୟର ପ୍ରଥମ କଲମୀ କରିଥିଲେ ଅମୀର ଖୁଶରୋ।

ଇଂରାଜୀ ଶବ୍ଦ Gazelle 'ଗଜଲ' ଶବ୍ଦର ଉତ୍ପତ୍ତି ହୋଇଛି। ପାର୍ସି ଓ ଆରବୀ ଭାଷାରେ 'ଗଜ୍ଜାଲା ବା ଗାଜେଲ' ଅର୍ଥ 'ମରୁଭୂମିର ହରିଣ'। ତାହାର ଗତିକୁ ଯଦି ଲକ୍ଷ୍ୟ କରାଯାଏ ତେବେ ସ୍ପଷ୍ଟ ଅନୁମିତ ହେବ ଯେ 'ଗଜ୍ଜାଲା ବା ଗାଜେଲ ବା ହରିଣ'ର ପ୍ରତି ଲମ୍ଫ ହେଉଛି ସ୍ୱୟଂସଂପୂର୍ଣ୍ଣ। ଗଜଲ ରଚନା ଶୈଳୀ ଏହି ସ୍ୱୟଂସଂପୂର୍ଣ୍ଣ ଲମ୍ଫକୁ ଆଧାର କରିଛି। 'ଗଜଲ' ହେଉଛି ଦୁଇ ଧାଡ଼ିର ଅନେକ ସମନ୍ୱୟ, ସେଇ ଦୁଇ ଧାଡ଼ିକୁ 'ଶୈର' କୁହାଯାଏ। ଗଜଲ୍‌ରେ ପାଞ୍ଚଟି ଶୈର ରହିପାରେ, ୨୫ଟି ବି ରହିପାରେ କିନ୍ତୁ ସଂଖ୍ୟା ବିଷମ ହେବା ଜରୁରି। ଗଜଲ୍‌ର ପ୍ରଥମ ଦୁଇ ଧାଡ଼ି ହେଉଛି 'ମତଲା' ଆଉ ଶେଷ ଦୁଇ ଧାଡ଼ି ହେଉଛି 'ମକ୍ତା'। ପ୍ରାଚୀନ ଓଡ଼ିଆ ରଚନାରେ ଭଣିତା ପରି 'ମକ୍ତା'ରେ ମଧ୍ୟ କବିଙ୍କ ନାମ ଉଲ୍ଲେଖ ରହେ।

ଗଜଲ୍‌ରେ ପୂର୍ବାପର ସଂଗତିକୁ ପ୍ରାଧାନ୍ୟ ଦିଆଯାଏ ନାହିଁ। ସବୁ ଶୈର ସ୍ୱତନ୍ତ୍ର ଓ ସ୍ୱୟଂସଂପୂର୍ଣ୍ଣ, କିନ୍ତୁ ସମୁଦାୟ ଗଜଲ୍‌ରେ ମିଜାଜ୍ ବା ଭାବ ଏକରକମ ରହିବା ହେଉଛି ନିୟମ। ଦୁଇଧାଡ଼ିରେ କଥା ଆରମ୍ଭ କରି ଶେଷ କରିବାକୁ ହୁଏ ଓ ଅଳ୍ପ ଶବ୍ଦରେ ବେଶୀ କଥା କହିବାକୁ ହୁଏ। ଏହା ସହିତ ଶୈର ପ୍ରାନ୍ତମିଳନରେ ଗୋଟିଏ ଶବ୍ଦର ପ୍ରୟୋଗ କରାଯାଏ, ଯାହାକୁ 'ରଦିଫ' କୁହାଯାଏ। 'ରଦିଫ' ଆଗରୁ ଅନୁପ୍ରାସ ହୋଇ 'କାଫିୟା' ଆସେ। ଉଦାହରଣ ସ୍ୱରୂପ: ଦିଲେ ନଦାନ ତୁଝେ ହୁଆ କ୍ୟା ହେଁ/ ଆଖିର ଇସ ଦରଦ କ୍ୟା ଦବାଃ କ୍ୟା ହେଁ। 'ହୁଆ' ଏବଂ 'ଦବାଃ' ହେଉଛି କାଫିୟା, 'କ୍ୟା ହେଁ' ହେଉଛି ରଦିଫ। ଶୈରର ପ୍ରତି ଧାଡ଼ିକୁ 'ମିଶରା' କହନ୍ତି। ସେହିପରି ପ୍ରଥମ ଧାଡ଼ିକୁ କହନ୍ତି 'ମିଶରା ଏ ଉଲ୍ଲା' ଆଉ ଦ୍ୱିତୀୟଧାଡ଼ି ହେଉଛି 'ମିଶରା ଏ ସାନି'। ଶୈରର ମିଟର ବା ଆକାରକୁ 'ବହର' କହନ୍ତି। ଗଜଲ୍ ରଚନାରେ ୧୯ ପ୍ରକାର 'ବହର'ର ପ୍ରଚଳନ ଥିଲେ ମଧ୍ୟ ପ୍ରମୁଖତଃ ଏହାକୁ ତିନିଟି ଭାଗରେ ବିଭକ୍ତ କରାଯାଇଛି। ଛୋଟୀ ବହର: ଦେଖ ତୋ ଦିଲ କି ଜାନ ସେ ଉଠତା ହେଁ / ୟେ ଧୂଆ କାହାଁ ସେ ଉଠତା ହେଁ, ମଧ୍ୟମ ବହର: ଚୁପ୍‌କେ ଚୁପ୍‌କେ ରାତ ଦିନ ଆଁଶୁ ବାହାନା ୟାଦ ହେଁ / ହମକୋ ଅବତକ ଆଶୀକି କା ୱହ ଜମାନା ୟାଦ ହେଁ ଏବଂ ଲମ୍ବି ବହର: ତୁଝେ କ୍ୟା ସୁନାଉଁ ଏ ଦିଲ୍‌ରୁବା ତେରେ ସାମନେ ମେରା ହାଲ୍ ହେଁ/ ତେରି ଇକ ନିଗାହ କି ବାତ୍ ହେଁ ମେରୀ ଜୀନଦିଗୀ କା ସବାଲ୍ ହେଁ। ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ରରେ ଗଜଲ୍ କେମିତି ସଂଚରିଗଲା ସେ ଚର୍ଚ୍ଚା ଆରଥରକୁ କରିବା। ■



ସନ୍ଥ ଅମୀର ଖୁଶରୋ

# ଭିକିଙ୍କ ଅନୁରୋଧ




କିଙ୍ଗଖାନ୍ ଶାହରୁଖ୍‌ଙ୍କ ଅଭିନୀତ ସିନେମା 'ଡଙ୍କି'ରେ ବି-ଟାଉନ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଭିକି କୌଶଲ ମଧ୍ୟ ନଜର ଆସିଥିଲେ। ତେବେ ଏହି ସିନେମାରେ ତାଙ୍କର ଚରିତ୍ର ଥିଲା ସ୍ୱଳ୍ପ ସମୟର। କାରଣ ଏଥିରେ ସେ ଏକ କ୍ଷୁଦ୍ର ଚରିତ୍ରରେ ନଜର ଆସିଥିଲେ। ଯେଉଁଥିପାଇଁ ଦର୍ଶକେ ଫିଲ୍ମରେ ତାଙ୍କର ଏଭଳି ଚରିତ୍ରକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅଭିନୟ କରିବା ପାଇଁ ଭିକିଙ୍କୁ କାକୁତି ମିନତି ହେବାକୁ ପଡ଼ିଥିଲା। ଭିକିଙ୍କ ବାପା ଶାମ୍ କୌଶଲ ମଧ୍ୟ ଏହି ସିନେମାରେ ସାମିଲ ଥିଲେ। ତେବେ ରାଜକୁମାରଙ୍କ ସହ ଶାମ୍ କୌଶଲ ଏକ କ୍ଷୁଦ୍ର ଚରିତ୍ର ଲାଗି ଆଲୋଚନା ହେବାରୁ ଭିକି ଭଳି ଜଣେ ପିଲା ଆବଶ୍ୟକ ବୋଲି ଜଣାପଡ଼ିଲା। ଅବଶ୍ୟ ଚରିତ୍ର କ୍ଷୁଦ୍ର ହୋଇଥିବାରୁ ସେ ଭିକିଙ୍କୁ କିଛି କହିଲେ ନାହିଁ। କିନ୍ତୁ ଭିକି ଏକଥା ତାଙ୍କ ବାପାଙ୍କଠାରୁ ଜାଣିବା ପରେ ସେ ସିଧା ଅଫିସ୍ ଯାଇ ରାଜକୁମାରୀଙ୍କୁ ଭେଟିଥିଲେ। ଏପରିକି ଫିଲ୍ମର କାହାଣୀ ନ ଶୁଣି ସେ ଏଥିରେ କାମ କରିବା ପାଇଁ ସହମତି ପ୍ରକାଶ କରିଥିଲେ। ତେବେ ଫିଲ୍ମର ସ୍କ୍ରିନିଂ ସମୟରେ ଭିକି ପୂରା ଫିଲ୍ମ ଦେଖିବାର ସୁଯୋଗ ପାଇଥିଲେ ଏବଂ ଏହା ପୂର୍ବରୁ ସିନେମାରେ ସେ କେବଳ ନିଜ ଚରିତ୍ର ବାବଦରେ ଜାଣିଥିବା କହିଥିଲେ। ■

# ସିନେମାର ମାନଦଣ୍ଡ: ଆଇଏମ୍‌ଡିବି

ଗୋଟିଏ ସିନେମାକୁ ହିଟ୍ ବା ବ୍ଲକ୍‌ବଷ୍ଟର କରିବା ପାଇଁ ଏହାର ପ୍ରତିଟି ସଦସ୍ୟଙ୍କ ରହିଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଦର୍ଶକ ହିଁ ସ୍ଥିର କରନ୍ତି ସିନେମାଟି କେଉଁ ଧରଣର ଆଉ କେତେ ସଫଳ। ସେମାନଙ୍କ ମତ ହିଁ ସିନେମାର ମାପକାଠି। ଆଉ ଏହି ନିର୍ଣ୍ଣୟକୁ ସମ୍ମାନ ଜଣାଇ ଇଣ୍ଟରନେଟ୍ ମୁଭି ଡାଟା ବେସ୍ (ଆଇଏମ୍‌ଡିବି) ଦେଇଥାଏ ସିନେମାକୁ ରେଟିଂ। ଆଇଏମ୍‌ଡିବି ଦ୍ୱାରା ଦିଆଯାଇଥିବା ରେଟିଂ ସିନେମା ତଥା ସିରିଜକୁ ହିଟ୍ ସୁପରହିଟ୍ କରିବା ପାଇଁ ବିଶେଷ ଗୁରୁତ୍ୱ ରଖିଥାଏ।

ଏହା ଗୋଟିଏ ଇଣ୍ଟରନେଟ ଡାଟା ବେସ, ଯାହା ପଞ୍ଜିକୃତ ୟୁଜର୍‌ଙ୍କୁ ରେଟିଂ ଓ ରିଭ୍ୟୁ ଦେଇଥାଏ। ଏହା କଳାକାର, ଫିଲ୍ମ, ଟିଭି ପ୍ରୋଗ୍ରାମ ଓ ଭିଡିଓ ଗେମ୍ସ ବାବଦରେ ଦର୍ଶକଙ୍କ ବିଭିନ୍ନ ସୂଚନାକୁ ଉପଲବ୍ଧ କରାଇଥାଏ। ଏହା ପାଖରେ ବିଶ୍ୱସ୍ତରୀୟ ସିନେମା, ୱେବ୍ ସିରିଜ୍ ତଥା ଟେଲିଭିଜନ୍‌ର ପ୍ରତିଟି ତଥ୍ୟ ରହିଛି। ତା'ଛଡା ଭବିଷ୍ୟତରେ ରିଲିଜ୍ ହେଉଥିବା ସିନେମା ଓ ତାହାର ସମୀକ୍ଷା ବାୟୋଗ୍ରାଫି ପରି ଡାଟା ମଧ୍ୟ ଏହା ପ୍ରଦାନ କରିଥାଏ।

ଆଇଏମ୍‌ଡିବି ରେଟିଂ ଦର୍ଶକଙ୍କ ମଧ୍ୟରେ ଏତେ ଲୋକପ୍ରିୟ ଯେ, ଏହାର ରେଟିଂ ଓ ରିଭ୍ୟୁ ସିନେମାର ସଫଳତା ଓ ବିଫଳତାର ମାନଦଣ୍ଡ ଭାବରେ ପରିଚୟ ଲାଭ କରିଛି। ଏହାର ଆରମ୍ଭ ୧୯୯୦ ମସିହାରେ 'ଦୋଜ୍ ଆଇଜ୍' ଭାବରେ ହୋଇଥିଲା। ଇଂରାଜୀ ଫିଲ୍ମ ପ୍ରଶଂସକ ଓ କମ୍ପ୍ୟୁଟର ପ୍ରୋଗ୍ରାମର କର୍ଣ୍ଣଲ ନିଧମ ତିଆରି କରିଥିଲେ। ପରେ ୧୯୯୮ ମସିହାରେ ଆମାଜନ୍ ଏହାକୁ କିଣି ନେଇଥିଲା। ୧୯୯୩ ମସିହାରେ ଏହା କାର୍ଡିଫ ଇଣ୍ଟରନେଟ୍ ମୁଭି ଡାଟାବେସ୍ ୱାର୍ଲଡ ୱାଇଡ୍ ୱେବ ପୋର୍ଟାଲ ଅନ୍ତର୍ଗତ ଥିଲା। ପରବର୍ତ୍ତୀ ସମୟରେ ୧୯୯୬ ମସିହାରେ ଆଇଏମ୍‌ଡିବି ୟୁନାଇଟେଡ୍ କିଙ୍ଗଡମ୍‌ରେ ସାମିଲ ହୋଇ ମୁଭି ଡାଟା ବେସ୍ ଲିମିଟେଡ୍ ସାଜିଥିଲା। ଯାହାର ମାଲିକ ସଂସ୍ଥାପକ କର୍ଣ୍ଣଲ ନିଧମଙ୍କୁ କରାଯାଇଥିଲା। ପରେ ୧୯୯୮ ମସିହାରେ ଆମାଜନ୍ ଡଟକମ୍ ସଂସ୍ଥାପକ, ମାଲିକ ଓ ସିଇଓ ଜେଫ୍ ବେଜୋସ୍, ନିଧମ ଓ ଅନ୍ୟ ପ୍ରମୁଖ ସେୟାରଧାରକଙ୍କଠୁ ଆଇଏମ୍‌ଡିବିକୁ କିଣି ନେଇଥିଲେ। ପରେ ଜେଫ୍ ବେଜୋସ୍, ଏହାକୁ ଗୋଟିଏ ସହାୟକ ଘରୋଇ କମ୍ପାନି ରୂପରେ ଆମାଜନ ସହ ଯୋଡ଼ି ଦେଇଥିଲେ। ବର୍ତ୍ତମାନ ବଲିଉଡଠୁ ଆରମ୍ଭ କରି ହଲିଉଡ୍ ପର୍ଯ୍ୟନ୍ତ ଅନେକ ସିନେମା, ଟିଭି ଶୋ' ତଥା ୱେବ୍ ସିରିଜ୍‌କୁ ଆଇଏମ୍‌ଡିବି ୧ ରୁ ୧୦ ମଧ୍ୟରେ ରେଟିଂ ଦେଇଥାଏ। ଏହି ରେଟିଂ ହିଁ ସିନେମା ଓ ୱେବ ସିରିଜ୍‌କୁ ସଫଳ ବା ଅସଫଳର ପରିଚୟ ପ୍ରଦାନ କରିଥାଏ। ଆଇଏମ୍‌ଡିବି ପାଖରେ ମୋଟ ୨୫୦ଟି ସିନେମାର ସୂଚୀ ରହିଛି। ୨୦୨୨ ମସିହା ଫେବୃଆରୀ ୨୨ ତାରିଖରେ ରିଲିଜ୍ ହୋଇଥିବା ହଲିଉଡ୍ ସିନେମା 'ଦି ଶଶାଙ୍କ ରିଡେମ୍ପଶନ' ଏଥିରେ ପ୍ରଥମ ସ୍ଥାନରେ ରହିଛି। ■




ପରଦା ପଛର କାହାଣୀ

# ଜୋତା ପଲିସ୍ କରିଥିଲେ ଅକ୍ଷୟ





ହିନ୍ଦୀ ସିନେମାର ବ୍ୟସ୍ତ କଳାକାରଙ୍କ ଅନ୍ୟତମ ଖିଲାଡିମ୍ୟାନ୍ ଅକ୍ଷୟ କୁମାର। ସବୁଠୁ ମଧ୍ୟରୁ ଲୋକପ୍ରିୟତା ହାସଲ କରିବା ପରେ ବି ସେ ଲୋକଙ୍କ ଜୋତା ପଲିସ୍ କରିବାକୁ ପଛାଇ ନ ଥିଲେ। ସିନେମା 'ସିଂହ ଇଜ୍ କିଙ୍ଗ' ନିର୍ମାଣ ସମୟର କଥା। ସେତେବେଳେ ଅକ୍ଷୟ ଏହି ଫିଲ୍ମର ସୁଟିଂ କରୁଥିଲେ। ଫିଲ୍ମରେ ଏକ ଦୃଶ୍ୟ ଥିଲା, ଯେଉଁଥିରେ ତାଙ୍କୁ ପୁଣ୍ୟ କମାଇବା ପାଇଁ ଗୁରୁଦ୍ୱାର ବାହାରେ ଲୋକଙ୍କ ସେବା କରିବାର ଥିଲା। ସୁଟିଂ ସମୟରେ ସେ ଖୁବ୍ ଭାବୁକ ହୋଇ ଯାଇଥିଲେ। ସୁଟିଂ ଶେଷ ହେବା ପରେ ସତରେ ଲୋକଙ୍କ ସେବା କରିବାକୁ ତାଙ୍କର ଇଚ୍ଛା ହୋଇଥିଲା। ସେଇଠୁ ସେ ଛୋଟ ପିଲାଙ୍କୁ ସାହାଯ୍ୟ କରିବା ସହ ଲୋକଙ୍କ ଜୋତା ପଲିସ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଅକ୍ଷୟ ଏହି ସେବା କରିବା ପାଇଁ ବହୁ ଦିନରୁ ଇଚ୍ଛା କରିଥିଲେ। ମାତ୍ର ତାଙ୍କୁ ସମୟ ମିଳୁ ନ ଥିଲା। ■

# ପ୍ରଥମଥର ପାଇଁ ବାପ-ପୁଅ ଏକାଠି !



ଆମିର ଖାନ୍‌ଙ୍କ ପ୍ରଡକ୍‌ସନ୍ ଏବଂ ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଲାହୋର ୧୯୪୭'କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହି ସିନେମାରେ ମୁଖ୍ୟ ଚରିତ୍ରରେ ସନ୍ନି ଦେଓଲ ନଜର ଆସିବେ। ତା'ସହ ସିନେମାରେ ଅନ୍ୟ କେଉଁ ଅଭିନେତା ଓ ଅଭିନେତ୍ରୀ ସାମିଲ ହେବେ, ତା'କୁ ନେଇ ବିଭିନ୍ନ ସମୟରେ ଖବରମାନ ସାମ୍ନାକୁ ଆସୁଛି। କୁହାଯାଉଛି, ଏବେ ସନ୍ନିଙ୍କ ପୁଅ କରଣ ଦେଓଲ ଏଥିରେ ନଜର ଆସିପାରନ୍ତି। ଏଭଳି ହେଲେ ପ୍ରଥମଥର ପାଇଁ ବାପ ପୁଅଙ୍କୁ ଏକାଠି ବଡ଼ ପରଦାରେ ଦେଖିବାକୁ ମିଳିବ। ଅବଶ୍ୟ ଏହି ଖବର ସାମ୍ନାକୁ ଆସିବା ପରେ ଦୁହିଁଙ୍କୁ ଏକାଠି ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। କିଛିଦିନ ତଳେ ଇନ୍‌ଷ୍ଟାଗ୍ରାମ୍‌ରେ କରଣ ତାଙ୍କର କିଛି ଫଟୋ ସେୟାର୍ କରିବା ପରେ ସେ ଏହି ସିନେମାରେ ଅଭିନୟ କରିବା ନେଇ ଆଲୋଚନା ହେଉଛି। ଏଭଳି ବି କୁହାଯାଉଛି, କରଣ କୁଆଡ଼େ ଏହି ସିନେମାରେ ଅଭିନୟ କରିବା ପାଇଁ ଅଡିସନ୍ ଦେଇ ମନୋନୀତ ହୋଇସାରିଛନ୍ତି। ଏଥିରେ ସେ ଜାଭେଦ ଚରିତ୍ରରେ ଅଭିନୟ କରିବେ। ■

## ଫ୍ରାଇଡେ ରିଲିଜ୍ (୨୨ ମାର୍ଚ୍ଚ)





**ବିଗୁଲ୍** ଓଡ଼ିଆ
ନିର୍ଦ୍ଦେଶନା : ଅଜୟ କୁମାର ପାଢ଼ୀ
ପ୍ରଯୋଜନା : ଦେବାନନ୍ଦ ବେହେରା
କଳାକାର : ସୁପ୍ରିୟା, ଦେବାନନ୍ଦ




**ଏ ୱତନ ମେରେ ୱତନ** ହିନ୍ଦୀ
ନିର୍ଦ୍ଦେଶକ : କାନନ ଅୟର
ପ୍ରଯୋଜକ : କରଣ ଜୋହର, ଅପୂର୍ବ ମେହେଟ୍ଟା
କଳାକାର : ସାରା ଅଲୀ ଖାନ, ରିଚାର୍ଡ ଭକ୍ତି କେଲିନ୍




**ଲୁଟେରେ** ହିନ୍ଦୀ
ନିର୍ଦ୍ଦେଶନା : ଜୟ ମେହେଟ୍ଟା
ପ୍ରଯୋଜନା : ହଂସଲ ମେହେଟ୍ଟା, ଶୈଳେଶ ଆର୍ ସିଂହ
କଳାକାର : ବିବେକ ଗୋମ୍ବେର, ରାଜତ କପୁରପ୍ରୀତିକା ଚାୱଲା




## ନୂଆ ସିନେମା

ଏଇ ୨୨ ତାରିଖରେ ପ୍ରେକ୍ଷାଳୟକୁ ଆସିବ ସାଇ ଦରବାର ଫିଲ୍ମ ବ୍ୟାନର୍‌ର ନୂଆ ଓଡ଼ିଆ ସିନେମା 'ବିଗୁଲ୍।' ମୌଳିକ କାହାଣୀ ଉପରେ ଆଧାରିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଅଜୟ କୁମାର ପାଢ଼ୀ। ଫିଲ୍ମର ପ୍ରଯୋଜନା ଦେବାନନ୍ଦ ବେହେରା କରିଥିବା ବେଳେ ସହ ପ୍ରଯୋଜକ ଅଛନ୍ତି ଅରବିନ୍ଦ ସାହୁ। ଅମିତ କୁମାର ଦାସ ସିନେମାର ସଂଳାପ ରଚନା କରିଥିବା ବେଳେ ସ୍ୱର ସଂଯୋଜନା କରିଛନ୍ତି ସୂରଜ ପୁରୋହିତ। ଦଣ୍ଡନାଚକୁ ନେଇ ରହିଥିବା କିଛି ଅନ୍ଧବିଶ୍ୱାସ ଉପରେ ଏହାର କାହାଣୀ ଆଧାରିତ। ସେହିପରି ଗାଁର ଜଣେ ଶିକ୍ଷିତ ଯୁବତୀ କିଭଳି ଏହି ଅନ୍ଧବିଶ୍ୱାସ ଉପରେ ଲୋକଙ୍କୁ ସଚେତନ କରୁଛନ୍ତି, ତାହାକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଲୋକପ୍ରିୟ ଅଭିନେତ୍ରୀ ସୁପ୍ରିୟା। ତାଙ୍କୁ ଏଥିରେ ଗାଁଉଲି ଚୁଲ୍‌ବୁଲି ଚରିତ୍ରରେ ଦେଖିବାକୁ ମିଳିବ। ସେହିପରି ଏଥିରେ ତାଙ୍କ ବିପକ୍ଷରେ ନାୟକ ଅଛନ୍ତି ଦେବାନନ୍ଦ। ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ପୂରା ଟିମ୍ ଆଶାବାଦୀ ଅଛି।




## ମନୋରଞ୍ଜନ କରିବେ କଳାକାର

ଓଡ଼ିଆ ସିନେମାର ସର୍ବଶ୍ରେଷ୍ଠ ଉତ୍ସବ 'ତରଙ୍ଗ ସିନେ ଉତ୍ସବ-୨୦୨୪' ଏଇ ୨୪ ତାରିଖରେ ତରଙ୍ଗ ଚ୍ୟାନେଲରେ ସନ୍ଧ୍ୟା ୬ଟା ୩୦ରେ ପ୍ରସାରିତ ହେବ। ଏଥିରେ ବହୁ ଆଗଧାଡ଼ି ତାରକାଙ୍କ ଦମ୍‌ଦାର ନାଚ, ଗୀତ ଦେଖିବାକୁ ମିଳିବ। ସିଦ୍ଧାନ୍ତ ମହାପାତ୍ର, ଅର୍ଚ୍ଚିତା, ସବ୍ୟସାଚୀ, ଜ୍ୟୋତି, ଦିବ୍ୟା, ଶୀତଲ, ପପୁଙ୍କ ଭଳି ବହୁ କଳାକାରଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ରଙ୍ଗିନ କରିବ। ଗୀତ, ନାଚ, କମେଡି ସାଙ୍ଗକୁ ମଜାମସ୍ତି ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ। ସେହିପରି ଏହି ସିନେ ଉତ୍ସବରେ କେତେକ କଳାକାରଙ୍କୁ ମଧ୍ୟ ସମ୍ମାନିତ କରାଯିବ।







## 'ରଜ କୁଇନ୍' ଅଡିସନ୍ ଆରମ୍ଭ




ପ୍ରତିବର୍ଷ ଭଳି ଏବର୍ଷ ବି ଆରମ୍ଭ ହେବା ଯାଉଛି 'ରଜ୍ କୁଇନ୍-୨୦୨୪।' ଜି-ସାର୍ଥକରେ ପ୍ରସାରିତ ହେବାକୁ ଥିବା ଏହି ରିଆଲିଟି ଶୋ'ର ଅଡିସନ୍ ଆରମ୍ଭ ହୋଇଛି। ଭିନ୍ନ ଭିନ୍ନ ସ୍ଥାନରେ ଏହାର ଅଡିସନ୍ ଆରମ୍ଭ ହୋଇଛି। ଯେଉଁଥିରେ ବହୁ ସଂଖ୍ୟକ ଝିଅ ସାମିଲ ହୋଇଥିବା ଦେଖାଯାଇଛି। ତେବେ ରଜ କୁଇନ୍ ମଞ୍ଚ ବିଭିନ୍ନ ସ୍ଥାନର ପ୍ରତିଯୋଗୀମାନଙ୍କୁ ସେମାନଙ୍କ ପ୍ରତିଭାକୁ ସାମ୍ନାକୁ ଆଣିବାକୁ ସୁଯୋଗ ପ୍ରଦାନ କରେ। ଅଭିନୟ, ନୃତ୍ୟ, ଗୀତ ଆଦି ପ୍ରତିଭା ସେମାନେ ପ୍ରଦର୍ଶନ କରନ୍ତି। ଯାହାକୁ ଆଧାର କରି ବିଚାରକମାନେ ରଜ କୁଇନ୍‌ଙ୍କୁ ମନୋନୀତ କରନ୍ତି। ଅନ୍ୟପଟେ ଏହି ଶୋ'ର କେତେକ ବିଜୟିନୀ ଆଜି ଅଭିନୟ ଦୁନିଆରେ ଲୋକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି।

## 'ଦିଦି ନମ୍ବର-୧' ଏବଂ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ରେ ରଙ୍ଗ ଉତ୍ସବ



ଟେଲିଭିଜନର ଲୋକପ୍ରିୟ ରିଆଲିଟି ଶୋ' 'ଦିଦି ନମ୍ବର- ୧' ଏବଂ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ- ଡବଲ୍ସ ଲିଗ୍'ରେ ରଙ୍ଗର ପର୍ବ ହୋଲି ମଧ୍ୟ ଦେଖିବାକୁ ମିଳିବ। ଏବେ ଦିଦି ନମ୍ବର-୧ର ସିଜନ୍-୨ ଚାଲିଛି। ଶୋ'କୁ ସଂଚାଳନ କରୁଛନ୍ତି ଲୋକପ୍ରିୟ ତଥା ଚୁଲ୍‌ବୁଲି ଅଭିନେତ୍ରୀ ଲିପି ମହାପାତ୍ର। ଖେଳ ସାଙ୍ଗକୁ ପ୍ରତିଯୋଗୀମାନେ ହୋଲି ରଙ୍ଗରେ ମଧ୍ୟ ନିଜକୁ ରଙ୍ଗେଇବେ। ସେହିପରି ଏଥର ଶୋ'ରେ ବଡ଼ମାନଙ୍କ ସହ ପିଲାମାନେ ବି ରଙ୍ଗ ଖେଳରେ ସାମିଲ ହେବେ। ଫଗୁ ଓ ପିଚକାରୀ ରଙ୍ଗରେ ଭିଜିବ ଦିଦି ନମ୍ବର ୧ ମଞ୍ଚ। ଯାହାକି ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ। ତେବେ ପରିବାର ଓ ଦାୟିତ୍ୱ ମଧ୍ୟରେ ଛନ୍ଦି ହୋଇ ରହୁଥିବା ମହିଳାଙ୍କ ମଧ୍ୟରେ ଏହି ଶୋ' ଆତ୍ମବିଶ୍ୱାସ ସୃଷ୍ଟି କରିବାର ମାଧ୍ୟମ ହୋଇପାରିଛି। ମନୋରଞ୍ଜନ ସହ ବିଭିନ୍ନ ଖେଳ ମାଧ୍ୟମରେ ମହିଳାମାନେ ଆକର୍ଷଣୀୟ ଉପହାର ଓ ସୁନା ଜିତିବାର ସୁଯୋଗ ମଧ୍ୟ ପାଇଛନ୍ତି।




### ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ

ଡବଲ୍ସ ଲିଗ୍‌କୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି। ଏଥର କମେଡି ଥିମ୍‌ରେ ରଙ୍ଗର ପର୍ବ ହୋଲି ରଙ୍ଗରେ ରଙ୍ଗିନ ହେବେ ପ୍ରତ୍ୟେକ ଯୋଡ଼ି। ଡ୍ୟାନ୍ସରେ କମେଡି ଛୁଙ୍କ ସାଙ୍ଗକୁ ନାଚ ଓ ଖେଳକୁ ଦର୍ଶକେ ଭଲ ପାଉଛନ୍ତି। ୧୨ ଯୋଡ଼ିଙ୍କ ଦମ୍‌ଦାର ନୃତ୍ୟକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି। ଏହି ଶୋ'ରେ ଦେବାଶିଷ ଏବଂ ହରିହର ବିଚାରପତି ଭାବେ ନଜର ଆସିଛନ୍ତି। ଶୋ'କୁ ସଂଚାଳନ କରୁଛନ୍ତି ସୁଜିତ ଓ ଚାନ୍ଦିନୀ।

## ସାକ୍ଷାତ୍କାର

# "ଦର୍ଶକଙ୍କ ହୃଦୟରେ ରହିବା ପାଇଁ ଅଭିନୟକୁ ଆଦରିଲି"

**ଭକ୍ତି ପଟ୍ଟନାୟକ, ମଡେଲ/ ଅଭିନେତ୍ରୀ**





ନିଶା ଥିଲା ମଡେଲିଂ କରିବା। ହେଲେ ମଡେଲିଂ କରୁ କରୁ ଅଭିନୟ କ୍ଷେତ୍ରରେ ପାଦ ଦେଲେ। ଆଉ ଏଇ ଅଭିନୟ ତାଙ୍କୁ ଦେଇଛି ଏକ ନୂଆ ପରିଚୟ। 'ମଧୁ' ନାମରେ ଓଡ଼ିଶାର ଅଗଣିତ ଦର୍ଶକଙ୍କ ସହ ତାଙ୍କର ଏଇ ନୂଆ ସମ୍ପର୍କ। 'ମଧୁର ସଂସାର' ଧାରାବାହିକ ମାଧ୍ୟମରେ ଓଡ଼ିଆ ଦର୍ଶକଙ୍କ ହୃଦୟ ଛୁଇଁପାରିଥିବା ଏହି ନବାଗତା ଅଭିନେତ୍ରୀ ଜଣକ ହେଉଛନ୍ତି ଭୁବନେଶ୍ୱରର **ଭକ୍ତି ପଟ୍ଟନାୟକ**। ଲାଇଭ୍ ଷ୍ଟେଜ୍‌ରୁ କ୍ୟାମେରାକୁ ସାମ୍ନା କରି ଭକ୍ତିଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢୁଛି, ସେ ନେଇ ତାଙ୍କ ସହିତ ଅଳ୍ପ ଆଳାପ।

**ମଡେଲିଂ କରୁଥିଲେ, ଅଭିନୟକୁ କାହିଁକି ବାଛିଲେ?**

- ମଡେଲିଂରେ ବି ଅଭିନୟର ମାତ୍ରା କିଛି ପରିମାଣରେ ଥାଏ। କିନ୍ତୁ ତାହା ସାଇଲେଣ୍ଟ ମୋଡ୍‌ରେ । ଆଜିକାଲି ପ୍ରାୟତଃ ଲୋକମାନେ ସନ୍ଧ୍ୟାରେ ଧାରାବାହିକ ଦେଖିବାକୁ ଅଧିକ ପସନ୍ଦ କରୁଛନ୍ତି । ଆଉ ଭଲ ଅଭିନୟ କରୁଥିବା ତାରକାଙ୍କୁ ବର୍ଷ ବର୍ଷ ଧରି ମନେ ରଖୁଛନ୍ତି । ତେଣୁ ଲୋକଙ୍କ ହୃଦୟରେ ରହିବା ପାଇଁ ମୋର ବି ଅଭିନୟ କରିବାକୁ ଇଚ୍ଛା ହୋଇଥିଲା।

**ଧାରାବାହିକ ଇଣ୍ଡଷ୍ଟ୍ରୀକୁ କେମିତି ଆସିଲେ?**

- ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଷ୍ଟେଜରେ ମଡେଲିଂ ଶୋ'ରେ ଭାଗ ନେଇଛି। ପାରମ୍ପରିକ ଶାଢ଼ି ପିନ୍ଧିବାକୁ ମୋତେ ବେଶୀ ଭଲଲାଗେ। ତେବେ ମଡେଲିଂ ବେଳର ଏହି ଫଟୋକୁ ସାମାଜିକ ଗଣମାଧ୍ୟମରେ ନିୟମିତ ପୋଷ୍ଟ କରୁଥିଲି। ତାହା ସିରିଏଲ ନିର୍ମାତାଙ୍କ ନଜରକୁ ଆସିଲା । ଧାରାବାହିକ 'ମଧୁର ସଂସାର' ପାଇଁ ମୋତେ ଅଡିସନ୍‌କୁ ଡାକିଥିଲେ। ଆଉ ଭକ୍ତି 'ମଧୁ' ଚରିତ୍ର ପାଇଁ ଫିଟ୍ ମଧ୍ୟ ହୋଇଥିଲା।

**ଧାରାବାହିକରୁ ସଫଳତା ପାଇବା ପରେ ସିନେମା ଆଡ଼କୁ ମନ ବଳୁଛି କି?**

- ଇଣ୍ଡଷ୍ଟ୍ରିରେ ମୁଁ ନୂଆ। ଅଭିନୟ ରେ ମୋତେ ବହୁତ୍ କିଛି ଶିଖିବାର ଅଛି । ସେଥିପାଇଁ ମଧୁ ଚରିତ୍ର ଭିତରେ ବୁଡ଼ି ରହୁଛି।

**କ୍ୟାମେରା ଆଗରେ ପ୍ରଥମ ଦିନ କେମିତି ଥିଲା?**

- ଅଭିନୟ କ'ଣ ଜାଣି ନ ଥିଲି । ଘରେ ବାପାଙ୍କ ସାମ୍ନାରେ ସହଜରେ କଥା ହେଉ ନ ଥିବା ଭକ୍ତିର ପ୍ରଥମ ଅଭିନୟ ଥିଲା ରିଲ୍ ବାପା (ଗୋପାଳ ଭାଇ)ଙ୍କ ସହ । ଏହି ସିନ୍‌ରେ ବାପାଙ୍କ କଥା ମନେ ପକାଇ ଅଭିନୟ କରିବାକୁ କୁହାଯାଇଥିଲା। ବାପାଙ୍କ କଥା ଭାବି ମୁଁ ଇମୋସନାଲ୍ ହୋଇଯାଇଥିଲି। ହେଲେ ସେଟ୍‌ରେ ସମସ୍ତେ ମୋତେ ସାହସ ଆଉ ଉତ୍ସାହ ଯୋଗାଇ ମୋ ମନୋବଳ ବଢ଼ାଇ ଦେଲେ। ଆଉ ମୁଁ ଖୁବ୍ ସହଜରେ କ୍ୟାମେରାକୁ ସାମ୍ନା କରିଥିଲି।

**ଭକ୍ତିଙ୍କ ସୁନ୍ଦରତାର ରାଜ୍ କ'ଣ?**

- ମୁଁ ପିଜା ବର୍ଗର ଆଦି ନ ଖାଇ ଘରୋଇ ସନ୍ତୁଳିତ ଖାଦ୍ୟ ଖାଏ। ପ୍ରଚୁର ପରିମାଣରେ ପାଣି ପିଏ।

**ଅଭିନୟ ପାଇଁ ମଡେଲିଂକୁ ଛାଡ଼ିଦେବେ କି?**

- ଏବେ ଅଭିନୟକୁ ସାଥୀ କରିଛି । ହେଲେ ଯାରି ଭିତରେ ବି ଉଭୟ ଅଭିନୟ ଓ ମଡେଲିଂକୁ ନେଇ ଆଗକୁ ଚାଲିବି।

**ଅଭିନୟ ଜଗତରେ କେହି ଚିହ୍ନା ନ ଥିଲେ, ସମସ୍ୟା ହୁଏ କି?**

- ସାଧାରଣତଃ ଅନେକଙ୍କ ଧାରଣା ଥାଏ ଯେ, ସିନେମା ବା ଧାରାବାହିକ ଇଣ୍ଡଷ୍ଟ୍ରିରେ ଝିଅମାନଙ୍କୁ ଅନେକ କିଛି ସହିବାକୁ ପଡ଼େ। ନିର୍ଯାତନା, ଲାଞ୍ଛନା, ତାଡ଼ନା ପାଇଁ ଅନେକ ଝିଅ ଅଭିନୟ ଜଗତକୁ ଯିବା ପାଇଁ ଭୟ କରିଥାନ୍ତି। । ହେଲେ ସତ ହେଲା, ମୋର ବି ଏହି ଲାଇନ୍‌ରେ କେହି ଚିହ୍ନା ନ ଥିଲେ। ତଥାପି ଆଜିଯାଏଁ ମୁଁ ସେମିତି କିଛି ଅନୁଭବ କରିନି କି ମୋ ସହ ସେମିତି କିଛି ହୋଇନି । ମୂଳ କଥା ହେଲା, ସବୁ କିଛି ନିଜ ଉପରେ ନିର୍ଭର କରେ।

**ମଧୁ ଚରିତ୍ରରୁ କ'ଣ ସବୁ ଶିଖିଲେଣି?**

- 'ମଧୁର ସଂସାର'ଟି ଏକ ଯୌଥ ପରିବାରରେ ଖଟାମିଠା ସମ୍ପର୍କକୁ ନେଇ ତିଆରି ହୋଇଛି। ଏଥିରେ ମଧୁ ନିଜ ବାପାଙ୍କ ଇଚ୍ଛାରେ ଯୌଥ ପରିବାରରେ ବିବାହ କରିଛି। ଖଟାମିଠା ସମ୍ପର୍କକୁ ନେଇ ମଧୁର ଚରିତ୍ର। ମଧୁ ଗୋଟେ ଭଲ ବୋହୂ, ଗୃହିଣୀ ଆଉ ଭଲ ସ୍ତ୍ରୀ। ସେଥିପାଇଁ ସରଳ, ଲାଜକୁଳୀ ଆଉ ଡରୁଆ ଝିଅ ଭକ୍ତି 'ମଧୁ'ର ଚରିତ୍ର ଭିତରେ ନିଜକୁ ହଜାଇ ଦେଇଛି । ମଧୁର ସାହସ, ସମସ୍ୟା ସମାଧାନ କରିବାର ଶକ୍ତି ସବୁକୁ ସେ ଶିଖିଗଲାଣି। ଯେତେ ଝଡ଼ଝଞ୍ଜା ଆସିଲେ ବି ଭକ୍ତି କେବେ ଭାଙ୍ଗିବନି।

**ଭକ୍ତିଙ୍କୁ କ'ଣ ମଧୁ ଭଳି ଘର କରଣା ସବୁ ଜଣା?**

- ହଁ, ଭକ୍ତି ବି ନୂଆ ନୂଆ ଆଇଟମ୍ କରି ବାପାମା'ଙ୍କୁ ଦିଏ ।

**ମଧୁ ଆଉ ମାନସର ସମ୍ପର୍କ କେମିତି?**

- ମାନସ ନିଜ ମା' ଆଉ ସ୍ତ୍ରୀଙ୍କୁ ଖୁସି ରଖିବା ଚକ୍କରରେ କନ୍‌ଫ୍ୟୁଜ ହୋଇଯାଆନ୍ତି। ସବୁ ସମସ୍ୟାକୁ ଖୁବ୍ ସହଜରେ ସମାଧାନ କରିଦିଅନ୍ତି । ବାସ୍ତବ ଜୀବନରେ ମଧ୍ୟ ମାନସ ବହୁତ୍ ସାହାଯ୍ୟକାରୀ ଓ ଯତ୍ନଶୀଳ ।

**ଅଭିନେତ୍ରୀ କି ମଡେଲର ହୋଇନଥିଲେ ଆଉ କ'ଣ ହୋଇଥାନ୍ତେ?**

- ମୋତେ ନୂଆ ନୂଆ ଡିଜାଇନ୍‌ର ପୋଷାକ ପିନ୍ଧିବାକୁ ଆଉ ପିନ୍ଧାଇବାକୁ ଭଲ ଲାଗେ । ତେଣୁ ମୁଁ ଜଣେ ଡିଜାଇନର୍ ହୋଇଥାନ୍ତି।

**ଅନେକ ପ୍ରତିଭାଶାଳୀ ପିଲା ଏହି ପ୍ଲାଟଫର୍ମକୁ ଆସିବା ପାଇଁ ସୁଯୋଗ ଖୋଜୁଛନ୍ତି । ସେମାନଙ୍କୁ କ'ଣ କହିବେ?**

- ଯାହାର ଯେଉଁ କ୍ଷେତ୍ରରେ ଟାଲେଣ୍ଟ ଅଛି, ସେ ତାକୁ ସୋସିଆଲ ମିଡିଆରେ ନିୟମିତ ପୋଷ୍ଟ କରନ୍ତୁ। ଚ୍ୟାନେଲ୍ କିମ୍ବା ସାମାଜିକ ଗଣମାଧ୍ୟମରେ ସକ୍ରିୟ ରୁହନ୍ତୁ। ଏହା ନିଶ୍ଚୟ ଦିନେ ନା ଦିନେ , କାହାର ନଜରକୁ ଆସିବ। ଯାହାଫଳରେ ଜଣେ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ। ■

## ପଞ୍ଚମ ପାଳିରେ ପୁଟିନଙ୍କ ପଣ

# ରୁଷିଆ ହେବ ମହାଶକ୍ତି

**ପଞ୍ଚମଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ରୁଷିଆକୁ ଆହୁରି ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ କରିବାକୁ ପଣ କରିଛନ୍ତି ଭ୍ଲାଦିମିର ପୁଟିନ । ରୁଷିଆକୁ କେବଳ ଶକ୍ତିଶାଳୀ କରିବା କଥା ନୁହେଁ; ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ପୁଟିନ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ବିଶ୍ୱଯୁଦ୍ଧର ମଧ୍ୟ ଧମକ ଦେଇଛନ୍ତି । ଆମେରିକା ନେତୃତ୍ୱରେ ଯଦି ନାଟୋ ସେନା ରୁଷ ସହ ସାମ୍ନା କରିବାକୁ ଉଦ୍ୟମ କରେ, ତେବେ ତୃତୀୟ ବିଶ୍ୱ ଯୁଦ୍ଧ ପାଇଁ ଗୋଟିଏ ବି ମୁହୂର୍ତ୍ତ ଲାଗିବନି ବୋଲି ପୁଟିନ ଚେତାବନୀ ଦେଇଛନ୍ତି । ଏଭଳି ଚେତାବନୀ ଦେଇ ପୁଟିନ ଶୀତଳ ଯୁଦ୍ଧ ସମୟର ସ୍ଥିତିକୁ ଆହ୍ୱାନ କରିଛନ୍ତି । ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ପରେ ବିଶ୍ୱର ଦୁଇ ମହାଶକ୍ତି ଭାବେ ଉଭା ହୋଇଥିବା ଆମେରିକା ଓ ରୁଷିଆ ଏବଂ ସେମାନଙ୍କ ସହଯୋଗୀ ରାଷ୍ଟ୍ରଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଶୀତଳଯୁଦ୍ଧ । ଏହି ଦୁଇ ମହାଶକ୍ତି ଏବଂ ସେମାନଙ୍କ ସହଯୋଗୀ ରାଷ୍ଟ୍ରଙ୍କୁ ନେଇ ବୈଶ୍ୱିକ ଦୃଶ୍ୟପଟ୍ଟରେ ସେତେବେଳେ ଭୂ-ରାଜନୀତିକ ସ୍ତରରେ ଯେଭଳି ଉତ୍ତେଜନା ବଢିଥିଲା, ତାହା ପ୍ରତ୍ୟକ୍ଷ ଯୁଦ୍ଧ ଠାରୁ ବି କିଛି କମ୍ ନଥିଲା । କିନ୍ତୁ ୧୯୯୧ରେ ସୋଭିଏତ୍ ରୁଷପର ପତନ ପରେ ରୁଷିଆ ଏକପ୍ରକାର ଏକ ଘରିକିଆ ହୋଇଯାଇଥିଲା । କିନ୍ତୁ ୟୁକ୍ରେନ ବିରୋଧରେ ରୁଷ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଚଳାଇଥିବା ଯୁଦ୍ଧ କେବଳ ୟୁକ୍ରେନ ବିପକ୍ଷ ନୁହେଁ ; ବରଂ ଏହା ପୁଟିନଙ୍କ ନାଟୋ ମେଣ୍ଟ ବିରୋଧୀ ଯୁଦ୍ଧ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହିକ୍ରମରେ ପୁଟିନଙ୍କ ବିଶ୍ୱଯୁଦ୍ଧ ଧମକ ବୈଶ୍ୱିକ ଦୃଶ୍ୟପଟ୍ଟକୁ ନେଇ ଅନେକ କିଛି ଇଙ୍ଗିତ କରୁଛି । ୧୫ ବର୍ଷରୁ ଅଧିକ ସମୟ ଧରି ରାଷ୍ଟ୍ରପତି ରହିଆସିଥିବା ପୁଟିନ ରୁଷିଆର ପୂର୍ବ ସାମର୍ଥ୍ୟ ଏବଂ ପରକାଷ୍ଠାକୁ ପୁଣିଥରେ ଫେରାଇ ଆଣି ଏହାକୁ ଏକ ମହାଶକ୍ତି ଭାବେ ପ୍ରତିଷ୍ଠା କରିବାକୁ ପଣ କରିଛନ୍ତି ।**





### ରୁଷିଆର ତାତ୍ପର୍ଯ୍ୟପୂର୍ଣ୍ଣ ଭୌଗୋଳିକ ସ୍ଥିତି

୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ସାରା ବିଶ୍ୱରେ ପ୍ରାକୃତିକ ସମ୍ପଦକୁ ନେଇ ଆରମ୍ଭ ହୋଇଥିଲା ବ୍ୟାବସାୟିକ ପ୍ରତିଦ୍ୱନ୍ଦ୍ୱିତା । ଖଣି, ଖାଦାନ,ଗ୍ୟାସ, ପେଟ୍ରୋଲିୟମ ଆଦିକୁ କବଜା କରିବାକୁ ବିଶ୍ୱର ଦୁଇ ମହାଶକ୍ତି ଯୁକ୍ତ ରାଷ୍ଟ୍ର ଆମେରିକା ଏବଂ ସୋଭିଏତ ୟୁନିୟନ ସହ ଏମାନଙ୍କ ସହଯୋଗୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଶୀତଳ ଯୁଦ୍ଧ । ହେଲେ ତତ୍‌କାଳୀନ ସୋଭିଏତ୍ ରୁଷର ଅବସ୍ଥିତି ଅନେକ ଦିଗରେ ମହତ୍ତ୍ୱପୂର୍ଣ୍ଣ ରହିଥିଲା । ଏହାର ଭୌଗୋଳିକ ଅବସ୍ଥିତି ହିଁ ବିଶ୍ୱ ଦୁନିଆ ପାଇଁ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୧୯୨୨ରେ ରୁଷିଆ ଭୂଖଣ୍ଡ ସମେତ ବେଲାରୁଷ,ୟୁକ୍ରେନ ଏବଂ ଟ୍ରାନ୍ସକକେସିଆ(ଜର୍ଜିଆ,ଆଜରବୈଜାନ ଓ ଆର୍ମେନିଆ) ସମେତ କାଜାକସ୍ତାନ,ଉଜବେକିସ୍ତାନ, ତାଜିକସ୍ତାନ ଏବଂ କିର୍ଗିଜସ୍ତାନ ଭଳି ମଧ୍ୟ ଏସୀୟ ୧୫ଟି ରାଷ୍ଟ୍ରଙ୍କୁ ନେଇ ଗଠିତ ହୋଇଥିବା ମିଳିତ ସୋଭିଏତ ସଂଘ ରାଷ୍ଟ୍ର ରାଜନୈତିକ ,ଅର୍ଥନୈତିକ, ସାମରିକ, ଖଣିଜ ସଂପଦ, ପେଟ୍ରୋଲିୟମ ଏବଂ ଗ୍ୟାସ ଆଦି ପାଇଁ ବିଶ୍ୱସମାଜକୁ ପ୍ରଭାବିତ କରିବା ଭଳି ସ୍ଥିତି ରଖିଥିଲା । ପ୍ରାୟ ୨ କୋଟି ୨୪ ଲକ୍ଷ ବର୍ଗ କିମି ପରିମିତ ଅଞ୍ଚଳରେ ଅବସ୍ଥିତ ଏହି ଭୂଖଣ୍ଡ ପୃଥିବୀର ମୋଟ ସ୍ଥଳ ଭାଗର ଏକ ଦଶମାଂଶ ହୋଇଥିଲା ବେଳେ ପ୍ରଶାନ୍ତ ମହାସାଗର,ଉତ୍ତର ମହାସାଗର ଏବଂ ଆଟଲାଣ୍ଟିକ୍ ମହାସାଗର ପରିସୀମା ସହ ମଧ୍ୟ ସଂଯୋଜିତ ରହିଥିଲା । ଉଭୟ ଏସିଆ ଏବଂ ୟୁରୋପ ମହାଦେଶରେ ରହିଥିବା ସେତେବେଳେର ସୋଭିଏତ ସଂଘ ବୈଶ୍ୱିକ ରାଜନୀତିରେ ବେଶ ପ୍ରଭାବ ବିସ୍ତାର କରିଥିଲା । କିନ୍ତୁ ନବେ ଦଶକ ପ୍ରାରମ୍ଭରେ ସୋଭିଏତ ସଂଘର ପତନ ଘଟିବା ଆରମ୍ଭ କରିଥିଲା । ୧୯୯୧ରେ ଏହି ସଂଘର ମଧ୍ୟ ଏସୀୟ ରାଷ୍ଟ୍ରଙ୍କ ସମେତ ବେଲାରୁଷ,ଜର୍ଜିଆ,ଆର୍ମେନିଆ ଏବଂ ଆଜରବୈଜାନ ଭଳି ଦେଶ ପୃଥକ ହୋଇ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲେ । ଯାହାକୁ ନେଇ ମୂଳଭୂଖଣ୍ଡ ରୁଷିଆର ଅର୍ଥନୈତିକ ସ୍ଥିତି ବିଗିଡିବାକୁ ଆରମ୍ଭ କରିଥିଲା । ସ୍ଥିତି ଏଭଳି ସ୍ତରରେ ପହଞ୍ଚିଥିଲା ଯେ, ରୁଷିଆର ଅର୍ଥନୀତିରେ ୫୦ ପ୍ରତିଶତ ହ୍ରାସ ଘଟିବା ସହିତ ମୁଦ୍ରାସ୍ଫୀତି ଆକାଶଛୁଆଁ ହୋଇପଡ଼ିଥିଲା । ଫଳରେ ରୁଷିଆରେ ଆର୍ଥିକ ଏବଂ ସାମାଜିକ ସ୍ତରରେ ଦ୍ରୁତ ଅବନତି ଘଟିବା ସହିତ ଦାରିଦ୍ର୍ୟ ଚରମ ଛୁଇଁଥିଲା । କେବଳ ସେତିକି ନୁହେଁ, ସମାଜିକ ଅଧୋଗତି ସହିତ ଚୋରି, ଡକାୟତି, ଦୁର୍ନୀତି ମଧ୍ୟ ଶୀର୍ଷ ଛୁଇଁଥିଲା । ଯେଉଁ ସୋଭିଏତ୍ ରୁଷ ଏସିଆ ଏବଂ ୟୁରୋପରେ ବାଣିଜ୍ୟିକ କାରବାରକୁ ନେଇ ନିଜର ପ୍ରଭାବ ବିସ୍ତାର କରିଥିଲା ତାହା କିଛି ବର୍ଷ ମଧ୍ୟରେ ଶୂନ୍ୟ ହୋଇପଡ଼ିଥିଲା ।

### ୨୦୦୦ରେ ପୁଟିନଙ୍କ ଅଭ୍ୟୁଦୟ

ସୋଭିଏତ ସଂଘର ପତନର ପ୍ରାୟ ୯ ବର୍ଷ ପରେ ଭ୍ଲାଦିମିର ପୁଟିନ ୨୦୦୦ ମସିହାରେ ରାଷ୍ଟ୍ରପତି ଭାବେ ଶାସନାଭିଷିକ୍ତ ହେବା ପରେ ରୁଷିଆର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ । ରୁଷିଆ ଭୂଖଣ୍ଡରେ ଗ୍ୟାସ, ପେଟ୍ରୋଲିୟମ, କୋଇଲା ଏବଂ ଅନ୍ୟାନ୍ୟ ଖଣିଜ ସାମଗ୍ରୀର ଭରପୂର ଉତ୍ସକୁ ସୁବିନିଯୋଗ କରି ବାଣିଜ୍ୟ କାରବାର ବୃଦ୍ଧି ସହ ଅର୍ଥନୈତିକ ବିକାଶକୁ ତ୍ୱରିତ କରିଥିଲେ । ଯାହାକୁ ନେଇ ତାଙ୍କ ଶାସନକାଳରେ ଏସିଆ-ୟୁରୋପ ମହାଦେଶରେ ରୁଷିଆର ପ୍ରଭାବ ବଢ଼ିବା ଆରମ୍ଭ ହୋଇଥିଲା । ଏଥିସହିତ ପୁଟିନ କେନ୍ଦ୍ରୀୟ ଏବଂ ପଶ୍ଚିମ ଏସିଆର ପେଟ୍ରୋଲିୟମ ଉତ୍ପାଦକ ରାଷ୍ଟ୍ରମାନଙ୍କ ସମେତ ଦକ୍ଷିଣ ଆମେରିକା ଏବଂ ଆଫ୍ରିକୀୟ ରାଷ୍ଟ୍ରମାନଙ୍କ ସହ ମଧ୍ୟ ତୈଳ ଓ ଗ୍ୟାସ ଉତ୍ପାଦନ କ୍ଷେତ୍ରରେ ସହଯୋଗ ପ୍ରତିଷ୍ଠା କରି ଏହି କ୍ଷେତ୍ରକୁ ପ୍ରତିଦ୍ୱନ୍ଦ୍ୱିତାମୁଖୀ କରିବାକୁ ଉଦ୍ୟମ କରିଥିଲେ ।





### ତୈଳ ରାଜନୀତି

ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ବିଜ୍ଞାନ ଓ ବୈଷୟିକ କ୍ଷେତ୍ରର ଦ୍ରୁତ ବିକାଶ ସହିତ ଯେଉଁ କ୍ଷେତ୍ରରେ ସବୁଠୁ ବଡ଼ ଆହ୍ୱାନ ସୃଷ୍ଟି ହୋଇଥିଲା ତାହା ହେଉଛି ଶକ୍ତି କ୍ଷେତ୍ର । ବିଶେଷକରି ପେଟ୍ରୋଲିୟମ,ଗ୍ୟାସ ଏବଂ କୋଇଲାର ଚାହିଦା ଆହୁରି ବୃଦ୍ଧି ପାଇଥିଲା ବେଳେ ବିଶ୍ୱର ଅନ୍ୟତମ ପ୍ରମୁଖ ପେଟ୍ରୋଲିୟମ ଏବଂ ଗ୍ୟାସ ଯୋଗାଣକାରୀ ରାଷ୍ଟ୍ର ଭାବେ ରୁଷିଆ ବୈଶ୍ୱିକ କାରବାରରେ ଅଗ୍ରଣୀ ହେବାକୁ ଉଦ୍ୟମ କରିଥିଲା । ରାଷ୍ଟ୍ରପତି ପୁଟିନ ଏହିକ୍ରମରେ ନିଜ ଦେଶର ଉତ୍ପାଦନ ସହିତ ପେଟ୍ରୋଲିୟମ ଉତ୍ପାଦନକାରୀ ରାଷ୍ଟ୍ର ସମୂହ 'ଓପେକ' ସହିତ ହାତ ମିଳାଇଥିଲେ । ଆମେରିକା ସହ ପ୍ରତିଦ୍ୱନ୍ଦିତା କରିବା ଏବଂ ଆନ୍ତର୍ଜାତିକ ପେଟ୍ରୋଲିମ ବଜାରରେ ନିଜର ଦବ୍‌ଦବା ବଜାୟ ରଖିବା ଲାଗି ରାଷ୍ଟ୍ରପତି ପୁଟିନ ବିଭିନ୍ନ ରାଷ୍ଟ୍ର ସହ ଉଭୟ କୂଟନୀତିକ ଏବଂ ରାଜନୈତିକ ସ୍ତରରେ ରହିଥିବା ସମୀକରଣକୁ ମଧ୍ୟ ବଦଳାଇବାକୁ ଉଦ୍ୟମ କରିଥିଲେ । ଯାହାର ପ୍ରମାଣ ଏବେ ମଧ୍ୟ ଦେଖିବାକୁ ମିଳୁଛି । ୟୁରୋପ ସଂଘର ପ୍ରାୟ ସମସ୍ତ ରାଷ୍ଟ୍ର ପେଟ୍ରୋଲିୟମ ଏବଂ ଗ୍ୟାସର ଚାହିଦାପୂରଣ ପାଇଁ ରୁଷିଆ ଉପରେ ନିର୍ଭର କରିଆସୁଛନ୍ତି । କାରଣ ଏହି ରାଷ୍ଟ୍ରମାନଙ୍କ ମୋଟ ଚାହିଦାର ସିଂହଭାଗ ରୁଷିଆ ହିଁ ଯୋଗାଇ ଥାଏ । ୟୁକ୍ରେନ ବିରୋଧରେ ପୁଟିନ ଯୁଦ୍ଧ ଆରମ୍ଭ କରିବା ପରେ ଆମେରିକା ନେତୃତ୍ୱରେ ସମସ୍ତ ନାଟୋ ରାଷ୍ଟ୍ର ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ର ରୁଷିଆ ବିରୋଧରେ ଆର୍ଥିକ କଟକଣା ଜାରି କରିଥିଲେ ମଧ୍ୟ ଏଠାରୁ ଗ୍ୟାସ ଏବଂ ପେଟ୍ରୋଜାତ ଦ୍ରବ୍ୟ ଆମଦାନୀ କରିବା ବନ୍ଦ କରିନଥିଲେ । ଯାହାର ଫାଇଦା ରୁଷ ଉଠାଇଆସୁଛି ।

### ଭାରତ, ଚୀନ ସମେତ ଇରାନ ସହ ରୁଷିଆର ସମ୍ପର୍କ ବୃଦ୍ଧି

ପୁଟିନ ନିଜ ଶାସନକାଳରେ ୟୁରୋପୀୟ ରାଷ୍ଟ୍ରସଂଘକୁ ବାଦ୍ ଦେଇ ଏସୀୟ ରାଷ୍ଟ୍ରମାନଙ୍କୁ ଅଧିକ ଗୁରୁତ୍ୱ ଦେଇ ଆସିଛନ୍ତି । ତୁର୍କୀ ଠାରୁ ଆରମ୍ଭ କରି ଇରାନ, ଭାରତ,ଚୀନ ଆଦି ରାଷ୍ଟ୍ର ସହ କୂଟନୈତିକ ଏବଂ ରାଜନୀତିକ ସ୍ତରରେ ସେ ଯେଭଳି ସମ୍ପର୍କ ସ୍ଥାପନ କରିଛନ୍ତି ତାହା ବୈଶ୍ୱିକ ରାଜନୀତି ସମୀକରଣକୁ ନେଇ ବିଶେଷ ସ୍ଥାନ ସୃଷ୍ଟି କରିଛି । ଭାରତ ଏବଂ ଚୀନ ମଧ୍ୟରେ ବିଗତ କିଛି ବର୍ଷ ମଧ୍ୟରେ ସମ୍ପର୍କ କ୍ଷୁଣ୍ଣ ହୋଇଥିଲା ବେଳେ ରୁଷିଆ ଏସିଆର ଏହି ଦୁଇ ଜନବହୁଳ ରାଷ୍ଟ୍ରଙ୍କ ସହ ରାଜନୀତିକ ସମନ୍ୱୟ ରକ୍ଷା କରି ବିଶେଷ ଭୂମିକା ଗ୍ରହଣ କରିଛି । ଉଭୟ ରାଷ୍ଟ୍ରଙ୍କ ଉପରେ ପୁଟିନଙ୍କ ଯଥେଷ୍ଟ ପ୍ରଭାବ ରହିଥିଲା ବେଳେ କୌଣସି ଜଟିଳ ସ୍ଥିତିରେ ରୁଷିଆ ହିଁ ଭାରତ ଏବଂ ଚୀନ ମଧ୍ୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାର ସାମର୍ଥ ରଖିଛି ।

---

## ୱାର୍ଲଡ ହ୍ୟାପିନେସ୍ ରିପୋର୍ଟ-୨୦୨୪

# ଫିନଲ୍ୟାଣ୍ଡ ଲୋକେ ସବୁଠାରୁ ଅଧିକ ସୁଖୀ

ଫିନଲ୍ୟାଣ୍ଡ, ଡେନମାର୍କ, ଆଇସଲ୍ୟାଣ୍ଡ, ସ୍ୱୀଡେନ୍ ଭଳି ଉତ୍ତରମେରୁ ସମୀପବର୍ତ୍ତୀ ଦେଶଗୁଡ଼ିକର ଲୋକେ ସବୁଠାରୁ ସୁଖୀ ଜୀବନ ବିତାଉଥିବା ଆଜି ପ୍ରକାଶିତ ୱାର୍ଲଡ ହ୍ୟାପିନେସ୍ ରିପୋର୍ଟରେ ଲେଖାଯାଇଛି । କାନାଡାର ଅର୍ଥନୀତିଜ୍ଞ ଜନ୍ ଏଫ୍ ହେଲ୍ଲିୱେଲ, ରିଚାର୍ଡ ଲାର୍ୟାଡ, ଜେଫ୍ରି ସାକସ୍, ଜାନ୍ ଇମାନୁଏଲ ଡି ନିଭି, ଲାରା ବି ଏକନିନ୍ ଓ ସୁନ୍ ୱାଙ୍ଗ୍ ଏହି ଜାତିସଂଘ ପୃଷ୍ଠପୋଷକତ୍ୱରେ ପ୍ରକାଶିତ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ଲୋକେ ସବୁଠାରୁ ସୁଖୀ ଜୀବନ ବିତାଉଥିବା ପ୍ରଥମ ୧୦ ଦେଶ ହେଲେ ଫିନଲ୍ୟାଣ୍ଡ, ଡେନମାର୍କ, ଆଇସଲ୍ୟାଣ୍ଡ, ସ୍ୱୀଡେନ୍, ଇସ୍ରାଏଲ, ନେଦରଲ୍ୟାଣ୍ଡ, ନରୱେ, ଲକ୍ସେମବର୍ଗ, ସୁଇଜରଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ । ୧୪୩ ଦେଶକୁ ନେଇ କରାଯାଇଥିବା ଏହି ର୍ୟାଙ୍କିଙ୍ଗରେ ସବା ଶେଷ ସ୍ଥାନରେ ରହିଛି ଆଫଗାନିସ୍ତାନ । ତାଲିକାରେ ଭାରତ ୧୨୬ ସ୍ଥାନରେ ରହିଛି । ଏଥିପୂର୍ବ ବର୍ଷର ରିପୋର୍ଟରେ ମଧ୍ୟ ଭାରତ ୧୨୬ ସ୍ଥାନରେ ରହିଥିଲା । ଜୀବନଯାପନକୁ ନେଇ ନିଜ ସନ୍ତୁଷ୍ଟି, ମୁଣ୍ଡପିଛା ସାମଗ୍ରିକ ଜାତୀୟ ଉତ୍ପାଦ(ଜିଡିପି ପର କ୍ୟାପିଟା), ସାମାଜିକ ସହାୟତା, ପରମାୟୁ , ସ୍ୱାଧୀନତା, ବଦାନ୍ୟତା, ଦୁର୍ନୀତିର ସ୍ତର ଆଦିକୁ ବିଚାରକୁ ନେଇ ୧୪୩ ଦେଶର ର୍ୟାଙ୍କ ନିର୍ଦ୍ଧାରଣ କରାଯାଇଛି । ଲୋକେ ସବୁଠାରୁ ସୁଖୀ ଜୀବନ ବିତାଉଥିବା ପ୍ରଥମ ୨୦ ଦେଶ ଭିତରେ ଆମେରିକା ଓ ଜର୍ମାନୀ ନାହାନ୍ତି । ର୍ୟାଙ୍କରେ ଆମେରିକା ୨୩ ସ୍ଥାନରେ ଥିବା ବେଳେ ଜର୍ମାନୀ ୨୪ ସ୍ଥାନରେ ରହିଛି । ପ୍ରଥମ ୨୦ ସୁଖୀ ଦେଶ ତାଲିକାରେ କୋଷ୍ଟାରିକା ୧୨ ସ୍ଥାନରେ ଥିବା ବେଳେ କୁଏତ ୧୩ ସ୍ଥାନରେ ରହିଛି । ବିଗତ ବର୍ଷଗୁଡ଼ିକରେ ସୁଖୀ ର୍ୟାଙ୍କରେ ସବୁଠାରୁ ଅଧିକ ତଳକୁ ଖସିଥିବା ଦେଶ ହେଲେ ଆଫଗାନିସ୍ତାନ, ଲେବାନନ, ଜର୍ଡାନ । ସେହିଭଳି ର୍ୟାଙ୍କରେ ଦ୍ରୁତ ଉନ୍ନତି ଆଣିଥିବା ତିନି ଦେଶ ହେଲେ ପୂର୍ବ ୟୁରୋପୀୟ ଦେଶ ସର୍ବିଆ, ବୁଲଗେରିଆ ଓ ଲାଟଭିଆ । ତାଲିକାରେ ପ୍ରଥମ ସ୍ଥାନରେ ଥିବା ଫିନଲ୍ୟାଣ୍ଡର ସୁଖୀ ଜୀବନ ଗବେଷିକା ଜେନିଫର ଡି ପାଓଲା କହିଛନ୍ତି, ଫିନଲ୍ୟାଣ୍ଡର ଲୋକେ ପ୍ରକୃତି ସହ ଏକାତ୍ମ ହୋଇ କର୍ମ-ଜୀବନ ସନ୍ତୁଳନ ରକ୍ଷାକୁ ପ୍ରାଥମିକତା ଦେଉଥିବାରୁ ସୁଖୀ ଓ ସନ୍ତୁଷ୍ଟ ଜୀବନ ବିତାଉଛନ୍ତି । ପାଓଲା ଏହା ମଧ୍ୟ କହିଛନ୍ତ ଯେ ସଫଳ ଜୀବନ ସମ୍ପର୍କରେ ଫିନଲ୍ୟାଣ୍ଡ ଲେକେ ଅଧିକ ବାସ୍ତବ ବିଚାର ରଖନ୍ତି, ତେଣୁ ଅଧିକ ସୁଖୀ ହୋଇଥାନ୍ତି । ଆମେରିକାରେ ଲୋକେ କେବଳ ଆର୍ଥିକ ସମ୍ପନ୍ନତା ଓ ସ୍ୱଚ୍ଛଳତାକୁ ସଫଳ ଜୀବନ ବୁଝନ୍ତି । ବଳିଷ୍ଠ କଲ୍ୟାଣ ଓ ସାମାଜିକ ସୁରକ୍ଷା ବ୍ୟବସ୍ଥା, ସରକାରୀ ସଂସ୍ଥାଗୁଡ଼ିକ ଉପରେ ଅତୁଟ ଭରସା ଓ ବିଶ୍ୱାସ, ନାହିଁପ୍ରାୟ ବା ନିମ୍ନତମ ସ୍ତରର ଦୁର୍ନୀତି, ପୂର୍ଣ୍ଣତଃ ମାଗଣା ଶିକ୍ଷା ଓ ଡାକ୍ତରୀ ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା ଆଦି ମୌଳିକ ଢ଼ାଞ୍ଚାଗତ ଆବଶ୍ୟକତାଗୁଡ଼ିକ ସୁଚାରୁ ଭାବେ ପୂରଣ ହୋଇପାରୁଥିବାରୁ ଫିନଲ୍ୟାଣ୍ଡ ଲୋକେ ସବୁଠାରୁ ସୁଖୀ ଜୀବନ ବିତାଇବା ସୌଭାଗ୍ୟ ପାଇଛନ୍ତି । ବିଶ୍ୱର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ବୟସ୍କଙ୍କ ତୁଳନାରେ ଯୁବ ପିଢ଼ି ଅଧିକ ସୁଖୀ ଜୀବନ ବିତାଉଥିବା ରିପୋର୍ଟରେ ଲେଖାଅଛି । କିନ୍ତୁ ବ୍ୟତିକ୍ରମ ବି ରହିଛି, ଯଥା ଉତ୍ତର ଆମେରିକା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡରେ ୩୦ବର୍ଷରୁ କମ୍ ବୟସର ଲୋକଙ୍କ ସୁଖର ସ୍ତର ସେଠାକାର ବୟସ୍କମାନଙ୍କ ସୁଖର ସ୍ତର ତୁଳନାରେ କମ୍ ରହିଛି । ସେହିଭଳି କେନ୍ଦ୍ର ଓ ପୂର୍ବ ୟୁରୋପୀୟ ଦେଶଗୁଡ଼ିକରେ ବୟସ ନିର୍ବିଶେଷରେ ସୁଖୀ ଜୀବନର ସ୍ତରରେ ଉନ୍ନତି ପରିଲକ୍ଷିତ ହୋଇଥିବା ୱାର୍ଲଡ ହ୍ୟାପିନେସ୍ ରିପୋର୍ଟରେ ଲେଖାଯାଇଛି ।

**ସୁଖୀ ଜୀବନ ସ୍ତରରେ ୧୩୪ ଦେଶଙ୍କ ମଧ୍ୟରେ ଭାରତର ସ୍ଥାନ ୧୨୬**



---

## ଜାତିସଂଘ ରିପୋର୍ଟ

# ଦେହ ବେପାରରୁ ବର୍ଷକୁ ୧୯ ଲକ୍ଷ ୬୦ ହଜାର କୋଟି କାରବାର

**ଦେହ ବ୍ୟବସାୟ ପାଇଁ ହେଉଛି ମାନବ ଚାଲାଣ**

**ପୁଲିସ ପ୍ରତି ଆହ୍ୱାନ ସୃଷ୍ଟି କରୁଛନ୍ତି ଅପରାଧୀ**

ସାରା ବିଶ୍ୱରେ 'ଦେହ ବ୍ୟବସାୟ' ଉଦ୍ୟୋଗ ଦ୍ରୁତଗତିରେ ଅଭିବୃଦ୍ଧି କରିବାରେ ଲାଗିଛି । ଏହି ଉଦ୍ୟୋଗରୁ ମୋଟା ଅଙ୍କର ଲାଭ ମିଳୁଛି । ତେଣୁ ଅନେକ ଟଙ୍କା ଲୋଭରେ ସମ୍ମାନକୁ ଛାଡ଼ି ଏହି କଳଙ୍କିତ ବ୍ୟବସାୟକୁ ଆପଣାଇ ନେଉଛନ୍ତି । ଏଥିପାଇଁ ବଡ଼ଧରଣର ଅପରାଧ ମଧ୍ୟ ହେଉଛି । ମାନବ ଚାଲାଣକୁ ପ୍ରୋତ୍ସାହନ ଦିଆଯାଉଛି । ବିଶେଷ କରି ଯୁବତୀଙ୍କୁ ଅପହରଣ କରି ଏହି ବ୍ୟବସାୟକୁ ଠେଲି ଦିଆଯାଉଛି । ବେଆଇନ କାରବାର ବଢୁଥିବାରୁ ମାନବ ଚାଲାଣ ବୃଦ୍ଧି ପାଉଛି । ମାନବ ଚାଲାଣର ୭୦ ପ୍ରତିଶତ ମାମଲାରେ ଦେହ ବ୍ୟବସାୟ ଉଦ୍ୟୋଗ ସହ ଜଡ଼ିତ ରହିଛି । ଏହାକୁ ରୋକିବା ସବୁ ଦେଶର ପୁଲିସ ପ୍ରଶାସନ ପାଇଁ ଆହ୍ୱାନ ମଧ୍ୟ ପାଲଟି ଯାଇଛି । ବଡ଼ଧରଣ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଏହି ଉଦ୍ୟୋଗ ସମ୍ପ୍ରସାରିତ ହେବାରେ ଲାଗିଛି । ଏହି ଉଦ୍ୟୋଗରୁ ହେଉଥିବା ଆୟକୁ ନେଇ ମିଳିତ ଜାତିସଂଘର ଶାଖା ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ଏକ ରିପୋର୍ଟ ଜାରି କରିଛି । ଆଇଏଲଓର ଆକଳନ ଅନୁଯାୟୀ ଦେହ ବ୍ୟବସାୟ ଉଦ୍ୟୋଗରୁ ବର୍ଷକୁ ୨୩୬ ବିଲିୟନ ଡଲାର (ପ୍ରାୟ ୧୯ ଲକ୍ଷ ୬୦ ହଜାର କୋଟି ଟଙ୍କା)ର ଲାଭ ହେଉଛି । ଏହା ଅନ୍ୟ ସବୁ କ୍ଷେତ୍ର ତୁଳନାରେ ଢ଼େର ଅଧିକ । ଜୋର ଜବରଦସ୍ତି ଶ୍ରମରୁ ଏହି ଲାଭ ମିଳୁଛି । ମହିଳା ଏବଂ ଯୁବତୀଙ୍କୁ ଏହି କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି । ବିପୁଳ ଲାଭ ଯୋଗୁଁ ଅନେକ ଆଧୁନିକ ଗୁଲାମୀର ଶିକାର ହେବାରେ ଲାଗିଛନ୍ତି ।

ଆଇଏଲଓ ଆକଳନ ଅନୁଯାୟୀ ସାରା ବିଶ୍ୱରେ ବାଧ୍ୟତାମୂଳକ ଶ୍ରମ ବଢ଼ିବା ଯୋଗୁଁ ମାନବ ଚାଲାଣର ଶିକାର ହୋଇ ଦେହ ବ୍ୟବସାୟରେ ସାମିଲ ହେଉଥିବା ପ୍ରତ୍ୟେକ ପୀଡ଼ିତା ହାରାହାରି ୨୧ ହଜାର ପାଉଣ୍ଡ (୨୨ ଲକ୍ଷ ୧୫ ହଜାର ୫୭ ଟଙ୍କା) ଆୟ କରୁଛନ୍ତି । ବାଧ୍ୟତାମୂଳକ ଶ୍ରମର ଶିକାର ହେଉଥିବା ୨୭ ପ୍ରତିଶତ ବ୍ୟକ୍ତିଙ୍କୁ ଏହି ଧନ୍ଦାକୁ ଠେଲି ଦିଆଯାଇଥାଏ । କାରଣ ଅନ୍ୟ ବେଆଇନ କାରବାର ତୁଳନାରେ ଏହି ଧନ୍ଦାରୁ ୭୩ ପ୍ରତିଶତ ଲାଭ ମିଳିଥାଏ ।

୨୦୧୪ରେ ସାମ୍ନାକୁ ଆସିଥିବା ତଥ୍ୟ ଅନୁଯାୟୀ ଚଳିତ ଥର ଏହି ବ୍ୟବସାୟରେ ୩୭ ପ୍ରତିଶତ ବୃଦ୍ଧି ଦେଖାଦେଇଛି । ଆଇଏଲଓ ଅନୁଯାୟୀ ଏହି ବେଆଇନ ଲାଭ ଶ୍ରମିକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ।



ଏମାନେ ନିଜ ମାଲିକଙ୍କ ମାୟାଜାଲରେ ଫସି ଯାଇଥାଆନ୍ତି । କ୍ଷେତ୍ରରେ ଏହି ବୃଦ୍ଧି ପାଇଁ ଜୋରଜବରଦସ୍ତ ଶ୍ରମରେ ଫସିଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ଏବଂ ପୀଡ଼ିତାଙ୍କ ଶୋଷଣରୁ ମିଳୁଥିବା ଲାଭ ଦାୟୀ । ଏବେ ବିଶ୍ୱରେ ୨୭ ମିଲିୟନ (୨.୭ କୋଟି)ରୁ ଅଧିକ ବ୍ୟକ୍ତି ନିଜକୁ ଆଧୁନିକ ଗୁଲାମୀର ବିଭିନ୍ନ ରୂପରେ ଫସାଇ ରଖିଥିବା ଅନୁଭବ କରୁଛନ୍ତି । ରିପୋର୍ଟ ଅନୁଯାୟୀ ଚୋରା ଚାଲାଣକାରୀ, ଅପରାଧୀ ଏବଂ ବେଆଇନ ନିଯୁକ୍ତିଦାତା ପ୍ରତି ପୀଡ଼ିତାଙ୍କଠାରୁ ହାରାହାରି ୧୦ ହଜାର ଡଲାର ବଟି ଆଦାୟ କରିଥାନ୍ତି ।

---

## 'ଇଣ୍ଡିଆ ଆଉଟ୍' ଅଭିଯାନ ପାଇଁ ମାଳଦ୍ୱୀପର ଅବସ୍ଥା ଘାଏଲ

# ସାଧାରଣ ଜନତାଙ୍କ ଆକ୍ରୋଶରେ ରାଷ୍ଟ୍ରପତି ମୁଇଜ୍ଜୁ

ରାଷ୍ଟ୍ରପତି ଅହମ୍ମଦ ମୁଇଜ୍ଜୁଙ୍କ ଭାରତ ବିରୋଧୀ ମାନସିକତା ମାଳଦ୍ୱୀପ ପାଇଁ ମହଙ୍ଗା ପଡ଼ିଛି । ଏହାକୁ ସେଠାକାର ସରକାରଙ୍କ ଠାରୁ ଆରମ୍ଭ କରି ବିରୋଧୀ ହୃଦୟଙ୍ଗମ କରିସାରିଥିଲା ବେଳେ ଏବେ ଏହି ପ୍ରସଙ୍ଗ ସାଧାରଣ ଲୋକଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି । ଚୀନକୁ ଖୁସି କରିବା ଲକ୍ଷ୍ୟରେ ମୁଇଜ୍ଜୁ ଭାରତ ବିରୋଧୀ 'ଇଣ୍ଡିଆ ଆଉଟ୍' ଅଭିଯାନ ଆରମ୍ଭ କରିଥିଲା ବେଳେ ଏବେ ଏହାର ଫଳ ମାଳଦ୍ୱୀପର ସାଧାରଣ ଜନତାଙ୍କୁ ଭୋଗିବାକୁ ପଡୁଛି । ମୁଇଜ୍ଜୁଙ୍କ ଏହି ଭାରତ ବିରୋଧୀ ମାନସିକତା ପାଇଁ ଏଠାକାର ଲୋକେ ହନ୍ତସନ୍ତ ହେବାରେ ଲାଗିଛନ୍ତି ।ଭାରତ ପ୍ରତି ମୁଇଜ୍ଜୁଙ୍କ ଏହି ମନୋଭାବକୁ ନେଇ ଏବେ ବହୁ ଶିକ୍ଷକ ଦେଶ ଛାଡି ବାହାରକୁ ପଳାଇଛନ୍ତି । ଏହା ଦ୍ୱାରା ମାଳଦ୍ୱୀପର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଙ୍କଟ ସୃଷ୍ଟି ହୋଇଛି । ଯାହାକୁ ନେଇ ମାଳଦ୍ୱୀପବାସୀ ଏବେ ମୁଇଜ୍ଜୁଙ୍କୁ ଘେରିବା ଆରମ୍ଭ କରିଛନ୍ତି । ସଂସଦରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠିବା ସହିତ ମୁଇଜ୍ଜୁ ସରକାରଙ୍କୁ ଜବାବ୍ ଦେବାକୁ ପଡ଼ିଛି । ମାଳଦ୍ୱୀପ ଡେମୋକ୍ରାଟିକ ପାର୍ଟି(ଏମଡିଏମ)ର ସାଂସଦ ମହମ୍ମଦ ସହିଦ ସଂସଦରେ ଶିକ୍ଷକଙ୍କ ଦେଶ ଛାଡିବା ନେଇ ପ୍ରଶ୍ନ ଉଠାଇଛନ୍ତି ।ଶିକ୍ଷକଙ୍କ ଅଭାବ ଯୋଗୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ ସରକାରଙ୍କ ଠାରୁ ଜବାବ୍ ଲୋଡିଛନ୍ତି । କେବଳ ଶିକ୍ଷାନୁଷ୍ଠାନର କଥା ନୁହେଁ, ଭାରତ ସହ ସମ୍ପର୍କ ଖରାପ ହେବା ଯୋଗୁଁ ମାଳଦ୍ୱୀପର ବ୍ୟାବସାୟିକ କ୍ଷେତ୍ର ଠାରୁ ଆରମ୍ଭ କରି ହୋଟେଲ ଏବଂ ପର୍ଯ୍ୟଟନ ଶିଳ୍ପ ଭାରୀମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି । ଯାହାର ପ୍ରତ୍ୟକ୍ଷ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଛି । ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ ବିଭିନ୍ନ ସ୍ତରରେ ଅସନ୍ତୋଷ ମୁଣ୍ଡ ଟେକୁଥିଲା ବେଳେ ମୁଇଜ୍ଜୁ ସରକାର ଏହାକୁ ଘୋଡାଇବାକୁ ଉଦ୍ୟମ କରୁଛନ୍ତି । କିନ୍ତୁ ମାଳଦ୍ୱୀପର ଅର୍ଥନୀତି ଏବଂ ସାମାଜିକ ବ୍ୟବସ୍ଥାକୁ ନେଇ ବହୁ ଆନ୍ତର୍ଜାତିକ ସଂସ୍ଥା ଏବେ ଠାରୁ ମାଳଦ୍ୱୀକୁ ସତର୍କ କରାଇ ଦେଇଛନ୍ତି । ଆଇଏମଏଫ ଠାରୁ ଆରମ୍ଭ କରି ବିଶ୍ୱବ୍ୟାଙ୍କ ଏବଂ ଅନ୍ୟାନ୍ୟ ଉନ୍ନୟନକାରୀ ସଂସ୍ଥା ମାଳଦ୍ୱୀପର ତଳମୁହାଁ ଅର୍ଥନୀତିକୁ ନେଇ ଚିନ୍ତାବ୍ୟକ୍ତ କରିବା ସହିତ ଏହି ଦେଶ ଆଗାମୀ ଦିନରେ ଚୀନ୍ ପଞ୍ଝାରେ ଯେ ପଡ଼ିବାକୁ ଯାଉଛି ସେନେଇ ଆଶଙ୍କାବ୍ୟକ୍ତ କରିଛନ୍ତି ।



ନାବାଳିକା ଦୁଷ୍କର୍ମ ମାମଲା

# ମୁଖ୍ୟ ଅଭିଯୁକ୍ତ ଓ ସାବତ ଆଇଙ୍କୁ ୩୦ ବର୍ଷ ଜେଲ୍

■ **କେନ୍ଦୁଝର, ୨୦।୩ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଞ୍ଚଳରେ ୨୦୧୮ରେ ଘଟି ଯାଇଥିବା ନାବାଳିକା ଦୁଷ୍କର୍ମ ମାମଲାରେ ମୁଖ୍ୟ ଅଭିଯୁକ୍ତ ସମେତ ଦୁଷ୍କର୍ମରେ ସହଯୋଗ କରିଥିବା ନାବାଳିକାଙ୍କ ସାବତ ଆଇକୁ ୩୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟ।



ପୀଡ଼ିତାକୁ ୬ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ଆଦେଶ

କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଯୋଡ଼ା ହନୁମାନ ହାଟିଂରେ ରହୁଥିବା ସେକ୍ ମହମ୍ମଦ ସାହାଦତ ଅଲ୍ଲୀ(୫୩) ଏବଂ କଂଟ୍ରାକ୍ଟର କଲୋନୀରେ ରହୁଥିବା ଅମିତା କାରୁଆଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିଲା। ୧୩ ବର୍ଷିୟା ପୀଡିତା ନାବାଳିକାର ବାପା ତାଙ୍କ ମା’କୁ ଛାଡି ଚାଲିଯିବାରୁ ସାବତ ଆଇ ଅମିତା କାରୁଆ, ଅଜା, ମାଉସୀ ଏବଂ ସାବତ ଆଇଙ୍କ ଗୋଟିଏ ପିଲା ସହିତ ପୀଡିତା ରହି ପାଠ ପଢୁଥିଲେ। ପୀଡିତାଙ୍କ ସାବତ ଆଇଙ୍କ ସହିତ ସାହାଦତ ଅଲ୍ଲୀଙ୍କ ଅନୈତିକ ସମ୍ପର୍କ ଥିବାରୁ ସେ ସବୁବେଳେ ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ଏଭଳି ଅବସ୍ଥାରେ ୨୦୧୮ ଜୁନ୍ ୨୨ରେ ପୀଡିତାଙ୍କ ସାବତ ଆଇ ପୀଡିତାକୁ ତାଙ୍କ ଶୋଇବା ଘରକୁ ଡାକି ନେଇଥିଲେ। ସେଠାରେ ଥିବା ସାହାଦତ ଅଲ୍ଲୀଙ୍କ ସହିତ ପୀଡିତାକୁ ଅନୈତିକ ସମ୍ପର୍କ ସ୍ଥାପନ କରିବାକୁ ବାଧ୍ୟ କରିଥିଲେ। ସେହିଦିନଠାରୁ ସାହାଦତ ଅଲ୍ଲୀ ପୀଡିତାଙ୍କ ସହିତ ଜୋରଜବରଦସ୍ତ ଅନୈତିକ ସମ୍ପର୍କ ରଖି ଆସୁଥିଲା। ସେହିବର୍ଷ ଦୁର୍ଗାପୂଜା ସମୟରେ ବାହାରେ ଥିବା ପୀଡିତାଙ୍କ ମା’ ଯୋଡ଼ାକୁ ଆସି ତାଙ୍କ ଝିଅକୁ ଦେଖା କରିବାକୁ ଚାହିଁଥିଲେ। କିନ୍ତୁ ସାବତ ଆଇ ତାଙ୍କୁ ଦେଖା କରିବାକୁ ନ ଦେବାରୁ ନୂଆମୁଣ୍ଡିରେ ଥିବା ପୀଡିତାଙ୍କ ମାମୁଙ୍କୁ ଯାଇ କହିଥିଲେ। ପୀଡିତାଙ୍କ ମାମୁ ଓ ମାଇଁ ପୀଡ଼ିତାକୁ ସେଠାରୁ ନୂଆମୁଣ୍ଡିକୁ ନେଇ ଯାଇଥିଲେ। ସେଠାରେ ପୀଡ଼ିତା ସମସ୍ତ କଥା କହିବାପରେ ଯୋଡା ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଯୋଡ଼ା ପୁଲିସ ମୁଖ୍ୟ ଅଭିଯୁକ୍ତ ଓ ପୀଡିତାଙ୍କ ସାବତ ଆଇକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୨୦ ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତିକରି ବୁଧବାର କେନ୍ଦୁଝର ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ୍ ଶୁଭଶ୍ରୀ ତ୍ରିପାଠୀ ମୁଖ୍ୟ ଅଭିଯୁକ୍ତ ସାହାଦତ ଅଲ୍ଲୀକୁ ୩୦ ବର୍ଷ ଜେଲ, ୩୦ ହଜାର ଟଙ୍କା ଜରିମାନା, ଅନାଦେୟ ୩ବର୍ଷ ଅଧିକ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ଅନ୍ୟତମ ଅଭିଯୁକ୍ତ ଅମିତା କାରୁଆକୁ ୩୦ ବର୍ଷ ଜେଲ, ୨୦ ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡିତାଙ୍କୁ ୬ଲକ୍ଷ ଟଙ୍କା ଅନୁକମ୍ପା ରାଶି ଯୋଗାଇ ଦେବାକୁ ଆଦେଶରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ପକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର କେସ୍ ପରିଚାଳନା କରୁଥିଲେ।

## ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡାଦେଶ

■ **ବାରିପଦା, ୨୦।୩ (ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ ବୁଧବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ ପୂର୍ବକ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ମାସର ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡିତା ନାବାଳିକାକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ କୁଣ୍ଡଳବଣି ଗ୍ରାମର ମହାଦେବ ସିଂ ଓରଫ୍ ଦେବ (୪୦)। ଘଟଣାରୁ ପ୍ରକାଶ ଯେ, ଜୈନିକା ମାନସିକ ଦିବ୍ୟାଙ୍ଗ ନାବାଳିକା ଜଣକ ଗତ ୨୦୧୯ ମସିହା ସେପ୍ଟେମ୍ବର ୨୬ ତାରିଖରେ ମଧ୍ୟାହ୍ନ ସମୟରେ ମହାଦେବଙ୍କ ଘର ନିକଟରେ ବୁଲାବୁଲି କରୁଥିଲେ। ଉକ୍ତ ସମୟରେ ମହାଦେବ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ଜୋରରେ ପାଟି କରିବାରୁ ଜଣେ ମହିଳା ଆସି ପହଞ୍ଚିଥିଲେ। ନାବାଳିକାକୁ ଛାଡି ଦେବାକୁ ମହାଦେବଙ୍କୁ ମହିଳା ଜଣକ କହିବା ସହ ପାଟିତୁଣ୍ଡ କରିଥିଲେ। ତେବେ ସେ ନାବାଳିକାକୁ ନ ଛାଡିବାରୁ ମହିଳା ଜଣକ ତାଙ୍କ ଉପରକୁ ପଥର ଫୋପାଡ଼ି ଥିଲେ। ଫଳରେ ମହାଦେବ ଘଟଣାସ୍ଥଳରୁ ପଳାଇଥିଲା। ପରେ ପୀଡିତା ନାବାଳିକାକୁ ମହିଳା ଜଣକ ଉଦ୍ଧାର କରି ପରିବାର ଲୋକଙ୍କୁ ଜଣାଇଥିଲେ। ଏହା ପରେ ଗାଁରେ ବୈଠକ ବସିଥିଲା। ନିଷ୍ପତ୍ତି ଅନୁଯାୟୀ ୨୮ ତାରିଖରେ ଘଟଣା ବାବଦରେ ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପୀଡିତାର ବୟାନ ରେକର୍ଡ କରିବା ପରେ କେଶ ନମ୍ବର ୬୧/୨୦୧୯ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ୨୧ଜଣ ସାକ୍ଷୀଙ୍କ ବୟାନ, ୧୬ଗୋଟି ନଥିପତ୍ର ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ହାତୀ ଭାଙ୍ଗିଲା ଘର, କାନ୍ଥ ପଡ଼ି ବାଳକ ମୃତ

■ **ଗଁଦିଆ, ୨୦।୩ (ସମିସ):** ଗଁଦିଆ ଥାନା କପିଳାସ ରେଞ୍ଜ ଅନ୍ତର୍ଗତ ରଗଡ଼ି ସାହିରେ ତପନ ହେମ୍ବ୍ରମଙ୍କ ବାସଘରକୁ ହାତୀ ଭାଙ୍ଗିଦେଇଛି। ଏହି ହାତୀ ବୁଧବାର ଭୋରରେ ଖାଦ୍ୟ ଅନ୍ୱେଷଣରେ ଆସି ତାଙ୍କ ଘର କାନ୍ଥକୁ ଭାଙ୍ଗି ଦେଇଥିଲା। ଘରେ ଶୋଇଥିବା ତପନ ହେମ୍ବ୍ରମଙ୍କ ପୁଅ ଆକାଶ ହେମ୍ବ୍ରମ (୭)ଙ୍କ ଉପରେ କାନ୍ଥ ପଡ଼ିଯିବାରୁ ଘଟଣାସ୍ଥଳରେ ତା’ର ମୃତ୍ୟୁ ଘଟିଛି। ଖବର ପାଇ କପିଳାସ ରେଞ୍ଜ ଅଧିକାରୀ ତରୁଣ କୁମାର ମହାନ୍ତି, ଗଁଦିଆ ପୁଲିସ ବନପାଳ ଶ୍ରୀକାନ୍ତ ଗୁରୁ, ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗଁଦିଆ ପୁଲିସ ଆକାଶର ମୃତ ଶରୀରକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବନ ବିଭାଗ ପକ୍ଷରୁ ମୃତକର ପରିବାରକୁ ୬୦ ହଜାର ଟଙ୍କା ସାହାଯ୍ୟ ରାଶି ପ୍ରଦାନ କରାଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ରାଉତ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିବା ବେଳେ ବନ ବିଭାଗ ପକ୍ଷରୁ ୫ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କପିଳାସ ରେଞ୍ଜ ସୂଚନା ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସରକାରୀ ସହାୟତାର ପ୍ରତିଶ୍ରୁତି ମିଳିବାରୁ ଗ୍ରାମରୁ ମୃତ ଶରୀର ଉଠିଥିଲା।


**ସତ୍ୟପାଠ**

ମୁଁ ପ୍ରଶାନ୍ତ କୁମାର ପାତ୍ର, ପିତା ପ୍ରମୋଦ କୁମାର ପାତ୍ର, ଗ୍ରାମ - ଭାଲିଆକଣ, ପୋଷ୍ଟ-କରମୁଲ୍, ଥାନା ଗଁଦିଆ, ଜିଲ୍ଲା-ଢେଙ୍କାନାଳ, ପିନ-୭୫୯୦୧୪, ଓଡିଶା, କ୍ରମିକ ନମ୍ବର-୧୭, ତା-୦୪-୦୩-୨୦୨୪ ରିଖ ମାଧ୍ୟମରେ ଘୋଷଣା କରୁଅଛି ଯେ ବର୍ତ୍ତମାନ ଠାରୁ ମୁଁ ସମସ୍ତ କ୍ଷେତ୍ରରେ **ପ୍ରଶାନ୍ତ ପାତ୍ର** ନାମରେ ପରିଚିତ ହେବି ।

**ଦଲିଲ ହଜିଛି**

ବିକ୍ରେତା ଶ୍ରୀ ମାୟାଧର ଦାସ ବ୮୦ବର୍ଷ, କିଶୋର ଦାସ ବ୬୫ବର୍ଷ, ହରିହର ଦାସ ବ୩୨ବର୍ଷ, ଜୟନ୍ତୀ ଦାସ ବ୪୨ବର୍ଷ, ପ୍ରଭାତୀ ଦାସ ବ୩୮ବର୍ଷ ଏ ସମସ୍ତଙ୍କ ପିତା: ୰ ବିରକିଶୋର ଦାସ, ନୟନୀ ଦାସ ବ୫୯ବର୍ଷ, ସ୍ୱାମୀ: ୰ ବିରକିଶୋର ଦାସ, ଅର୍ଜୁନ ଦାସ ବ୩୨ବର୍ଷ, ଆରତୀ ଦାସ ବ୩୯ବର୍ଷ ଏମାନଙ୍କ ପିତା: ୰ ମହେଶ୍ୱର ଦାସ, ଗୋଲାପ ଦାସ ବ୬୯ବର୍ଷ ସ୍ୱାମୀ: ୰ ମହେଶ୍ୱର ଦାସ, କ୍ରେତା: ଏ ସମସ୍ତଙ୍କ ସା: ମୃତ୍ୟୁଞ୍ଜୟପୁର ପୋ/ଥା- କୋରେଇ, ଜି- ଯାଜପୁର, କ୍ରେତା: ମାନସ ରଞ୍ଜନ ପରିଡା ବ୩୫ବର୍ଷ ସା: ସାନ ତ୍ରିଲୋଚନପୁର, ପୋ- ବୈଦ୍ୟରାଜପୁର, ଥା- ଯାଜପୁର ସଦର, ଜି- ଯାଜପୁର, ଦଲିଲ ନଂ.- ୧୦୮୨୧୯୦୪୮୭୨, ତା.୩୧.୧୨.୨୦୧୯, ମୌଜା- ଆଲତା ଜଳସରପୁର, ଖାତା ନଂ.- ୪୨୪, ପ୍ଲଟ୍ ନଂ.-୧୯୦୦, ୧୯୧୧ ଓ ୧୯୧୨ । ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲଟି ପାଇଥାନ୍ତି ନିମ୍ନରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ସଂଗ୍ରାମ କେଶରି ଦାସ ମୋ- ୭୦୦୮୭୭୫୬୪୧।


# ପୋଷ୍ଟାଲ ବାଲଟ୍‌ରେ ମତଦାନ କରିପାରିବେ ପ୍ରାଧିକୃତ ସାମ୍ବାଦିକ

**ଭୁବନେଶ୍ୱର,୨୦।୩(ସମିସ):** ଏଣିକି ପ୍ରାଧିକୃତ ସାମ୍ବାଦିକମାନେ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିପାରିବେ। ଦେଶରେ ପ୍ରଥମ ଥର ପାଇଁ ପ୍ରାଧିକୃତ ସାମ୍ବାଦିକମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀରୁ ଦୂରରେ କର୍ତ୍ତବ୍ୟ ସଂପାଦନ କରିବା ସହିତ ସାଧାରଣ ନିର୍ବାଚନରେ ମତଦାନ କରିବାର ବ୍ୟବସ୍ଥା କରିଛନ୍ତି ନିର୍ବାଚନ କମିଶନ।

ନିର୍ବାଚନ ସମୟରେ ଅନେକ ପ୍ରାଧିକୃତ ସାମ୍ବାଦିକଙ୍କୁ ନିଜ ନିଜର ନିର୍ବାଚନ ମଣ୍ଡଳୀଠୁ ଦୂରରେ ରହି କାର୍ଯ୍ୟ ସଂପାଦନ କରିବାକୁ ପଡ଼ିଥାଏ । ଏଣୁ ସେମାନେ ନିଜ ନିର୍ବାଚନ ମଣ୍ଡଳୀରେ ମତଦାନ କରିପାରୁ ନ ଥିଲେ। ଏହି ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରାଧିକୃତ ସାମ୍ବାଦିକ ଓ ଗଣତନ୍ତ୍ରର ବୃହତ୍ତର ହିତ ଦୃଷ୍ଟିରୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରାଧିକୃତ ସାମ୍ବାଦିକମାନଙ୍କୁ ‘ଜରୁରୀ ସେବା ଯୋଗୁଁ ଅନୁପସ୍ଥିତ ଭୋଟର’ ତାଲିକାରେ ନିର୍ବାଚନ କମିଶନ ସାମିଲ କରିଛନ୍ତି। ଏହାଦ୍ୱାରା ପ୍ରାଧିକୃତ ସାମ୍ବାଦିକମାନେ ‘ରିପ୍ରେଜେଣ୍ଟେସନ୍ ଅଫ୍ ପିପୁଲ ଆକ୍ଟ- ୧୯୫୧’ର ଧାରା ୬୦ (ଗ) ଅଧୀନରେ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ମତଦାନ କରିପାରିବେ । ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରାଧିକୃତ କାର୍ଯ୍ୟରତ ସାମ୍ବାଦିକମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କଠାରେ ଆବେଦନ କରିବେ।

ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ପ୍ରାଧିକୃତ ପତ୍ର ଯାଞ୍ଚ କଲାପରେ ରିଟର୍ଣ୍ଣିଂ ଅଫିସର ନିଜେ କିମ୍ବା ଜଣେ ନୋଡାଲ ଅଧିକାରୀଙ୍କ ମାଧ୍ୟମରେ ଅବେଦନକାରୀ ପ୍ରାଧିକୃତ ସାମ୍ବାଦିକଙ୍କଠାରୁ ଫର୍ମ ୧୨-ଡିରେ ଦସ୍ତଖତ କରାଇବେ। ଏହାପରେ ଉକ୍ତ ପ୍ରାଧିକୃତ ସାମ୍ବାଦିକ ଯଥା ସମୟରେ ନିଜ ପୋଷ୍ଟାଲ ବାଲଟ୍ ପାଇପାରିବେ ଓ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ସ୍ଥିରୀକୃତ ସମୟସୀମା ମଧ୍ୟରେ ପୋଷ୍ଟାଲ ଭୋଟିଂ ସେଣ୍ଟରରେ ମତଦାନ କରିବେ। ଓଡ଼ିଶାରେ ମଧ୍ୟ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ପ୍ରାଧିକୃତ ସାମ୍ବାଦିକମାନଙ୍କ ମତଦାନ ପାଇଁ ଉଚିତ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । କୌଣସି ମତଦାତା ଯେପରି ମତଦାନରୁ ବାଦ୍ ନ ପଡ଼ିବେ ଏହି ଲକ୍ଷ୍ୟ ନେଇ ରାଜ୍ୟରେ ନିର୍ବାଚନ ପରିଚାଳନା ହେଉଛି ବୋଲି ଶ୍ରୀ ଧଳ ମତ ରଖିଛନ୍ତି।

# ବର୍ଷା ଯୋଗୁଁ ବୁଧବାର ବନ୍ଦହେଲା ଶିମିଳିପାଳ

**ବାରିପଦା, ୨୦।୩(ସମିସ):** ମୟୂରଭଞ୍ଜ ଜିଲ୍ଲାର ସମେତ ଶିମିଳିପାଳ ଅଭୟାରଣ୍ୟରେ ତୁହାକୁ ତୁହା ବର୍ଷା ଦୁଇଦିନ ଧରି ଲାଗିରହିଛି। ବୁଧବାର ସକାଳ ୬ଟା ସୁଦ୍ଧା ବୃଷ୍ଟିପାତ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ ଅନୁସାରେ ରାମତୀର୍ଥଠାରେ ସର୍ବାଧିକ ୪୧.୪୦ମିମି ବୃଷ୍ଟିପାତ ହୋଇଥିବା ବେଳେ ଉପର ବାରାହାକାମୁଡ଼ାରେ ସର୍ବନିମ୍ନ ୧.୬୦ ମିମି ହୋଇଥିବା ଜଣାପଡ଼ିଛି। ସେହିପରି କବାଟଘାଇରେ

■ **ରାମତୀର୍ଥରେ ସର୍ବାଧିକ ୪୧.୪୦ ମିମି ବୃଷ୍ଟିପାତ**



୨୪.୧୩ ମିମି, ଭଞ୍ଜବସାରେ ୧୯.୫୯ମିମି, କୁଳିପାଳରେ ୧୯.୫୯ ମିମି, ଉତ୍ତର ନଂଓଣାରେ ୧୯.୧୬ ମିମି, ବରେହିପାଣିରେ ୧୮.୮୦ ମିମି, ଢୁକୁରାରେ ୧୮.୨୯ମିମି, ପୋଡ଼ାଡିହାରେ ୧୫.୨୪ ମିମି, ଚହଲାରେ ୧୩.୮୦ ମିମି, ବାରିପଦାରେ ୧୨.୨୯ ମିମି, ଉତ୍ତର ପିଠାବଟାରେ ୧୧.୬୮ ମିମି, ଜେନାବିଲରେ ୧୦.୧୬ ମିମି, ଦକ୍ଷିଣ ପିଠାବଟାରେ ୯.୬୫ ମିମି, ଦକ୍ଷିଣ ନଂଓଣାରେ ୯.୨୦ ମିମି, ଠାକୁରମୁଣ୍ଡାରେ ୩.୮୧ ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ଶିମିଳିପାଳ ଅଭୟାରଣ୍ୟରେ ବୃଷ୍ଟିପାତ ଯୋଗୁଁ ଜଙ୍ଗଲ ମଧ୍ୟରେ ସଂଯୋଗ ଥିବା ଜଳାଶୟ ଓ ପ୍ରବାହିତ ହେଉଥିବା ନଦୀ ଯଥା ଖଇରୀ, ବୁଢାବଳଙ୍ଗ, ୱେଷ୍ଟ ଦେଓ, ସାଳନ୍ଦୀ, ସଞ୍ଜ, ଠକଠକି, ଖଡ଼ଖାଇ, ପଲପଲା, ଗଙ୍ଗାହାର ଆଦିରେ ଜଳସ୍ତର ବୃଦ୍ଧି ପାଇଛି। ସ୍ୱଳ୍ପରୁ ଭାରୀ ବର୍ଷା ଯୋଗୁଁ ବୁଧବାର ଶିମିଳିପାଳ ଅଭୟାରଣ୍ୟ ଦିନକ ପାଇଁ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିଥିଲା। ମଙ୍ଗଳବାରଠାରୁ ବର୍ଷା ଲାଗି ରହିଥିବା ବେଳେ ବୁଧବାର ଭୋରରୁ ବର୍ଷା ମାତ୍ରା କିଛି ପରିମାଣରେ ବୃଦ୍ଧି ପାଇଥିଲା। ତେଣୁ ପାହାଡିଆ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ପର୍ଯ୍ୟଟକଙ୍କ ଚଳପ୍ରଚଳକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଏହିପରି ନିଷ୍ପତ୍ତି ନିଆଯାଇଥିଲା। ତେବେ ରାତ୍ରି ରହଣି ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଖୋଲା ରହିଥିଲା। ଗୁରୁବାର ମଧ୍ୟ ମୟୂରଭଞ୍ଜ ଜିଲ୍ଲାରେ ବୃଷ୍ଟିପାତ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ତେବେ ଗୁରୁବାର ବୃଷ୍ଟିପାତର ସ୍ଥିତିକୁ ଦେଖି ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକ ପ୍ରବେଶ ନିମନ୍ତେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଦକ୍ଷିଣ)ର ଉପନିର୍ଦ୍ଦେଶକ ଡଃ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Tanvi Hans, W/o-Vishesh Hans, resident of Plot No.253, Satya Nagar (Punjabi Colony), Po-Satya Nagar, Ps-Kharabela Nagar, Bhubaneswar, Dist-Khordha, Pin-751007, Odisha declared by this affidavit No.13AA 977941, dated-23/09/2023, that now onwards I shall be known as **TAANVII HANS** for all future purposes.

**TPWODL**

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

TPWODL/MK/O/SITC/ 056 Date : 13.03.2024

**RC for SITC of 11KV & 33KV Capacitor Bank in TPWODL.**

The time period is hereby extended for Submission of Tender Participation Fee and Authorization Letter through e-mail till **3rd April 2024, 15:00Hrs,** after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

Sd /- Chief-Contracts and Stores

**JOB-JOB- (GOVT. OF ODISHA)**

Required for **Laccmi Bus** (OSRTC) Interview Will be held soon.

| Sl. No. | Post Name | Eligibility Criteria |
|---|---|---|
| 1 | District Manager | Any Degree/ MBA, Age-Not More than 40 Yrs, 3-5 Yrs Experience Computer Knowledge |
| 2 | Asst. Manager (Enforcement) | Any Degree/ Diploma in Automobile Trade, Age-Not More than 40 Yrs, 2 Yrs Experience Computer Knowledge |
| 3 | Office Asst. (RAT) | Any Degree with Computer Knowledge, Age Not More than 40 Yrs and Experience in 2 Yrs |
| 4 | Booking Assistant | |

NO CHARGES EXCEPT SECURITY MONEY AS PER THE GUIDELINE OF OSRTC.

**Contact Details :**
**Mob No:** 7087035515, **What'sApp No:** 7087035515
**E-Mail ID :** jobsosrtc@aerialtelecom.in
**Contact Address:**
Bomikhal, Rasulgarh, Bhubaneswar, Odisha-751010.


### ସୀମାନ୍ତରେ ଯବାନଙ୍କ ସହ ଗୁଳିବିନିମୟ

# ୨ ମାଓବାଦୀ ନିହତ

■ **ମାଲକାନଗିରି, ୨୦।୩ (ସମିସ):** ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡାରେ ପୁଲିସ-ମାଓବାଦୀ ଗୁଳିବିନିମୟରେ ଜଣେ ୫ ଲକ୍ଷ ଇନାମୀ ମହିଳା ମାଓବାଦୀ ଓ ଜଣେ ୧ ଲକ୍ଷ ଇନାମୀ ପୁରୁଷ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଦନ୍ତେୱାଡା ଜିଲ୍ଲାର କିରନ୍ଦୁଲ ଅଞ୍ଚଳରେ ମାଓଦମନ ନିମନ୍ତେ ପୁଲିସ ପକ୍ଷରୁ ତଲାସି

**ମୃତ ମହିଳା ମାଓବାଦୀ ନାଁରେ ୫ ଲକ୍ଷ ଓ ପୁରୁଷ ମାଓବାଦୀ ନାଁରେ ୧ ଲକ୍ଷର ଇନାମ**

ଅଭିଯାନ ଜାରି ରହିଥିବାବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀମାନେ ପୁଲିସକୁ ଦେଖି ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇ ପୁଲିସବାହିନୀ ମଧ୍ୟ ଗୁଳିଚାଳନା କରିଥିବାବେଳେ କିଛି ସମୟ ମଧ୍ୟରେ ପୁଲିସର ସାମ୍ନା କରି ନ ପାରି ମାଓବାଦୀମାନେ ଜଙ୍ଗଲ ମଧ୍ୟରେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହାପରେ ପୁଲିସ ବାହିନୀ ଅଞ୍ଚଳରେ ତଲାସି କରିବାବେଳେ ଜଣେ ମହିଳା ଓ ଜଣେ ପୁରୁଷ ମାଓବାଦୀର ମର ଶରୀରକୁ ଉଦ୍ଧାର କରିବା ସହ କିଛି ମାଓସାମଗ୍ରୀ ମଧ୍ୟ ଜବତ କରିଥିଲେ। ବୁଧବାର ସନ୍ଧ୍ୟାରେ ଏହି ଗୁଳିବିନିମୟ ହୋଇଥିବାବେଳେ ବର୍ତ୍ତମାନ ମଧ୍ୟ ସେହି ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଅବଶିଷ୍ଟାଂଶ...

### ନବୀନ ଦେଲେ...

ରାୟଗଡ଼ା, ଗୁଣୁପୁର ଓ ବିଷମକଟକ ବିଧାନସଭା କ୍ଷେତ୍ର ରହିଛି। ଗତଥର ନିର୍ବାଚନରେ ବିଜେଡିର ଲୋକସଭା ପ୍ରାର୍ଥୀଙ୍କ ସମେତ ରାୟଗଡ଼ା ଓ ଜୟପୁର ବିଧାୟକ ପ୍ରାର୍ଥୀ ପରାଜିତ ହୋଇଥିଲେ। ଅତଏବ ବିଜେଡିର ଏହି ସବୁ ନିର୍ବାଚନ ମଣ୍ଡଳୀରେ ବିଜୟ ଯେପରି ସୁନିଶ୍ଚିତ ହୋଇପାରିବ ସେନଇ ମୁଖ୍ୟମନ୍ତ୍ରୀ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ବିଜେଡି ପ୍ରତି ଲୋକଙ୍କର ଆଶା ଆକାଂକ୍ଷା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଆମକୁ ଅଧିକ ଯତ୍ନବାନ ହୋଇ ଜନସେବାରେ ବ୍ରତୀ ହେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଉପସ୍ଥିତ ନେତାଙ୍କୁ କହିଥିବା ଜଣାପଡ଼ିଛି। ଏହି ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା, ବରିଷ୍ଠ ନେତା ରବି ନନ୍ଦ, ଭାସ୍କର ରାଓ, ପିତମ୍ ପାଢ଼ୀ ଏବଂ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କୋରାପୁଟ ପର୍ଯ୍ୟବେକ୍ଷକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ କୋରାପୁଟ ସଂସଦୀୟ କ୍ଷେତ୍ରରେ ବିଜେଡି ସଂଗଠନ କିପରି ଅଧିକରୁ ଅଧିକ ସୁଦୃଢ଼ ହେବ ସେନେଇ ବିଶେଷ ଆଲୋଚନା ହୋଇଛି। ସମସ୍ତେ ସମ୍ମିଳିତ ହୋଇ ଆଗାମୀ ନିର୍ବାଚନରେ ଦଳ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଅନୁରୂପ ଭାବରେ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ସଂସଦୀୟ କ୍ଷେତ୍ରର ଦଳୀୟ ସ୍ଥିତି, ନିର୍ବାଚନୀ ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ନବରଙ୍ଗପୁର ସଂସଦୀୟ କ୍ଷେତ୍ର ଅଧିନରେ ମୋଟ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ନବରଙ୍ଗପୁରରେ ୪ଟି, ମାଲକାନଗିରିର ୨ଟି ଏବଂ କୋରାପୁଟର ଗୋଟିଏ ନିର୍ବାଚନମଣ୍ଡଳୀ ରହିଛି। ଉପରୋକ୍ତ ୭ ନିର୍ବାଚନମଣ୍ଡଳୀରୁ ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ୫ଟିରେ ବିଜୟ ଲାଭ କରିଥିବା ବେଳେ ଉମରକୋଟ ଏବଂ ମାଲକାନଗିରିରେ ପରାଜୟ ବରଣ କରିଥିଲା। ଅତଏବ ଆସନ୍ତା ସାଧାରଣ ନିର୍ବାଚନରେ ଦଳ ଯେପରି ସମସ୍ତ ଆସନରେ ବିଜୟ ଲାଭ କରିବ ସେନେଇ ନେତା ଓ କର୍ମୀମାନେ ସଂଗଠିତ ହୋଇ, ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ନବରଙ୍ଗପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଇଶ୍ୱର ପାଣିଗ୍ରାହୀଙ୍କ ସମେତ ବରିଷ୍ଠ ନେତା ପ୍ରଦୀପ ମାଝୀ, ଇଶ୍ୱର ପାଣିଗ୍ରାହୀ, ମାନସ ମାଡକାମି, ସୁବାସ ଗଣ୍ଡ, ଚନ୍ଦ୍ରଶେଖର ମାଝୀ, ରମେଶ ମାଝୀ, ପ୍ରକାଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ‘ଏକାକୀ’ ନା...

ଅନ୍ୟପକ୍ଷରେ ରାଜ୍ୟରେ ବିଜେପିର ପ୍ରଦର୍ଶନ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ଫଳାଫଳ ବହୁତ ଭଲ ହେବ। ନିର୍ବାଚନୀ ପଣ୍ଡିତମାନଙ୍କ ଗଣନାଠୁ ଢେର ଅଧିକ ସିଟ୍ ପାଇବୁ। ମାତ୍ର ବିଜେଡି ସହ ମେଣ୍ଟ ପ୍ରସଙ୍ଗ ପ୍ରଶ୍ନରେ ଶ୍ରୀ ଶାହା କିଛି ବି ହୋଇପାରେ ବୋଲି ଟିପ୍ପଣୀ ଦେଇଛନ୍ତି । ସେ କହିଛନ୍ତି ଯେ ଆମେ ଏକାଠି ଲଢ଼ିବୁ କି ଏକାକୀ ଲଢ଼ିବୁ ତାହା ସ୍ଥିର ହୋଇନାହିଁ। ଯଦି ଏକାଠି ଲଢ଼ିବୁ ତାହେଲେ ବିଜୁବାବୁ ଆମର ନେତା; ସ୍ୱାଭାବିକ ଭାବେ ଆମେ ସହଯୋଗୀ ଭଳି ଲଢ଼ିବୁ। ଯଦି ଏକାକୀ ଲଢ଼ିବୁ ତା’ହେଲେ ସରକାର ଗଠନ କରିବାକୁ ହିଁ ଲଢ଼ିବୁ ବୋଲି ସେ କହିଛନ୍ତି।

ପୁନଶ୍ଚ ବିଜେଡି ଏବଂ ବିଜେପି ପାରସ୍ପରିକ ସହଯୋଗ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ରଖି ଶ୍ରୀ ଶାହା କହିଛନ୍ତି ଯେ ସର୍ବଦା ଆବଶ୍ୟକତା ଆଧାରରେ ମେଣ୍ଟ ହୁଏନି। ବିଗତ ୫ ବର୍ଷରେ ଦେଶର ବହୁ ରାଜନୈତିକ ଦଳ ରାଷ୍ଟ୍ରୀୟ ସ୍ୱାର୍ଥରେ ସଂସଦରେ ଆମକୁ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇ ଆସିଛନ୍ତି। ଏହା ଆମ ଗଣତନ୍ତ୍ରର ଏକ ସୁନ୍ଦର ଉଦାହରଣ। ଧାରା-୩୭୦ ଉଚ୍ଛେଦ , ଜିଏସଟି ଓ ନିର୍ବାଚନୀ ବଣ୍ଡ ଆଦି ପ୍ରସଙ୍ଗରେ ସମର୍ଥନ ଆମକୁ ମିଳିଛି। ଏହା ହିଁ ଗଣତନ୍ତ୍ରର ସୌନ୍ଦର୍ଯ୍ୟ। ବିରୋଧ ସବୁ ପ୍ରସଙ୍ଗରେ ହେବା ଉଚିତ୍ ନୁହେଁ। ଯେଉଁ ପ୍ରସଙ୍ଗଗୁଡ଼ିକ ରାଷ୍ଟ୍ରୀୟ ହିତ ସହ ଜଡ଼ିତ ସେଭଳି ପ୍ରସଙ୍ଗକୁ ନେଇ ଦଳ ମତ ନିର୍ବିଶେଷରେ ସମସ୍ତଙ୍କୁ ସମର୍ଥନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

### ବ୍ୟାରେଜ୍ ବଦଳାଇବ...

କିଛି ବର୍ଷ ହେଲା ଏହି ସମସ୍ୟା ଦେଖାଦେଉଛି। ଏହି ନଦୀଗୁଡ଼ିକର ଭୂତଳ ଜଳସ୍ତର କମି କମି ଯାଉଛି। ଯାହାଫଳରେ ନିକଟସ୍ଥ ଗାଁଗୁଡ଼ିକରେ ପାନୀୟଜଳ ମଧ୍ୟ ଲୋକଙ୍କ ଶୋଷ ମେଣ୍ଟାଇବାରେ ପର୍ଯ୍ୟାପ୍ତ ହେଉନାହିଁ। ଅଧାରୁ ଅଧିକ ପାନୀୟଜଳ ପ୍ରକଳ୍ପ ଏହି ସମସ୍ୟା ଯୋଗୁଁ ଫେଲ ମାରିଛି। ଏହାସହ ଏସବୁ ନଦୀଗୁଡ଼ିକୁ କିପରି ପାନୀୟଜଳ ସହ ଜଳସେଚନର ଉତ୍ସ କରାଯାଇ ପାରିବ ସେ ଦିଗରେ ରାଜ୍ୟ ସରକାରଙ୍କ ବହୁମୁଖୀ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି।

କିଛି ଦିନ ତଳେ ସୁକତେଲ ନଦୀରେ ଭୂତଳ ଜଳସ୍ତର କ୍ଷମତା ବଢ଼ାଇବା ପାଇଁ ଛତାମଖନାଠାରେ ଏକ ବ୍ୟାରେଜ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହି ବ୍ୟାରେଜ ଦ୍ୱାରା ଜଳ ସଂରକ୍ଷଣ ହେବା ସହ ମାଟିତଳର ଆର୍ଦ୍ରତାକୁ ବଢ଼ାଇବ ବୋଲି ବୈଷୟିକ ଅଧିକାରୀମାନେ କହିଛନ୍ତି। ଏହାର ନିର୍ମାଣ କାମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ରହିଛି। ଏହାପୂର୍ବରୁ ଲୋୟର ସୁକତେଲ ପ୍ରକଳ୍ପ ଉଦଘାଟନ ହୋଇସାରିଥିବା ବେଳେ ଏହା ମଧ୍ୟ ଡ୍ୟାମ ଆଖପାଖ ଅଞ୍ଚଳର ଜଳସ୍ତର ବଢ଼ାଇବାରେ ସହାୟକ ହେବ। ସେହିପରି ସୋନଗଡ଼ ନଦୀରେ ମଧ୍ୟ ଏକ ବ୍ୟାରେଜ ନିର୍ମାଣ ପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଦେଓଗାଁ ବ୍ଲକ ସିକୁଆଁଠାରେ ଏହି ବ୍ୟାରେଜ ନିର୍ମାଣ କରାଯିବ। ଗୁଡଭେଲା ବ୍ଲକ ରାଉଲ ନଦୀରେ ମଧ୍ୟ ବ୍ୟାରେଜ ନିର୍ମାଣକୁ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇଥିଲେ। ଏହିଭଳି ଭାବେ ଜିଲ୍ଲାର ବିଭିନ୍ନ ନଦୀରେ ବ୍ୟାରେଜ ନିର୍ମାଣ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଥିବା ବେଳେ ଖୁବଶୀଘ୍ର ଏହି ସବୁ କାମ ସମାପ୍ତ କରିବା ପାଇଁ ଯୋଜନା ରହିଛି। ଯାହାକି ବଲାଙ୍ଗିର ଜିଲ୍ଲାର ନଦୀ ଅବବାହିକାରେ ଥିବା ଅଞ୍ଚଳରେ ଭୂତଳ ଜଳସ୍ତରକୁ ବଢ଼ାଇବା ସହ ଲୋକଙ୍କ ପାନୀୟଜଳ ସମସ୍ୟା ମଧ୍ୟ ଦୂର କରିପାରିବ। ବିଶେଷକରି କମି ଯାଉଥିବା ଚାଷର ପରିମାଣକୁ ମଧ୍ୟ ଏହା ବର୍ତ୍ତମାନ ସ୍ଥିତିରୁ ଆଗାମୀ ଦିନରେ ପରିବର୍ତ୍ତନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିବ ବୋଲି ଆଶା ପ୍ରକାଶ ପାଇଛି।

### ଭିଜିଲାନ୍ସ ଜାଲରେ...

୧ଲକ୍ଷ୩୦ହଜାର ଟଙ୍କା ଦେଇଥିଲେ। ସଙ୍ଗୀତା ବିଲ୍ ପାସ୍ କରାଇଦେବା ପାଇଁ ଅବଶିଷ୍ଟ ୫୦ ହଜାର ଟଙ୍କା ଦାବି କରିବା ପରେ ଠିକାଦାରଙ୍କ ବାପା ଶିଶିର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ବୁଧବାର ଠିକାଦାର ଅବଶିଷ୍ଟ ୫୦ ହଜାର ଟଙ୍କା ଦେବା ଲାଗି କାର୍ଯ୍ୟାଳୟକୁ ଯାଇଥିଲେ। ଠିକାଦାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସର ଏକ ଟିମ୍ ଚଢ଼ଉ କରି ସଙ୍ଗୀତାଙ୍କୁ କାବୁ କରିବା ସହ ରାସାୟନିକ ରଙ୍ଗବୋଳା ୫୦ ହଜାର ଟଙ୍କା ଜବତ କରିଥିଲା।


**PUBLIC NOTICE**
**MR. PRALAYA JENA**

**Sri Pralaya Jena,** aged about 49 years, S/o:Fakir Charan Jena, having Aadhar No. 2101 9567 5516. Residing at Plot No. 831, Korodakanta, Jharpada, Bhubaneswar, Dist–Khordha.

It is noticed to public that the following reference sale deeds and Record of Rights under Mouza-Korodakanta have been lost/misplaced from our custody on the way to traveling from Korodakanta to Badagada Brit Colony, Bhubaneswar and I am unable to trace/find the same despite of our best efforts. We are not created any equitable mortgage/charge with any bank and financial institutions by depositing the sale deed in original as security for any advance, before creating mortgage in SBI, HLST, Bhubaneswar/Canara Bank/Punjab National Bank/Bank of India and any others bank/financial institution. If any individual bank/financial institution is holding the said documents in original as security for any advance/loan granted, they are requested to inform to me (Mob:- 9439615754) within a period of 15 days from the date of publication of this notice/advertisement. This is to be produced before the competent authority the lost land documents are mentioned below in details:-

Regd. Sale Deed No- 11081402830, dtd-07.03.2014 executed by Uchhab Moharana and others in favour of Pralaya Jena & others and also ROR in respect of Khata No- 459/1731, Plot No- 294/3809 area Ac 0.120 dec of Mouza- Koradakanta.

**Office Of The Principal**
**Govt. Vocational Higher Secondary School**
**Dharmasala Mahavidyalaya, Dharmasala, Jajpur, Pin-755008**

**QUATATION CALL NOTICE**

Sealed tenders are invited from GST registered firms/ suppliers/ manufacturer/ vendor for supply of IT equipments for CT and other sports items for SPEFI trade. The quotations should reach the office on or before 26.03.2024. Specifications available in college website **(dharmasalamahavidyalaya.ac.in).**

Further details contact - **9438784831/9437442040.**

Sd/- Principal
Dharmasala Mahavidyalaya

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ • ପାଉଣ୍ଡ ୧୦୫.୭୫
- ୟୁରୋ ୯୦.୫୬ • ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୦,୯୬୦ (ନୂଆଦିଲ୍ଲୀ)
- ରୁପା : ୭୭,୪୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୨,୧୦୧.୦୦
- ନିଫ୍ଟି ୨୧,୮୩୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ଏଡବ୍ଲ୍ୟୁଏସ୍ ରିସର୍ଚ୍ଚ ରିପୋର୍ଟ

# ଏଆଇ ଦକ୍ଷତା ଥିଲେ ଦରମା ୫୪% ବଢ଼ିବ

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି):** ଭାରତରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ସହିତ ଜଡିତ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନେ ଆଗାମଦୀ ଦିନରେ ବମ୍ପର ଦରମା ପାଇବେ। ଅର୍ଥାତ୍ ଭାରତରେ ଏଆଇ ସ୍କିଲ୍ ବା ଦକ୍ଷତା ଥିବା କର୍ମଚାରୀଙ୍କୁ ମୋଟା ଦରମା ମିଳିବ। ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍)ର ଏକ ରିପୋର୍ଟରେ କୁହାଯାଇଛି ଯେ, ଆଗାମୀ ଦିନଗୁଡିକରେ ଭାରତରେ ଏଆଇ କୌଶଳ ଏବଂ ଜ୍ଞାନ ଥିବା କର୍ମଚାରୀମାନଙ୍କୁ ୫୪ ପ୍ରତିଶତରୁ ଅଧିକ ଦରମା ବୃଦ୍ଧି ମିଳିପାରେ। ଏଥିରେ ଆଇଟି ଏବଂ ଆର ଆଣ୍ଡ ଡି ପ୍ରଫେସନାଲମାନେ ସର୍ବାଧିକ ବେତନ ବୃଦ୍ଧି ପାଇବେ ବୋଲି ଆଶା କରାଯାଉଛି। ଆମାଜନ ସହାୟକ କମ୍ପାନୀ ଏଡବ୍ଲ୍ୟୁଏସ୍ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ ପ୍ରାୟ ୯୯ ପ୍ରତିଶତ ନିଯୁକ୍ତିଦାତା ୨୦୨୮ ସୁଦ୍ଧା ସେମାନଙ୍କ କମ୍ପାନୀଗୁଡ଼ିକୁ ଏଆଇ ଚାଳିତ ସଂଗଠନ କରିବାକୁ ପରିକଳ୍ପନା କରୁଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଅଧିକାଂଶ ନିଯୁକ୍ତିଦାତା (୯୭ ପ୍ରତିଶତ) ବିଶ୍ୱାସ କରନ୍ତି ଯେ, ସେମାନଙ୍କର ଅର୍ଥ ବିଭାଗ ଏହାର ସବୁଠାରୁ ଅଧିକ ଲାଭ ପାଇବ, ଏହାପଛକୁ ଆଇଟି (୯୬ ପ୍ରତିଶତ), ଅନୁସନ୍ଧାନ ଏବଂ ବିକାଶ (୯୬ ପ୍ରତିଶତ), ବିକ୍ରୟ ଏବଂ ମାର୍କେଟିଂ (୯୬ ପ୍ରତିଶତ), ବ୍ୟବସାୟ କାର୍ଯ୍ୟ (୯୫ ପ୍ରତିଶତ) ମଧ୍ୟ ଆଶା କରାଯାଏ। ମାନବ ସମ୍ବଳ (୯୪ ପ୍ରତିଶତ) ଏବଂ ଆଇନଗତ (୯୨ ପ୍ରତିଶତ) ବିଭାଗ ମଧ୍ୟ ଏଆଇରୁ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ହାସଲ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଏଆଇ ଦକ୍ଷତାକୁ ତ୍ୱରାନ୍ୱିତ କରିବା ଭବିଷ୍ୟତର ଚାକିରି ପାଇଁ ଏସିଆ-ପାସିଫିକ୍ ୱାର୍କଫୋର୍ସ ପ୍ରସ୍ତୁତ କରିବା। ଏଥିରେ ଲେଖାଅଛି ଯେ ପ୍ରାୟ ୯୮ ପ୍ରତିଶତ ଉତ୍ତରଦାତା ଆସନ୍ତା ୫ ବର୍ଷ ମଧ୍ୟରେ ଚାକିରିରେ ଜେନେରେଟିଭ୍ ଏଆଇ ଉପକରଣ ବ୍ୟବହାର କରିବାକୁ ଆଶା କରୁଛନ୍ତି। ଭାରତରେ ୧,୬୦୦ ଶ୍ରମିକ ଏବଂ ୫୦୦ ନିଯୁକ୍ତିଦାତା ଉପରେ ଏକ ସର୍ଭେ କରିବା ପରେ ଏହି ରିପୋର୍ଟ ପ୍ରକାଶ ପାଇଛି।

### ଭାରତୀୟ ଶେୟାର ବଜାର ଉପରେ ଜେପି ମୋର୍ଗାନ୍‌ର ପୂର୍ବାନୁମାନ

# ନିର୍ବାଚନ ପରେ ବଜାରରେ ବଢ଼ିବ ବିଦେଶୀ ନିବେଶ

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି)**

ଭାରତୀୟ ଅର୍ଥନୀତିର ଶକ୍ତିଶାଳୀ ପ୍ରଦର୍ଶନ ଏବଂ ଅଭିବୃଦ୍ଧିରେ ଆହୁରି ଉନ୍ନତି ହେବାର ସମ୍ଭାବନା ଆଧାରରେ ସମ୍ପ୍ରତି ଘରୋଇ ଷ୍ଟକ୍ ବଜାର ଦ୍ରୁତ ଗତିରେ ଆଗୁ ବଢ଼ୁଛି। ଆମେରିକାର ଫେଡେରାଲ ରିଜର୍ଭ (ୟୁଏସ୍ ଫେଡ) ର ସୁଧ ହାର ହ୍ରାସ ଏହି ଉନ୍ନତିକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି। ଦେଶରେ ୨୦୨୪ ଲୋକସଭା ନିର୍ବାଚନକୁ ନେଇ ବିଦେଶୀ ନିବେଶକମାନେ ଉତ୍ସାହିତ ଅଛନ୍ତି। ନିର୍ବାଚନ ପରେ ଭାରତୀୟ ଷ୍ଟକ୍ ବଜାର ଅଧିକ ବିଦେଶୀ ପୁଞ୍ଜି ବିନିଯୋଗ କରିବାକୁ ପ୍ରସ୍ତୁତ ରହିଛି। ବ୍ଲୁମବର୍ଗର ଏକ ରିପୋର୍ଟରେ ନିବେଶକାରୀ ବ୍ୟାଙ୍କର ଜେପି ମୋର୍ଗାନ୍ ଏହି ଆକଳନ କରିଛନ୍ତି।

ଏହି ରିପୋର୍ଟରେ, ଜେପି ମୋର୍ଗାନ ଚେଜ୍ ଆଣ୍ଡ କୋର ରାଜୀବ ବାତ୍ରା ଆକଳନ କରିଛନ୍ତି ଯେ ଲୋକସଭା ନିର୍ବାଚନ ପରେ ଷ୍ଟକ୍ ବଜାର ଅଧିକ ବିଦେଶୀ ପୁଞ୍ଜି ବିନିଯୋଗ ଆକର୍ଷିତ କରିବାକୁ ପ୍ରସ୍ତୁତ ରହିଛି। ସେ କହିଛନ୍ତି ଯେ ଭାରତର ୪.୩ ଟ୍ରିଲିୟନ ଡଲାର ଆକାରର ଷ୍ଟକ ବଜାରରେ ସମଗ୍ର ବିଶ୍ୱ ପାଣ୍ଠିର ସ୍ଥିତି ଖୁବ୍ କମ୍ ରହିଛି। ନିବେଶକମାନେ ହୋଲଡିଂ ବୃଦ୍ଧି ପାଇଁ ଏକ ସୁଯୋଗ ଭାବରେ ଯେ କୌଣସି ସଂଶୋଧନକୁ ବ୍ୟବହାର କରିବେ। ଲୋକସଭାର ନିର୍ବାଚନ ପୂର୍ବରୁ ବୈଦେଶିକ ପୁଞ୍ଜି ପ୍ରବାହ ଅଧିକ ଅସ୍ଥିର ହୋଇପଡିଛି। ରିପୋର୍ଟରେ ଜେପି ମୋର୍ଗାନର ଏସିଆ ରଣନୀତିଜ୍ଞ ଶ୍ରୀ ବାତ୍ରା କହିଛନ୍ତି, ଏହି ବଜାରରେ ପୁନରୁଦ୍ଧାର ଦେଖିଥିବା ବିଦେଶୀ ନିବେଶକ ଏବଂ ସାଧାରଣ ନିର୍ବାଚନକୁ ଅପେକ୍ଷା କରିବା ଗତ ୨-୨.୫ ବର୍ଷ ମଧ୍ୟରେ ଭାରତରେ ଆପେକ୍ଷିକ ସ୍ଥିତି ବଢ଼ାଇନାହାଁନ୍ତି।



ସେମାନେ ଅଭିବୃଦ୍ଧି ନୀତି କିମ୍ବା ସଂସ୍କାର ଉପରେ ଧ୍ୟାନ ଦେବା ଆରମ୍ଭ କରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁନର୍ବାର ନିର୍ବାଚନରେ ଜିତିବେ ବୋଲି ଆଶା କରାଯାଉଥିବାରୁ ଗୋଲ୍ଡମ୍ୟାନ୍ ସ୍ୟାଚ୍ ଗ୍ରୁପ୍ ଘରୋଇ ବଜାରରେ ଅଧିକ ପୁଞ୍ଜି ବିନିଯୋଗ ହେବ ବୋଲି ପୂର୍ବାନୁମାନ କରିଛି। ବଜାର ଅନୁକୂଳ ନୀତି ଜାରି ରଖିବାକୁ, ଭିତ୍ତିଭୂମିରେ ଖର୍ଚ୍ଚ କରିବାକୁ ଏବଂ ତାଙ୍କ ତୃତୀୟ କାର୍ଯ୍ୟକାଳରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସାଧାରଣ ନିର୍ବାଚନ ୧୯ ଏପ୍ରିଲରୁ ଜୁନ୍ ପହିଲା ପର୍ଯ୍ୟନ୍ତ ଭାରତରେ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଜେପି କ୍ଷମତା ବଜାୟ ରଖିଛି, ନିବେଶକମାନେ ସିଟ୍ ଆବଣ୍ଟନର ବ୍ୟବସ୍ଥା ଉପରେ ନଜର ରଖିବେ। ସେ କହିଛନ୍ତି ଯେ ଭାରତର ବଜାର ଏହାର ଉଚ୍ଚ ମୂଲ୍ୟବୋଧ ବଜାୟ ରଖିବା କିମ୍ବା ଏକାଧିକ ପୁନଃ- ମୂଲ୍ୟାୟନ ଦେଖିବା ପାଇଁ ନୀତି ନିରନ୍ତରତା ଆବଶ୍ୟକ। ଏହାଛଡା ଶ୍ରୀ ବାତ୍ରା କହିଛନ୍ତି ଯେ ନିବେଶକମାନେ ଭାରତୀୟ ଷ୍ଟକ ବଜାରରେ ୧୦୦ ବିଲିୟନ ଡଲାର ବିନିଯୋଗ ହେବାର ସମ୍ଭାବନା ରହିଛି। ବଜାର ପ୍ରତି ନିବେଶକଙ୍କ ଆଗ୍ରହ ବଢ଼ୁଛି। ଅପରପକ୍ଷେ ନ୍ୟାସନାଲ ସିକ୍ୟୁରିଟି ଡିପୋଜିଟୋରୀ ଲିମିଟେଡ୍‌ର ଏକ ତଥ୍ୟ ଅନୁଯାୟୀ ଫେବୃଆରୀ ମାସର ଶେଷ ସୁଦ୍ଧା ଭାରତୀୟ ଷ୍ଟକ୍‌ରେ ବୈଶ୍ୱିକ ପାଣ୍ଠିର ପରିମାଣ ୭୬୩ ବିଲିୟନ ଡ଼ଲାର୍ ରହିଥିଲା।

### ମାସିକ ଧର୍ମରୁ ମହିଳାଙ୍କୁ ମିଳିବ ସୁରକ୍ଷା

# କଦଳୀ ଗଛର ତନ୍ତୁରୁ ପ୍ରସ୍ତୁତ ପୁନଃ ବ୍ୟବହାରଯୋଗ୍ୟ ପ୍ୟାଡ୍

**ଭୁବନେଶ୍ୱର,୨୦।୩(ସମିସ):** ମହିଳାମାନଙ୍କୁ ସେମାନଙ୍କର ମାସିକ ଧର୍ମରୁ ମିଳିବ ସୁରକ୍ଷା। ଏବେ କଦଳୀ ଗଛର ତନ୍ତୁରୁ ପ୍ରସ୍ତୁତ ହୋଇଛି ରିୟୁଜେବଲ୍ ବା ପୁନଃବ୍ୟବହାରଯୋଗ୍ୟ ପ୍ୟାଡ୍। ଅଧିକାଂଶ ସ୍ୱଚ୍ଛତା ପ୍ୟାଡ୍‌ରେ ପ୍ରୟୋଗ ହେଉଥିବା ଫଥାଲେଟ୍ସ ଏବଂ ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡ ସ୍ୱାସ୍ଥ୍ୟ ପାଇଁ ବହୁତ ହାନିକାରକ। ଏହି ପ୍ୟାଡ୍‌ଗୁଡ଼ିକରେ କପଡ଼ା ସହିତ ଅବଶୋଷକ ରୂପେ କଦଳୀ ଗଛର ତନ୍ତୁକୁ ବ୍ୟବହାର କରାଯାଇଛି। ପ୍ରସ୍ତୁତକାରୀ କମ୍ପାନୀ 'ସୌଖ୍ୟମ ରିୟୁଜେବଲ୍ ପ୍ୟାଡ଼ସ୍' ଏହାର ନିର୍ମାଣରେ ବାନାନା ଫାଇବର ଟେକ୍ନୋଲୋଜିର ଉପଯୋଗ କରିଛି। ତେଣୁ ଏହା ମହିଳାମାନଙ୍କୁ ତାଙ୍କର ମାସିକ ଋତୁସ୍ରାବ ସ୍ୱଚ୍ଛତା ନିଦାନ ସହଜ ଓ ସୁଲଭ କରାଇବ। ପାରିବ। ମାତା ଅମୃତାନନ୍ଦମୟୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅଭିଯାନ ସୌଖ୍ୟମ୍ ରିୟୁଜେବଲ୍ ପ୍ୟାଡ଼ସ୍ ଏହି ପୁନଃବ୍ୟବହାରଯୋଗ୍ୟ ପ୍ୟାଡ୍ ପ୍ରସ୍ତୁତ କରିଛି। ସୌଖ୍ୟମ ପୁନଃ ଉପଯୋଗୀ ପ୍ୟାଡ୍‌କୁ ତିନି ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ। ଏହାର ବ୍ୟବହାର ବାର୍ଷିକ ୪୦୦ରୁ ଟନ୍ ଅଙ୍ଗାରକାମ୍ଳ ସମାନୁପାତିର ନିସର୍ଜନକୁ କମ୍ କରିପାରିବ। ଏହାର ପ୍ରୟୋଗରେ ଅନ୍ୟୂନ ୪୩,୭୫୦ ଟନ୍‌ର ଅଜୈବ ବର୍ଜ୍ୟବସ୍ତୁକୁ ଅପସାରିତ କରିପାରିବ ବୋଲି 'ପ୍ୟାଡ଼ ଓମ୍ୟାନ' ରୂପେ ସୁପରିଚିତ ସୌଖ୍ୟମ ରିୟୁଜେବଲ୍ ପ୍ୟାଡ଼ସ୍‌ର ଏମ୍‌ଡି ଅଞ୍ଜୁ ବିଷ୍ଟ କହିଛନ୍ତି।




> **ସୌଖ୍ୟମ ରିୟୁଜେବଲ୍ ପ୍ୟାଡ଼ସ୍‌ର ବାନାନା ଫାଇବର ଟେକ୍ନୋଲୋଜି**
>
> **କମ୍ ଖର୍ଚ୍ଚ ଆଉ ଅଙ୍ଗାରକାମ୍ଳ ନିସର୍ଜନରେ ହ୍ରାସ**

ସୌଖ୍ୟମ୍ ଏହାର ହିତାଧିକାରୀମାନଙ୍କ ସହ ମିଶି ଓଡ଼ିଶାରେ ଏହି ବର୍ଷ ପୁନଃ ବ୍ୟବହାରଯୋଗ୍ୟ ପ୍ୟାଡ୍ କାରଖାନା ବସାଇବା ପାଇଁ ଯୋଜନା କରିଥିବା ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ବିଷ୍ଟ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ମେନ୍‌ଷ୍ଟ୍ରୁଆଲ୍ ହେଲ୍‌ଥ ଆଣ୍ଡ ହାଇଜିନ୍ ଆଲିଆନ୍ସ ତରଫରୁ ସ୍ନେହା ମିଶ୍ର ଜାତୀୟ କ୍ରୀଡ଼ାବିତ୍ ଶୁଭସ୍ମିତା ରଥଙ୍କୁ ସୌଖ୍ୟମ୍ ପ୍ୟାଡ଼୍‌ର ବଣ୍ଡଲ ହସ୍ତାନ୍ତର କରିଥିଲେ।

# କ୍ରମାଗତ ହ୍ରାସ ପରେ ଉଠିଲା ବଜାର

**ସେନ୍‌ସେକ୍ସରେ ୮୯ ପଏଣ୍ଟ ବୃଦ୍ଧି**

**ମୁମ୍ବଇ,୨୦।୩(ଏଜେନ୍ସି):** ଘରୋଇ ପୁଞ୍ଜିବଜାର ଉପରୁ ଯଦିବା ଏ ଯାଏ କଳା ବାଦଲ ହଟିନାହିଁ, ତଥାପି ଆଜିର କାରବାରରେ ପୁଞ୍ଜିବଜାରରେ ସାମାନ୍ୟ ବୃଦ୍ଧି ଘଟିଛି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍‌ସେକ୍ସରେ ୮୯.୬୪ ପଏଣ୍ଟ ବା ୦.୧୨ ପ୍ରତିଶତ ବୃଦ୍ଧି ଘଟି ୭୨,୧୦୧.୬୯ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୧.୬୫ ପଏଣ୍ଟ ବା ୨୧.୬୫ ପ୍ରତିଶତ ବୃଦ୍ଧି ଘଟି ୨୧,୮୩୯.୧୦ ପଏଣ୍ଟରେ କାରବାର ବନ୍ଦ ହୋଇଛି। ଆଜିର କାରବାରରେ ଆଇଟିସି, ଏସ୍‌ବିଆଇ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଶେୟାର ମୂଲ୍ୟରେ ଅଧିକ ବୃଦ୍ଧି ହୋଇଥିଲା। ଏହାଛଡା ଏଚ୍‌ଡିଏଫ୍‌ସି,ଟାଟା ମୋଟର୍ସ ଏବଂ ଏକ୍ସିସ୍ ବ୍ୟାଙ୍କ ଶେୟାର ଅଧିକ ଖସିଥିଲା।




# ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡର ଶିକ୍ଷା ବୃତ୍ତି ଘୋଷଣା

**ବ୍ରହ୍ମପୁର,୨୦।୩(ସମିସ):** ଟେଷ୍ଟ ପ୍ରସ୍ତୁତି ସେବା କ୍ଷେତ୍ରରେ ଜାତୀୟସ୍ତରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ) ଆସନ୍ତା ଏପ୍ରିଲରେ ଏହାର ନୂଆ ସେସନ୍ ଆରମ୍ଭ କରିବାକୁ ଯାଉଛି। ଛାତ୍ରଛାତ୍ରୀଙ୍କୁ ଡାକ୍ତର ଏବଂ ଇଞ୍ଜିନିୟର ହେବା ନିମନ୍ତେ ସେମାନଙ୍କୁ ସମର୍ଥ କରାଇବାକୁ ଅନୁଷ୍ଠାନ ବିଭିନ୍ନ ବୃତ୍ତି ଘୋଷଣା କରିଛି। ପ୍ରଥମ ବୃତ୍ତି ହେଉଛି ଇନଷ୍ଟାଣ୍ଟ ଆଡମିସନ କମ ସ୍କଲାରସିପ ଟେଷ୍ଟ (ଆଇଏସିଏସଟି), ଯାହା ମେଡିକାଲ, ଇଞ୍ଜିନିୟରିଂ ଏବଂ ଫାଉଣ୍ଡେସନ ପାଠ୍ୟକ୍ରମ ଗୁଡିକରେ ନାମଲେଖା ନିମନ୍ତେ ୯୦% ପର୍ଯ୍ୟନ୍ତ ବୃତ୍ତି ପ୍ରଦାନ କରୁଛି। ଏଥିସହିତ ଆକାଶ ସହିଦ, ପ୍ରତିରକ୍ଷା କର୍ମଚାରୀ ଏବଂ ଆତଙ୍କବାଦରେ ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ପିଲାମାନଙ୍କୁ ସ୍ୱତନ୍ତ୍ର ରିଆତି ପ୍ରଦାନ କରିବ। ଏ ନେଇ ବ୍ରହ୍ମପୁର ସ୍ଥିତ ଆକାଶ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଚିଫ୍ ବିଜସେନ୍ ଅଫିସର ଅନୁପ ଅଗ୍ରୱାଲ୍ ଯୋଗଦେଇ କହିଛନ୍ତି ଯେ, ସମଗ୍ର ଦେଶରେ ଛାତ୍ରଛାତ୍ରୀଙ୍କ ପାଇଁ ସୁଲଭ ଏବଂ ପ୍ରଭାବୀ ଶିକ୍ଷାଗତ ସୁଯୋଗ ଯୋଗାଇଦେବାକୁ ଆମେ ଏକନିଷ୍ଠ ରହିଛୁ। ଆଇଏସିଏସଟି ଭଳି ପ୍ରୟାସ ଏବଂ ବୃତି କାର୍ଯ୍ୟକ୍ରମ ଜରିଆରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ କ୍ୟାରିୟର ଆଶା ପୂରଣ କରିବା ଦିଗରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ସଶସ୍ତ୍ର ବାହିନୀ ଜବାନଙ୍କ ପିଲାମାନଙ୍କ ଶିକ୍ଷା ପ୍ରତି ସମର୍ଥନ ଯୋଗାଇଦେବା ପରମ୍ପରା ଜାରି ରଖିବା ନେଇ ଗର୍ବିତ। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ସକାଶେ ପ୍ରତିବଦ୍ଧ ରହିଛୁ। ଏହି ଅବସରରେ ଏକାଡେମିକ ହେଡ (ଇଞ୍ଜିନିୟରିଂ) ଶୁଭମ ଘର୍, ଏକାଡେମିକ ହେଡ ମେଡିକାଲ ଆଶୁତୋଷ ଗାର୍ଗ, ରିଜୋନାଲ ସେଲ୍ସ ଗ୍ରୋଥ ହେଡ ବିକାଶ ଦାସ ଏବଂ ବ୍ରାଞ୍ଚ ମୁଖ୍ୟ ରୋହିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଇନଷ୍ଟାଣ୍ଟ ଆଡମିସନ କମ ସ୍କଲାରସିପ ଟେଷ୍ଟ (ଆଇଏସିଏସଟି) ଛାତ୍ରଛାତ୍ରୀଙ୍କୁ ତତ୍‌କ୍ଷଣାତ୍ ନାମଲେଖା ନିମନ୍ତେ ତୁରନ୍ତ ବୃତ୍ତି ଓ ସୁଯୋଗ ଯୋଗାଇ ଦେଉଛି। ଛାତ୍ରଛାତ୍ରୀ ଏହି ପରୀକ୍ଷା ଅନଲାଇନରେ ଦେଇପାରିବେ। ସେମାନଙ୍କ ମାର୍କ ସମ୍ପର୍କିତ ସୂଚନା ମଧ୍ୟ ତତ୍‌କ୍ଷଣାତ ମିଳିବ। ଅନଲାଇନ ଆଇଏସିଏସଟି ଅବଧି ୬୦ ମିନିଟ ରହିବ। ଧାର୍ଯ୍ୟ ପରୀକ୍ଷା ଦିବସଗୁଡିକର ପୂର୍ବାହ୍ନ ୧୦ଟାରୁ ରାତି ୮ଟା ମଧ୍ୟରେ ଦିଆଯାଇପାରିବ। ଅଷ୍ଟମରୁ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସେବା ଯୋଗାଉଥିବା ଆଇଏସିଏସଟି ମେଡିସିନ ଓ ଇଞ୍ଜିନିୟରିଂରେ କ୍ୟାରିୟର କରିବା ସକାଶେ ସେମାନଙ୍କର ସାମର୍ଥ୍ୟ ପ୍ରଦର୍ଶନ କରିବାକୁ ଏକ ମଂଚ ଭାବରେ କାର୍ଯ୍ୟ କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସହିଦଙ୍କ ପିଲାମାନଙ୍କ ନିମନ୍ତେ ଆକାଶ ୧୦୦% ପର୍ଯ୍ୟନ୍ତ ଟ୍ୟୁସନ ଫି ଛାଡ କରିବ। ଅନୁରୂପ ଭାବରେ ପ୍ରତିରକ୍ଷା କର୍ମଚାରୀ ଏବଂ ଆତଙ୍କବାଦ ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ସନ୍ତାନ ସନ୍ତତିଙ୍କ ପାଇଁ ଆଇଏସିଏସଟି ସ୍କୋର ସହିତ ଅତିରିକ୍ତ ୧୦% ରିଆତି ପ୍ରଦାନ କରାଯିବ। ଏହି ପ୍ରୟାସ ଦ୍ୱାରା ୨୦୧୪ରୁ ଆଜିସୁଦ୍ଧା ୭୫,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ନିକଟରେ ଅନୁଷ୍ଠିତ ଜେଇଇ ମେନସ ୨୦୨୪ରେ ଆକାଶ ଅନୁଷ୍ଠାନର ୪୧,୨୬୩ ଛାତ୍ରଛାତ୍ରୀ ପରୀକ୍ଷାରେ ଯୋଗ୍ୟତା ହାସଲ କରିଛନ୍ତି।




### ୨୪ ଘଣ୍ଟାରେ ୧୭ ହଜାର କୋଟି ସ୍ୱାହା

# ଧନୀ ତାଲିକାରେ ଆହୁରି ତଳକୁ ଖସିଲେ ଆଦାନୀ

**ମୁମ୍ବାଇ,୨୦।୩(ଏଜେନ୍ସି):** ବିଶ୍ୱର ଶ୍ରେଷ୍ଠ ଧନୀ ତାଲିକାରେ ଗୌଦମ ଆଦାନୀଙ୍କ ରାଙ୍କିଙ୍ଗରେ ବଡ଼ ପରିବର୍ତ୍ତନ ହୋଇଛି। ଏବେ ତାଲିକାରେ ଆହୁରି ତଳକୁ ଖସିଯାଇଛନ୍ତି ଆଦାନୀ। ଗତ କିଛିଦିନ ଧରି ଆଦାନୀ ଗ୍ରୁପ୍‌ର ଷ୍ଟକ୍ ବଜାରରେ ସୂଚୀବଦ୍ଧ କମ୍ପାନୀଗୁଡିକର ଶେୟାର ବହୁ ମାତ୍ରାରେ ଖସିଯାଇଥିଲା। ଯାହାର ସିଧାସଳଖ ପ୍ରଭାବ ପଡିଥିଲା ଆଦାନୀଙ୍କ ମୋଟ ସମ୍ପତ୍ତି ଉପରେ। ବ୍ଲୁମ୍‌ବର୍ଗ ବିଲେୟନେୟାର୍ସ ଇଣ୍ଡେକ୍ସ ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ବଜାର କାରବାରରେ ଆଦାନୀ ଗ୍ରୁପ ଅଧ୍ୟକ୍ଷଙ୍କ ୨.୦୪ ବିଲଇୟନ୍ ଡଲାର ବା ପାଖାପାଖି ୧୭ ହଜାର କୋଟି ଟଙ୍କାର କ୍ଷତି ହୋଇଛି। ସମ୍ପତ୍ତିରେ ହୋଇଥିବା ଏହି କ୍ଷତି ଦ୍ୱାରା ଗୌତମ ଆଦାନୀଙ୍କ ମୋଟ ସମ୍ପତ୍ତି ପରିମାଣ ଏବେ ୯୫.୬ ବିଲିୟନ୍ ଡଲାର ହୋଇଯାଇଛି। ଏହା ଫଳରେ ଦୁବିଶ୍ୱର ଶ୍ରେଷ୍ଠ ଅରବପତିଙ୍କ ସୂଚୀରେ ଗୌତମ ଆଦାନୀ ଦ୍ୱାଦଶରୁ ସିଧାସଳଖ ପଞ୍ଚଦଶ ବା ୧୫ତମ ତାଲିକାକୁ ଖସିଆସିଛନ୍ତି। ଏହାଛଡା ଗତ ୨୪ ଘଣ୍ଟା ମଧ୍ୟରେ ଷ୍ଟକ୍ ବଜାରରେ ଏଲନ୍ ମସ୍କଙ୍କ ଠାରୁ ଆରମ୍ଭ କରି ମାର୍କ ଜୁକରବର୍ଗଙ୍କ ପର୍ଯ୍ୟନ୍ତ ବିଶ୍ୱର ଅନ୍ୟ ଧନୀଙ୍କ ତୁଳନାରେ ଗୌତମ ଆଦାନୀଙ୍କର ସବୁଠାରୁ ଅଧିକ କ୍ଷତି ହୋଇଛି।




### ସିଇଇଡବ୍ଲ୍ୟୁ ରିପୋର୍ଟ

# ୨୦୩୦ ସୁଦ୍ଧା ଭାରତରେ ସୌର ଆବର୍ଜ୍ଜନା ୬ ଗୁଣା ହେବ

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି)**

ଗୋଟିଏ ପଟେ ଭାରତରେ ସୌର ଶକ୍ତି ର ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ଯାଇ କେନ୍ଦ୍ର ସରକାର ସାରା ଦେଶରେ ଅନେକ ବୃହତ୍ ସୌର ପ୍ରକଳ୍ପ ସ୍ଥାପନ ଯୋଜନା କରୁଛନ୍ତି। ଅପରପକ୍ଷେ ସୌର ବର୍ଜ୍ୟବସ୍ତୁକୁ ନେଇ ଚିନ୍ତାଜନକ ପ୍ରସଙ୍ଗ ସାମ୍ନାକୁ ଆସିଛି। ଏକ ଅଧ୍ୟୟନରେ କୁହାଯାଇଛି ଯେ ୨୦୩୦ ସୁଦ୍ଧା ଭାରତର ଦୌର ବର୍ଜ୍ୟବସ୍ତୁ ୬୦୦ କିଲୋଟନ୍‌ରେ ପହଞ୍ଚିବ। ଏହି ପରିମାଣର ସୌର ବର୍ଜ୍ୟବସ୍ତୁ ୭୨୦ଟି ଅଲିମ୍ପିକ୍ ଆକାରର ସ୍ୱିମିଂ ପୁଲ୍ ପୂରଣ କରିପାରିବ। ୨୦୩୦ ସୁଦ୍ଧା ଭାରତରେ ସୌର ଆବର୍ଜ୍ଜନା ବୃଦ୍ଧି ପାଇ ୬ ଗୁଣା ହୋଇଯିବ। କେନ୍ଦ୍ର ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଏବଂ ଶକ୍ତି ପରିବେଶ ଏବଂ ଜଳ ପରିଷଦ (ସିଇଇଡବ୍ଲ୍ୟୁ) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ଏହା କୁହାଯାଇଛି। ଏଥିରେ କୁହାଯାଇଛି ଯେ ରାଜସ୍ଥାନ, ଗୁଜୁରାଟ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଭଳି ରାଜ୍ୟରୁ ସର୍ବାଧିକ ସୌର ବର୍ଜ୍ୟବସ୍ତୁ ଆସିବ। ଏହା ଭାରତର ସମୁଦାୟ ସୌର ବର୍ଜ୍ୟର ପ୍ରାୟ ୬୭ ପ୍ରତିଶତ ହେବ।



ଏହି ଅଧ୍ୟୟନରୁ ଜଣାପଡିଛି ଯେ ସୌର ବର୍ଜ୍ୟବସ୍ତୁକୁ ମୁକାବିଲା କରିବା ପାଇଁ ଭାରତ ବ୍ୟାପକ ନିୟମାବଳୀ ଉପରେ ଧ୍ୟାନ ଦେବା ଆବଶ୍ୟକ। ରିପୋର୍ଟରେ କୁହାଯାଇଛି ଯେ ବର୍ତ୍ତମାନ ଭାରତରେ ୬୬.୭ ଜିଡବ୍ଲ୍ୟୁ କ୍ଷମତା ବିଶିଷ୍ଟ ସୌର ଶକ୍ତି ପ୍ୟାନେଲ ବ୍ୟବହାର କରାଯାଉଛି। ଏଗୁଡିକରୁ ପୂର୍ବରୁ ୧୦୦ କିଲୋଟନ୍‌ର ସୌର ବର୍ଜ୍ୟବସ୍ତୁ ସୃଷ୍ଟି କରିସାରିଛି। ୨୦୩୦ ସୁଦ୍ଧା ଏହି ପରିମାଣ ୩୪୦ କିଲୋଟନ୍‌କୁ ବୃଦ୍ଧି ପାଇବ। ଏହା ବ୍ୟତୀତ ୨୬୦ କିଲୋଟନ୍ ବର୍ଜ୍ୟବସ୍ତୁ ନୂତନ କ୍ଷମତାରୁ ଆସିବ। ଏହାର ଅର୍ଥ ହେଉଛି ୨୦୩୦ସୁଦ୍ଧା ସମୁଦାୟ ୬୦୦ କିଲୋଟନ୍ ସୌର ବର୍ଜ୍ୟବସ୍ତୁ ଉତ୍ପନ୍ନ ହେବ। ଏଠାରେ ଚିନ୍ତାର ବିଷୟ ହେଉଛି ଏହି ସୌର ବର୍ଜ୍ୟବସ୍ତୁରେ ସିଲିକନ୍, ରୂପା, କ୍ୟାଡମିୟମ୍ ଏବଂ ଟେଲୁରିୟମ୍ ପରି କ୍ଷତିକାରକ ଖଣିଜ ପଦାର୍ଥ ରହିଛି, ଯାହା ପରିବେଶ ପାଇଁ ଅତ୍ୟନ୍ତ ବିପଜ୍ଜନକ ପ୍ରମାଣିତ ହୋଇପାରେ। ତେଣୁ ସେଗୁଡିକୁ ପୁନଃ ବ୍ୟବହାର କରିବାର ବହୁତ ଆବଶ୍ୟକତା ରହିଛି।

> **ଭର୍ତ୍ତି ହୋଇଯିବ ୭୨୦ ସ୍ୱିମିଂ ପୁଲ୍**

ଏହି ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ୨୦୫୦ ସୁଦ୍ଧା ଭାରତରେ ପ୍ରାୟ ୧୯ ହଜାର କିଲୋଟନ୍ ସୌର ବର୍ଜ୍ୟବସ୍ତୁ ରହିବ। ଏହି ପରିପ୍ରେକ୍ଷୀରେ, ସିଇଇଡବ୍ଲ୍ୟୁ କହିଛି ଯେ ୧୯,୦୦୦ କିଲୋଟନ୍ ସୌର ବର୍ଜ୍ୟବସ୍ତୁର ୭୭ ପ୍ରତିଶତ ନୂତନ କ୍ଷମତାଠାରୁ ଉତ୍ପନ୍ନ ହେବ। ୨୦୩୦ ସୁଦ୍ଧା ଭାରତ ପ୍ରାୟ ୨୯୨ ଜିଡବ୍ଲ୍ୟୁର କ୍ସୌର ଶକ୍ତି କ୍ଷମତା ହାସଲ କରିବାକୁ ଯୋଜନା କରିଛି, ତେଣୁ ବର୍ତ୍ତମାନ ସୌର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଦୃଢ଼ ନୀତି ଉପରେ ଧ୍ୟାନ ଦେବା ଜରୁରୀ ବୋଲି ରିପୋର୍ଟରେ କୁହାଯାଇଛି।

# ମୁଦ୍ରାସ୍ଫୀତିକୁ ୪%କୁ ଆଣିବାରେ ଖାଦ୍ୟ ସାମଗ୍ରୀର ଉଚ୍ଚ ମୂଲ୍ୟ ବାଧା

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି):** ସମ୍ପ୍ରତି ଦେଶରେ ବଢ଼ିଚାଲିଥିବା ଖାଦ୍ୟ ମୁଦ୍ରାସ୍ଫୀତିକୁ ଦ୍ରୁତ ଭାବରେ ହ୍ରାସ କରି ଏହାକୁ ଚାରି ପ୍ରତିଶତ ସ୍ତରକୁ ଆଣିବାରେ ଏବେ ଖାଦ୍ୟ ସାମଗ୍ରୀର ଉଚ୍ଚ ଦରଦାମ୍ ବଡ଼ ବାଧକ ସାଜିଛି। ମାର୍ଚ୍ଚ ମାସର ବୁଲେଟିନ୍ (ଷ୍ଟେଟ୍ ଅଫ୍ ଇକୋନୋମୀ)ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ଏଭଳି କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ମାଇକଲ ଦେବବ୍ରତ ପାତ୍ରଙ୍କ ନେତୃତ୍ୱରେ ଟିମ୍ ନିଜ ବୁଲେଟିନ୍‌ରେ କହିଛନ୍ତି ଯେ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ଡିସେମ୍ବରରୁ ହ୍ରାସ ପାଉଛି ଏବଂ ଫେବ୍ରୁଆରୀରେ ଏହା ୫.୦୯ ପ୍ରତିଶତ ରହିଥିଲା। ଯଦିଓ ପ୍ରମୁଖ ମୁଦ୍ରାସ୍ଫୀତିରେ ବ୍ୟାପକ ହ୍ରାସ ଦେଖିବାକୁ ମଳିଛି ଏବଂ ଦରବୃଦ୍ଧି ଲଗାତାର ହ୍ରାସ ପାଉଛି। କିନ୍ତୁ ଖାଦ୍ୟ ଦାମ୍‌ର ଚାପ ଫଳରେ ଏହାକୁ ଦ୍ରୁତ ଭାବରେ ଚାରି ପ୍ରତିଶତକୁ ଆଣିବାରେ ବାଧା ଦେଖିବାକୁ ମିଳୁଛି। ବୁଲେଟିନ୍‌ରେ ଆହୁରି କୁହାଯାଇଛି ଯେ, ବୈଶ୍ୱିକ ଅର୍ଥବ୍ୟବସ୍ଥା ଗତି ହରାଉଛି ଏବଂ ସଂଘର୍ଷ କରୁଥିବା କିଛି ଅର୍ଥବ୍ୟବସ୍ଥାରେ ବୃଦ୍ଧି ମନ୍ଥର ରହିଛି।ଏହା ଆହୁରି ଧୀର ହୋଇପାରେ। ଭାରତରେ ଆର୍ଥିକ ବର୍ଷ ୨୦୨୩-୨୪ର ତୃତୀୟ ତ୍ରୈମାସିକରେ ସକଳ ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧି ହାର ଛଅ ମାସର ଉଚ୍ଚତମ ସ୍ତରରେ ରହିଥିଲା।



## ୪୦ଟଙ୍କା ପାଇଁ ଦୋକାନୀକୁ ହତ୍ୟା

■ **ଭଦ୍ରକ,୨୦।୩(ସମିସ):** ମାତ୍ର ୪୦ ଟଙ୍କା ପାଇଁ ଜଣେ ଗ୍ରାହକ ଦୋକାନୀଙ୍କୁ ହତ୍ୟା କରିବା ଘଟଣା ସ୍ଥାନୀୟଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଭଦ୍ରକ ଟାଉନଥାନା ଅଧୀନ ପଥରଆଡ଼ି ଛକରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତକ



ମୃତକ ବିଜୟ ପଣ୍ଡା | ଅଭିଯୁକ୍ତ କାମେଶ ପରିଡ଼ା

ହେଲେ ବଣିଆ ଅଞ୍ଚଳର ବିଜୟ ପଣ୍ଡା( ୫୨) ଓ ଅଭିଯୁକ୍ତ ହେଲେ ଚରମ୍ପା ୨ନମ୍ବର ୱାର୍ଡର ପ୍ରାକ୍ତନ କାଉନ୍‌ସିଲର ପିଣ୍ଟୁ ଓରଫ୍ କାମେଶ ପରିଡ଼ା । ସୂଚନାଯୋଗ୍ୟ, ସବୁଦିନ ପରି ଆଜି ମଧ ନିଜର ତେଜରାତି ଦୋକାନ ଖୋଲିଥିଲେ ବିଜୟ ପଣ୍ଡା। ଚରମ୍ପା ଅଞ୍ଚଳର କାମେଶ ତାଙ୍କ ଦୋକାନରୁ ୧୮୦ ଟଙ୍କାର ସଉଦା ନେଇଥିଲେ। ସେ ଫୋନ ପେ' ମାଧ୍ୟମରେ ୧୪୦ ଟଙ୍କା ଦେଇଥିଲେ। ତେବେ ଦୋକାନୀ ତାଙ୍କୁ ବାକି ୪୦ ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବିଜୟ ନିଜର ବକେୟା ଟଙ୍କା ପାଇଁ ଅଡି ବସିଥିଲାବେଳେ କାମେଶ ତାଙ୍କୁ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ଫଳରେ ଦୋକାନୀ ବିଜୟ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାନେଇ ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନସ୍ଥ ବଣିଆ ପଞ୍ଚାୟତର ଯୁବନେତା ନଳିନୀ ପଣ୍ଡା ଭଦ୍ରକ ଟାଉନ ଥାନାରେ ତାଙ୍କ ଦାଦା ବିଜୟ କୁମାର ପଣ୍ଡାଙ୍କୁ କାମେଶ ହତ୍ୟା କରିଥିବା ନେଇ ଏତଲା ଦେଇଥିଲେ। ଟାଉନ ପୁଲିସ ଘଟଣାରେ ଅନୁସନ୍ଧାନ କରି ସାକ୍ଷୀମାନଙ୍କ ବୟାନ ରେକର୍ଡ କରି କାମେଶ ଓରଫ୍ ପିଣ୍ଟୁଙ୍କ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରିଛି। ସେହିଭଳି ମୃତ ଦୋକାନୀଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ପିଣ୍ଟୁ ଫେରାର ହୋଇଥିବା ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତି ସୂଚନା ଦେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ୍ ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ସୂଚନା ଦେଇଛନ୍ତି।

# ପ୍ରଶ୍ନବାଚୀରେ ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ

■ **ଅନୁଗୋଳ, ୨୦।୩ (ସମିସ):** କଟକ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ୪ ଲେନ୍ ବିଶିଷ୍ଟ ରାସ୍ତା କିଛିବର୍ଷ ହେବ ନିର୍ମାଣ ଚାଲିଥିବା ବେଳେ କାର୍ଯ୍ୟ ସମାପ୍ତ ହେବାର ନାଁ ଧରୁନାହିଁ। ବହୁ ବିଳମ୍ବରେ ରାସ୍ତା କାମ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷକରି କିଶୋରନଗର ବ୍ଲକରେ କାମ ବିଳମ୍ବ ହେଉଥିବା ବେଳେ ବଇଣ୍ଡା ଓ ବାମୁରରେ ବହୁ ବିଳମ୍ବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଏନେଇ ଶରଧାମୁଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏପଟେ ରାସ୍ତା କାର୍ଯ୍ୟ ସରି ନଥିବା ବେଳେ ବଇଣ୍ଡା ଅଞ୍ଚଳରେ କରାଯାଇଥିବା ନୂତନ ରାସ୍ତା ଫାଟି ଆଁ କରିବା ଯୋଗୁଁ ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଠିକା ନେଇଥିବା ଗାୟତ୍ରୀ କମ୍ପାନୀ ପକ୍ଷରୁ କିଶୋରନଗର ବ୍ଲକରେ ବଇଣ୍ଡାରୁ ୨୦୧୮ ମେ ୧୭ ଓ ୧୮ ତାରିଖରେ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ସେହି ସମୟରେ ପ୍ରଶାସନକୁ ହାତ କରି କ୍ଷତିଗ୍ରସ୍ତଙ୍କୁ ସଠିକ ପରିମାଣର କ୍ଷତିପୂରଣ ନଦେଇ ଘର, ଦୋକାନ ଭାଙ୍ଗି ଦେଇଥିବା ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲା। ଏପରିକି ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାରେ ବିଳମ୍ବ ହେବାରୁ କିଛି କ୍ଷତିଗ୍ରସ୍ତ କୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ୪୦୦ ଉଠାଦୋକାନୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେମାନଙ୍କୁ ଥଇଥାନ କିମ୍ବା କ୍ଷତିପୂରଣ ମିଳିନାହିଁ। ଉଚ୍ଛେଦର ୬ ବର୍ଷ ହୋଇଯାଇଥିବା ବେଳେ ମଧ୍ୟ କାମ ସାରିପାରିଲା ନାହିଁ। ବଇଣ୍ଡା ଠାରେ ଫେବୃୟାରୀ ୨୦୨୨ ଠାରୁ କାମ ଆରମ୍ଭ ହୋଇଥିବା

**ନିମ୍ନମାନର ଡ୍ରେନ୍ କାମ ଯୋଗୁଁ ଘରେ ପଶୁଛି ପାଣି**



**ବଇଣ୍ଡା ଓ କମରେଇରେ ରାସ୍ତା ଫାଟି ଆଁ କଲାଣି**

**ଉଚ୍ଛେଦର ୬ ବର୍ଷ ପରେ ଅଧା କାମ ହୋଇନି**

**୪୦୦ ଉଠାଦୋକାନୀଙ୍କୁ ମିଳିନି କ୍ଷତିପୂରଣ**

ବେଳେ ଫ୍ଲାଏ ଓଭର ବ୍ରିଜ୍ ଛାତ ପଡ଼ିଯାଇଥିବା ବେଳେ ଦୁଇ ପାର୍ଶ୍ୱ ରାସ୍ତା ନିର୍ମାଣ ହୋଇପାରି ନଥିବା ଯୋଗୁଁ କାର୍ଯ୍ୟ ସରିପାରୁନାହିଁ। ଉଚ୍ଛେଦର ୬ ବର୍ଷ ବିତିଯାଇଥିବା ବେଳେ ବଇଣ୍ଡାରେ ୫୦ ପ୍ରତିଶତ କାମ କରାଯାଇ ନଥିବା ଯୋଗୁଁ ଅଞ୍ଚଳର ବିକାଶରେ ବାଧକ ସାଜୁଥିବା ଅଭିଯୋଗ ହୋଇଛି। ସେହିପରି ରାସ୍ତାର ୨ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଉଥିବା ବେଳେ ସମ୍ପୂର୍ଣ୍ଣ କାମ ସରିନାହିଁ।

ଅନେକ ଡ୍ରେନ୍ କାମ ଅତି ନିମ୍ନମାନର ହୋଇଥିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ଘରେ ପାଣି ପଶିଯାଉଛି। ଏପରିକି ଅନେକ ସ୍ଥାନରେ ଡ୍ରେନ୍ କାମ ବର୍ତ୍ତମାନ ସୁଦ୍ଧା ସମାପ୍ତ କରାଯାଇ ନଥିବା ବେଳେ କିଛି ସ୍ଥାନରେ ଡ୍ରେନ୍ ଭାଙ୍ଗିଗଲାଣି। ଅନ୍ୟ ପଟରେ ଜମ୍ମୁନାଳିଠାରୁ ବାମୁର ୩୫ କିମି ରାସ୍ତାର ୮୦ ପ୍ରତିଶତ କାମ ସରିଥିବା ବେଳେ କମରେଇଠାରେ ୬ ମାସ ହେବ ରାସ୍ତା କାମ ସରି ଗାଡ଼ି ଚଳାଚଳ ହେଉଥିଲେ ହେଁ ରାସ୍ତା ଫାଟି ଗଲାଣି। ରାସ୍ତା କାମ ସଠିକ ଭାବରେ ନିର୍ମାଣ ହୋଇ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବା ଯୋଗୁଁ ରାସ୍ତା କାମ ୩ ମାସ ନପୂରୁଣୁ ଫାଟିଯାଇଛି। ଏଥିଯୋଗୁଁ ରାସ୍ତାର ଭବିଷ୍ୟତକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସେହିପରି ଜିଲ୍ଲା ପ୍ରଶାସନ କୌଣସି ତଦାରଖ କରୁ ନଥିବା ଯୋଗୁଁ ରାସ୍ତା କାମ ବିଳମ୍ବ ହେଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବଇଣ୍ଡା ଚନ୍ଦନ ପୋଖରୀରେ ୱାଲ୍ ଦିଆଯାଇ ନଥିବା ବେଳେ ଜାତୀୟ ରାଜପଥରେ ଥିବା ୧୧ କେଭି ବିଦ୍ୟୁତ୍ ତାରଗୁଡିକ ମଧ୍ୟ ହଟାଯାଇନାହିଁ। ଯାହା ଫଳରେ ରାସ୍ତା କାମରେ ଅଧିକ ବିଳମ୍ବ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଠିକାସଂସ୍ଥା ପକ୍ଷରୁ ବହୁ ବିଳମ୍ବରେ କାମ କରାଯାଉଥିବା ଯୋଗୁଁ ବଇଣ୍ଡାରେ ଥିବା ଉଠାଦୋକାନୀଙ୍କ ଥଇଥାନ ହୋଇପାରୁ ନଥିବା ବେଳେ ସେମାନେ ଜୀବିକା ହରାଇଥିବା ଅଭିଯୋଗ କରାଯାଇଛି। ଶୀଘ୍ର ରାସ୍ତା ନିର୍ମାଣ କରିବା ପାଇଁ ଦୁଇଟି ଅଭିଯୋଗ ଜିଲ୍ଲାପାଳଙ୍କ ଠାରେ କରାଯାଇଥିଲେ ହେଁ ଏଥିରେ ପରିବର୍ତ୍ତନ ହେଉନାହିଁ। ତୁରନ୍ତ ଏଥିପ୍ରତି ଖୋଦ ଜିଲ୍ଲାପାଳ ଦୃଷ୍ଟିଦେଇ ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟକୁ ତଦନ୍ତଭୁକ୍ତ କରିବାକୁ କମରେଇ ଗ୍ରାମବାସୀ ଦାବି କରିଛନ୍ତି। ଡ୍ରେନ୍ କାମ ବର୍ଷା ପୂର୍ବରୁ ଶୀଘ୍ର ସାରିବା ସହ ବଇଣ୍ଡାରେ ରାସ୍ତା କାମ ସାରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ବୌଦ୍ଧ ଡିଏଫ୍‌ଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

**ବୌଦ୍ଧ, ୨୦।୩(ସମିସ):** ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କମ୍ପ ବ୍ୟାପକ ଦୁର୍ନୀତିରେ ସମ୍ପୃକ୍ତ। ଏଭଳି ଅଭିଯୋଗ କରି ବୁଧବାର ରାଜ୍ୟପାଳ ଏବଂ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୁବାସଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ କୋର୍ଟ ଛକଠାରୁ ଶତାଧିକ ଲୋକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟଭଞ୍ଜନ ମଦନମୋହନ ପତ୍ରଙ୍କୁ ଦାବିପତ୍ର ଦେଇଛନ୍ତି।

**ରାଜ୍ୟପାଳ, ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

୨୦୨୧ରୁ ବୌଦ୍ଧ ଜଙ୍ଗଲ ଡିଭିଜନର ବନଖଣ୍ଡ ଅଧିକାରୀ ଭାବେ ନିଯୁକ୍ତ ଶ୍ରୀ କମ୍ପ ବୌଦ୍ଧ ଜିଲ୍ଲାରେ ବ୍ୟାପକ ଦୁର୍ନୀତି ଓ ଜାଲିଆତି କରି କୋଟି କୋଟି ଟଙ୍କା ହଡ଼ପ କରିଥିବା ଦାବିପତ୍ରରେ ଦର୍ଶାଯାଇଛି। ଇକୋ ଟୁରିଜିମ, ମନରେଗା ଏବଂ ବିଭିନ୍ନ ବିଭାଗୀୟ କାର୍ଯ୍ୟରେ ଡିଏଫଓ ଶ୍ରୀ କମ୍ପ ଫଲ୍ସ ବିଲ୍ କରିବା ସହ ମୃତବ୍ୟକ୍ତି, ଚାକିରିଆ, ଠିକାଦାରଙ୍କ ନାଁ ମଷ୍ଟର ରୋଲ୍‌ରେ ବ୍ୟବହାର କରି ବ୍ୟାପକ ଅର୍ଥ ହେର୍‌ଫେର୍ କରିଥିବା ଅଭିଯୋଗ ହୋଇଛି। ଜଙ୍ଗଲ ବିଭାଗ ପତ୍ର ସଂଖ୍ୟା ୨୪୮୨ (୨୨।୨।୨୪୧୪) ଅନୁଯାୟୀ ତାଙ୍କ ବିରୋଧଁରେ ବିଭଗୀୟ କାର୍ଯ୍ୟାନୁଷ୍ଠାନ ତଥା ତଦନ୍ତ ଚାଲୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏସବୁ ଦୁର୍ନୀତି ସମ୍ପର୍କରେ ବିଭିନ୍ନ ସମୟରେ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

## ୨୨ରେ ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି):** ବୁଧବାର ହେବାକୁ ଥିବା ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକକୁ ୨୨ ତାରିଖ ଯାଏ ଘୁଞ୍ଚାଇ ଦିଆଯାଇଛି। ଏହି ବୈଠକରେ ବହୁ ପ୍ରତ୍ୟାଶୀଙ୍କ ନାମକୁ ନେଇ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇସାରିଥିଲା ବେଳେ ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ୮ ରାଜ୍ୟର ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

## କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଇସିଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି):** ଡିଏମକେ ଦଳର ଅଭିଯୋଗକ୍ରମେ କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେଙ୍କ ବିରୋଧରେ ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଅଭିଯୋଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚନ ଆୟୋଗ କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ତାଙ୍କ ବିରୋଧରେ ୪୮ ଘଣ୍ଟା ମଧ୍ୟରେ ଅନୁପାଳନ ରିପୋର୍ଟ ଦେବାକୁ କୁହାଯାଇଛି। ବେଙ୍ଗାଲୁରୁ ରାମେଶ୍ୱରମ କାଫେ ବିସ୍ଫୋରଣ ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ଶୋଭା ତାମିଲନାଡୁର ହାତ ରହିଥିବା କହିଥିଲେ। କିନ୍ତୁ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ବୟାନ ଉଭୟ ରାଜ୍ୟ ମଧ୍ୟରେ ତିକ୍ତତା ସୃଷ୍ଟି କରିବ ବୋଲି ଦର୍ଶାଇ ଡିଏମକେ ଦଳ ପକ୍ଷରୁ ନିର୍ବାଚନ କମିସନଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଥିଲା।

## ଏଚଆଇଭି ଆକ୍ରାନ୍ତ ଉପଯୁକ୍ତ ପରିବେଶରେ ସମ୍ମାନର ସହ ବଞ୍ଚିବା ପାଇଁ ହକ୍‌ଦାର୍

**କଟକ, ୨୦।୩(ସମିସ):** ଏଚଆଇଭି-ଏଡ୍‌ସ ଆକ୍ରାନ୍ତ ହୋଇଥିବାରୁ ଏନ୍‌ଡିପିଏସ୍ ମାମଲାରେ ଅଭିଯୁକ୍ତ ଥିବା ଜନୈକ ଆବେଦନକାରୀଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଆବେଦନକାରୀ ଉପଯୁକ୍ତ ପରିବେଶରେ ସମ୍ମାନର ବଞ୍ଚିବା ପାଇଁ ହକ୍‌ଦାର୍; ଯାହା ଜେଲ୍ ପରିସରରେ ସମ୍ଭବ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏକ ବ୍ରାଉନସୁଗର ଜବତ ମାମଲାରେ ଜେଲ୍‌ରେ ଥିବା ଆବେଦନକାରୀଙ୍କୁ ଉପଯୁକ୍ତ ଚିକିତ୍ସା କରାଯାଉଥିବା ନେଇ ଜେଲ୍ କର୍ତ୍ତୃପକ୍ଷଙ୍କ ଦାବିକୁ ହାଇକୋର୍ଟ ଗ୍ରହଣ କରିନାହାଁନ୍ତି। ଅଭିଯୁକ୍ତ ଜଣକ ଏଚଆଇଭି ଆକ୍ରାନ୍ତ ଥିବାରୁ ତାଙ୍କୁ ନିମ୍ନ ଅଦାଲତ ସର୍ତ୍ତମୂଳକ ଜାମିନ ଦେବେ ବୋଲି ଜଷ୍ଟିସ ସାବିତ୍ରୀ ରଥ ନିର୍ଦ୍ଦେଶ ଦେଇଛନ୍ତି। କେତେକ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଏବଂ ଆଇନର ବ୍ୟବସ୍ଥାକୁ ତର୍ଜମା କରି ଅଦାଲତ ଏପରି ନିର୍ଦ୍ଦେଶ ଦେଇଛନ୍ତି।

**ଅଭିଯୁକ୍ତର ଜାମିନ ମଞ୍ଜୁର କଲେ ହାଇକୋର୍ଟ**

ମାମଲାର ବିବରଣୀରୁ ପ୍ରକାଶ ଯେ ଢେଙ୍କାନାଳ ସଦର ଥାନାରେ ହୋଇଥିବା ଏହି ବ୍ରାଉନସୁଗର ଜବତ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ଏହି ମାମଲାରେ ଅନ୍ୟତମ ସହ-ଅଭିଯୁକ୍ତକୁ ନିମ୍ନ ଅଦାଲତ ଜାମିନ ଦେଇଥିଲା ବେଳେ ଆବେଦନକାରୀଙ୍କ ନାମରେ ଆଉ ମାମଲା ଥିବାରୁ ତାଙ୍କ ଜାମିନ ଆବେଦନକୁ ଢେଙ୍କାନାଳ ସ୍ୱତନ୍ତ୍ର ଅଦାଲତ ଦୁଇଥର ଖାରଜ କରିଥିଲେ। ଏପରିକି ଆବେଦନକାରୀ ଏଚଆଇଭି ଆକ୍ରାନ୍ତ ଥିବା ଦର୍ଶାଯାଇଥିଲେ ସୁଦ୍ଧା ଜେଲ୍ କର୍ତ୍ତୃପକ୍ଷ ଚିକିତ୍ସା ବ୍ୟବସ୍ଥା କରିଆସୁଥିବାରୁ ନିମ୍ନ ଅଦାଲତ ଜାମିନ ଦେଇ ନ ଥିଲେ। ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# କୁଳଡିହା ଅଭୟାରଣ୍ୟରେ ବନ୍ଧୁକ ତିଆରି କାରଖାନା ଠାବ

**ବାଲେଶ୍ୱର/ନୀଳଗିରି, ୨୦।୩ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ଅଭୟାରଣ୍ୟରେ ବନ କର୍ମଚାରୀଙ୍କୁ ଗୁଳିକାଣ୍ଡ ଘଟଣାର ଦିନକ ପରେ ଠାବ ହୋଇଛି ଦେଶୀ ବନ୍ଧୁକ ତିଆରି କାରଖାନା। ବନବିଭାଗ ଓ ପୁଲିସର ମିଳିତ ଚଢ଼ଉ ବେଳେ ଆଜି ନୀଳଗିରି ଥାନା ମଲ୍ଲିବଣିଆ ଗ୍ରାମରେ ଠାବ ହୋଇଛି ଦେଶୀ ବନ୍ଧୁକ ତିଆରି କାରଖାନା। ସେଠାରୁ ଚାରିଟି ଦେଶୀ ବନ୍ଧୁକ ଜବତ ହେବା ସହିତ ବନ୍ଧୁକ ତିଆରି ସରଞ୍ଜାମ, ଗୁଳି ଆଦି ଜବତ ହୋଇଛି। ଏହି ବନ୍ଧୁକ ତିଆରିରେ ସମ୍ପୃକ୍ତ ଥିବା ଜନୈକ ୫୩ ବର୍ଷୀୟ ବ୍ୟକ୍ତିଙ୍କୁ ଅଟକ ରଖି ନୀଳଗିରି ପୁଲିସ ପଚରାଉଚରା ଚଳାଇଛି।

କୁଳଡିହା ଅଭୟାରଣ୍ୟ ଶିକାରୀଙ୍କ ଆଖଡ଼ା ପାଲଟି ଯାଇଥିବା ବେଳେ ଗତକାଲି ବନ କର୍ମଚାରୀଙ୍କ ଉପରେ ଗୁଳିମାଡ଼ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଶିକାରୀଙ୍କ ଗୁଳିରେ ଗୁରୁତର ବନ କର୍ମଚାରୀ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ଏହି ଘଟଣା ବନ ବିଭାଗ ଓ ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଥିଲା।

ସୂଚନାଯୋଗ୍ୟ, ଗତ ୧୯ ତାରିଖ ରାତି ୨ଟାରେ କୁଳଡିହା ୱାଇଲ୍ଡ ଲାଇଫ ରେଞ୍ଜ ଅନ୍ତର୍ଗତ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ବିଟ୍ କେନ୍ଦୁନାଳ ଗାଁ ନିକଟସ୍ଥ ଜଙ୍ଗଲରେ ବନବିଭାଗର କର୍ମଚାରୀ ନାଇଟ୍ ପାଟ୍ରୋଲିଂ କରୁଥିବା ବେଳେ ଶିକାରୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଶିକାରୀଙ୍କ ଅତର୍କିତ ଗୁଳି ଚାଳନା ଫଳରେ ସବୁଜ ବାହିନୀ କର୍ମଚାରୀ କ୍ଷୀତିଶ ପରିଡ଼ା ଓ ବିରଞ୍ଚି

**■ ୪ ବନ୍ଧୁକ ସହ ବିପୁଳ ଯନ୍ତ୍ରାଂଶ ଓ ଗୁଳି ଜବତ**

**■ ମଲ୍ଲିବଣିଆ ଗାଁରେ ଚଢ଼ଉ, ଜଣେ ଅଟକ**



ଜେନା ଗୁଳିମାଡ଼ରେ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଫରେଷ୍ଟ ଗାର୍ଡ ସିଂରାୟ ହେମ୍ବ୍ରମ୍ ମଧ ଆହତ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ଏବଂ ପ୍ରଥମ ଥର ପାଇଁ କୁଳଡିହା ଅଭୟାରଣ୍ୟରେ ଘଟିଥିବାର ଖବର ପାଇ ବାରିପଦାରୁ ଅତିରିକ୍ତ ବନ ସଂରକ୍ଷକ ତପନ ପରିଡ଼ା ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦୁଇ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

ବୁଧବାର କୁଳଡିହା ରେଞ୍ଜ ଅଫିସର ଏସିଏଫ ପ୍ରବୀର କୁମାର ମୁର୍ମୁ ଓ ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କ ନେତୃତ୍ୱରେ ବନବିଭାଗ ଟିମ ଓ ନୀଳଗିରି ଥାନା ଏଏସଆଇ ଖଗେନ ମହାଳିକ ଆଜି ମଲ୍ଲିବଣିଆ ଗ୍ରାମରେ ବେଆଇନ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢ଼ଉ କରିଥିଲେ। ସେଠାରୁ ଗୋଟିଏ ଅର୍ଦ୍ଧନିର୍ମିତ ସିଙ୍ଗଲ ବ୍ୟାରେଲ ବନ୍ଧୁକ, ଚାରି ଗୋଟି ବିନା ବ୍ୟାରେଲ ଦେଶୀ ବନ୍ଧୁକ, ତିନିଟି ସିଙ୍ଗଲ ବ୍ୟାରେଲ ଲୁହା ନିର୍ମିତ, ଦୁଇ ଗୋଟି ପିସ୍ତଲ ଭଳି ଅର୍ଦ୍ଧ ନିର୍ମିତ କାଠ ବନ୍ଧୁକ, ଗୋଟେ ଡ୍ରିଲ ମେସିନ ଓ ବହୁ ସରଞ୍ଜାମ ମିଳିତ ଟିମ ଜବତ କରିବା ସହ ଜଣକୁ ଧରିଛନ୍ତି। ତେବେ କୁଳଡିହା ଶିକାରୀ ଗ୍ୟାଙ୍ଗରେ ବହୁ ଶିକାରୀ ସାମିଲ ଥିବା ସହିତ ବେଆଇନ ବନ୍ୟଜନ୍ତୁ କାରବାରରେ ସାମିଲ ଥିବା ସୂଚନା ମିଳିଛି। ଆଗକୁ କୁଳଡିହା ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାନଗଲେ ପରିସ୍ଥିତି ଦିନେ ଶିମିଳିପାଳ ଭଳି ଅବସ୍ଥା ହେବ ବୋଲି ପରିବେଶବିତ୍ ମତ ପ୍ରକାଶ କରିଛନ୍ତି।

## ରବି ଚାଷୀ ପଞ୍ଜୀକରଣ ମନ୍ଥର

### ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକ୍ରିୟା ଶେଷ ନିମନ୍ତେ ନିର୍ଦ୍ଦେଶ

**ଭୁବନେଶ୍ୱର,୨୦।୩(ସମିସ):** ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ରବି ଫସଲ ପାଇଁ ଚାଷୀ ପଞ୍ଜୀକରଣ ଏଯାବତ୍ ଆଶାନୁରୂପ ହୋଇ ପାରିନାହିଁ। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସମବାୟ ସମିତି ରେଜିଷ୍ଟ୍ରାର(ନିବନ୍ଧକ)। ଧାର୍ଯ୍ୟ ସମୟ ମଧ୍ୟରେ ପଞ୍ଜୀକରଣ କାର୍ଯ୍ୟ ସାରିବାକୁ ରେଜିଷ୍ଟ୍ରାର ରାଜ୍ୟର ୧୪ ମଣ୍ଡଳସ୍ତରୀୟ ଡେପୁଟି ରେଜିଷ୍ଟ୍ରାର ଏବଂ ୩୨ ସର୍କଲସ୍ତରୀୟ ସହକାରୀ ନିବନ୍ଧକଙ୍କୁ ଚିଠି ଲେଖିଛନ୍ତି।

ସୂଚନା ଅନୁସାରେ ଗତ ୧୬ ତାରିଖ ସୁଦ୍ଧା ରାଜ୍ୟରେ ୮୮୫ ସମବାୟ ସମିତିର ମାତ୍ର ୫୬୮୦୪ ଜଣ କୃଷକ ନିଜ ନାମ ପଞ୍ଜୀକରଣ କରିଛନ୍ତି। ଏପରିକି ବାଲେଶ୍ୱର, ବଲାଙ୍ଗୀର, ବୌଦ୍ଧ, କଟକ, ଝାରସୁଗୁଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ାରେ ଚାଷୀ ପଞ୍ଜୀକରଣ ସଂଖ୍ୟା ୧୦୦୦ ଅତିକ୍ରମ କରିନାହିଁ। ତେଣୁ ସମବାୟ ନିବନ୍ଧକ ଏଥିନିମନ୍ତେ ଚିନ୍ତାବ୍ୟକ୍ତ କରିଛନ୍ତି। ଗତବର୍ଷ ସମାନ ଅବଧିରେ ପ୍ରାୟ ୧ ଲକ୍ଷ ୪୧୪୬୧ ଜଣ କୃଷକ ନିଜ ନାମ ପଞ୍ଜୀକରଣ କରିଥିଲେ। ତେଣୁ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ନିମନ୍ତେ ପଦକ୍ଷେପ ନେବାକୁ ସମବାୟ ନିବନ୍ଧକ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ବିଭାଗ ପକ୍ଷରୁ ଚାଷୀମାନଙ୍କର ଫର୍ମ ପଞ୍ଜୀକରଣର ଶେଷ ତାରିଖ ୨୦ ତାରିଖ ଧାର୍ଯ୍ୟ କରାଯାଇଛି। ସେହିପରି ଫର୍ମ ଡିଜିଟାଲାଇଜେସନର ଶେଷ ତାରିଖ ଆସନ୍ତା ୨୭ ତାରିଖ ରହିଛି। ଅତଏବ ଧାର୍ଯ୍ୟ ସମୟ ମଧ୍ୟରେ ଫର୍ମ ପଞ୍ଜୀକରଣ ଏବଂ ଡିଜିଟାଇଜେସନ ପ୍ରକ୍ରିୟା ଶେଷ କରିବାକୁ ନିବନ୍ଧକ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

■ ଟିଟିଲାଗଡ଼ ଜେଲ୍‌ରୁ କଏଦୀ ଫେରାର୍ ଘଟଣା

## ୧୦ ଦିନ ପରେ ବି ପୁଲିସ ହାତ ଖାଲି

**ବଲାଙ୍ଗିର,୨୦।୩(ସମିସ):** ଟିଟିଲାଗଡ଼ ଜେଲ୍‌ରୁ କଏଦୀ ଫେରାର ଘଟଣାର ଦଶ ଦିନ ପରେ ବି ପୁଲିସ ହାତ ଖାଲି। ଏହି ଘଟଣାରେ ଉପକାରାଗାର ଅଧୀକ୍ଷକଙ୍କ ପ୍ରତିକ୍ରିୟା ଓ ଜେଲରଙ୍କ ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଗତ ୧୦ ତାରିଖରେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପକାରାଗାରରୁ ଦୁଇ ହତ୍ୟା ଅଭିଯୁକ୍ତ ଶୋଭାବନ ରଣା ଓ ସୁମିତ ବିହାରୀ ଫେରାର ହୋଇଯାଇଥିଲେ। ଏହି



**ଏବେ ବି ସନ୍ଦେହରେ ଜେଲର୍‌ଙ୍କ ଭୂମିକା**


ଘଟଣା ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଥିଲା। କେମିତି ଦୁଇ ହତ୍ୟା ଅଭିଯୁକ୍ତ ଫେରାର ମାରିଲେ ତାକୁ ନେଇ ସବୁଆଡେ ହେଉଥିବା ଚର୍ଚ୍ଚା ଭିତରେ ଜେଲର ଉଭୟଙ୍କୁ ଜେଲ ଓ ବ୍ୟକ୍ତିଗତ କାମରେ ଲଗାଉଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ମଧ୍ୟ ହୋଇସାରିଛି। ଦୁଇ ଜଣ ତଳିଆ କର୍ମଚାରୀ ଏହି ଘଟଣାରେ ନିଲମ୍ବିତ ମଧ୍ୟ ହୋଇଛନ୍ତି। ଘଟଣାର ଦଶ ଦିନ ପରେ ଜେଲରୁ ଫେରାର କଏଦୀଙ୍କ ଟେର୍ ମିଳୁ ନଥିବା ବେଳେ ଏବେ ଭିନ୍ନ ଆଲୋଚନା ଆରମ୍ଭ ହୋଇଛି। ଜେଲରଙ୍କ ମନରେ ବିଶ୍ୱାସ ଜମାଇବା ପରେ କିଛି ଦିନ ଲୁଚି ବାହାରକୁ ଯିବା ପାଇଁ ଅନୁମତି ନେଇ ବିଶ୍ୱାସରେ ବିଷ ମିଶାଇ ଫେରାର ହୋଇନାହାନ୍ତି ତ ! ଯେଉଁ ସମୟରେ ଜେଲକୁ ଫେରିବାକୁ କହିଥିଲେ ସେହି ସମୟରେ ନଫେରିବାରୁ ଏହି ଫେରାର ନାଟକ ରଚାଯାଉଛି କି? ଏଭଳି ଚର୍ଚ୍ଚା ମଧ୍ୟରେ ଜେଲ ଅଧୀକ୍ଷକ ଚିତ୍ତରଞ୍ଜନ ସାହୁ କହିଛନ୍ତି ଯେ ସେ ଗତ ୫ ତାରିଖରୁ ଛୁଟିରେ ଥିଲେ। ୧୦ ତାରିଖରେ ଏହି ଘଟଣା ଘଟିବା ପରେ ତାଙ୍କୁ ଜେଲର ସୂଚନା ଦେଇଥିଲେ। ତାଙ୍କ ଅନୁପସ୍ଥିତିରେ ଜେଲର ଚୈତନ୍ୟ ପ୍ରଧାନ ଦାୟିତ୍ୱରେ ଥିଲେ। ତେଣୁ ତାଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିବା ପାଇଁ ଜେଲର ଓ ଆଉ ଜଣେ କର୍ମଚାରୀ ସନ୍ତୋଷ ପଧାନଙ୍କ ପାଖରେ ରହିଥିଲା। ଘଟଣା ଦିନ ସଂଧ୍ୟା ୭ଟାରେ ସିସିଟିଭି ବନ୍ଦ ବିଷୟରେ ସେ କିଛି ଜାଣିନାହାନ୍ତି। ଏତେ ସବୁ ସୂଚନା, ପ୍ରତିକ୍ରିୟା ସାମ୍ନାକୁ ଆସିବା ପରେ ମଧ୍ୟ ଜେଲରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତାଙ୍କ ଭୂମିକାକୁ ନେଇ ଅନେକ ପ୍ରଶ୍ନ ଉଠୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବା ନେଇ ଲୋକେ ପ୍ରଶ୍ନ ଉଠାଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

**ଗୋଟାଳିଙ୍କୁ ମିଳୁନି ମହୁଲ ମୂଲ**

# ଲାଇସେନ୍ସ ଦିଆଯାଇନି; ଗାଁରେ ମାତିଲେଣି ବେପାରୀ

**ବଲାଙ୍ଗିର, ୨୦।୩(ସମିସ):** ବଲାଙ୍ଗିର ଜିଲ୍ଲାରେ ମିଳୁନି ମହୁଲର ମୂଲ। ଠକେଇର ଶିକାର ହେଉଛନ୍ତି ମହୁଲ ଗୋଟାଳି। ଏପଟେ ଜିଲ୍ଲାରେ ମହୁଲ କିଣିବା ପାଇଁ ଅନୁମତି ମିଳିନାହିଁ। ଦର ଧାର୍ଯ୍ୟ ହୋଇନାହିଁ କିନ୍ତୁ ସେପଟେ ଗାଁଗୁଡ଼ିକରେ ମାତିଲେଣି ଅଣଓଡ଼ିଆ ମହୁଲ ଦଲାଲ। କମ ଦରରେ ମହୁଲ କିଣିବା ଆରମ୍ଭ କରିଥିବା ବେଳେ ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ଅବକାରୀ ବିଭାଗ।

ସୂଚନା ଅନୁସାରେ, ଜିଲ୍ଲାରେ ୪୦-୫୦ ଜଣ ବ୍ୟବସାୟୀଙ୍କୁ ଲାଇସେନ୍ସ ଆବେଦନ ମୁତାବକ ପ୍ରତିବର୍ଷ ଲାଇସେନ୍ସ ଦିଆଯାଇଥାଏ। ଯେଉଁଥିରେ ଅଧିକ ବ୍ୟକ୍ତି ସିଧାସଳଖ ଦେଶୀ ମଦଭାଟି ସହ ସମ୍ପୃକ୍ତ ଥାନ୍ତି। ଫଳରେ ଗୋଟାଳିମାନେ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହୋଇଛି। ଗତ ଦୁଇ ବର୍ଷ ହେଲା ଲାଇସେନ୍ସ ପାଇଁ ଇଚ୍ଛୁକ ବ୍ୟବସାୟୀମାନେ ଅନଲାଇନରେ ହିଁ ଆବେଦନ କରିପାରିବେ। ଏଥିପାଇଁ ବିଭାଗ ପକ୍ଷରୁ ୱେବସାଇଟର ବ୍ୟବସ୍ଥା କରାଯାଇଛି। ଏହି ପ୍ରକ୍ରିୟା ଜାରି ରହିଥିବା ବେଳେ ଚଳିତବର୍ଷ ପାଇଁ କାହାକୁ ଅନୁମତି ଏପର୍ଯ୍ୟନ୍ତ ମିଳିନାହିଁ। କୌଣସି ପ୍ରକାର ଦର ଧାର୍ଯ୍ୟ ହୋଇନାହିଁ। ତେବେ ବିନା ଅନୁମତିରେ କିଭଳି ଗାଁ ଗାଁରେ ଅଣଓଡିଆ ମହୁଲ ମାଫିଆମାନେ ମହୁଲ କିଣିବା ଆରମ୍ଭ କରିଛନ୍ତି। ୨୫-୩୦ ଟଙ୍କା ଦରରେ ମହୁଲ କିଣୁଥିବା ବେଳେ ପ୍ରଶାସନିକ ହସ୍ତକ୍ଷେପ ନଥିବାରୁ ଲୋକେ ମଧ୍ୟ ବାଧ୍ୟ ହୋଇ ବିକ୍ରି କରୁଥିବା ଜଣାପଡ଼ିଛି। ଏହାକୁ ନିଜେ ସ୍ୱୀକାର କରିଛନ୍ତି ଅବକାରୀ ଅଧୀକ୍ଷକ। ତେବେ ମହୁଲ ଫୁଲର ଯଥେଷ୍ଟ ଚାହିଦା ରହିଥିବା ବେଳେ ଧାର୍ଯ୍ୟ ଦରରେ କିଣାବିକା ହେଲେ ଉଭୟ ବ୍ୟବସାୟୀ ଓ ଗୋଟାଳି ଲାଭ



ପାଇପାରନ୍ତେ କିନ୍ତୁ ଏହି ବ୍ୟବସ୍ଥା ନଥିବାରୁ ବର୍ତ୍ତମାନ ଗୋଟାଳିମାନେ ଠକେଇର ଶିକାର ହେବା ସ୍ୱାଭାବିକ କଥା। ଫଳରେ ବ୍ୟବସାୟୀମାନେ ମହୁଲ କିଣିବା ପରେ ଦରକୁ ନିୟନ୍ତ୍ରଣ କରିବା ଆରମ୍ଭ କରିଦେଇଛନ୍ତି। ଏନେଇ ବଲାଙ୍ଗିର ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କୁ ପଚାରିବାରୁ ଲାଇସେନ୍ସ ପ୍ରକ୍ରିୟା ଆରମ୍ଭ ହୋଇଛି। ମାର୍ଚ୍ଚ ୩୧ ସୁଦ୍ଧା ଏହା ଚାଲିବ। ଦର ଧାର୍ଯ୍ୟ ପଞ୍ଚାୟତିରାଜ ବିଭାଗ କରିବା କଥା କିନ୍ତୁ ଆଜି ଯାଏଁ କେବେ କରିନାହିଁ। ସ୍ୱାଭାବିକ ଭାବେ ଲୋକେ ନିଜ ହିସାବରେ ଦର ଧାର୍ଯ୍ୟ କରି ବିକ୍ରି କରୁଛନ୍ତି ବୋଲି ଶ୍ରୀ ମୁଦୁଲି ପ୍ରତିକ୍ରିୟାରେ କହିଛନ୍ତି।

ମହୁଲ ସଂଗ୍ରହରେ ବଲାଙ୍ଗିର ଜିଲ୍ଲାର ସ୍ୱତନ୍ତ୍ର

**ଅବକାରୀ ବିଭାଗ ନିଦାବିଷ୍ଟ**

ପରିଚୟ ରହିଛି। ପ୍ରତିବର୍ଷ ଶହ ଶହ କ୍ୱିଣ୍ଟାଲ ଫୁଲ ଲୋକମାନେ ବିକ୍ରି କରିଥାନ୍ତି। ଏହି ଟଙ୍କାରେ ଗରିବ ମହୁଲ ଗୋଟାଳିଙ୍କ ପେଟପାଟଣା ଚାଲିଥାଏ। ଜିଲ୍ଲାରେ ଥିବା ବିଭିନ୍ନ ଜଙ୍ଗଲରେ ବହୁ ପରିମାଣର ମହୁଲ ଗଛ ରହିଛି। ଏହି ମହୁଲ ଫୁଲରୁ ଦେଶୀ ମଦ ପ୍ରସ୍ତୁତ ହେଉଥିବାରୁ ଏହାର ଚାହିଦା ରହିଛି। ଏଥିପାଇଁ ଅବକାରୀ ବିଭାଗ ପକ୍ଷରୁ ପ୍ରତିବର୍ଷ ମହୁଲ କିଣିବା ପାଇଁ ଅନୁମତି ପ୍ରଦାନ କରାଯାଇଥାଏ। ମହୁଲ ଫୁଲର ଅଭାବୀ ବିକ୍ରି ଏବେ ଗୋଟାଳିଙ୍କ ପାଇଁ ସମସ୍ୟା ସାଜିଛି। ଜଙ୍ଗଲ ନିକଟବର୍ତ୍ତୀ ଖପ୍ରାଖୋଲ, ପାଟଣାଗଡ଼, ବେଲପଡ଼ା, ସଇଁନ୍ତଳା, ତୁରେକେଲା, ଦେଓଗାଁ, ଆଗଲପୁର ପ୍ରମୁଖ ବ୍ଲକରେ ଅଧିକ ପରିମାଣରେ ମହୁଲ ସଂଗ୍ରହ ହୋଇଥାଏ। ମହୁଲ ଗୋଟାଇବା ପାଇଁ ସକାଳୁ ସକାଳୁ ମହିଳାମାନେ ଘରୁ ବାହାରି ଜଙ୍ଗଲକୁ ଯାଇଥାନ୍ତି। ଏହା ସେମାନଙ୍କ ମୁଖ୍ୟ ଜୀବିକାର ଉତ୍ସ ରହିଥିଲା ବେଳେ ଛୋଟ ଛୋଟ ଛୁଆମାନେ ମଧ୍ୟ ଜଙ୍ଗଲକୁ ଯାଇଥାନ୍ତି। ମହୁଲ ଗୋଟାଇ ଆଣିବା ପରେ ତାକୁ ଖରାରେ ଶୁଖାଇଥାନ୍ତି। ଶୁଖିଗଲା ପରେ ତାକୁ ବିକ୍ରୟ କରି ଦୁଇ ପଇସା ରୋଜଗାର କରିଥାନ୍ତି। ସେଥିରେ ତାଙ୍କ ପରିବାର ଚଳିଥାଏ। ଏଭଳି ସ୍ଥିତିରେ ଚଳିତବର୍ଷ ମହୁଲ ସଂଗ୍ରହ ଓ ବିକ୍ରୟ ବ୍ୟବସ୍ଥାରେ ଭିନ୍ନ ଏକ ଚିତ୍ର ଦେଖିବାକୁ ମିଳିଛି। ଗାଁ ଗାଁରେ ମହୁଲ ମାଫିଆମାନେ ମାତିଥିବା ବେଳେ ଶାଗ ଦରରେ ମହୁଲ କିଣିବା ଆରମ୍ଭ କରିଛନ୍ତି। ମହୁଲ ପାଇଁ କୌଣସି ମଣ୍ଡି କିମ୍ବା ବଜାର ବ୍ୟବସ୍ଥା ନଥିବାରୁ ଗୋଟାଳିମାନେ ଏହିଭଳି ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ଅବଶ୍ୟ ଅବକାରୀ ବିଭାଗ ପକ୍ଷରୁ ପ୍ରତିବର୍ଷ ମହୁଲ କିଣିବା ପାଇଁ ଆବେଦନ କରିଥିବା ନିର୍ଦ୍ଦିଷ୍ଟ କିଛି ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥାଏ। ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଅନେକ ହେରାଫେରି କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ରହିଆସିଛି।

ସକାଳ THE SAKALA



## ଫତେଗଡ଼ ଶ୍ରୀରାମ ମନ୍ଦିରରୁ ବଡ଼ଧରଣର ଚୋରି

# ହୁଣ୍ଡି ଭାଙ୍ଗି ୧୦ ଲକ୍ଷ ଟଙ୍କା ଲୁଟ୍

**ଭାପୁର,୨୦।୩(ସମିସ)**

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ପାହାଡ଼ ଉପରେ ପ୍ରତିଷ୍ଠିତ ଶ୍ରୀରାମ ମନ୍ଦିରରୁ ମଙ୍ଗଳବାର ରାତିରେ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଷ୍ଟୋର୍ ରୁମ୍ ତାଲା ଭାଙ୍ଗି ଲକର୍‌ରେ ଥିବା ସମସ୍ତ ସୁନାରୁପା ଅଳଙ୍କାର ଓ ହୁଣ୍ଡି ଭାଙ୍ଗି ନଗଦ ୧୦ ଲକ୍ଷ ଟଙ୍କା ନେଇ ଯାଇଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସନ୍ଦେହରେ ଦୁଇ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଫତେଗଡ଼ଠାରେ ଶ୍ରୀରାମ ମନ୍ଦିର ଗତ ଜାନୁଆରୀ ୨୩ ତାରିଖରେ ପ୍ରତିଷ୍ଠା ହୋଇଥିଲା। ଏକ ସପ୍ତାହ ବ୍ୟାପୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସାରା ଓଡ଼ିଶାରେ ଚର୍ଚ୍ଚିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ହେବାର ଦୁଇ ମାସ ମଧ୍ୟରେ ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ଦାନ ଅର୍ଥ ଓ ସୁନାରୁପା ମନ୍ଦିର ଉନ୍ନତି ପାଇଁ ଗଚ୍ଛିତ ହୋଇ ରହିଥିଲା। ମଙ୍ଗଳବାର ରାତିତମାମ ବର୍ଷା ଲାଗି ରହିବାରୁ ଏହାକୁ ସୁଯୋଗ ନେଇ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମନ୍ଦିର ମୁଖ୍ୟ ମନ୍ଦିର କବାଟ ଭାଙ୍ଗି ବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ମନ୍ଦିର ପରିସରରେ ଥିବା ଷ୍ଟୋର ରୁମ୍‌ର ତାଲା ଭାଙ୍ଗି ଘରେ ପଶିଥିଲେ। ଘରେ ଥିବା ହୁଣ୍ଡିକୁ କଟର୍‌ରେ କାଟି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଓ ସୁନାରୁପା ଅଳଙ୍କାର ଲୁଟି ନେଇଛନ୍ତି। ଅଳଙ୍କାରର ଦାମ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ବୁଧବାର ଭୋର ସମୟରେ ମନ୍ଦିର ମୁଖ୍ୟ ପୂଜକ ମନ୍ଦିର ଖୋଲିବାକୁ ଆସି ଏହି ଘଟଣା ଦେଖି ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ମନ୍ଦିର କମିଟି ତରଫରୁ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ ସଦଳବଳେ ମନ୍ଦିରରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସନ୍ଦେହରେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ଯୁବକଙ୍କୁ ପୁଲିସ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି।



### ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା ଦାବି

ନୟାଗଡ଼: ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ଶ୍ରୀରାମ ମନ୍ଦିର ନିର୍ମାଣ ବହୁ କୋଟି ଟଙ୍କା ବ୍ୟୟରେ କରାଯାଇଛି। ମନ୍ଦିର ପ୍ରତିଷ୍ଠା ହେବା ପରେ ସେଠାରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ସକାଳୁ ସନ୍ଧ୍ୟା ଭକ୍ତଙ୍କ ଗହଳି ଲାଗି ରହୁଥିବା ବେଳେ ସୁରକ୍ଷା ବ୍ୟବସ୍ଥା ନାହିଁ। ପାହାଡ଼ ଉପରେ ନିର୍ମାଣ କରାଯାଇଥିବା ମନ୍ଦିରକୁ ଆସୁଥିବା ଭକ୍ତ, ମହିଳା ଏବଂ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସହ ମନ୍ଦିର ସୁରକ୍ଷା ପାଇଁ ଉକ୍ତ ସ୍ଥାନରେ ଏକ ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହି ମନ୍ଦିରକୁ ନେଇ ଅନେକ ଯୋଜନା ରହିଥିବା ବେଳେ ଚୋରି, ରାହାଜାନୀ ସେଥିରେ ବାଧକ ସାଜିବ ବୋଲି ଆଲୋଚନା ହେଉଛି। ଉକ୍ତ ସ୍ଥାନରେ ପାର୍କ, ରୋପ୍ ୱେ, ଗୋଶାଳା ଭଳି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ବେଳେ ଏହାର ସୁରକ୍ଷା ପାଇଁ ଅସ୍ଥାୟୀ ଫାଣ୍ଡି ନିର୍ମାଣ ପାଇଁ ଦାବି ହେଉଛି।

## ଗଞ୍ଜେଇ ବୋଝେଇ କାର୍ ସହ ୨ ଅଟକ

ଭାପୁର: ନୟାଗଡ଼ ଜିଲ୍ଲା ଫତେଗଡ଼ ଶ୍ରୀରାମ ମନ୍ଦିର ଚୋରି ଘଟଣାର ତଦନ୍ତ କରିବା ସମୟରେ ଦୁଇ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିବା ସମୟରେ ସେମାନଙ୍କଠାରୁ ବିପୁଳ ପରିମାଣରେ ଗଞ୍ଜେଇ ସହ ଗୋଟିଏ କାର୍ ଜବତ ହୋଇଥିବା ଜଣାପଡ଼ିଛି। ଶ୍ରୀରାମ ମନ୍ଦିର ଚୋରିର ତଦନ୍ତ କରିବାକୁ ଯାଇଥିବା ବେଳେ ଫତେଗଡ଼ ପୁଲିସ ମନ୍ଦିରକୁ ଯାଇଥିବା ରାସ୍ତା ନିକଟରେ ଥିବା କାଜୁ ଜଙ୍ଗଲ ଭିତରେ ଏକ ପରିତ୍ୟକ୍ତ ଭାବେ ଏକ କାର୍ ରହିଥିବା ସୂଚନା ପାଇଥିଲା। ଏହି ସମୟରେ ଫତେଗଡ଼ ଗ୍ରାମର ତିନି ଜଣ ଯୁବକ ସନ୍ଦେହଜନକ ଭାବେ ସେଠାରେ ଶୋଇଥିବା ଦେଖି ପୁଲିସ ସେମାନଙ୍କୁ ପଚରାଉଚରା କରିବା ସମୟରେ ସେମାନେ ଗଞ୍ଜେଇ ଗାଡ଼ି ସହ ସମ୍ପୃକ୍ତ ବୋଲି ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଥିବା ବେଳେ ଦୁଇ ଜଣଙ୍କୁ ପୁଲିସ ମାଡ଼ି ବସିଥିଲା। ସେମାନଙ୍କୁ ପଚରାଉଚରା ଚାଲିଛି। ସେମାନେ ପୂର୍ବରୁ ବଡ଼ସହରା ଟାୱାରରୁ ବ୍ୟାଟେରି ଚୋରି କରିବା ସହ ଅନେକ ଚୋରି ସହ ସମ୍ପୃକ୍ତ ବୋଲି ଜଣାପଡ଼ିଛି।

## ଦବିଲା ନୀଳମାଧବଙ୍କ ତୁଳସୀ ପୋଖରୀ ପଥର ୱାଲ୍

**ଖଣ୍ଡପଡ଼ା,୨୦।୩(ସମିସ):** ବିଭିନ୍ନ ପୁରାତନ ଐତିହାସିକ ମଠ ମନ୍ଦିର ପୁନରୁଦ୍ଧାର ସହ ଏହାର ନବୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯାହା ଫଳରେ ସାରା ରାଜ୍ୟର ବିଭିନ୍ନ ପ୍ରାଚୀନ ମଠ ମନ୍ଦିରର ରୂପରେଖ ବଦଳିଥିବା ଦେଖିବାକୁ ମିଳିଛି। ଶ୍ରୀ ଜଗନ୍ନାଥଙ୍କ ଆଦ୍ୟକ୍ଷେତ୍ର କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ପୀଠର ରୂପାନ୍ତରଣ ନିମନ୍ତେ ଶହେ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ଅନେକ କାର୍ଯ୍ୟ ଶେଷ ହେବା ଉପରେ ରହିଛି। ସେଥିମଧ୍ୟରୁ ମାଧବଙ୍କ ତୁଳସୀ ବଗିଚା କାର୍ଯ୍ୟ ପ୍ରାୟ ଶେଷ ହୋଇଥିବା ଜଣାପଡ଼ିଛି। ସେଥି ମଧ୍ୟରେ ଥିବା ତୁଳସୀ ପୋଖରୀକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନବୀକରଣ ହୋଇଥିବା ଦେଖିବାକୁ ମିଳିଛି। ତୁଳସୀ ପୋଖରୀର ଚାରିପାଖ ପଥର ପ୍ୟାକିଂ ହେବା ସହ ପାଚେରି ନିର୍ମାଣ ଶେଷ ହୋଇଛି। ତେବେ ସାମାନ୍ୟ ଲଘୁଚାପଜନିତ ବର୍ଷାରେ ପାହାଚ ସମେତ ପୋଖରୀ ଚାରିପାଖ ପଥର ୱାଲରେ ବଡ଼ ବଡ଼ ଫାଟ ସୃଷ୍ଟି ହେବା ସହ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ବଂଶଲ ଯନ୍ତ୍ରୀ ପ୍ରସନ୍ନ ବଳବନ୍ତରାୟ ଏବଂ ଓବିସିସି ଇଂଜିନିୟର ଭକ୍ତହରି ଜେନାଙ୍କ ପ୍ରତିକ୍ରିୟା ନେବାରୁ ସେମାନେ ଏ ସଂକ୍ରାନ୍ତରେ କିଛି ଜାଣି ନଥିବା ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଜିଲ୍ଲା ପ୍ରଶାସନ ଏ ଦିଗରେ ତଦନ୍ତ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ

ଓଡ଼ଗାଁ,୨୦।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିର ସନ୍ନିକଟ ପାଇକ ସାହିରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ନାମଯଜ୍ଞରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭ଟି ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍ୱରରେ ମହାମନ୍ତ୍ର ଗାୟନକରି ସ୍ଥାନୀୟ ଅଞ୍ଚଳରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହିତ ପବିତ୍ରମୟ କରିଥିଲେ। ବିଶେଷକରି କଣ୍ଟାବଣିଆ, ମାଳତିପୁର, ଚିଙ୍ଗୁଡ଼ି ଗାଡ଼ିଆ, ଗୋପୀନାଥପୁର, ନାଗମୁଣ୍ଡୁଳି, ଆଡଚେର, ସିଧାମଳା ଗାଁରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ହୃଦୟସ୍ପର୍ଶୀ ପରିବେଷଣ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସମବାୟ ସଭାପତି ବିଭୁପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ଦିବାକର ନାୟକଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପ୍ରଭୁଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ। ପାଇକସାହି ଗ୍ରାମବାସୀଙ୍କ ସହିତ ବହୁ ଉତ୍ସାହୀ ଜନସାଧାରଣ ପରିଚାଳନାରେ ସହଯୋଗ କରିଥିଲେ।

## ଲାଲା ଓ ଇରାନୀଙ୍କ ଇସ୍ତଫା ପରେ ବଢ଼ିଲା ଚର୍ଚ୍ଚା

**ନୟାଗଡ଼,୨୦।୩(ସମିସ):** ନୟାଗଡ଼ ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଲାଲା ମନୋଜ ରାୟ ଏବଂ ତାଙ୍କ ପତ୍ନୀ ତଥା ଗତ ସାଧାରଣ ନିର୍ବାଚନରେ ବିଜେପି ବିଧାୟିକା ପ୍ରାର୍ଥିନୀ ଇରାନୀ ରାୟଙ୍କ ବିଜେପିରୁ ଇସ୍ତଫା ପରେ ନୟାଗଡ଼ରେ ରାଜନୈତିକ ଚର୍ଚ୍ଚା ବୃଦ୍ଧି ପାଇଛି। ବିଜେପିରେ ଅଣଦେଖାକୁ ନେଇ ଉଭୟ ପତି ଓ ପତ୍ନୀ ଦଳରୁ ଇସ୍ତଫା ଦେଇ ସାରିଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ସେ ପଞ୍ଚାୟତ ନିର୍ବାଚନର ନେତୃତ୍ୱ ନେଇଥିବା ବେଳେ ସାଧାରଣ ନିର୍ବାଚନ ବହୁ ପୂର୍ବରୁ ତାଙ୍କୁ ଛାଡ଼ି ଦଳୀୟ ସଂଗଠନ କରାଯିବାକୁ ନେଇ ବାରମ୍ବାର ଗୋଷ୍ଠୀ କନ୍ଦଳ ମଧ୍ୟ ଦେଖାଯାଇଥିଲା। ଏବେ ଉଭୟଙ୍କ ଇସ୍ତଫା ପରେ ସେମାନଙ୍କ ପରବର୍ତ୍ତୀ ପଦକ୍ଷେପ କଣ ହେବ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତାଙ୍କ ପଛରେ ହଜାର ହଜାର ସମର୍ଥକ ମଧ୍ୟ ରହିଛନ୍ତି। ଉକ୍ତ ସମର୍ଥକମାନେ କଂଗ୍ରେସରୁ ଲାଲାଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିକୁ ଆସିଥିଲେ। ମାତ୍ର ଦଳୀୟ ସ୍ଥିତି ଓ ପରିସ୍ଥିତିକୁ ନେଇ ସମର୍ଥକମାନେ ଲାଲାଙ୍କ ସହ ରହିବାକୁ ନିଷ୍ପତ୍ତି ନେଇ ସାରିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଉଭୟ ଖୁବ୍‌ଶୀଘ୍ର ଅନ୍ୟ ଏକ ଦଳରେ ମିଶିବେ ବୋଲି ଆଲୋଚନା ହେଉଛି।



## ଆଇନ ସହାୟତା କର୍ମୀଙ୍କୁ ପ୍ରଶିକ୍ଷଣ

**ନୟାଗଡ଼,୨୦।୩(ସମିସ):** ନୟାଗଡ଼ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶକ୍ରମେ, ଆଇନ ସହାୟତା କର୍ମୀଙ୍କ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଅଛି। ରେଜିଷ୍ଟ୍ରାର, ସିଭିଲ କୋର୍ଟ ତଥା ପ୍ରଧାନ ବିଚାରପତି କିଶୋର ନ୍ୟାୟ ପରିଷଦ ଡଃ ନିଶାକର ସାହୁ ବାଳ ଅପରାଧର ତର୍ଜମା, ବିଚାର ପ୍ରକ୍ରିୟା, ନୀତି ନିୟମ ଓ ସୁଧାର ପ୍ରକ୍ରିୟା ଉପରେ ବକ୍ତବ୍ୟ ରଖିଥିଲେ। ବିଶେଷ କରି ବାଳ ଅପରାଧୀକୁ ସୁଧାରୀ, ଉତ୍ତମ ନାଗରିକରେ ପରିଣତ କରି ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବରିଷ୍ଠ ବର୍ଗ ଦେୱାନି ବିଚାରପତି ସତ୍ୟବ୍ରତ ରଣା, ଶିଶୁ ଶ୍ରମିକ ସଂଜ୍ଞା, ପ୍ରକାର ଭେଦ , ଶୋଷଣ କରୁଥିବା ପକ୍ଷର ଦଣ୍ଡ ବ୍ୟବସ୍ଥା ଏବଂ ସର୍ବୋପରି ସରକାରୀ ସହାୟତା, ସାମ୍ବିଧାନିକ ମର୍ଯ୍ୟାଦା, ସାମାଜିକ ସୁରକ୍ଷା ଏବଂ ଶିକ୍ଷା ବ୍ୟବସ୍ଥା ବର୍ଣ୍ଣନା କରିଥିଲେ। ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ, ଥାନାରେ ମହିଳା ଓ ଶିଶୁ ସୁରକ୍ଷା, ସୁବିଧା ସୁଯୋଗ, କନ୍ୟା ସୁରକ୍ଷା ଜନିତ ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚଳିତବର୍ଷ ଏପ୍ରିଲ ପହିଲାରୁ ନିଖୋଜ ଶିଶୁଙ୍କ ପରିପ୍ରେକ୍ଷୀରେ, ଏତଲା ଦାୟରଠାରୁ ଆରମ୍ଭ କରି ବିଭିନ୍ନ ଆଇନଗତ ପରାମର୍ଶ ଏବଂ ସହାୟତା ଦେବା ପାଇଁ, ନୟାଗଡ଼ ଟାଉନ ଥାନାରେ ପ୍ରାଧିକରଣ ପକ୍ଷରୁ ଆଇନ ସହାୟତା କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସଚିବ ସୂଚାଇଥିଲେ। ଆଇନ ସହାୟତା କର୍ମୀ ଲୀପଶା ପଟ୍ଟନାୟକ, ମାନସ ରଞ୍ଜନ ବଳବନ୍ତରାୟ ଓ ପ୍ରଫୁଲ୍ଲ କୁମାର ବେହେରା, ପ୍ରଶ୍ନଉତ୍ତୋର ମାଧ୍ୟମରେ ସନ୍ଦେହ ଦୂର କରିଥିଲେ। ଆଇନଜୀବୀ ରମେଶ ଚନ୍ଦ୍ର ମହାରଣାଙ୍କ ତତ୍ୱାବଧାନରେ, ପ୍ରାଧିକରଣ କର୍ମଚାରୀ ବିବେକାନନ୍ଦ ବେଉରିଆ, ଗଦାଧର ବିଶ୍ୱାଳ, ପବନ କୁମାର ବେହେରା, ରାଜେଶ କୁମାର ବାରିକ, ଗଗନ କୁମାର ନାୟକ ଓ ପ୍ରମୋଦ କୁମାର ମହାନ୍ତି ଶିବିର ପରିଚାଳନା କରିଥିଲେ। ସଦସ୍ୟ ମହମ୍ମଦ ଓମାର ମାଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




## ବଚପନ୍ ଓ ଗାଇଡାନ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ଓଡ଼ଗାଁ, ୨୦।୩(ସମିସ):** ଓଡ଼ଗାଁ ବ୍ଲକ ରୋଡ୍ ସରକାରୀ କଲ୍ୟାଣମଣ୍ଡପଠାରେ ବଚପନ୍ ଓ ଗାଇଡାନ୍ସ ପବ୍ଲିକ ସ୍କୁଲ ଓଡ଼ଗାଁର ନବମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଅବିନାଶ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଦାମୋଦର ଖିଲାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତିଲତା ଦେବୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମବାୟ ସଭାପତି ବିଭୁପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନେ ମୋବାଇଲ୍ ବ୍ୟବହାର କମ୍ କରିବାକୁ ଅଭିଭାବକଙ୍କୁ ଅନୁରୋଧ କରିଥିଲେ। ଅତ୍ୟାଧୁନିକତାର ଅପବ୍ୟବହାର ଯୋଗୁଁ ଯେପରି ବର୍ତ୍ତମାନ ମନୁଷ୍ୟ ସଭ୍ୟତାର ଅନ୍ତଃ ନହେଉ ବୋଲି ମୁଖ୍ୟ ଅତିଥି କହିଥିଲେ। ପ୍ରିନ୍ସିପାଲ ରଞ୍ଜନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କ୍ରୀଡ଼ା ସହିତ ବିଭିନ୍ନ ପ୍ରତିଯୋଗିତାର ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିବା ସହିତ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ସ୍ମାରକୀ ପ୍ରଦାନ କରାଯାଇଥିଲା।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଖଣ୍ଡପଡ଼ା,୨୦।୩(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ତେଲିସାହିସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିକେ ବିନ୍ଦୁ ଭଉଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୯ଟା ସମୟରେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା ଏବଂ ନୟାଗଡ଼ ଶାଖା ମୁଖ୍ୟ ସଂଚାଳିକା ମିନି ବଡ଼ ଭଉଣୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ, ବିକେ ମନୋରମା ଭଉଣୀ, ବିକେ ଲୁସି ଭଉଣୀ ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର କିୟୋରବାୟ ଘରୋଇ ସ୍ୱାସ୍ଥ୍ୟ ବିଭାଗର ଡଃ. ଦୁର୍ଗା ଶଙ୍କର ଯାଦବଙ୍କ ନେତୃତ୍ୱରେ ସମୀର ରଞ୍ଜନ ବେହୁରା, ମହେନ୍ଦ୍ର ସରଦାର, ସସ୍ମିତା ସାହୁ, ଇତିଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା, ଉଚ୍ଚ ରକ୍ତଚାପ, ରକ୍ତ ପରୀକ୍ଷା, ସୁଗାର ପରୀକ୍ଷା ଆଦି କରିଥିଲେ। ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହିତ ମାନବ ସେବା ହିଁ ମାଧବ ସେବା ଭଳି ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତେବେ ଆଖପାଖ ଅଞ୍ଚଳରୁ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ସୂଚନା ମିଳିଛି।

### ରାଜସୁନାଖଳାକୁ ଏନ୍ଏସି ମାନ୍ୟତା ଦାବି

## ଦ୍ୱିତୀୟ ଦିନରେ ସାମ୍ବାଦିକ ଆର୍ତ୍ତତ୍ରାଣଙ୍କ ଅନଶନ

**ନୟାଗଡ଼,୨୦।୩(ସମିସ):** ରାଜସୁନାଖଳାକୁ ଏନ୍ଏସି ମାନ୍ୟତା ଦାବିରେ ଦ୍ୱିତୀୟ ଦିନରେ ଜାରି ରହିଛି ଅନଶନ। ନୟାଗଡ଼ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ୟବସାୟିକ ପେଣ୍ଠସ୍ଥଳ ରାଜସୁନାଖଳାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ଦାବିରେ ଅନଶନରେ ବସି ରହିଛନ୍ତି ସ୍ଥାନୀୟ ଯୁବ ସମାଜସେବୀ ତଥା ସାମ୍ବାଦିକ ଆର୍ତ୍ତତ୍ରାଣ ପ୍ରଧାନ। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଅନଶନ ସ୍ଥଳରେ ଦ୍ୱିତୀୟ ଦିନରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ପହଞ୍ଚି ସମର୍ଥନ ଜଣାଇଛନ୍ତି। ରାଜସୁନାଖଳା ଫାଣ୍ଡି ପୁଲିସ ପହଞ୍ଚି ସୁରକ୍ଷା ଦେଉଥିବା ବେଳେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହରାଞ୍ଚଳ ସହ ୧୪ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ବେଳେ ଏହାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାକୁ ଦାବି ହେଉଛି। ଅନଶନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନଥିବା ପ୍ରଶାସନିକ ସମ୍ବେଦନଶୀଳତାକୁ ନେଇ ପ୍ରଶ୍ନ ଉଠିଛି।



### ■ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

## ଗୋପାଳକୃଷ୍ଣ ଓ ଦିବାକର ପରିଚାଳନା ନିର୍ଦ୍ଦେଶକ ମନୋନୀତ

ନୟାଗଡ଼,୨୦।୩(ସମିସ): ରାଜ୍ୟ ସରକାର ରାଜ୍ୟରେ ରହିଥିବା ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ପାଇଁ ୨ ଜଣ ଲେଖାଏଁ ସଦସ୍ୟଙ୍କୁ ମନୋନୀତ କରିଛନ୍ତି। ଫଳରେ ନିର୍ବାଚିତ ହୋଇଥିବା ସଦସ୍ୟଙ୍କ ସଂଖ୍ୟା ୧୫ରୁ ବୃଦ୍ଧି ପାଇ ୧୭ ହୋଇଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପାଇଁ ଓଡ଼ଗାଁ ଛାମୁସାହି ନିବାସୀ ଦିବାକର ନାୟକ ଏବଂ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିରିଡ଼ି ଗ୍ରାମର ଗୋପାଳକୃଷ୍ଣ ପଣ୍ଡାଙ୍କୁ ସମବାୟ ବିଭାଗ ପକ୍ଷରୁ ପରିଚାଳନା ପରିଷଦ ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି। ଗୋପାଳକୃଷ୍ଣ ଶାଳଝରିଆ ସେବା ସମବାୟ ସମିତି ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇ ଉକ୍ତ ସମିତିର ସଭାପତି ଦାୟିତ୍ୱରେ ରହିଛନ୍ତି। ପୂର୍ବରୁ ରାଣୀପଡ଼ା ପଞ୍ଚାୟତ ୨୦୧୨ ମସିହାରୁ ୧୭ ମସିହା ପର୍ଯ୍ୟନ୍ତ ସମିତିସଭ୍ୟ ଭାବେ କାର୍ଯ୍ୟ କରି ଆସିଥିଲେ। ସେହିଭଳି ଭାବେ ଶ୍ରୀ ନାୟକ ପୂର୍ବରୁ ଓଡ଼ଗାଁ ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରିଛନ୍ତି।





### ସାଧାରଣ ନିର୍ବାଚନ

## ଦିନକ ପୂର୍ବରୁ ବୁଥ୍ ଯିବାକୁ ଅମଙ୍ଗ କର୍ମଚାରୀ

**ନୟାଗଡ଼,୨୦।୩(ସମିସ)**

ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲାରେ ମେ' ୨୦ ଏବଂ ୨୫ ତାରିଖରେ ଭୋଟଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦେବା କାର୍ଯ୍ୟ ସମାପନ ହୋଇଛି। ଜିଲ୍ଲାରେ ୪ଟି ନିର୍ବାଚନ ମଣ୍ଡଳୀ ଯଥା ନୟାଗଡ଼, ଦଶପଲ୍ଲା, ରଣପୁର ଏବଂ ଖଣ୍ଡପଡ଼ା ପାଇଁ ସମୁଦାୟ ୯୩୭ଟି ବୁଥ୍ ଗଠନ କରାଯାଇଥିବା ବେଳେ ପ୍ରତ୍ୟେକ ବୁଥ୍ ପାଇଁ ଜଣେ ପ୍ରିଜାଇଡିଂ ଅଫିସର ଏବଂ ୫ ଜଣ ପୁଲିଂ ଅଫିସର ନିଯୁକ୍ତ ହୋଇଛନ୍ତି। ଏଥି ମଧ୍ୟରୁ ମହିଳାଙ୍କ ପାଇଁ ୧୨୦ଟି ପିଙ୍କ୍ ବୁଥର ମଧ୍ୟ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ବୁଥ୍ ପାଇଁ ଜଣେ ସୁରକ୍ଷା କର୍ମୀ, ଜଣେ ବିଏଲଓଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ପୂର୍ବରୁ ପ୍ରଚଳିତ ନିୟମକୁ ବଦଳାଇ ଚଳିତ ବର୍ଷ ଭୋଟ ଗ୍ରହଣର ମାତ୍ର ଗୋଟିଏ ଦିନ ପୂର୍ବରୁ ବୁଥ୍‌ରେ ପହଞ୍ଚିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିୟମ କରାଯାଇଥିବା ବେଳେ ଏହାକୁ ନେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭୋଟ ଗ୍ରହଣର ଦିନକ ପୂର୍ବରୁ ପୋଲିଂ ଅଫିସରମାନେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଇଭିଏମ ସହିତ ଭୋଟ କାଗଜପତ୍ର ଗ୍ରହଣ କରି ଭୋଟଦାନ କେନ୍ଦ୍ରକୁ ଯିବେ। ବଣ ପାହାଡ଼ ଘେରା ନୟାଗଡ଼ ଜିଲ୍ଲାରେ ଅନେକ ଦୁର୍ଗମ ଅଞ୍ଚଳ ରହିଥିବା ବେଳେ ଏହି ସବୁ ସ୍ଥାନକୁ ଗାଡ଼ିମୋଟର ତ ଦୂରର କଥା ପାଦଚଲା ରାସ୍ତା ମଧ୍ୟ ନାହିଁ। ଦଶପଲ୍ଲା ଅଞ୍ଚଳର ଛାମୁଣ୍ଡିଆ, କଳସାଖମଣ, ବଡ଼ସିଲିଙ୍ଗା, ଚଢ଼େୟାପଲ୍ଲୀ, ବାଣିଗୋଛା, ଟାକେରା ଆଦି ପଞ୍ଚାୟତରେ ଅନେକ ଦୁର୍ଗମ ଅଞ୍ଚଳ ରହିଥିବା ବେଳେ ଏହି ସବୁ ସ୍ଥାନ ନୟାଗଡ଼ ଜିଲ୍ଲା ସଦର ମହକୁମାଠାରୁ ଶହେରୁ ଦେଢ଼ ଶହ କିଲୋମିଟର ଦୂରରେ ଅବସ୍ଥିତ। ନିର୍ବାଚନ ପୂର୍ବଦିନ ଏହିସବୁ ସ୍ଥାନରେ ପହଞ୍ଚିବା ବେଳକୁ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟ ହୋଇଯିବାର ବହୁ ସମ୍ଭାବନା ଥିବା ବେଳେ ଭୋଟ ଗ୍ରହଣ ପାଇଁ ଆବଶ୍ୟକ ଖାଦ୍ୟପେୟ ତଥା କାଗଜପତ୍ର ଏବଂ ଭୋଟକେନ୍ଦ୍ର ପ୍ରସ୍ତୁତି କେତେ ବେଳେ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ପୋଲିଂ ଅଫିସରମାନେ। ଭୋଟ ଗ୍ରହଣ ଦିନ ୭ଟାରୁ ଆରମ୍ଭ ହୋଇ ନିରବଚ୍ଛିନ୍ନ ଭାବେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ସକାଳ ସାଢ଼େ ୫ଟାରେ ମକ୍ ପୋଲିଂ କରାଯିବ। ଅର୍ଥାତ ପୋଲିଂ ଅଫିସରମାନେ ସକାଳ ୫ଟା ସୁଦ୍ଧା ନିଜ ନିତ୍ୟକର୍ମ ସାରି ଏବଂ ଖାଦ୍ୟପେୟ ଗ୍ରହଣ କରି ଭୋଟ କେନ୍ଦ୍ରରେ ଉପସ୍ଥିତ ରହିବେ। ମଝିରେ କୌଣସି ବିରତି ନଥିବା ବେଳେ ଦିନସାରା ପୋଲିଂ ଅଫିସରମାନେ ଭୋଟ କାର୍ଯ୍ୟ ସମାପନ କରିବାକୁ ନିର୍ବାଚନ କମିଶନଙ୍କ କଡ଼ା ନିର୍ଦ୍ଦେଶ ରହିଛି। ଭୋଟ ଗ୍ରହଣ କାର୍ଯ୍ୟପରି ଏକ କଠିନ ଏବଂ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟକୁ ପୋଲିଂ ଅଫିସରମାନେ ନିର୍ବାହ କରୁଥିବା ବେଳେ ଗୋଟେ ଦିନ ପୂର୍ବରୁ ଖୁବ କମ ସମୟ ମଧ୍ୟରେ କିପରି ନିଜକୁ ପ୍ରସ୍ତୁତ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ପୋଲିଂ କର୍ମଚାରୀମାନେ। ପୂର୍ବ ନିର୍ବାଚନରେ ପ୍ରଚଳିତ ଥିବା ନିୟମ ଅନୁସାରେ ଦୁଇଦିନ ପୂର୍ବରୁ ଭୋଟ କେନ୍ଦ୍ରରେ ପହଞ୍ଚିବାର ବ୍ୟବସ୍ଥା ହେଲେ ନିୟୋଜିତ କର୍ମଚାରୀମାନଙ୍କ ପାଇଁ ସୁବିଧାଜନକ ହୋଇପାରନ୍ତା ବୋଲି ନିର୍ବାଚନ ପ୍ରଶିକ୍ଷଣ ନେଉଥିବା କର୍ମଚାରୀମାନେ ମତବ୍ୟକ୍ତ କରିଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ

ବେଗୁନିଆ, ୨୦।୩(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଚଟୁଆଗ୍ରାମର ମୁରଲୀଧର ସାହୁଙ୍କ ପୁଅ ପ୍ରକାଶ ମଙ୍ଗଳବାର ଅପରାହ୍ଣରେ ଦୋକାନରେ ବ୍ୟବସାୟ କରୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଏନେଇ ତାଙ୍କ ବଡ଼ ଭାଇ ପ୍ରସନ୍ନ କୁମାର ସାହୁ ବେଗୁନିଆ ଥାନାରେ ଅଭିଯୋଗ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସାମୟିକ ସମୟ ପାଇଁ ବିଳମ୍ବିତ ସନ୍ଧ୍ୟାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଖୋର୍ଦ୍ଧା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିଲ୍ଲୀପ କୁମାର ଦାସ ଓ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପହଞ୍ଚି ବୁଝାସୁଝା କରିବା ସହ ଘଟଣାର ତଦନ୍ତ କରି ଉଭୟପକ୍ଷ ଗଣ୍ଡଗୋଳ ନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରସନ୍ନଙ୍କ ଅଭିଯୋଗ ମୁତାବକ, ପ୍ରକାଶ ଦୋକାନରେ ବ୍ୟବସାୟ କରୁଥିବା ବେଳେ କଡ଼ବ ଗ୍ରାମର ଗୋଦାବରିଶ ଛୋଟରାୟ, ଗଡ଼ମାଣିତିର ଗ୍ରାମର ମିଟୁ ସମେତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଭାବେ ଆସି ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯିବା ସହ ବେକରେ ଆଘାତ ଲାଗିଥିବାରୁ ତାଙ୍କୁ ପ୍ରଥମେ ଖୋର୍ଦ୍ଧାସ୍ଥିତ ଗୋପବନ୍ଧୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲୁଗାଁ, ୨୦।୩ (ସମିସ): ବାଲୁଗାଁ ରେଳ ଷ୍ଟେସନ ଦକ୍ଷିଣ କ୍ୟାବିନ ଅନତି ଦୂର ଉମାକାନ୍ତ ପୁର ପଞ୍ଚନଳା ଶଙ୍ଖ ନିକଟସ୍ଥ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନା ମୁତାବକ, ବୁଧବାର ଅପରାହ୍ଣରେ ବାଲୁଗାଁ ଉମାକାନ୍ତପୁର ପଞ୍ଚନଳା ଶଙ୍ଖ ନିକଟସ୍ଥ ଏକ ଗଛରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି କିଛି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୁଲିସ ତଦନ୍ତ ଜାରି ରଖିଛି। ଯୁବକଙ୍କ ପରିଚୟ ମିଳିପାରି ନଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ଅବିଶ୍ରାନ୍ତ ବର୍ଷା; ଜନଜୀବନ ଅସ୍ତବ୍ୟସ୍ତ

# ସ୍ୱରେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ; ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ

ଖୋର୍ଦ୍ଧା, ୨୦।୩(ସମିସ)

କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ରାତିରୁ ଲାଗି ରହିଛି ବର୍ଷା। ଗତ ରାତିରୁ ଦିନତମାମ ଅବିଶ୍ରାନ୍ତ ବର୍ଷା ହେବା ଫଳରେ ଖୋର୍ଦ୍ଧା ଓ ଏହାର ଆଖପାଖ ଅଞ୍ଚଳ ବେହାଲ ହୋଇଯାଇଛି। ପ୍ରବଳ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ତଳିଆ ଅଞ୍ଚଳରେ ରହୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆଜି ସକାଳ ୮ଟା ସୁଦ୍ଧା ୪୦୦.୪ମିମି ବର୍ଷା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା ପ୍ରଶାସନର ତଥ୍ୟ କହୁଛି। ଏପରିକି ବର୍ଷାଯୋଗୁ ଦିନଯାକ ଜୀବନଯାତ୍ରା ମଧ୍ୟ ଠପ୍ ହୋଇଯାଇଛି। ସହରରେ ଡ୍ରେନେଜ୍ ସୁବିଧା ନ ଥିବାରୁ ବହୁ ରାସ୍ତା ଉପରେ ବର୍ଷା ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ଜଣାଯାଇଛି।



ପ୍ରକାଶଥାଉକି ପୂର୍ବ ଆକଳନ ମୁତାବକ, କାଲି ରାତିରୁ କାଳବୈଶାଖୀ ପ୍ରଭାବରେ ବର୍ଷା ଲାଗି ରହିଛି। ଏହା ପ୍ରଭାବରେ ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ସନ୍ଧ୍ୟା ପର୍ଯ୍ୟନ୍ତ ଅବିଶ୍ରାନ୍ତ ବର୍ଷା ଲାଗିରହିଥିଲା। ଏହା ସହିତ ମଝିରେ ମଝିରେ କୋହଲା ପାଗ କରିବା ସହିତ ପବନ ବୋହୁଥିବାବେଳେ ବଜ୍ରାଘାତ ହୋଇଥିଲା। ଅବିଶ୍ରାନ୍ତ ବର୍ଷାରେ ସହର ବେହାଲ ହୋଇଯାଇଛି। ବହୁ ରାସ୍ତା ଉପରେ ପାଣି ଭାସି ରାସ୍ତା ବନ୍ଦ ହୋଇଯାଇଛି। ବର୍ଷା ଯୋଗୁ ଅଘୋଷିତ କର୍ଫ୍ୟୁ ସହରରେ ହୋଇଥିବା ଦେଖାଯାଇଛି। ସ୍ଥାନୀୟ ପଶୁଡାକ୍ତରଖାନା ଛକଠାରୁ ମହିଳା କଲେଜ ହାବେଳି ରାସ୍ତାଟି ପାଣିରେ ବୁଡ଼ି ରହିଥିବାବେଳେ ବୁଢ଼ିବଗିଚା, ବକ୍ସିଲେନ ମହିଳା କଲେଜ ରାସ୍ତା ଖାଲୁଆ ସ୍ଥାନରେ ପାଣି ଜମି ରହିଥିବାରୁ ସେହି ରାସ୍ତା ଦେଇ ଯାତାୟାତ ବନ୍ଦ ହୋଇଯାଇଥିଲା। ସେହିପରି ତ୍ରୁଟିପୂର୍ଣ୍ଣ ଡ୍ରେନେଜ୍ ବ୍ୟବସ୍ଥା ଫଳରେ ବର୍ଷା ହେଲେ ସହରବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଡ୍ରେନ୍‌ଗୁଡ଼ିକରେ ଜଳନିଷ୍କାସନ ଯୋଜନା ପ୍ରସ୍ତୁତ ନ ହେବା ଫଳରେ ଅସରାଏ ବର୍ଷା ହେଲେ ଅନେକ ରାସ୍ତାରେ ପାଣି ଜମା ହୋଇ ଜଳବନ୍ଦୀ ଭଳି ସ୍ଥିତି ସୃଷ୍ଟି ହେଉଛି। ଆଉ କେଉଁଠାରେ ରାସ୍ତାପାର୍ଶ୍ୱରେ ବସବାସ କରୁଥିବା ତଳିଆ ଅଞ୍ଚଳରେ ବର୍ଷା ଜଳ ପ୍ରବେଶ କରୁଛି। ଅସରାଏ ବର୍ଷା ହେଲେ କିଛି ରାସ୍ତା ଉପରେ ଅଳିଆ ଆବର୍ଜନାର ପାହାଡ଼ ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସହରର ଜଳନିଷ୍କାସନ ଓ ଗମନାଗମନାରେ ସୁଧାର ଆଣିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ବର୍ଷା ହେଲେ ସହରବାସୀ ଦୁର୍ଦ୍ଦଶା ଭୋଗୁଥିବା ବେଳେ ଏହାର ଫାଇଦା କେବଳ ଠିକାଦାର ନେଉଥିବା କୁହାଯାଉଛି। ବିଡ଼ମ୍ବନାର ବିଷୟ ହେଉଛି; ଯେଉଁ ହାତଗଣତି କେତକ ଡ୍ରେନ୍‌ରେ ଜଳନିଷ୍କାସନ ବ୍ୟବସ୍ଥା ରହିଛି ସେଗୁଡ଼ିକ ଜବରଦଖଲରେ ଥିବା ବେଳେ ଏହାକୁ ଉଚ୍ଛେଦ କରିବାରେ ପ୍ରଶାସନ ବିଫଳ ହୋଇଛି। ଫଳରେ ରାସ୍ତା ଉପରେ ପାଣି ଚାଲିବା ଯୋଗୁ ଲୋକଙ୍କ ଜୀବନ ଯାତ୍ରା ଏକରକମ ଠପ୍ ହୋଇଯାଇଥିଲା। ସକାଳୁ ପନିପରିବା ବ୍ୟବସାୟୀ ବ୍ୟବସାୟ କରିବାକୁ ପନିପରିବା ଆଣିଥିବାବେଳେ ବହୁ କମ ଦାମରେ ବିକ୍ରି କରି ଚାଲିଯାଇଥିବା ଦେଖିବାକୁ ମିଳିଛି। କେତେକ ପନିପରିବା ବ୍ୟବସାୟୀ ମଧ୍ୟ ଆଜି ବ୍ୟବସାୟ କରିବାକୁ ଆସିନଥିବା ଜଣାଯାଇଛି। ସନ୍ଧ୍ୟା ସମୟରେ ବର୍ଷା ଟିକେ କମିବାରେ ବଜାରରେ କାଁ ଭାଁ ଲୋକ ଦେଖାଯାଉଥିଲା। ତେବେ ବର୍ଷା ଯୋଗୁ ସହର ଏକରକମ ବେହାଲ ହୋଇଯାଇଥିଲା। ଅନ୍ୟପକ୍ଷରେ ବୁଧବାର ସକାଳ ୮ଟା ସୁଦ୍ଧା ୪୦୦.୪ମିମି ବର୍ଷା ରେକର୍ଡ ହୋଇଥିବା ଜଣାଯାଇଛି। ସର୍ବାଧିକ ବର୍ଷା ଜଟଣୀ ବ୍ଲକରେ (୬୦ ମିମି) ହୋଇଛି। ବାଲିପାଟଣା ବ୍ଲକରେ ୮ ମିମି, ବାଲିଅନ୍ତା ବ୍ଲକରେ ୮ମିମି, ଭୁବନେଶ୍ୱର ବ୍ଲକରେ ୨୬.୪ମିମି, ବାଣପୁର ବ୍ଲକରେ ୩୨ମିମି, ବୋଲଗଡ଼ରେ ୩୭ମିମି, ଚିଲିକା ବ୍ଲକରେ ୧୦ମିମି, ଖୋର୍ଦ୍ଧା ବ୍ଲକରେ ୩୧ମିମି ଏବଂ ଟାଙ୍ଗୀ ବ୍ଲକରେ ୦୭ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବିଏମ୍‌ସି ସାଉଥ ଇଷ୍ଟ ଜୋନ୍‌ରେ ୩୪ମିମି, ସାଉଥ ୱେଷ୍ଟ ଜୋନରେ ୩୩ମିମି, ନର୍ଥ ଜୋନ୍‌ରେ ୩୨ମିମି ବର୍ଷା ରେକର୍ଡ ହୋଇଛି।

### ● ଦାଉ ସାଜିଲା ଅଦିନିଆ ବର୍ଷା

## ମୁଗ ଓ ପନିପରିବା ଫସଲ ନଷ୍ଟ

ଖୋର୍ଦ୍ଧା : ଅଦିନିଆ ବର୍ଷା ପ୍ରଭାବରେ ଖୋର୍ଦ୍ଧା ବ୍ଲକର ଅନେକ ପଞ୍ଚାୟତରେ ଏକର ଏକର ମୁଗ ଫସଲ ନଷ୍ଟ ହୋଇଛି। ଧାନ ଚାଷ ପରେ ଦୋଫସଲି ମୁଗ ଚାଷ କରିଥିଲେ ଖୋର୍ଦ୍ଧା ବ୍ଲକର କେରଙ୍ଗ, ଦିବ୍ୟସିଂହପ୍ରସାଦ, ବରସାହି, କୁଣ୍ଡିଲୋ, ଆଦିବାସୀ ସାହି, ପାଇକତିଗିରିଆ, କୁମାରବସ୍ତର ୧୦୦ରୁ ଉର୍ଦ୍ଧ୍ୱ ଚାଷୀ। ଆନୁମାନିକ ୧୦୦/୧୫୦ ଏକରରୁ ଉର୍ଦ୍ଧ୍ୱ ମୁଗ ଚାଷ ଓ ପନିପରିବା ଚାଷ ହୋଇଥିବା ବେଳେ ବର୍ତ୍ତମାନ ମୁଗ ଫୁଲ ଫଳ ଧରି ଅମଳ ହେବାର ସମୟ ହୋଇଯାଇଥିଲା। ହେଲେ ଅଦିନିଆ ବର୍ଷା ଦାଉ ସାଜିଲା ବର୍ଷା ଫଳରେ କେଉଁ ବିଲରେ ମୁଗ ଗଛ ଉପରେ ପାଣି ବୁଡ଼ି ରହିଥିବାବେଳେ କେଉଁଠି ମୁଗ ବିଲରେ ରହି ଗଜା ହୋଇଗଲାଣି। କିଛି ଜମିରେ ଫୁଲ ଫଳ ସବୁ ଝଡି ଯାଇଛି ତ କେଉଁଠି ଗଛଗୁଡ଼ିକ ମାଟିରେ ଲୋଟି ଯାଇଛି। ସେଇଭଳି ଭେଣ୍ଡି, କାକୁଡି, ଜହ୍ନି ଭଳି ଫସଲ ମଧ୍ୟ ନଷ୍ଟ ହୋଇଛି। ଏଭଳି ପରିସ୍ଥିତିରେ ଚାଷୀକୁଳ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧାନ ପରେ ଭଲ ଅର୍ଥକାରୀ ଫସଲ ମୁଗ ଅମଳ କରି ନିଜ ପରିବାର ପ୍ରତିପୋଷଣ କରିବାକୁ ଲକ୍ଷ୍ୟ ରଖିଥିବା ଚାଷୀକୁଳ ଏବେ ହତାଶ ହୋଇଯାଇଛନ୍ତି। ପାଖାପାଖି ୮୦/୧୦୦ ଏକର ଜମିରେ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବା ସ୍ଥାନୀୟ ଚାଷୀ ପ୍ରହ୍ଲାଦ ବେହେରା, ବିଶ୍ୱନାଥ ସାହୁ, ଗଦାଧର ସ୍ୱାଇଁ, କମ୍ବୁନାଥ ବେହେରା, ରତ୍ନାକର ସାହୁ ପ୍ରମୁଖ ଅତି ଦୁଃଖର ସହିତ କହିଛନ୍ତି।



## ଦେଶୀମଦ ଜବତ; ୩ ଗିରଫ



ବେଗୁନିଆ, ୨୦।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗର ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ବିଭାଗ ଉପନିରୀକ୍ଷକ ଏନ୍ ଜାଗିନ ରାଓଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୬୪ ଲିଟର ଦେଶୀମଦ ଜବତ ହୋଇଛି। ସୂଚନା ଅନୁଯାୟୀ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ପିଚୁକୁଳି ଆଦିବାସୀ ସାହିର ଅନନ୍ତ ନାୟକ, ମଙ୍ଗରାଜପୁର ଗ୍ରାମର ଚରଣ ବେହେରା ଓ ପାଟପୁର ଗ୍ରାମର ହରି ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ପାଇପ୍ ବୋଝେଇ ଗାଡ଼ି ଜବତ; ୨ ଗିରଫ



ଖୋର୍ଦ୍ଧା, ୨୦।୩(ସମିସ): ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ରହିଥିବା ପାଇପ୍ ଚୋରି କରୁଥିବା ବେଳେ ସଦର ଥାନା ପୁଲିସ ଦୁଇ ଜଣକୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତି ପଞ୍ଜାବର ଶୁକବିନ୍ଦ୍ର ସିଂ ଓ ବେଗୁନିଆ ଅଞ୍ଚଳର ଗେଡୁ ନାୟକ। ୮ ଜଣ ଅଭିଯୁକ୍ତ ଦଧିମାଛ ଗାଡ଼ିଆରେ ଥୁଆ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ପାଇପ୍ ଚୋରି କରୁଥିଲେ। ଏହାକୁ ସେମାନେ କଟକ ଦେଇ କଲିକତା ଚାଲାଣ କରିବା ଯୋଜନା କରିଥଲେ। ଏନେଇ ସ୍ଥାନୀୟ ଅଞ୍ଚଳର ଲୋକେ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ତେବେ ପୁଲିସ୍‌କୁ ଦେଖି ୬ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଦୁଇ ଜଣକୁ ଗିରଫ କରାଯାଇଥିଲା। ପାଇପ୍ ବୋଝେଇ ଗାଡ଼ିକୁ ଜବତ କରି ପୁଲିସ ତଦନ୍ତ ଚଳାଇଛି।

# ଦୋଳଯାତ୍ରା ପାଇଁ ବାଣପୁର ଉତ୍ସବମୁଖର

ବାଣପୁର, ୨୦।୩(ସମିସ): ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଦୋଳ ଯାତ୍ରା ନିଆରା ଢଙ୍ଗରେ ପାଳିତ ହୁଏ। ଫାଲଗୁନ ଶୁକ୍ଳ ଦଶମୀ ତଥା ଫଗୁ ଦଶମୀରେ ଭିତର ଫଗୁ ନୀତିରେ ପ୍ରତ୍ୟୁଷରୁ ମା' ଙ୍କ ଅଙ୍ଗରାଗ ମାଜଣା, ବେଶ, ମହାପ୍ରସାଦ ଲାଗି ପରେ ବଲ୍ଲଭ ଆଳତୀ, ହୋଇ ଅବୀର ସହିତ ଚଣା ଶାକର ଲାଗି ହେବା ପରେ ମଧ୍ୟାହ୍ନ ଧୂପ ହୋଇ ପହୁଡ଼ ପରେ ସନ୍ଧ୍ୟାରେ ନିଶଙ୍କୁଡ଼ି ଧୂପ, ଆଳତି, ବଡ଼ସିଂହାର ଧୂପ ପରେ ପହୁଡ଼ ହୋଇଥାଏ। ଶୁକ୍ଳ ଏକାଦଶୀ ରାତ୍ରରେ ବଡ଼ସିଂହାର ପରେ ମା'ଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ଶ୍ରୀ ଦକ୍ଷେଶ୍ୱର ଦେବ, ଶ୍ରୀ ରଙ୍କନାଥ ଦେବ ଓ ଶ୍ରୀ ରଘୁନାଥ ଦେବ ଦକ୍ଷେଶ୍ୱର ମନ୍ଦିରରେ ସମ୍ମିଳିତ ହୋଇ ସେଠାରୁ ବାଜା ରୋଷଣି ସହ ବିଷରପାଟଣା ଯାତ୍ରା କରନ୍ତି। ଫେରିବା ବାଟରେ ପରିଛା ସାହିସ୍ଥିତ ମା'ଙ୍କ ପିତ୍ରାଳୟ ପରିଛା ସାଆନ୍ତଙ୍କ ଦୁଆରେ ଚାଚେରୀ ଭୋଗ ସାରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଦ୍ୱାଦଶୀ ତିଥିର ରାତ୍ର ବଡ଼ସିଂହାର ପରେ ମା' ଭଗବତୀ ଶ୍ରୀ ଦକ୍ଷେଶ୍ୱର, ଶ୍ରୀ ରଙ୍କନାଥ, ଶ୍ରୀ ରଘୁନାଥ ଦେବଙ୍କ ସହିତ ଦକ୍ଷେଶ୍ୱର ମନ୍ଦିରରେ ଏକତ୍ରିତ ହୋଇ ମା' ଭଗବତୀ ମନ୍ଦିରକୁ ପାଟ ପଟୁଆରରେ ଯାତ୍ରା କରି ସେଠାରୁ ଦକ୍ଷେଶ୍ୱର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଶୁକ୍ଳ ତ୍ରୟୋଦଶୀ ତିଥିରେ ସ୍ଥାନୀୟ ଅଚ୍ୟୁତରାଜପୁର, ଶ୍ରୀନିବାସପୁର, ତୁଳସୀଦେଇପୁର, ପାଟପୁର, କୋଟ ବିଦ୍ୟାଧରପୁର, ଗୋପାଳପୁର ଆଦି ଶାସନ ସହିତ ଖୁଣ୍ଟପଲ୍ଲୀର ଠାକୁରମାନେ ପଟୁଆର ବାଣ ରୋଶଣୀ ସହିତ ମଧ୍ୟରାତ୍ରରେ ସମ୍ମିଳିତ ହୋଇ ବାଣପୁର ବଜାର ସାହିଠାରେ ଆସି ଅପେକ୍ଷା କରିଥିବା ସମୟରେ ମା' ଭଗବତୀ କାଠି ଠାକୁରାଣୀ ପୁଣି ଥରେ ବିଷର ପାଟଣା ଯାତ୍ରା କରି ଫେରିବା ବାଟରେ ପରିଛା ସାଆନ୍ତଙ୍କ ଦୁଆରେ ଚାଚେରୀ ଭୋଗ ସାରି ବଜାର ସାହି ଠାରେ ପହଞ୍ଚି ଅପେକ୍ଷାରତ ସମସ୍ତ ଠାକୁର ମା'ଙ୍କୁ ନିମନ୍ତ୍ରଣ ପରେ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରି ସମସ୍ତ ଦେବଦେବୀଙ୍କୁ ବିଦାୟ ଦେଇ ମା' ଦକ୍ଷେଶ୍ୱର ମନ୍ଦିରକୁ ଫେରି ଆସନ୍ତି। ଶୁକ୍ଳ ଚତୁର୍ଦ୍ଦଶୀ ତିଥି ସନ୍ଧ୍ୟାରେ ବାଲୁଗାଁ ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଉମାମହେଶ୍ୱର ଦେବ ଦକ୍ଷେଶ୍ୱର ମନ୍ଦିର ନିକଟରେ ପହଞ୍ଚିବା ପରେ ମା' ଭଗବତୀ କାଠି ଠାକୁରାଣୀ, ଶ୍ରୀ ଦକ୍ଷେଶ୍ୱର ଦେବ, ଶ୍ରୀ ରଘୁନାଥ ଦେବ, ଶ୍ରୀ ରଙ୍କନାଥ ଦେବ ଥାଟ ପଟୁଆରରେ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରି ମା' ଭଗବତୀଙ୍କୁ ଶାସନ ବାଡ଼ିରେ ଚାଚେରୀ ଭୋଗ ଖିଆ ନିମନ୍ତେ ବିଦାୟ ଦେଇ ନିଜ ନିଜ ମନ୍ଦିରକୁ ଫେରି ଆସନ୍ତି। କେବଳ ଶ୍ରୀ ଉମାମହେଶ୍ୱର ଦେବ ଦକ୍ଷେଶ୍ୱର ମନ୍ଦିର ବାହାର ଗୁମୁଟ ନିକଟ ରେ ମା'ଙ୍କ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି। ଚତୁର୍ଦ୍ଦଶୀ ରାତ୍ରରୁ ପୂର୍ଣ୍ଣିମା ଅପରାହ୍ନ ପର୍ଯ୍ୟନ୍ତ ମା' ଭଗବତୀ ତିନି ଶାସନ ବାଡ଼ି ସହ କାଠି ନାହାକ ଓ ପରିଛା ସାଆନ୍ତଙ୍କ ଦୁଆର ମାନଙ୍କରେ ଶଙ୍କୁଡ଼ି ନିଶଙ୍କୁଡ଼ି ଭୋଗ ସାରି ଉମାମହେଶ୍ୱର ଦେବ, ଦକ୍ଷେଶ୍ୱର ଦେବ, ରଙ୍କନାଥ ଦେବ, ରଘୁନାଥ ଦେବଙ୍କ ସହିତ ମିଶି ବିଷର ପାଟଣାର ଅଗ୍ନି ଉତ୍ସବ ପଡ଼ିଆକୁ ଯାତ୍ରା କରନ୍ତି। ସେଠାରେ ଅଗିରାପୋଡ଼ାରେ ପରିକ୍ରମା ସାରି ଉମାମହେଶ୍ୱର ଦେବଙ୍କୁ ବିଦାୟ ଦେଇ ମା' ଦକ୍ଷେଶ୍ୱର ମନ୍ଦିରକୁ ଫେରିଆସି ଧୂପବଢ଼ିବା ପରେ ଦୋଳବେଦୀକୁ ବିଜେ କରନ୍ତି। ସେଠାରେ ଦୋଳ ପୂର୍ଣ୍ଣିମାର ନୀତିକାନ୍ତି ସରିବା ପରେ ମନ୍ଦିରକୁ ଫେରି ମା'ଙ୍କ ପହୁଡ଼ ପଡ଼େ। ପାଞ୍ଚ ଦିନ ଧରି ପାଳିତ ମା'ଙ୍କ ଏହି ନିଆରା ପାରମ୍ପରିକ ଦୋଳ ଉତ୍ସବରେ ଅଗଣିତ ଶ୍ରଦ୍ଧାଳୁ ଯୋଗ ଦେବାରେ ସାରା ବାଣପୁର ଉତ୍ସବମୁଖର ହୋଇ ଉଠିଛି।



# ବିଭିନ୍ନ ସ୍ଥାନରେ ପଖାଳ ଦିବସ




ବାଲୁଗାଁ, ୨୦।୩ (ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗୀୟ ନିର୍ଦ୍ଦେଶକ୍ରମେ ବଡ଼କୂଳ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କରଙ୍କ ତତ୍ତ୍ୱାବଧାନରେ ବୁଧବାର ପଖାଳ ଦିବସ ପାଳିତ ହୋଇଯାଇଛି। ଛୁଙ୍କ ଦହି ପଖାଳ ସାଙ୍ଗକୁ ନାନାଦି ସ୍ୱାଦିଷ୍ଟ ବ୍ୟଞ୍ଜନ ତଥା ବଡ଼ିଚୁରା, ଶାଗବଡ଼ି, ବାଇଗଣ ଭର୍ତ୍ତା, ଆମ୍ବ ଚଟଣି, ପଣସ ପକଡ଼ା, ଆଳୁ ଭର୍ତ୍ତା, ଛତୁ ଭଜା, ପାମ୍ପଡ଼ ଏବଂ ଆମିଷ କ୍ଷେତ୍ରରେ ମାଛ ଭଜା ଓ ପାତୁଆ ପକଡ଼ା ଆଦି ଖାଦ୍ୟର ବେଶ୍ ମଜା ନେଇଥିଲେ ପର୍ଯ୍ୟଟକ। ତେବେ ପ୍ରତିକୂଳ ପାଗ ଯୋଗୁଁ ପର୍ଯ୍ୟଟକଙ୍କ ସଂଖ୍ୟା କମ ରହିଥିଲା।

ଟାଙ୍ଗୀ: ଆଜି ଟାଙ୍ଗୀ ଷ୍ଟେଟ ବ୍ରିଗେଡ୍ ସ୍କୁଲ ପରିସରରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ରବୀନ୍ଦ୍ର କୁମାର ନାୟକ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନା କରିଥିବା ବେଳେ କ୍ରୀଡ଼ା ସଂଗଠକ ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଖାଉଟି ଅଦାଲତର ବିଚାରପତି ଆଡଭୋକେଟ ନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ଡଃ. ଚନ୍ଦ୍ରଶେଖର ଦାଶ, ସାମ୍ବାଦିକ ରଘୁନାଥ ସାହୁ, ସାମ୍ବାଦିକ ମନୋଜ ପଟ୍ଟନାୟକ, କାହ୍ନୁଚରଣ ମିଶ୍ର, ବାସୁଦେବ ସିଂ, ପ୍ରଫୁଲ୍ଲ ଜେନା, କୁନ୍ତଳା ସାହୁ, ବିରେନ କୁମାର ସାହୁ, ଲିଙ୍ଗରାଜ ସାହୁ, ଉମେଶ ଧଳ, ଶିବପ୍ରସାଦ ସାହୁ, ବିଜୟିନୀ ସୁଦକ୍ଷିଣା ଦାଶ, ପ୍ରଦୀପ ସାହୁ, ଦିଲ୍ଲୀପ ନାଥ ପ୍ରମୁଖ ପଖାଳ ସମ୍ପର୍କରେ ଆଲୋକପାତ କରିଥିଲେ। ଅଶୋକ ନନ୍ଦ, ପ୍ରଭାତୀ ବେହେରା, ସୋନାଲି ମହାପାତ୍ର, ସରୋଜିନୀ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ।



### କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ


# ମା' ମଙ୍ଗଳା ଏକାଦଶ ଓ ପାଇକ ଫାଇଟର୍ସ ବିଜୟୀ

ଖୋର୍ଦ୍ଧା, ୨୦।୩(ସମିସ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ସାଆନ୍ତା ମା' ବଘେଇ କ୍ରିକେଟ ଖେଳ ପଡ଼ିଆରେ ଚାଲିଥିବା କାଇପଦର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ-୨ରେ ଆଜି ମା'ମଙ୍ଗଳା ଏକାଦଶ ଓ ବାବା ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମା' ମଙ୍ଗଳା ଏକାଦଶ ବ୍ୟାଟିଂ କରି ୧୦ ଓଭରରେ ୯ ୱିକେଟ୍ ବିନିମୟରେ ୮୪ ରନ୍ କରିଥିଲା। ଦଳ ତରଫରୁ ସରୋଜ ପରିଡ଼ା ୧୭ ବଲରୁ୧୮ ରନ କରିଥିଲେ।

ଜବାବରେ ବାବା ୱାରିୟିସ୍ ୧୦ ଓଭର ଖେଳି ୩ ୱିକେଟ୍ ହରାଇ ୭୮ ରନ୍ କରିଥିଲା। ଦଳ ତରଫରୁ ସଞ୍ଜୟ ହରିଚନ୍ଦନ ୧୭ ବଲରୁ ୨୫ ରନ କରିଥିଲେ। ଫଳରେ ମା' ମଙ୍ଗଳା ଏକାଦଶ ବିଜୟୀ ହୋଇଥିଲା। ମା' ମଙ୍ଗଳା ଏକାଦଶର ସୁବ୍ରତ ମଲ୍ଲ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ଟି ପାଇକ ଫାଇଟର୍ସ ଓ ମହାକାଳ ମାଇନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାକାଳ ମାଇନ୍ସ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ୱିକେଟ୍ ହରାଇ ୨୯ ରନ୍ କରିଥିଲେ। ଜବାବରେ ପାଇକ ଫାଇଟର୍ସ ଦଳ ୩ ଓଭରରେ ୩୦ ରନ୍ କରି ବିଜୟୀ ହୋଇଥିଲା। ଦଳର ସ୍ୱାଧୀନ ମଙ୍ଗରାଜ ୬ ବଲରୁ ୧୪ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଖେଳ ପରିଚାଳନା ଦାୟିତ୍ୱରେ ଥିଲେ ସୁଶାନ୍ତ ପରିଡ଼ା, ହେମନ୍ତ ରାଉତ। ସ୍କୋରର ଦାୟିତ୍ୱରେ ଥିଲେ ଦିନେଶ ମହାରଥୀ। ମୁଖ୍ୟ ଅତିଥି ସମିତି ସଭ୍ୟ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ସୁଶାନ୍ତ ସୁନ୍ଦରାୟ, ଭରତ ସିଂ, ମଦନମୋହନ ସ୍ୱାଇଁ, ରାଜ କିଶୋର ମଙ୍ଗରାଜ, ଶୁଭ ପ୍ରସାଦ ରଣସିଂହ, ବିପ୍ଲବ୍ ଜ୍ୟୋତି ରାଉତରାୟ, ଦେବଜିତ୍ ରଣସିଂହ, ଆକାଶ ମହାପାତ୍ର, ସୁଶାନ୍ତ ଝୁଞ୍ଜାରସିଂହ, ଈଶ୍ୱର ପାଇକରାୟ, ଦୀପୁ ଅରିସଲ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ।



## ଉଇଲ୍‌କିଶନ ନଗରରେ ଅଷ୍ଟପ୍ରହର ନାମଯଜ୍ଞ

ଖୋର୍ଦ୍ଧା, ୨୦।୩(ସମିସ): ଖୋର୍ଦ୍ଧା ବ୍ଲକ ଅଧୀନ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର (ସାହେବ ନୂଆଗାଁ) ଶ୍ରୀ ଶ୍ରୀ ଭାଗବତ ଦେବ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଓ ସମ୍ପାଦକ ସନାତନ ବିଶ୍ୱାଳଙ୍କ ସହଯୋଗରେ ଶୁଭାଧିବାସ ସହିତ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖ ପାଖ ଗ୍ରାମର ୧୦ ମଣ୍ଡଳୀ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ସେହିପରି ୪ଜଣ ବୈଷ୍ଣବ ବାବାଜି ଗୋକୁଳାନନ୍ଦ ଦାସ, ପ୍ରେମାନନ୍ଦ ଦାସ, ଅନ୍ତର୍ଯ୍ୟାମୀ ଦାସ, ଶିବ ଦାସ, ଗ୍ରାମ ପୁରୋହିତ ବିଶ୍ୱନାଥ ନନ୍ଦ, ଆଲୋକ ନନ୍ଦ ପ୍ରମୁଖ ଶ୍ରୀହରି ଠାକୁରଙ୍କ ବିଭିନ୍ନ ସମୟରେ ଆଳତି, ପୂଜାର୍ଚ୍ଚନା ସହିତ ଅଖଣ୍ଡ ନାମଜପ କରିଥିଲେ। ଗ୍ରାମର ଗୁଣନିଧି ବିଶ୍ୱାଳ, ସୀତାରମ ପ୍ରଧାନ, କାଶୀନାଥ ପ୍ରଧାନ, ସଞ୍ଜୟ ବିଶ୍ୱାଳ, ହିମାଂଶୁ ବରାଳ, ପ୍ରଦୀପ୍ତ କୁମାର ସାହାଣୀ, ଦୀପକ କୁମାର ସୁନ୍ଦରାୟ, ସୁରେଶ ଚନ୍ଦ୍ର ସାମନ୍ତରାୟ, ଆକାଶ କୁମାର ବିଶ୍ୱାଳ, ସୀତାରାମ ସୁନ୍ଦରାୟ, ଗୟାଧର ବାରିକ, ସତ୍ୟବାନ ବିଶ୍ୱାଳ, ରମେଶ ଚନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ, ବୈରାଗୀ ସାହୁ, ଶରତ ମହାପାତ୍ର, ଗୌରାଙ୍ଗ ବିଶ୍ୱାଳ, ଅମ୍ବୁଜ ସାହୁ, ସୁରେଶ ବାରିକ, ପ୍ରଦୀପ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ଆଇପିଏଲ୍ ପ୍ରସାରଣ ଅଧିକାର ମୂଲ୍ୟ

# ଗୋଟିଏ ମ୍ୟାଚ୍ ପୂରା ପିଏସ୍ଏଲ ସହ ସମାନ

ନୂଆଦିଲ୍ଲୀ,୨୦ ।୩(ଏଜେନ୍ସି)

ଆଉ ମାତ୍ର ଗୋଟିଏ ଦିନ ପରେ ଆରମ୍ଭ ହେବ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୭ତମ ସଂସ୍କରଣ। ପାଖାପାଖି ଦୁଇମାସ ଧରି ଚାଲିବାକୁ ଥିବା ବିଶ୍ୱର ଏହି ସବୁଠାରୁ ଧନୀ ଟି-୨୦ ଲିଗ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜବରଦସ୍ତ ଅର୍ଥ ଉପାର୍ଜନ କରିବ। ବିଶ୍ୱର ଅନ୍ୟ ୧୦ଟି ଶ୍ରେଷ୍ଠ ଟି-୨୦ ଲିଗ୍ ମିଶିକରି ଅର୍ଥ ଉପାର୍ଜନ ଦୃଷ୍ଟିକୋଣରୁ ଆଇପିଏଲର ୪ ଗୁଣା ପଛରେ ରହିବ।

ପାକିସ୍ତାନ ନିଜ ଫ୍ରାଞ୍ଚାଇଜ୍ କ୍ରିକେଟ ଲିଗ୍ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ର ଗୋଟିଏ ସିଜନରେ ପ୍ରସାରଣ ଅଧିକାରରେ ଯେତିକି ଅର୍ଥ ଉପାର୍ଜନ କରୁଛି, ଆଇପିଏଲର ଗୋଟିଏ ମ୍ୟାଚ୍ ପାଖାପାଖି ସେତିକି ରୋଜଗାର କରୁଛି। ଅନ୍ୟପଟେ କହିବାକୁ ଗଲେ ଆଇପିଏଲର ଗୋଟିଏ ମ୍ୟାଚ ପୂରା ପିଏସ୍ଏଲ ସହ ସମାନ ବୋଲି କୁହାଯାଇପାରେ। ଆଇପିଏଲର ବ୍ରାଣ୍ଡ ଭାଲ୍ୟୁ ୨୦୨୩ରେ ୮୮ ହଜାର କୋଟି ଟଙ୍କା ରହିଥିଲା। ଫଳରେ ଆଇପିଏଲ କ୍ରିକେଟରେ ସବୁଠାରୁ ଧନୀ ଲିଗ୍ ଭାବେ ପରିଗଣିତ ହେଉଛି।



- ଆଇପିଏଲ ବ୍ରାଣ୍ଡ ଭେଲ୍ୟୁ ୮୮ ହଜାର କୋଟି
- ବାକି ୧୦ଟି ଲିଗ୍‌ର ୨୦ ହଜାର କୋଟି

## ୧୦ଟି ଲିଗ୍ ମିଶିଲେ ବି ୪ ଗୁଣା ପଛରେ

ଆଇପିଏଲ୍ ପରେ ବିଶ୍ୱର ଶ୍ରେଷ୍ଠ ୧୦ଟି ଲିଗ୍‌ର ବ୍ରାଣ୍ଡ ଭାଲ୍ୟୁ ମିଶିକରି ୨୦ ହଜାର କୋଟି ଟଙ୍କା ହେବ। ଆଇପିଏଲ ଏକା ଏହି ୧୦ଟି ଲିଗ୍‌ଠାରୁ ୪.୪ ଗୁଣା ଅଧିକ ଅର୍ଥାତ୍ ୮୮,୦୦୦ କୋଟି ଟଙ୍କା। ଅର୍ଥାତ ବିଶ୍ୱର ୧୦ ଲିଗ୍ ମିଶିକରି ମଧ୍ୟ ବ୍ରାଣ୍ଡ ଭାଲ୍ୟୁ ଦୃଷ୍ଟିକୋଣରୁ ଆଇପିଏଲ୍‌ରୁ ୩୪୦ ପ୍ରତିଶତ କମ୍। ବ୍ରାଣ୍ଡ ଭାଲ୍ୟୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଇଂଲଣ୍ଡର 'ଦି ହଣ୍ଡ୍ରେଡ୍' ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍ (ଏସ୍ଏ୨୦) ତୃତୀୟ, କ୍ୟାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍) ଚତୁର୍ଥ, ପିଏସ୍ଏଲ୍ ୫ମ ସ୍ଥାନରେ ରହିଛି। ପିଏସ୍ଏଲର ବ୍ରାଣ୍ଡ ଭାଲ୍ୟୁ ୨୪,୮୬ କୋଟି ଟଙ୍କା ରହିଛି। ୨୦୦୮ ପ୍ରଥମ ସଂସ୍କରଣରେ ଆଇପିଏଲର ତୁଳନାରେ ୨୦୨୩ର ବ୍ରାଣ୍ଡ ଭାଲ୍ୟୁ ୪୩୩ ପ୍ରତିଶତ ଅଧିକ।

## ବ୍ରାଣ୍ଡ ଭାଲ୍ୟୁ କ'ଣ?

ବ୍ରାଣ୍ଡ ଭାଲ୍ୟୁ କୌଣସି ଲିଗ୍‌ର ଇକୋସିଷ୍ଟମର ମୁଲ୍ୟ ହୋଇଥାଏ। କୌଣସି ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଭାଲ୍ୟୁ ତା'ର ବ୍ରଡକାଷ୍ଟିଂ ରାଇଟ୍ ବା ପ୍ରସାରଣ ଅଧିକାର, ରେଭିନ୍ୟୁ, ପଡିଆକୁ ଆସିଥିବା ଦର୍ଶକ, ପ୍ରାୟୋଜକ, ଟାଇଟଲ ରାଇଟ୍ସ, ଟିଭି ଓ ଅନଲାଇନ୍ ଦର୍ଶକ, ଖେଳାଳିମାନଙ୍କ ମୂଲ୍ୟ, ଦଳଗୁଡିକର ମୁଲ୍ୟ ଓ ବିଜ୍ଞାପନ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଆପିଏଲ୍‌ର ବ୍ରାଣ୍ଡ ଭାଲ୍ୟୁ ୨୦୨୩ରେ ୧୦.୭ ବିଲିୟନ ଡଲାର ଅର୍ଥାତ ୮୮, ୭୦୦ କୋଟି ଟଙ୍କା। ଅର୍ଥାତ ଯଦି କୌଣସି ବ୍ୟକ୍ତି ଆଇପିଏଲର ମାଲିକ ହେବାକୁ ଚାହାନ୍ତି, ତେବେ ତାଙ୍କୁ ବିସିସିଆଇକୁ ୮୮, ୭୦୦ କୋଟି ଟଙ୍କା ଦେବାକୁ ହେବ।

## ଆଇପିଏଲ ବିଜୟ ପୁରସ୍କାରଠାରୁ ଷ୍ଟାର୍କଙ୍କ ପାଉଣା ଅଧିକ

ଆଇପିଏଲ୍‌ର ଗତ ନୀଲାମିରେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ମୂଲ୍ୟ ୨୪.୭୫ ଓ ପ୍ୟାଟ କୁମିନ୍ସଙ୍କ ମୂଲ୍ୟ ୨୦.୫୦ କୋଟି ଟଙ୍କା ଥିଲା। ଆଇପିଏଲ ଚାମ୍ପିଅନ ଦଳକୁ ୨୦ କୋଟି ଟଙ୍କା ପୁରସ୍କାର ଦିଆଯାଉଥିବା ବେଳେ ଷ୍ଟାର୍କ ଓ କମିନ୍ସଙ୍କ ରୋଜଗାର ଏହାଠାରୁ ଅଧିକ ରହିଛି। ଆର୍ଥିକ ପୁରସ୍କାର ଦୃଷ୍ଟିକୋଣୁ ଆଇସିସି ଟି-୨୦ ବିଶ୍ୱକପ୍‌କୁ ପଛରେ ପକାଇଛି ଆଇପିଏଲ୍। ଟି-୨୦ ବିଶ୍ୱକପ୍ ବିଜେତାକୁ ଓ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜେତାକୁ ଆଇସିସି ୧୩ କୋଟି ଟଙ୍କା ଲେଖାଏ ଦେଉଛି। ଏହା ଆଇପିଏଲ ବିଜେତା ଦଳର ପୁରସ୍କାର ରାଶିଠାରୁ ୭ କୋଟି କମ୍। ଆଇପିଏଲ ଉପ-ବିଜେତା ଦଳକୁ ୧୩ କୋଟି ଟଙ୍କା ପୁରସ୍କାର ମିଳିଥାଏ।

## ବ୍ରଡକାଷ୍ଟିଂ ରାଇଟ୍: ପିଏସ୍ଏଲର ଅଢେଇଗୁଣା ଆଗରେ ଡବ୍ଲ୍ୟୁପିଏଲ

୨୦୨୩ରେ ବିସିସିଆଇକୁ ଡିଜିଟାଲ ଓ ଟିଭି ରାଇଟ୍ସ ବିକ୍ରୟ ବାବଦରେ ୪୮,୩୯୧ କୋଟି ଟଙ୍କା ମିଳିଥିଲା। ୫ ବର୍ଷ ପାଇଁ ମ୍ୟାଚ୍‌ଗୁଡିକ ଲାଗି ମିଳିଥାଏ। ଗୋଟିଏ ସିଜନ ପାଇଁ ବ୍ରାଡକାଷ୍ଟର ୯.୬୭୮ କୋଟି ଟଙ୍କା ଦେଇଥାନ୍ତି। ଏହି ହିସାବରେ ବିସିସିଆଇକୁ ଗୋଟିଏ ମ୍ୟାଚ୍ ପାଇଁ ୧୧୯ କୋଟି ଟଙ୍କା ମିଳୁଛି। ଅନ୍ୟପଟେ ପିଏସ୍ଏଲ୍‌ର ଗୋଟିଏ ସଂସ୍କରଣ ପାଇଁ ବ୍ରଡକାଷ୍ଟରମାନେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ୧୨୪ କୋଟି ଟଙ୍କା ଦେଉଛନ୍ତି। ଅର୍ଥାତ ପିଏସ୍ଏଲର ଗୋଟିଏ ମ୍ୟାଚ୍ ପାଇଁ ୩.୭୦ କୋଟି ଟଙ୍କା ମିଳୁଛି। ସଦ୍ୟ ସମାପ୍ତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଗୋଟିଏ ମ୍ୟାଚ୍ ପାଇଁ ବ୍ରଡକାଷ୍ଟିଂ ବାବଦରେ ବିସିସିଆଇକୁ ୮.୭୦ କୋଟି ଟଙ୍କା ମିଳୁଛି। ଏହା ପିଏସ୍ଏଲର ଅଢେଇଗୁଣା ଅଧିକ। ବ୍ରଡକାଷ୍ଟିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆର ବିଗ୍ ବାସ ଲିଗ୍ ଦ୍ୱିତୀୟ ସ୍ଥାନରେ ରହିବ। ବିବିଏଲ୍‌ର ଗୋଟିଏ ମ୍ୟାଚ୍‌ରୁ ୧୧୯ କୋଟି ଟଙ୍କା ପାଇଥାଏ।

## ଖେଳାଳିଙ୍କୁ ଏକ ହଜାର କୋଟି ଟଙ୍କା ପାଉଣା ଦେଉଛି ଆଇପିଏଲ୍

ଆଇପିଏଲରେ ଖେଳାଳିମାନଙ୍କୁ ଦରମା ବାବଦରେ ମୋଟ୍ ଉପରେ ଏକ ହଜାର କୋଟି ଟଙ୍କା ପ୍ରଦାନ କରାଯାଉଛି। ପ୍ରତ୍ୟେକ ଖେଳାଳିଙ୍କୁ ହାରାହାରି ୪ କୋଟି ଟଙ୍କା ପ୍ରଦାନ କରାଯାଉଛି। ଆଇପିଏଲ୍‌ରେ ଗୋଟିଏ ଦଳ ୧୦୦ କୋଟି ଟଙ୍କା ମଧ୍ୟରେ ୨୫ ଖେଳାଳିଙ୍କୁ କ୍ରୟ କରିବାକୁ ହୋଇଥାଏ। ଖେଳାଳିଙ୍କୁ ପାଉଣା ଦେବା ବାବଦରେ ବିବିଏଲ ଦ୍ୱିତୀୟ ସ୍ଥାନରେ ରହିବ। ସେହିପରି ପିଏସଏଲ୍ ଖେଳାଳିଙ୍କ ହାରାହାରି ପାଉଣା ୫୦ ଲକ୍ଷ ଟଙ୍କା ରହିଛି ଓ ଏହି କ୍ରମରେ ପିଏସ୍ଏଲ ସପ୍ତମ ସ୍ଥାନରେ ରହିଛି।

# ଆଇସିସିକୁ ବୋକା ବନେଇଲେ ହାସରଙ୍ଗା

ନୂଆଦିଲ୍ଲୀ, ୨୦ ।୩ (ଏଜେନ୍ସି)



ସଦ୍ୟ ସମାପ୍ତ ବାଂଲାଦେଶ ବିପକ୍ଷ ଏକଦିବସୀୟ ସିରିଜର ୩ୟ ମ୍ୟାଚରେ ଅମ୍ପାୟରଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ କରିଥିବା ଶ୍ରୀଲଙ୍କାର ତାରକା ଅଲ୍‌ରାଉଣ୍ଡର ୱାନିନ୍ଦୁ ହାସରଙ୍ଗାଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ବାସନ୍ଦାଦେଶ ମିଳିଛି। ଫଳରେ ବାଂଲାଦେଶ ବିପକ୍ଷରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାରୁ ସେ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହୋଇଛନ୍ତି।

ଅନ୍ତର୍ଜାତୀୟ ମ୍ୟାଚ୍ ସମୟରେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରିଥିବାରୁ ହାସରଙ୍ଗା ଆଇସିସି ଆଚରଣ ସଂହିତାର ଧାରା ୨.୮କୁ ଉଲ୍ଲଘନ କରିଥିଲେ। ଫଳରେ ତାଙ୍କୁ ୩ ଡିମେରିଟ୍ ପଏଣ୍ଟ ମିଳିବା ସହ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏଥିସହ ଗତ ଦୁଇବର୍ଷ ଅର୍ଥାତ୍ ୨୪ ମାସ ମଧ୍ୟରେ ହାସରଙ୍ଗାଙ୍କ ଡିମେରିଟ ପଏଣ୍ଟ ସଂଖ୍ୟା ୮ରେ ପହଞ୍ଚିଛି। ଏହାର ଅର୍ଥ ସେ ଦୁଇଟି ଟେଷ୍ଟ କିମ୍ବା ୪ଟି ଦିନିକିଆ କିମ୍ବା ୪ ଟି-୨୦ ମ୍ୟାଚ୍ ଯେଉଁଟି ପ୍ରଥମେ ଆସିବ ସେଥିରୁ ବାସନ୍ଦ ହେବେ। ଏହିକ୍ରମରେ ହାସରଙ୍ଗାଙ୍କୁ ବାସନ୍ଦାଦେଶ ପରେ ଶ୍ରୀଲଙ୍କାର ପ୍ରଥମ ସିରିଜ ସ୍ୱରୂପ ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ଶୁକ୍ରବାରଠାରୁ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏହି ସିରିଜ ପରେ ଶ୍ରୀଲଙ୍କା ସିଧାସଳଖ ଟି-୨୦ ବିଶ୍ୱକପ୍ ଖେଳିବ। ହାସରଙ୍ଗା ଯେହେତୁ ପୂର୍ବରୁ ଗତବର୍ଷ ଅଗଷ୍ଟରେ ଟେଷ୍ଟରୁ ଅବସର ନେଇଥିଲେ ତେଣୁ ତାଙ୍କ ବାସନ୍ଦାଦେଶ ଶ୍ରୀଲଙ୍କାର ପରବର୍ତ୍ତୀ କାର୍ଯ୍ୟସୂଚୀ ଟି-୨୦ ବିଶ୍ୱକପ୍‌ରୁ କାଉଣ୍ଟ ହୋଇଥାନ୍ତା ଏବଂ ସେ ଏହି ମେଗା ଇଭେଣ୍ଟର ପ୍ରଥମ ୪ଟି ମ୍ୟାଚ୍ ଖେଳିପାରି ନ ଥାନ୍ତେ। ତେଣୁ ଶ୍ରୀଲଙ୍କା ଟିମ୍ ମ୍ୟାନେଜମେଣ୍ଟ ଓ ହାସରଙ୍ଗା ମିଳିତ ଭାବେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ହାସରଙ୍ଗା ଟେଷ୍ଟ ଅବସର ନିଷ୍ପତ୍ତିରୁ ଓହରିଥିଲେ ଏବଂ ତାଙ୍କୁ ବାଂଲାଦେଶ ବିପକ୍ଷ ସିରିଜ ଲାଗି ଦଳରେ ସାମିଲ କରାଯାଇଥିଲା। ଏଥିସହ ଆଇସିସିର ବାସନ୍ଦାଦେଶ ଏହି ଟେଷ୍ଟ ସିରିଜରେ ହାସରଙ୍ଗାଙ୍କ ଉପରେ ଲାଗିଥିଲା। ଫଳରେ ସେ ଦୁଇଟି ଯାକ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଛନ୍ତି ଏବଂ ବିଶ୍ୱକପ୍‌ରେ ସାମୟିକ ବାସନ୍ଦରୁ ବର୍ତ୍ତି ଯାଇଥିବା ରିପୋର୍ଟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୧୯୮୩ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ୍ ଭାରତୀୟ ଦଳର ସଦସ୍ୟ ତଥା ପୂର୍ବତନ ପ୍ରଶିକ୍ଷକ ରବି ଶାସ୍ତ୍ରୀ ବୁଧବାର ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ କ୍ରୀଡ଼ାର ଉନ୍ନତି ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଶାନ୍ତିସ୍ୱରୂପ ଭଟ୍ଟନାଗର ଇନ୍‌ଡୋର ଗେମ୍ସ ଉଦ୍‌ଯାପିତ




ଭୁବନେଶ୍ୱର, ୨୦ ।୩ (ସମିସ)

ସିଏସ୍ଆଇଆର୍-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ ଟେକ୍ନୋଲୋଜି (ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି)ରେ ୫୧ତମ ଶାନ୍ତି ସ୍ୱରୂପ ଭଟ୍ଟନାଗର ଇନଡୋର ଫାଇନାଲ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ସିଏସ୍ଆଇଆର୍-କ୍ରୀଡ଼ା ପ୍ରୋତ୍ସାହନ ବୋର୍ଡର ପୃଷ୍ଠପୋଷକତାରେ ଦେଶର ପ୍ରାୟ ସମସ୍ତ ସିଏସ୍ଆଇଆର୍ ଲାବ୍ରୋଟୋରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ଚାମ୍ପିଅନସିପ୍ ପାଇଁ ପ୍ରତିଦ୍ୱନ୍ଦ୍ୱୀତା କରୁଥିବା ୨୦୦ରୁ ଅଧିକ ପ୍ରତିଯୋଗୀ ଏହି ଟୁର୍ଣ୍ଣାମେଣ୍ଟରେ ଚେସ୍, ଟେବଲ୍ ଟେନିସ, ବ୍ୟାଡ୍‌ମିଣ୍ଟନ, କ୍ୟାରମ ବୋଡ ଭଳି ବିଭିନ୍ନ କ୍ରୀଡ଼ାରେ ଭାଗନେଇଥିଲେ। ଯେଉଁଥିରେ ପ୍ରଥମଥର ଲାଗି ପ୍ରତିଯୋଗିତାରେ ୬୦ରୁ ଉର୍ଦ୍ଧ୍ୱ ମହିଳା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସିଏସ୍ଆଇଆର୍‌ର ଆଡମିନ ଯୁଗ୍ମ ସଚିବ ମହେନ୍ଦ୍ର କୁମାର ଗୁପ୍ତା, ସମ୍ମାନିତ ଅତିଥିଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଭୁବନେଶ୍ୱର)ର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ, ବିଏସ୍ଏନ୍ଏଲ୍ ମୁଖ୍ୟଯନ୍ତ୍ରୀ ଜି. ଯାଦବ, ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ସଂଗଠନ ସମ୍ପାଦକ ଡ. ବଙ୍କିମ ଚନ୍ଦ୍ର ତ୍ରିପାଠୀ, ଏସ୍‌ପିବି ପର୍ଯ୍ୟବେକ୍ଷକ ଡ. ନୀରଜ କୁମାର, ସଦସ୍ୟ ବି.ପି. ବାଗ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ୫ଟି ସ୍ଥାନ ଉଠିଲେ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୦ ।୩(ଏଜେନ୍ସି):** ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେସନ (ବିଡବ୍ଲ୍ୟୁଏଫ୍) ମାନ୍ୟତାରେ ଭାରତୀୟଯୁବ ପୁରୁଷ ତାରକା ଖେଳାଳି ଲକ୍ଷ୍ୟ ସେନ ୫ଟି ସ୍ଥାନ ଉପରକୁ ଉଠି ତ୍ରୟୋଦଶ ସ୍ଥାନ ଅଧିକାର କରିଛନ୍ତି। ସଦ୍ୟ ସମାପ୍ତ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସେ ମାନ୍ୟତାରେ ଏହି ଉନ୍ନତି ହାସଲ କରିଛନ୍ତି। ଅଲମୋରାର ଏହି ୨୨ ବର୍ଷୀୟ ଖେଳାଳି ସେମି ଫାଇନାଲରେ ପ୍ରବେଶ କରିଥିଲେ। ଫଳରେ ଅଲିମ୍ପିକ୍ସ ଗେମ୍ସ କ୍ୱାଲିଫିକେସନ ର୍‍ୟାଙ୍କିଙ୍ଗରେ ୧୫ରୁ ଉପରକୁ ଉଠି ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଏପ୍ରିଲ ଶେଷ ସୁଦ୍ଧା କ୍ୱାଲିଫିକେସନ ର୍‍ୟାଙ୍କିଙ୍ଗର ଶ୍ରେଷ୍ଠ ୧୬ ଖେଳାଳି ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ହାସଲ କରିଥାନ୍ତି। ଲକ୍ଷ୍ୟଙ୍କୁ ବାଦ୍ ଦେଲେ ଅନ୍ୟତମ ଅଭିଜ୍ଞ ଖେଳାଳି ଏଚ୍ଏସ୍ ପ୍ରଣୟ ୯ମ ସ୍ଥାନରେ ରହି ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

## ସାତ୍ତ୍ୱିକ- ଚିରାଗ ଶୀର୍ଷରେ ସ୍ଥିର

୨୦୨୨ରେ ଲକ୍ଷ୍ୟ କ୍ୟାରିୟର ଶ୍ରେଷ୍ଠ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। କିନ୍ତୁ ଏହାପରେ ସେ ବହୁତ ଅବନତୀ କରିଥିଲେ। ସେ ଗତବର୍ଷ ଏପ୍ରିଲ୍‌ରେ ୨୫ତମ ସ୍ଥାନକୁ ଖସିଥିଲେ। ଏହାପରେ ପ୍ରଦର୍ଶନରେ ଉନ୍ନତି ଆଣି ସେ ଗତ ଅଗଷ୍ଟ ସୁଦ୍ଧା ୧୧ତମ ସ୍ଥାନରେ ରହିଥିଲେ। ଅନ୍ୟତମ ଅଭିଜ୍ଞ ଖେଳାଳି କିଦାମ୍ବି ଶ୍ରୀକାନ୍ତ ଏବେ ୩୨ ଓ ପ୍ରିୟାଂଶୁ ରାଜାୱତ ୩୨ତମ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ବର୍ଗରେ ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ପିଭି ସିନ୍ଧୁ ୧୧ତମ ସ୍ଥାନରେ ରହିଛନ୍ତି। ପୁରୁଷ ଯୁଗଳ ବର୍ଗରେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କୁ ନେଇ ଗଠିତ ଭାରତୀୟ ଯୋଡି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଅଶ୍ୱିନୀ ପୋନାପ୍ପା ଓ ତନିଶା କ୍ରାଷ୍ଟୋ ୨୦ ଓ ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ତଳକୁ ଖସିଛନ୍ତି।

# ସୂର୍ଯ୍ୟକୁମାରଙ୍କ ଶୀର୍ଷ ସ୍ଥାନ ଅକ୍ଷୁଣ୍ଣ

**ଦୁବାଇ,୨୦ ।୩(ଏଜେନ୍ସି):** ଆଘାତ ସମସ୍ୟା କାରଣରୁ ଗତ ୩ ମାସ ହେବ କ୍ରିକେଟରୁ ଦୂରେଇ ରହିଥିଲେ ମଧ୍ୟ ଭାରତୀୟ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ସଦ୍ୟ ପ୍ରକାଶିତ ଟି-୨୦ ମାନ୍ୟତାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ୮୬୧ ପଏଣ୍ଟ ସହ ବ୍ୟାଟିଂ ତାଲିକାର ୧ ନଂ ସ୍ଥାନରେ ରହିଛନ୍ତି। ଇଂଲଣ୍ଡର ଫିଲ ସଲ୍ଟ ୮୦୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ

**ଆଇସିସି ଟି-୨୦ ମାନ୍ୟତା**

ରହିଛନ୍ତି। ଗତ ଡିସେମ୍ବରରେ ତାଙ୍କ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର କରାଯାଇଥିଲା। ପାକିସ୍ତାନର ମହମ୍ମଦ ରିଜୱାନ ତୃତୀୟ, ବାବର ଆଜମ ଚତୁର୍ଥ, ଦକ୍ଷିଣ ଆଫ୍ରିକା ଏଡେନ ମାର୍କାରାମ ୫ମ ସ୍ଥାନରେ ରହିଛନ୍ତି।

## ଶୀର୍ଷ-୧୦କୁ ଫେରିଲେ ରସିଦ ଖାନ୍

ସେହିପରି ବୋଲିଂ ତାଲିକାରେ ଆଫଗାନିସ୍ତାନ ଅଭିଜ୍ଞ ସ୍ପିନର ରସିଦ ଖାନ୍ ଶ୍ରେଷ୍ଠ-୧୦କୁ ଫେରିଛନ୍ତି। ଆଫଗାନିସ୍ତାନ ସଦ୍ୟ ସମାପ୍ତ ଟି-୨୦ ସିରିଜରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏହି ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ରସିଦ ଟିପ-୧୦କୁ ଫେରିଛନ୍ତି। ସେ ୪ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ରହିଛନ୍ତି। ଇଂଲଣ୍ଡର ଆଦିଲ ରସିଦ ନଂ୧ ସ୍ଥାନରେ ରହିଛନ୍ତି। ଭାରତୀୟ ସ୍ପିନର ଅକ୍ଷର ପଟେଲ ଚତୁର୍ଥ ଓ ରବି ବିଷ୍ଣୋଇ ଷଷ୍ଠ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗା ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଟପ୍-୧୦ରେ ପାଣ୍ଡ୍ୟା ଏକମାତ୍ର ଭାରତୀୟ ଅଲରାଉଣ୍ଡର

ଟି-୨୦ ଅଲରାଉଣ୍ଡ ତାଲିକାରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଏକମାତ୍ର ଭାରତୀୟ ଭାବେ ଶୀର୍ଷ-୧୦ରେ ସ୍ଥାନ ପାଇଛନ୍ତି। ବାଂଲାଦେଶ ସକିବ ଅଲ ହାସନ ନଂ ୧, ଆଫଗାନିସ୍ତାନର ମହମ୍ମଦ ନବୀ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକାର ଏଡେନ ମାର୍କାରାମ ଚତୁର୍ଥ ଓ ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ୍ ୫ମ ସ୍ଥାନରେ ରହିଛନ୍ତି।

## ଜାତୀୟ ବରିଷ୍ଠ ମହିଳା ହକି

# କ୍ୱାର୍ଟରରେ ଝୁଣ୍ଟିଲା ଓଡ଼ିଶା

ପୁଣେ, ୨୦ ।୩ (ଏଜେନ୍ସି)

ପୁଣେରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ହକି ପ୍ରତିଯୋଗିତାର ୧୪ତମ ସଂସ୍କରଣରେ ଓଡ଼ିଶା କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ବୁଧବାର ଖେଳାଯାଇଥିବା ପ୍ରତିଯୋଗିତାର ୪ର୍ଥ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧-୪ ଗୋଲରେ ହରିୟାଣା ନିକଟରୁ ହାରଯାଇଥିଲା। ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ଓଡ଼ିଶା ଯଥାକ୍ରମେ ୯-୧ ଗୋଲରେ ଗୋଆକୁ ଓ ୬-୧ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରି ଅନ୍ତିମ-୮ରେ ପ୍ରବେଶ କରିଥିଲା।



ସ୍ଥାନୀୟ ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମରେ ଖେଳାଯାଇଥିବା ୪ର୍ଥ କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ବିପକ୍ଷରେ ହରିୟାଣା ପ୍ରାରମ୍ଭରୁ ହିଁ ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ପ୍ରଥମ ୧୫ ମିନିଟ୍ ମଧ୍ୟରେ ଦୀପିକା ଦୁଇଟି (୫ମ ଓ ୧୪ତମ) ଗୋଲ୍ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ହରିୟାଣା ଆଉ ଏକ ଗୋଲ୍ ଦେଇଥିଲା। ୩୯ତମ ମିନିଟ୍‌ରେ ନେହା ଗୋୟଲଙ୍କ ଗୋଲ୍ ଦଳର ଅଗ୍ରଣୀକୁ ୩-୦କୁ ବୃଦ୍ଧି କରାଇଥିଲା। ତେବେ ଏହାର ୨ ମିନିଟ୍ ପରେ ଓଡ଼ିଶା ଗୋଟିଏ ଗୋଲ୍ ଶୁଝିଦେଇଥିଲା। ଫିଲ୍ଡ ଗୋଲ୍ ଜରିଆରେ ନେହା ଲାକ୍ରା ଏହି ଗୋଲଟି ଦେଇଥିଲେ। ଏହାସତ୍ତ୍ୱେ ତୃତୀୟ କ୍ୱାର୍ଟର ସୁଦ୍ଧା ହରିୟାଣା ୩-୧ରେ ଅଗ୍ରଣୀ ଲାଭ କରିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ହରିୟାଣା ଆଉ ଏକ ଗୋଲ୍ ଦେଇ ୪-୧ରେ ମ୍ୟାଚକୁ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲା। ୫୪ତମ ମିନିଟରେ ନଭନୀତ୍ କୌରଙ୍କ ଷ୍ଟିକ୍‌ରୁ ଏହି ଗୋଲ୍‌ଟି ବାହାରିଥିଲା।

ପୂର୍ବରୁ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ମଧ୍ୟପ୍ରଦେଶ ସୁଟ୍‌ଆଉଟ୍‌ରେ ୪-୩ ଗୋଲରେ ବେଙ୍ଗଲକୁ ହରାଇଥିଲା। ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିବା ପରେ ସୁଟ୍‌ଆଉଟ୍‌ରେ ଫଳାଫଳ ନିର୍ଣ୍ଣୟ କରାଯାଇଥିଲା। ସେହିଭଳି ୩ୟ କ୍ୱାର୍ଟରରେ ଝାଡ଼ଖଣ୍ଡ ୨-୧ ଗୋଲରେ ମିଜୋରାମକୁ ମାତ୍ ଦେଇ ସେମିଫାଇନାଲ ଟିକଟ୍ ହାସଲ କରିଛି।

# ଛୋଟ କେଶ ପାଇଁ କାନଫୁଲ

ମହିଳାମାନେ ସବୁବେଳେ ନିଜକୁ ସୁନ୍ଦର ଲୁକ୍ ଦେବା ପାଇଁ ଚାହାନ୍ତି । ସେଥିପାଇଁ ବିଭିନ୍ନ ଷ୍ଟାଇଲିସ୍ ଲୁକ୍ ମଧ୍ୟ ଆପଣାଇଥାନ୍ତି । ଏ ଦିଗରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ କାନଫୁଲ । କାରଣ କାନଫୁଲ ସବୁପ୍ରକାର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । କିନ୍ତୁ, ଅନେକ ସମୟରେ ନିଜ କେଶ ଅନୁଯାୟୀ କାନଫୁଲ ଚୟନ କରିବାକୁ ପଡ଼େ । ଚାଲନ୍ତୁ ଜାଣିବା, କେତୋଟି କାନଫୁଲ ବାବଦରେ, ଯାହା ଛୋଟ ଚୁଟିକୁ ଖୁବ୍ ସୁନ୍ଦର କରିବାରେ ସାହାଯ୍ୟ କରିଥାଏ ।



### ଚେନ୍ ଡିଜାଇନ୍ କାନଫୁଲ

ଯଦି କୌଣସି ପାର୍ଟି, ଫଙ୍କସନ୍‌କୁ ଯାଉଛନ୍ତି, ତେବେ ଚେନ୍ କାନଫୁଲ ପିନ୍ଧିପାରିବେ। ଷ୍ଟୋନ୍ ଓ ଡାଇମଣ୍ଡରେ ଏ ଡିଜାଇନର କାନଫୁଲ ଉପଲବ୍ଧ । ଏହା ଲୁକ୍‌କୁ କମ୍ପ୍ଲିଟ୍ କରିବାରେ ସହାୟକ ହୋଇଥାଏ ଏବଂ ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।



### ପର୍ଲ ଡିଜାଇନ୍ କାନଫୁଲ

ସାଧାରଣତଃ ପର୍ଲ ଫେସନ କେବେ ପୁରୁଣା ହୁଏନି। ଏହାର ବିଭିନ୍ନ ପ୍ରକାର ଡିଜାଇନ ବଜାରରେ ଉପଲବ୍ଧ । କିନ୍ତୁ କେଶ ଛୋଟ ଥିଲେ ଡ୍ରପ୍ ଇୟରିଙ୍ଗ୍ ପିନ୍ଧିପାରିବେ। ଏ ପ୍ରକାର ଇୟରିଙ୍ଗ୍ ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ମିଳିଥାଏ। ଏହା ୫୦-ଟଙ୍କାରୁ ଆରମ୍ଭ କରି ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିରୁ ମହିଳାଙ୍କୁ ଏକ ସୁନ୍ଦର ତଥା ଆକର୍ଷଣୀୟ ଲୁକ୍ ମିଳିଥାଏ।

# ହ୍ୱାଇଟ୍ ଫେଶନ୍



ଯୁଗ ଅନୁଯାୟୀ ଫେଶନ ଟ୍ରେଣ୍ଡରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଯଦିଓ ପୂର୍ବରୁ ସମସ୍ତେ ନାନା ରଙ୍ଗର ପୋଷାକରେ ହୋଲି ଖେଳୁଥିଲେ କିନ୍ତୁ ବର୍ତ୍ତମାନ କେବଳ ଧଳା ପୋଷାକ ହିଁ ଟ୍ରେଣ୍ଡରେ ରହିଛି । ତେଣୁ ମହିଳାମାନେ ହୋଲିରେ ରଙ୍ଗ ଖେଳଠୁ ଅଧିକା ନିଜ ଆଉଟ୍‌ଫିଟ୍‌କୁ ନେଇ ଚିନ୍ତିତ ଥାନ୍ତି । କେଉଁ ଡିଜାଇନର ପୋଷାକ ପରିଧାନ କଲେ ସବୁଠୁ ଭିନ୍ନ ଓ ଷ୍ଟାଇଲିସ୍ ଦେଖାଯିବେ, ତାକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିଥାନ୍ତି । ଏପରିସ୍ଥଳେ କିଛି ଏପରି ଆଉଟ୍‌ଫିଟ୍ ବାବଦରେ ଜାଣିବା, ଯାହାକୁ ପରିଧାନ କରି ହୋଲିରେ ଆକର୍ଷଣୀୟ ଲୁକ୍ ପାଇପାରିବେ ।



### ସାଲୱାର ସୁଟ୍

ପାରମ୍ପରିକ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରୁଥିଲେ, ସାଲୱାର ସୁଟ୍‌ର ଚୟନ କରିପାରିବେ। ଚାହିଁଲେ ଏହାକୁ ବଜାରରୁ କିଣିପାରିବେ ନଚେତ୍ ବରାଦ ଦେଇ ଡିଜାଇନ୍ କରିପାରିବେ। ଯଦି ଧଳା ପୋଷାକ କିଣିବାକୁ ଚାହୁଁ ନାହାନ୍ତି, ତେବେ ପୁରୁଣା ଧଳା ଡ୍ରେସ୍‌ରେ ମଧ୍ୟ ରଙ୍ଗିନ ଓଢ଼ଣି ପକାଇ ନିଜକୁ ଏକ ଷ୍ଟାଇଲିସ୍ ଲୁକ୍ ଦେଇପାରିବେ।

### ଲଙ୍ଗ୍ ସ୍କର୍ଟ୍ ସହ କ୍ରପ୍ ଟପ୍

କେବଳ ସାଲୱାର ସୁଟ୍ ନୁହେଁ, ହୋଲିରେ ଲଙ୍ଗ୍ ସ୍କର୍ଟ୍ ଓ କ୍ରପ୍ ଟପ୍‌ର ମଧ୍ୟ ବେଶ୍ ଚାହିଦା ରହିଛି । ସେହିପରି ଘରେ ହୋଲି ଉତ୍ସବ ପାଳନ କରାଯାଉଥିଲେ ଏହି ଆଉଟ୍‌ଫିଟ୍ ସବୁଠୁ ଉତ୍ତମ। ରଙ୍ଗିନ୍ ସ୍କର୍ଟ୍ ସହ ଚାହିଁଲେ ଧଳା ରଙ୍ଗର ଟପ୍ସ ପରିଧାନ କରିପାରିବେ।

### ପ୍ରିଣ୍ଟେଡ୍ ଶାଢ଼ି

ନିଜର ଆଉଟ୍‌ଫିଟ୍‌କୁ ନେଇ ପରୀକ୍ଷାନିରୀକ୍ଷା କରିବାକୁ ଚାହୁଁଥିଲେ, ଶାଢ଼ି ପରିଧାନ କରିପାରିବେ। ଏହା ଗୋଟିଏ ଭଲ ବିକଳ୍ପ କହିଲେ ଚଳେ। ଅବଶ୍ୟ ଭାରତୀୟ ପରମ୍ପରାନୁଯାୟୀ ପାର୍ଟି, ଫଙ୍କସନ୍‌ରେ ଧଳା ଶାଢ଼ି ପିନ୍ଧିବା ଏକ ପ୍ରକାର ମନା । ତେବେ ହୋଲିରେ ପ୍ରିଣ୍ଟେଡ୍ ଧଳା ଶାଢ଼ି ଚୟନ କରିପାରିବେ। ଯେଉଁଥିରୁ ଏକ ଭିନ୍ନ ତଥା କ୍ଲାସି ଲୁକ୍ ମିଳିଥାଏ ।

# ହର୍ବାଲ ରଙ୍ଗରେ
## ସଚେତନତା ବାର୍ତ୍ତା

ରଙ୍ଗର ପର୍ବ ହୋଲି । ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଚାହିଁ ରହିଥାନ୍ତି ଏହି ଦିନକୁ । କିନ୍ତୁ, ବର୍ତ୍ତମାନ ସମୟରେ ବଜାରରେ ଉପଲବ୍ଧ ଥିବା ରାସାୟନିକ ରଙ୍ଗ ଲଗାଇବା ଦ୍ୱାରା ବିଭିନ୍ନ ଚର୍ମଜନିତ ସମସ୍ୟା ଦେଖାଯାଉଛି । ତେଣୁ ପ୍ରାକୃତିକ ଜିନିଷ ତଥା ଔଷଧୀୟ ପତ୍ର, ମଞ୍ଜି, ଫୁଲ ଓ ଫଳକୁ ଉପଯୋଗ କରି ହର୍ବାଲ ରଙ୍ଗରେ ହୋଲି ଖେଳି ନିଜେ ସୁସ୍ଥ ରହିବା ସହ ପରିବେଶକୁ ସୁସ୍ଥ ରଖିବା ପାଇଁ ସଚେତନତାର ବାର୍ତ୍ତା ଦେଉଛନ୍ତି ଭୁବନେଶ୍ୱର ପଟିଆ ଅଞ୍ଚଳର ପ୍ରିୟଦର୍ଶିନୀ ଦାସ ।



### ପତ୍ର ଓ ଫୁଲରୁ ୨୫ ପ୍ରକାର ରଙ୍ଗ

ବର୍ଷକୁ ଥରେ ଫଗୁ ବା ଅବିରରେ ହୋଲି ଖେଳିଲେ, ବର୍ଷସାରା କୌଣସି ଚର୍ମଜନିତ ସମସ୍ୟା ହୁଏ ନାହିଁ। କିନ୍ତୁ, ବର୍ତ୍ତମାନ ସମୟରେ ବଜାରରେ ମିଳୁଥିବା ବିଭିନ୍ନ ରାସାୟନିକ ରଙ୍ଗ ଖେଳିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଉଛି । ତେଣୁ ପ୍ରାକୃତିକ ଉପାୟରେ ବିଭିନ୍ନ ଔଷଧୀୟବୃକ୍ଷ ପତ୍ର ଯଥା – ନିମ୍ବ, କୁଙ୍କୁମ, ବେଲପତ୍ର, ଆମ୍ବପତ୍ର, ମେହେନ୍ଦୀ ପତ୍ର, କରଞ୍ଜପତ୍ରକୁ ଶୁଖାଇ ସେଥିରେ ହଳଦୀ, ଚାଉଳ, ମୁଲତାନୀ ମାଟି ଓ କଫି ଆଦି ମିଶାଇ ୨୫ ପ୍ରକାର ହର୍ବାଲ ରଙ୍ଗ ପ୍ରସ୍ତୁତ କରୁଥିବା ସେ କହିଛନ୍ତି। ଏଥି ସହିତ ବିଭିନ୍ନ ଔଷଧୀୟ ଗୁଣଥିବା ଫୁଲ – ତଥା ଗେଣ୍ଡୁ, ଗୋଲାପ ଓ ପଳାଶ ଫୁଲକୁ ଉପଯୋଗ କରି ସେ ବିଭିନ୍ନ ପ୍ରକାର ପାଉଡର ରଙ୍ଗ ତିଆରି କରିଥାନ୍ତି । ମହିଳାମାନଙ୍କ ସହାୟତାରେ ଏହାକୁ ପ୍ରକ୍ରିୟାକରଣ କରି ବିଭିନ୍ନ ପ୍ରକାର ରଙ୍ଗ ପ୍ରସ୍ତୁତ କରିଥାନ୍ତି । ଏହି ରଙ୍ଗ ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ସେ କହିଛନ୍ତି ।

### ପିଲାଙ୍କପାଇଁ ସେମି ଲିକ୍ୟୁଇଡ୍

ହୋଲି ଖେଳିବା ପାଇଁ ପିଲାଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖାଦେଇଥାଏ । ତେବେ ରାସାୟନିକ ରଙ୍ଗରେ ହୋଲି ଖେଳିଲେ ସେମାନଙ୍କ ଆଖି ନାଲି ପଡ଼ିବା, ଚର୍ମ କୁଣ୍ଡାଇ ହେବା, ଚୁଟି ଛିଡ଼ିବା ଭଳି ନାନା ସମସ୍ୟା ଦେଖାଯାଇଥାଏ। ହେଲେ ହର୍ବାଲ୍ ରଙ୍ଗରେ ଏସବୁ ସମସ୍ୟା କିଛିନଥାଏ । ସାଧାରଣତଃ ଛୋଟ ପିଲାମାନେ ହାତରେ ହର୍ବାଲ ରଙ୍ଗ ନେଇ ସେଥିରେ ପାଣି ମିଶାଇ ସାଙ୍ଗସାଥୀଙ୍କୁ ଲଗାଇଥାନ୍ତି । ଏପରି କରିବା ଦ୍ୱାରା ଅନେକ ସମୟରେ ରଙ୍ଗ ଉଡ଼ିଯାଏ ଓ ତଳେ ପଡ଼ିଯାଏ । ପିଲାମାନେ ତଳେ ପକେଇ ନଷ୍ଟ କରିଦିଅନ୍ତି । ତେଣୁ ରଙ୍ଗ ଯେମିତି ନଷ୍ଟ ନ ହେବ ସେଥିପ୍ରତି ଧ୍ୟାନ ରଖି ଏ ବର୍ଷ ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ପିଲାଙ୍କୁ ସେମି ଲିକ୍ୟୁଇଡ୍ ଖେଳର ସୁବିଧା ପାଇଁ କଞ୍ଚାହଳଦୀ ବଟା, ବିଟ୍ ବଟା ଓ ମେହେନ୍ଦୀ ପାଉଡରର ଏକ ଘୋଳ ପ୍ରସ୍ତୁତ କରାଯିବ। ଯାହାକୁ ପିଲାମାନେ ସିଧାସଳଖ ହାତରେ ନେଇ ବୋଳାବୋଳି ହୋଇ ହୋଲି ଖେଳିପାରିବେ । ଏହା ଛୁଆଙ୍କୁ କୌଣସି ପ୍ରକାର କ୍ଷତି ପହଞ୍ଚାଇବ ନାହିଁ ।

### ଉଇହୁଙ୍କା ମାଟି ଓ ବନମାଟି ରଙ୍ଗ

କେବଳ ରଙ୍ଗିନ ହର୍ବାଲ ପାଉଡର୍ ନୁହେଁ, ବିଭିନ୍ନ ପ୍ରକାର ମାଟି ଯଥା - ଉଇହୁଙ୍କା ମାଟି, ବନମାଟି ଆଦିକୁ ବ୍ୟବହାର କରି ମାଟି ରଙ୍ଗ ପ୍ରସ୍ତୁତ କରିଥାନ୍ତି । ତାଙ୍କ କହିବାନୁଯାୟୀ ମାଟିରେ ହୋଲି ଖେଳିବା ଦ୍ୱାରା କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଏ ନାହିଁ, ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଗୁଣକାରୀ ।

### ମହିଳାଙ୍କୁ ନେଇ ରଙ୍ଗ ପ୍ରସ୍ତୁତି

ଦୀର୍ଘ ପାଞ୍ଚବର୍ଷ ଧରି ସେ ପ୍ରାକୃତିକ ଉପାୟରେ ହର୍ବାଲ ରଙ୍ଗ ପ୍ରସ୍ତୁତ କରି ଲୋକମାନଙ୍କୁ ସଚେତନ କରି ଆସୁଛନ୍ତି । ପୂର୍ବରୁ ରାସାୟନିକ ରଙ୍ଗ ଖେଳି ସେ ଚକ୍ଷୁଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଫଳରେ ସେବେଠାରୁ ସେ ଏହାର ବିକଳ୍ପ ବାବଦରେ ଚିନ୍ତା କରିଥିଲେ । ପ୍ରଥମବର୍ଷ ଅଳ୍ପ ପରିମାଣରେ ହର୍ବାଲ ରଙ୍ଗ ପ୍ରସ୍ତୁତ କରିଥିଲେ । ଯାହାକୁ ଲୋକମାନେ ବେଶ୍ ପସନ୍ଦ କରିଥିଲେ । ଏହା ପରେ ସେ ପାଖପଡ଼ୋଶୀ ମହିଳାଙ୍କୁ ନେଇ ପ୍ରତିବର୍ଷ ଏପରି ହର୍ବାଲ୍ ରଙ୍ଗ ତିଆରି କରିଆସୁଛନ୍ତି । ସେମାନେ ପାଖାପାଖି ୬୫ ଜଣ ଖେଳିବା ଭଳି ରଙ୍ଗ ପ୍ରସ୍ତୁତ କରିଥାନ୍ତି । ଏହି ରଙ୍ଗ ଦ୍ୱାରା ବିଭିନ୍ନ ଚର୍ମଜନିତ ସମସ୍ୟା ଦୂର ହେଉଥିବା ସେ କହିଛନ୍ତି ।



# ରଙ୍ଗରେ ସଜାନ୍ତୁ ଘର

ମହିଳାମାନେ ବିଭିନ୍ନ ପର୍ବପର୍ବାଣିରେ ଘରସଜାଇବାକୁ ଭଲ ପାଆନ୍ତି । ତେଣୁ ହୋଲିରେ ଘରକୁ ସାଦାସିଧା ନ ରଖି ରଙ୍ଗବେରଙ୍ଗରେ ସଜାଇ ଏହାର ସୌନ୍ଦର୍ଯ୍ୟକୁ ଦୁଇଗୁଣିତ କରିପାରିବେ । ଏହା ଦ୍ୱାରା ମନ ପ୍ରସନ୍ନ ରହିବା ସହ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ । ତେଣୁ କମ୍ ବଜେଟ୍‌ରେ କିପରି ଘରକୁ ନିଆରା ଡିଜାଇନରେ ସଜାଇପାରିବେ, ଚାଲନ୍ତୁ ଜାଣିବା ସେ ବିଷୟରେ ।



### ଆଲୋକରେ ସଜାନ୍ତୁ

ଘରକୁ ରଙ୍ଗବେରଙ୍ଗ ଆଲୋକରେ ସଜାଇବାକୁ ଚାହୁଁଥିଲେ, ଆଲୋକ ଉପରେ ରଙ୍ଗବେରଙ୍ଗର ପଲିଥିନ୍ ଜରିକୁ ସେଲୋଟେପ୍ ସାହାଯ୍ୟରେ ଲଗାନ୍ତୁ। ଏହା ଦ୍ୱାରା ଘରେ ନାଲିନେଳି ଆଲୋକ ଜଳିଥାଏ । ବିନା ଖର୍ଚ୍ଚରେ ଘର ସୁନ୍ଦର ଦେଖାଯାଏ ।

### କାନ୍ଥରେ ଲଗାନ୍ତୁ ଫୁଲ

ଘରକୁ ନୂଆ ରୂପରେ ସଜାଇବାକୁ ଚାହୁଁଥିଲେ, ପ୍ଲାଷ୍ଟିକ୍ ଫୁଲକୁ ପିନ୍ ସାହାଯ୍ୟରେ କାର୍ଡବୋର୍ଡରେ ଲଗାନ୍ତୁ। ସମସ୍ତ ଫୁଲକୁ କାର୍ଡବୋର୍ଡରେ ଲଗାଇବା ପରେ ଏହାକୁ କାନ୍ଥରେ ଲଗାନ୍ତୁ। ଏହା ଦ୍ୱାରା ଘରର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ ।

### ଘରେ କରନ୍ତୁ ରଙ୍ଗୋଲି

ଘରେ ଖାଲିଥିବା ସ୍ଥାନରେ ଫୁଲ ରଙ୍ଗୋଲି କରନ୍ତୁ । କାରଣ ଏହି କ୍ଲାସିକ୍ ଘରସଜା ଉପାୟ କେବେ ପୁରୁଣା ହୁଏ ନାହିଁ। ରଙ୍ଗୋଲି ସବୁବେଳେ ଟ୍ରେଣ୍ଡରେ ରହିଆସିଛି ।

### ଲଗାନ୍ତୁ ରଙ୍ଗବେରଙ୍ଗ ପରଦା

ଘରେ ଥିବା ପୁରୁଣା ରଙ୍ଗୀନ ଶାଢ଼ିରେ ଘରକୁ ସଜାଇପାରିବେ। ଏହା ଘରକୁ ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ ।

# ଅଣ୍ଡା ଇଡ୍‌ଲି

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଅଣ୍ଡା- ୫ଟି, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କାଗୁଣ୍ଡ – ଅଧା ଚାମଚ, ଅଦାରସୁଣ ପେଷ୍ଟ- ୧ ଚାମଚ, ଧନିଆ ଗୁଣ୍ଡ- ଅଧା ଚାମଚ, ଗରମମସଲା ଗୁଣ୍ଡ – ଅଧା ଚାମଚ, ଲୁଣ ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍ ଲଗାଇ ଇଡ୍‌ଲି ଛାଞ୍ଚରେ ପାଣି ଦେଇ ବସାନ୍ତୁ । ପାଣି ଗରମ ହୋଇଯିବା ପରେ ଇଡ୍‌ଲି ଛାଞ୍ଚରେ ଅଳ୍ପ ତେଲ ଲଗାଇ ଦିଅନ୍ତୁ । ଏହା ପରେ ଅଣ୍ଡାକୁ ଭାଙ୍ଗି ଛାଞ୍ଚରେ ରଖି ସିଝାନ୍ତୁ । ୧୫ ମିନିଟ୍ ପରେ ଅଣ୍ଡା ସିଝି ଗଲେ ଏହାକୁ ଛାଞ୍ଚରୁ କାଢ଼ି ରଖନ୍ତୁ । ଏହା ପରେ ଏକ ପାତ୍ରରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଗରମମସଲା, ଅଦାରସୁଣ ପେଷ୍ଟ, ଧନିଆ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ନିଅନ୍ତୁ । ସେଥିରେ ଅଳ୍ପ ପାଣି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ ଏହି ମିଶ୍ରଣରେ ସିଝା ହୋଇ ରହିଥିବା ଇଡ୍‌ଲି ଆକାର ଅଣ୍ଡା ସବୁକୁ ପକାଇ ଭଲ ଭାବେ ଗୋଳାନ୍ତୁ । ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ସେଥିରେ ତେଲ ଦେଇ ମସଲାଗୋଳା ହୋଇଥିବା ଅଣ୍ଡା ପକାଇ ଭାଜନ୍ତୁ । ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଇଡ୍‌ଲି' ।



# ହୋଲିରେ ତ୍ୱଚାର ଯତ୍ନ

ସାଧାରଣତଃ ହୋଲି ଆସିଲେ ସମସ୍ତେ ଉତ୍ସାହିତ ହୋଇଥାନ୍ତି । ହୋଲିରେ ବେଶପୋଷାକଠୁ ନେଇ ଖେଳିବା ସ୍ଥାନ, ଏପରିକି କେଉଁ ରଙ୍ଗ ଲଗାଇବେ, ତାକୁ ନେଇ ବେଶ୍ ଚର୍ଚ୍ଚା କରନ୍ତି । ଏପରି ସ୍ଥଳେ ତ୍ୱଚାର ଯତ୍ନ ନେବା ମଧ୍ୟ ସେତିକି ଜରୁରି । କାରଣ ଅନେକ ସମୟରେ ସାମାନ୍ୟ ଅସାବଧାନତା ଯୋଗୁଁ ତ୍ୱଚା ଜନିତ ବହୁ ସମସ୍ୟା ଦେଖାଯାଏ । ତେଣୁ ରାସାୟନିକ ରଙ୍ଗରୁ ତ୍ୱଚାକୁ ସୁରକ୍ଷା ଦେବା ଲାଗି ରଙ୍ଗ ଲଗାଇବା ପୂର୍ବରୁ ଓ ପରେ କିଭଳି ତ୍ୱଚାର ଯତ୍ନ ନେବେ, ଜାଣିବା ସେ ବାବଦରେ ।

## ରଙ୍ଗ ଲଗାଇବା ପୂର୍ବରୁ

### ନଡ଼ିଆ ତେଲ ଲଗାନ୍ତୁ

ରଙ୍ଗ ଖେଳିବାର ୧୫ ମିନିଟ ପୂର୍ବରୁ ମୁହଁ, ହାତ, ବେକ, ନାକ ଓ କେଶରେ ଭଲଭାବେ ନଡ଼ିଆ ତେଲ ଲଗାନ୍ତୁ । ଏହା ତ୍ୱଚା ଉପରେ ଏକ ଆସ୍ତରଣ ଭାବେ କାର୍ଯ୍ୟ କରିଥାଏ । ଯାହାର ଫଳସ୍ୱରୂପ ରଙ୍ଗ ତ୍ୱଚାର ଗଭୀରକୁ ଯାଇପାରେ ନାହିଁ । ଏହା ତ୍ୱଚାକୁ ମଏଶ୍ଚରାଇଜ କରିବା ସହ ରାସାୟନିକ ରଙ୍ଗରୁ ତ୍ୱଚାକୁ ସୁରକ୍ଷା ଦେବାରେ ସହାୟକ ହୋଇଥାଏ । ଏହା ଦ୍ୱାରା ରଙ୍ଗ ଛଡ଼ାଇବାରେ ସୁବିଧା ହୋଇଥାଏ ।

### ସନ୍‌ସ୍କ୍ରିନ୍ ଲଗାନ୍ତୁ

ହୋଲି ଘରେ ଖେଳନ୍ତୁ ବା ବାହାରେ, ରଙ୍ଗ ଖେଳିବା ପୂର୍ବରୁ ସନ୍‌ସ୍କ୍ରିନ୍ ଲଗାଇବା ଜରୁରି । ସନ୍‌ସ୍କ୍ରିନ୍ ଲଗାଇବା ଦ୍ୱାରା ଏହା ଖରାରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ । କୌଣସି ଟ୍ୟାନିଂ ସମସ୍ୟା ଦେଖାଯାଏ ନାହିଁ ।

### ଆଲୋଭେରା ଲଗାନ୍ତୁ

ତେବେ ରଙ୍ଗ ଖେଳିବା ପୂର୍ବରୁ ମୁହଁରେ ଆଲୋଭେରା ଜେଲ୍ ଲଗାଇବା ଭଲ । ଏହାକୁ ଲଗାଇବା ଦ୍ୱାରା ତ୍ୱଚାରେ ଏକ ଆସ୍ତରଣ ସୃଷ୍ଟି ହୋଇଥାଏ । ଫଳରେ ତ୍ୱଚାରେ ହୋଲି ରଙ୍ଗର ବିଶେଷ ପ୍ରଭାବ ପଡ଼େ ନାହିଁ ।



## ରଙ୍ଗ ଲଗାଇବା ପରେ

### ଚାଉଳ ଚୂନାରେ ରଙ୍ଗ ଛଡ଼ାନ୍ତୁ


ପ୍ରଥମେ ଗୋଟିଏ ପାତ୍ରରେ କିଛି ଚାଉଳ ଗୁଣ୍ଡ, ବେସନ ଓ ହଳଦି ନିଅନ୍ତୁ । ସେଥିରେ ନଡ଼ିଆ ତେଲ, ଗୋଲାପଜଳ ମିଶାନ୍ତୁ । ଏହାକୁ ଭଲ ଭାବେ ଗୋଳାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ମୁହଁରେ ଲଗାଇ ୨୦-୩୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ହାତ ସାହାଯ୍ୟରେ ସ୍କ୍ରବ୍ କରି ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ପରେ ମଏଶ୍ଚରାଇଜର ଲଗାନ୍ତୁ । ଏହି ପେଷ୍ଟ ତ୍ୱଚାକୁ ଟାଇଟନିଂ କରିବା ସହ ତ୍ୱଚାରେ ଚମକ ଆଣିବାରେ ସହାୟକ ହୋଇଥାଏ ।

### ଧ୍ୟାନ ଦିଅନ୍ତୁ

ଏହି ପେଷ୍ଟକୁ କେବଳ ହାତ, ବେକ, ମଥା ଓ ନାକରେ ଲଗାଇପାରିବେ। ଆଖିରେ ଯେମିତି ଏହି ପେଷ୍ଟ ନ ଲାଗେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ମୁହଁରେ ବ୍ରଣ ଥିଲେ ଏହି ପେଷ୍ଟ ଲଗାନ୍ତୁ ନାହିଁ । କାରଣ ଏହା ଦ୍ୱାରା ତ୍ୱଚା ସଂକ୍ରମଣ ହେବାର ବିଶେଷ ସମ୍ଭାବନା ରହିଥାଏ।



# ଦିନକ ପରେ ଆଇପିଏଲ୍-୧୭


ଅଭ୍ୟାସ କରୁଛନ୍ତି ରଷଭ ପନ୍ତ

**ନୂଆଦିଲ୍ଲୀ, ୨୦।୩(ଏଜେନ୍ସି)**

ବିଶ୍ୱର ସବୁଠାରୁ ଲୋକପ୍ରିୟ ଫ୍ରାଞ୍ଚାଇଜ୍ ଭିତ୍ତିକ ଘରୋଇ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ତମ ସଂସ୍କରଣ ଆଉ ମାତ୍ର ଗୋଟିଏ ଦିନ ପରେ ଅର୍ଥାତ ମାର୍ଚ୍ଚ ୨୨ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଲାଗି ଉଭୟ ଭାରତୀୟ ସମର୍ଥକ, ଏଥିରେ ଖେଳିବାକୁ ମନୋନୀତ ହୋଇଥିବା ଖେଳାଳି, କର୍ମକର୍ତ୍ତା ଓ ଏଥିସହ ଜଡିତ ବ୍ୟକ୍ତିବିଶେଷ ବେଶ ଉତ୍ସାହିତ ଅଛନ୍ତି। ଦିନକୁ ଦିନ ଏହି ପ୍ରତିଯୋଗିତାର ଲୋକପ୍ରିୟତା ସହ ବ୍ରାଣ୍ଡ ଭାଲ୍ୟୁ ବଢ଼ିବାରେ ଲାଗିଛି। ଏଣୁ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଏହି ପ୍ରତିଯୋଗିତାରେ ସାମିଲ ହୋଇ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହୋଇଥାନ୍ତି। ଚେନ୍ନାଇରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଓ ଉଦ୍‌ଘାଟନୀ ମୁକାବିଲା ଶୁକ୍ରବାର ଖେଳାଯିବ। ଏହି ଦିନ ପ୍ରତିଯୋଗିତାର ଦୁଇ ଶ୍ରେଷ୍ଠ ଦଳ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଗୋଟିକ ପରେ ଗୋଟିଏ ସଫଳତା ପାଇଥିବା ତଥା ଗତଥରର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ବିଶ୍ୱର ଅନେକ ଶ୍ରେଷ୍ଠ ତାରକାଙ୍କୁ ଦଳରେ ସାମିଲ କରିଥିଲେ ମଧ୍ୟ ଗୋଟିଏ ହେଲେ ଟାଇଟଲ ଜିତିପାରି ନଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ନୂଆ ନାମ) ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଆୟୋଜିତ ହେବ। ଏହି ହାଇ ଭୋଲ୍ଟେଜ ମୁକାବିଲାରୁ ଆଇପିଏଲ୍‌ର ପ୍ରକୃତ ରୋମାଞ୍ଚ ଆରମ୍ଭ ହେବ।

**୧୦ ଦଳ, ୭୪ ମ୍ୟାଚ୍:** ଚଳିତ ସଂସ୍କରଣ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇ ମେ'୨୬ରେ ଶେଷ ହେବ। ଦୀର୍ଘ ୬୬ ଦିନ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପୂର୍ବବର୍ଷ ଭଳି ୧୦ଟି ଦଳ ଭାଗନେବେ ଓ ଟୁର୍ଣ୍ଣାମେଣ୍ଟରେ ମୋଟ ୭୪ଟି ମ୍ୟାଚ୍ ଖେଳାଯିବ। ଚେନ୍ନାଇ ସୁପର କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ସର୍ବାଧିକ ୫ ଥର ଲେଖାଏଁ ଏହି ଟାଇଟଲ ଜିତିଥିଲାବେଳେ ଏଥର ମଧ୍ୟ ଉଭୟ ଦଳ ସମାନ ଆଶା ନେଇ ଖେଳିବେ। ଭାରତରେ ଚଳିତବର୍ଷ ନିର୍ବାଚନ ହେବାକୁ ଥିବାରୁ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମଭାଗ ଖେଳସୂଚୀ ଘୋଷଣା କରାଯାଇଛି। ଏବେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଅବଶିଷ୍ଟ ମ୍ୟାଚ୍, ପ୍ଲେ ଅଫ୍ ଓ ଫାଇନାଲ ମ୍ୟାଚ୍‌ର ଖେଳସୂଚୀ ଘୋଷଣା କରାଯିବ।

**ଫର୍ମାଟ:** ପୂର୍ବବର୍ଷ ପରି ଚଳିତବର୍ଷ ସମାନ ଫର୍ମାଟରେ ଏହି ମ୍ୟାଚ୍ ଖେଳାଯିବ। ଅଂଶଗ୍ରହଣ କରିଥିବା ୧୦ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ରହିବେ। ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦଳ ଗୁଡ଼ିକ ସେମାନଙ୍କ ମଧ୍ୟରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। କିନ୍ତୁ ଗୋଟିଏ ଗ୍ରୁପ୍‌ର ଦଳଗୁଡ଼ିକ ଅନ୍ୟ ଗ୍ରୁପ୍‌ରେ ସ୍ଥାନ ପାଇଥିବା ୫ଟି ଦଳ ସହ ୨ଟି ଲେଖାଏଁ ଅର୍ଥାତ୍ ୧୦ଟି ମ୍ୟାଚ୍ ଖେଳିବେ। ଏହା ଫଳରେ ପ୍ଲେ ଅଫ୍ ପୂର୍ବରୁ ଗୋଟିଏ ଦଳ ୧୪ଟି ମ୍ୟାଚ୍ ଖେଳିବ। ଏଥିରେ ପଏଣ୍ଟ ଭିତ୍ତିରେ ପ୍ରଥମ ୪ଟି ସ୍ଥାନ ହାସଲ କରିଥିବା ଦଳଗୁଡ଼ିକ ପ୍ଲେଅଫ୍‌କୁ ଯୋଗ୍ୟତା ଅର୍ଜନ କରିବେ। ପ୍ଲେ ଅଫ୍‌ରେ ୩ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଲିଗ୍ ପର୍ଯ୍ୟାୟ ପଏଣ୍ଟ ସାରଣୀରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ କ୍ୱାଲିଫାୟର-୧'ରେ ଭାଗ ନେବେ। ଏମାନଙ୍କ ପଛରେ ଅର୍ଥାତ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଏଲିମିନେଟର ଖେଳାଯିବ। କ୍ୱାଲିଫାୟର-୧'ର ବିଜେତା ଦଳ ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଥିରେ ପରାଜିତ ଦଳ ଓ ଏଲିମିନେଟରରେ ବିଜୟୀ ହୋଇଥିବା ଦଳ ମଧ୍ୟରେ ଫାଇନାଲର ଦ୍ୱିତୀୟ ସ୍ଥାନ ଲାଗି କ୍ୱାଲିଫାୟର-୨ ମୁକାବିଲା ହେବ। କ୍ୱାଲିଫାୟର-୧ ଓ ୨'ର ବିଜେତାଙ୍କ ମଧ୍ୟରେ ଫାଇନାଲ ମୁକାବିଲା ଖେଳାଯିବ। ଏହାର ବିଜେତା ଆଇପିଏଲ ଚାମ୍ପିଅନ ହେବ।


ପ୍ୟାଟ୍ କମିନ୍ସ ଓ ଶୁବମାନ ଗିଲ୍

**ଖେଳ ସମୟ ଓ ପ୍ରସାରଣ:** ପ୍ରତିବର୍ଷ ପରି ଦୁଇଟି ସମୟରେ ଖେଳ ଆରମ୍ଭ ହେବ। ଉଦ୍‌ଘାଟନୀ ଦିବସରର ମ୍ୟାଚ୍ ରାତି ୮ଟାରେ ଖେଳାଯିବ। ଅନ୍ୟ ଦିନରେ ପ୍ରଥମ ମ୍ୟାଚ୍‌ଟି ଅପରାହ୍ଣ ୩ଟା୩୦ରେ ଓ ଦ୍ୱିତୀୟ ମ୍ୟାଚ୍ ରାତି ୭ଟା ୩୦ରେ ଖେଳାଯିବ। ଟାଟା ଆଇପିଏଲ୍‌ର ସିଧାସଳଖ ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ କରିବ। କିନ୍ତୁ ଡିଜିଟାଲ ପ୍ରସାରଣ ଜିଓ ସିନେମାରେ ଦର୍ଶକ ଦେଖିପାରିବେ। ଏଥର ଦର୍ଶକଙ୍କ ଲାଗି ପ୍ରସାରଣକାରୀ ସଂସ୍ଥାଗୁଡିକ କିଛି କିଛି ନୂଆ ଫିଚର ଆଣିବେ ବୋଲି ଆଶା କରାଯାଉଛି।

**କୋଚ୍ ଓ ଅଧିନାୟକ ପରିବର୍ତ୍ତନ:** ଚଳିତ ସଂସ୍କରଣରେ ୪ଟି ଦଳ ସେମାନଙ୍କ ସପୋର୍ଟ ଷ୍ଟାଫ୍‌ଙ୍କୁ ପରିବର୍ତ୍ତନ କରିଛନ୍ତି। ଲକ୍ଷ୍ନୌ ସୁପର କିଙ୍ଗ୍‌ସ ନୂଆ ପ୍ରଶିକ୍ଷକ ଭାବେ ଜଷ୍ଟିନ ଲାଙ୍ଗର ନିଯୁକ୍ତ ହୋଇଛନ୍ତି। ଆଣ୍ଡି ଫ୍ଲାୱାର ଏହି ଦାୟିତ୍ୱରେ ଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସଞ୍ଜୟ ବାଙ୍ଗରଙ୍କ ସ୍ଥାନରେ ଆଣ୍ଡି ଫ୍ଲାୱାରଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ସନ୍‌ରାଇଜର୍ସ ହାଇଦରାବାଦ୍ ବ୍ରାଏନ୍ ଲାରାଙ୍କ ସ୍ଥାନରେ ଡାନିଏଲ୍ ଭିଟ୍ଟୋରୀଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ସଞ୍ଜୟ ବାଙ୍ଗର ପଞ୍ଜାବ କିଙ୍ଗ୍‌ର କ୍ରିକେଟ ଡେଭେଲପ୍ କମିଟି ମୁଖ୍ୟ, ଗୌତମ ଗମ୍ଭୀର କୋଲକାତା ନାଇଟ ରାଇଡର୍ସର ମେଣ୍ଟର ନିଯୁକ୍ତ ହୋଇଛନ୍ତି।

ଚଳିତବର୍ଷ ୫ଟି ଫ୍ରାଞ୍ଚାଇଜ୍ ଅଧିନାୟକ ପରିବର୍ତ୍ତନ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଶୁବମାନ ଗିଲ୍ ଗୁଜରାଟ ଟାଇଟାନ୍ସର, ରୋହିତ ଶର୍ମାଙ୍କ ସ୍ଥାନରେ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସର, ଆଇଡେନ୍ ମାର୍କରାମଙ୍କ ସ୍ଥାନରେ ପ୍ୟାଟ କମିନ୍ସ ସନ୍‌ରାଇଜର୍ସ ହାଇଦରାବାଦ୍‌ର, ନୀତିଶ ରାଣାଙ୍କ ସ୍ଥାନରେ ଶ୍ରେୟସ ଆୟର କୋଲକାତା ନାଇଟ୍ ରାଇଡର୍ସର ଓ ଡେଭିଡ୍ ୱାର୍ଣ୍ଣରଙ୍କ ସ୍ଥାନରେ ରଷଭ ପନ୍ତ୍ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଆଘାତ ଜନିତ କାରଣରୁ ଆୟର ଓ ପନ୍ତ୍ ଅଧିନାୟକ ପଦ ହରାଇଥିଲେ।

## ଆଇପିଏଲ୍ ନିୟମ; ୨ଟି ବାଉନ୍ସର, ୨ଥର ରେଫେରାଲ

**ନୂଆଦିଲ୍ଲୀ, ୨୦।୩(ଏଜେନ୍ସି):** ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ବିସିସିଆଇ ଘରୋଇ କ୍ରିକେଟ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ଲଗାଇଥିବା ନିୟମକୁ କାର୍ଯ୍ୟକାରୀ କରିଛି। ଏହା ଫଳରେ ଆଇପିଏଲ୍‌ରେ ଜଣେ ବୋଲର ୨ଟି ବାଉନ୍ସର ବଲ ପକାଇବାକୁ ଅନୁମତି ଦେଇଛି। ଗତବର୍ଷ ଗୋଟିଏ ସର୍ଟପିଚ୍ ବା ବାଉନ୍ସର ବୋଲିଂ କରିବାକୁ ଅନୁମତି ଥିଲା। ଆଇସିସି ଦ୍ୱାରା ପରିଚାଳିତ ଟି-୨୦ରେ ଗୋଟିଏ ବାଉନ୍ସର ବୋଲିଂ କରିବାକୁ ଅନୁମତି ରହିଛି। ଟେଷ୍ଟ ଓ ଦିନିକିଆରେ ଏହି ସଂଖ୍ୟା ୨ ରହିଛି। ସେହିପରି ଷ୍ଟମ୍ପିଂ ଲାଗି ରେଫେରାଲ ମଗାଯାଇଥିଲେ ପ୍ରଥମେ କ୍ୟାଚ୍ ହୋଇଛି କି ନାହିଁ ଚେକ୍ କରାଯିବ। ଷ୍ଟମ୍ପିଂ ରେଫେରାଲ କେବଳ ଅମ୍ପାୟାର ନେଇ ପାରିବେ। ଅନ୍ୟପକ୍ଷରେ ଷ୍ଟମ୍ପିଂ ଲାଗି ରେଫେରାଲ ବେଳେ ଯଦି ଜଣେ କ୍ୟାଚ୍ ଆଉଟ ହୋଇଥାନ୍ତି, ତେବେ ତୃତୀୟ ଅମ୍ପାୟାର ତାଙ୍କୁ ଆଉଟ ଦେଇ ପାରିବେ ନାହିଁ ବୋଲି ଆଇସିସି ନିୟମ ରହିଛି। ଏବେ ଦଳ ଗୁଡିକ ନୋ ବଲ ଏବଂ ୱାଇଡ୍ ଲାଗି ଦୁଇଟି ରେଫେରାଲ ନେଇ ପାରିବେ ବୋଲି ଆଇପିଏଲ୍ ନିୟମ ହୋଇଛି। ଏହି ସବୁ ନିୟମ ଆଇସିସି ନିୟମ ସହ ସମାନ ନାହିଁ।


ମହିଳା ଆଇପିଏଲ୍ ଜିତିବା ପରେ ବିରାଟ କୋହଲିଙ୍କ ସହ ଶ୍ରେୟଙ୍କା ପାଟିଲ

● ଉଦ୍‌ଘାଟନୀ ଉତ୍ସବ

## ମନୋରଞ୍ଜନ କରିବେ ଅକ୍ଷୟ, ରହମାନ

**ଚେନ୍ନାଇ,୨୦।୩(ଏଜେନ୍ସି):** ଆଉ ଗୋଟିଏ ଦିନ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ହେବ। ବିଶ୍ୱର ଏହି ସବୁଠାରୁ ଧନୀ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ ଉପରେ ସମସ୍ତଙ୍କ ନଜର ରହିଛି। ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ଏହି ଉତ୍ସବରେ ବଲିଉଡ ତାରକା ଅକ୍ଷୟ କୁମାର ଓ ଟାଇଗର ଶ୍ରଫ୍ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ଓସ୍କାର ପୁରସ୍କାର ବିଜେତା ସଂଗୀତକାର ଏଆର ରହମାନ ଓ ସୋନୁ ନିଗମ ମଧ୍ୟ ଏହି ଉତ୍ସବରେ ସଂଗୀତ ପରିବେଷଣ କରିବେ। ଚେନ୍ନାଇ ସୁପର କିଙ୍ଗ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଅର୍ଥାତ ୬.୩୦ ମିନିଟ୍‌ରେ ଏଡି ଉତ୍ସବ ଆରମ୍ଭ ହେବ। ଆଇପିଏଲ୍‌ର ଗତ ସଂସ୍କରଣରେ ଅଭିନେତ୍ରୀ ତମନ୍ନା ଭାଟିଆ ଓ ଜଣାଶୁଣା ଗାୟକ ଅରଜିତ ସିଂ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

ନନ୍ଦିଘୋଷ

CAREER Opportunities

**NANDIGHOSHA Network Pvt. Ltd.,** a leading & fast-growing Odia News Channel invites applications for its Camera department. Deserving candidates may send CVs.

| Sl. No. | Position | Experience |
|---|---|---|
| 1 | Cameraman | 1. Diploma in cinematography from a recognized institute. 2. 7 to 10 years of experience as a cameraman in a media house. Priority will be given to news channel experience. |

Please apply along with your detailed CV with recent passport size photo via e-mail to suhana.tabsum@nandighoshatv.com by 25th March. 2024

*Only shortlisted candidates will be called for Personal Interview.

Contact: 9437016499

Sd/- HR Dept.

## ଭାରୋତ୍ତୋଳନରେ କୀର୍ତ୍ତିଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୨୦।୩ (ସମିସ):** ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍‌ରେ ଓଡ଼ିଶାର ମଗନ୍ତି କୀର୍ତ୍ତୀ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା କୀର୍ତ୍ତି ମହିଳା ୭୬ କିଗ୍ରା ବର୍ଗରେ ମୋଟ୍ ୧୭୧ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ସେ ସ୍ନାଚରେ ୭୬ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୯୫ କିଗ୍ରା ଉଠାଇଥିଲେ। କୀର୍ତ୍ତି କ୍ରୀଡ଼ା କୋଟାରେ ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ ବି.କମ୍ ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ। ଏହି ସଫଳତା ଲାଗି ସାଂସଦ ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଇସିସି ଟି-୨୦ ବିଶ୍ୱକପ୍ ଟ୍ରଫି ଟୁର୍ ଆରମ୍ଭ


**ନ୍ୟୁୟର୍କ, ୨୦।୩ (ଏଜେନ୍ସି):** ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଜୁନ ୧ରୁ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ପୂର୍ବରୁ ବିଶ୍ୱକପ୍ ଟ୍ରଫିର ବିଶ୍ୱ ଭ୍ରମଣ ଆରମ୍ଭ ହୋଇଛି। ନ୍ୟୁୟର୍କର ପ୍ରସିଦ୍ଧ ଏମ୍ପାୟର ଷ୍ଟେଟ୍ ବିଲ୍ଡିଂରେ ଦୁଇଥରର ବିଶ୍ୱକପ୍ ବିଜେତା ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଓ ଆମେରିକା ଦ୍ରୁତ ବୋଲର ଅଲି ଖାନ ଟ୍ରଫି ଟୁର୍‌ର ଶୁଭାରମ୍ଭ କରିଛନ୍ତି। ଟ୍ରଫି ଟୁର୍‌ର ପ୍ରଥମ ମାସ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଯେଉଁଥିରେ ବୁଧବାର ପର୍ଯ୍ୟନ୍ତ ଟ୍ରଫି ନ୍ୟୁୟର୍କରେ ପରିଭ୍ରମଣ କରିବ। ଏହାପରେ ହଷ୍ଟନ ଓ ଡଲାସ (ମାର୍ଚ୍ଚ ୨୧ରୁ ୨୩), ବୁଏନ୍ସ ଏରିଜ (ମାର୍ଚ୍ଚ ୨୬ ଓ ୨୭), ସାଓ ପାଓଲୋ (ମାର୍ଚ୍ଚ ୨୮ ଓ ୨୯), ଜାମାଇକା (ଏପ୍ରିଲ ୩ ଓ ୪), ବାର୍ବାଡସ (ମାର୍ଚ୍ଚ ୧୩ ଓ ୧୪), ଆଣ୍ଟିଗୁଆ ଓ ବରମୁଡା (ଏପ୍ରିଲ ୧୭ ଓ ୧୮) ଓ ସେଣ୍ଟ ଲୁସିଆ (ମାର୍ଚ୍ଚ ୧୯ ଓ ୨୦) ସହରରେ ଟ୍ରଫି ପରିଭ୍ରମଣ କରିବାର କାର୍ଯକ୍ରମ ରହିଛି। ଟି-୨୦ ଟ୍ରଫିର ବିଶ୍ୱଭ୍ରମଣର ୧୫ଟି ଦେଶଦେଇ ଯିବ। ଉଲ୍ଲେଖଯୋଗ୍ୟ, ପ୍ରଥମଥର ଲାଗି ଆଇସିସିର ଏକ ଇଭେଣ୍ଟ ଆମେରିକାରେ ଆୟୋଜିତ ହେବ। ଯେଉଁଥିରେ ଟି-୨୦ ବିଶ୍ୱକପ୍‌ର କିଛି ମ୍ୟାଚ୍ ଆମେରିକାର ୩ଟି ଭେନ୍ୟୁରେ ଖେଳାଯିବ। ନ୍ୟୁୟର୍କରେ ୮ଟି ମ୍ୟାଚ୍ ଏବଂ ଅନ୍ୟ ଦୁଇ ଭେନ୍ୟୁରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହେବ। ବିଶ୍ୱକପ୍‌ର ଅନ୍ୟତମ ସହ-ଆୟୋଜକ ୱେଷ୍ଟଇଣ୍ଡିଜର ଆଣ୍ଟିଗୁଆ, ବାର୍ବାଡସ୍, ଗୁୟାନା, ସେଣ୍ଟ ଲୁସିଆ, ସେଣ୍ଟ ଭିନସେଣ୍ଟ, ତ୍ରିନିଦାଦ ଓ ଟବାଗୋରେ ମଧ୍ୟ ମ୍ୟାଚ ଆୟୋଜିତ ହେବ।




**ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪**

## କ୍ରୀଡ଼ାବିତ୍‌ଙ୍କୁ ଦିଆଯିବ ୩ ଲକ୍ଷ କଣ୍ଡୋମ୍

**ପ୍ୟାରିସ୍, ୨୦।୩(ଏଜେନ୍ସି)**



ଅଲିମ୍ପିକ୍ ଭିଲେଜ୍‌କୁ ଫେରିଛି ସେକ୍ସ ବା ଶାରିରୀକ ସମ୍ବନ୍ଧ। କରୋନା ମହାମାରୀ ସମୟରେ ଜାପାନରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଶାରିରୀକ ସମ୍ବନ୍ଧ ରକ୍ଷା କରିବା କିମ୍ବା ନିବିଡ଼ଭାବେ ମିଶା ମିଶିକୁ ବାସନ୍ଦ କରାଯାଇଥିଲା। ସମସ୍ତଙ୍କ ସୁରକ୍ଷା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ବା ସିଟି ଅଫ୍ ଲଭ୍‌ରେ ୨୦୨୪ ଜୁଲାଇ ୨୬ରୁ ଆରମ୍ଭ ହେବ ଗ୍ରୀଷ୍ମକାଳୀନ ଓ ସେପ୍ଟେମ୍ବର ୮ରୁ ପାରା ଅଲିମ୍ପିକ୍ସ। ଉଭୟ କ୍ରୀଡ଼ା ପ୍ରତିଯୋଗିତାରେ ଟୋକିଓ ବାସନ୍ଦାଦେଶକୁ ରଦ୍ଦ କରାଯାଇଛି। ଏହା ଫଳରେ କ୍ରୀଡ଼ାଗ୍ରାମରେ ରହିବାକୁ ଥିବା ୧୪,୦୦୦ ଖେଳାଳି, ସପୋର୍ଟ ଷ୍ଟାଫ୍, କର୍ମକର୍ତ୍ତା ଓ ସାମ୍ବାଦିକଙ୍କୁ ଆନନ୍ଦ ଯୋଗାଇ ଦେବା ସକାଶେ ପ୍ୟାରିସ୍ ଅଲିମ୍ପିକ୍ ଆୟୋଜନ କମିଟି ୩ ଲକ୍ଷ କଣ୍ଡୋମ୍ ମାଗଣାରେ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ଅଲିମ୍ପିକ୍ କ୍ରୀଡ଼ାଗ୍ରାମ ନିର୍ଦ୍ଦେଶକ ଲୌରେଣ୍ଟ ମିଚାଉଡ୍ କହନ୍ତି, ଏହି ଗ୍ରାମର ବାସିନ୍ଦାଙ୍କୁ ସମସ୍ତ ପ୍ରକାର ଖୁସି ଯୋଗାଇଦେବା ଆମର ଲକ୍ଷ୍ୟ। ସେମାନେ ଯାହା ଚାହୁଁଛନ୍ତି, ଆମେ ସେମାନଙ୍କୁ ଯୋଗାଇଦେବା ନିଜର କର୍ତ୍ତବ୍ୟ ବୋଲି ଭାବୁଛୁ। ଏଠାରୁ ଯେପରି ଭଲ ମନରେ ସମସ୍ତେ ସ୍ୱଦେଶ ଫେରିବେ ସେଥିପ୍ରତି ଆୟୋଜନ କମିଟି ଗୁରୁତ୍ୱ ଦେଉଛି। ସୂଚନାଯୋଗ୍ୟ ଅଲିମ୍ପିକ୍ କ୍ରୀଡ଼ାଗ୍ରାମରେ ମଦ୍ୟପାନ ନିଷିଦ୍ଧ କରାଯାଇଛି।

ଅଲିମ୍ପିକ୍ କ୍ରୀଡ଼ାଗ୍ରାମରେ କଣ୍ଡୋମ୍ ବଣ୍ଟନ କରିବା ନୂଆକଥା ନୁହେଁ। ଏଚ୍‌ଆଇଭି/ଏଡ୍ସ ସମ୍ପର୍କରେ ସଚେତନତା ଲାଗି ସିଓଲ ଅଲିମ୍ପିକ୍ସରେ ଆୟୋଜନ କମିଟି ୮, ୫୦୦ କଣ୍ଡୋମ୍ ଅଲିମ୍ପିକ୍ କ୍ରୀଡ଼ାଗ୍ରାମ୍‌ରେ ବାଣ୍ଟିଥିଲା। କିନ୍ତୁ ୨୦୦୦ ସିଡନୀ ଅଲିମ୍ପିକ୍ସରେ ୭୦,୦୦୦ କଣ୍ଡୋମ୍ ବଣ୍ଟାଯାଇଥିଲା। ସେହିପରି ୨୦୧୬ ରିଓ ଅଲିମ୍ପିକ୍‌ସରେ ୪,୫୦,୦୦୦ ପୁରୁଷ ଓ ମହିଳା କଣ୍ଡୋମ ଦିଆଯାଇଥିଲା। ଟୋକିଓରେ ମଧ୍ୟ ୧,୫୦,୦୦୦ କଣ୍ଡୋମ୍ ଦିଆଯାଇଥିଲା। ଏହାକୁ କ୍ରୀଡ଼ାଗ୍ରାମ୍‌ରେ ବ୍ୟବହାର କରିବା ପରିବର୍ତ୍ତେ ଘରକୁ ନେବାକୁ କୁହାଯାଇଥିଲା। କ୍ରୀଡ଼ାଗ୍ରାମ୍‌ରେ କେତେ ପରିମାଣରେ ସେକ୍ସ ହେଉଛି ସେ ସମ୍ପର୍କରେ କାହାରି ଧାରଣା ନାହିଁ। କିନ୍ତୁ ଯଦି ଏହା ବହୁଳ ପରିମାଣ୍‌ରେ ହେଉଥାଏ, ତେବେ କେହି ଯେପରି ଅସୁବିଧାରେ ନ ପଡ଼ନ୍ତି ସେଥିଲାଗି ଅଧିକ କଣ୍ଡୋମ୍ ଦିଆଯାଇଥାଏ। ଆମେରିକାର ସ୍ୱର୍ଣ୍ଣ ବିଜୟୀ ଗୋଲରକ୍ଷକ ହୋପ୍ ସୋଲୋ ଏବଂ ୧୨ଟି ପଦକ ଜିତିଥିବା ର୍‌ୟାନ୍ ଲୋଚ୍‌ଟେଙ୍କ ମତରେ କ୍ରୀଡ଼ାଗ୍ରାମ୍‌ରେ ୭୦ରୁ ୭୫ଭାଗ ଅନ୍ତେବାସୀ ଶାରୀରିକ ସମ୍ପର୍କ ରଖିଥାନ୍ତି। ଚଳିତଥର ଏହାର ନୂଆ ଡିଜାଇନ୍ କରାଯାଇଛି ଓ ସିଟି ହଲ୍‌ରେ ବଣ୍ଟନ କରିବାର ସୁବନ୍ଦୋବସ୍ତ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA